

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.122, Friday, 21 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୨, ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.122, Friday, 21 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୨, ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.122, Friday, 21 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୨, ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ପଞ୍ଚାୟତ ନିର୍ବାଚନ ପୂର୍ବରୁ ସରକାରୀ ଥୋପ

# ଗାଁରେ ମିଳିବ ସହରୀ ସୁବିଧା

- ବର୍ଷକୁ ମିଳିବ ଦେଢ଼କୋଟିରୁ ୩ କୋଟି ଟଙ୍କା
- ପଞ୍ଚାୟତରେ ହେବ ଆଦର୍ଶ ଖେଳପଡ଼ିଆ, କଲ୍ୟାଣ ମଣ୍ଡପ
- ଆଦର୍ଶ ଗ୍ରାମୀଣ ହାଟ, ପୋଖରୀ, ମଣ୍ଡପ, ଶ୍ମଶାନ, ଗ୍ରାମୀଣ ପାର୍କ ଭଳି କାମ ହାତକୁ ନେବ ବିଭାଗ
- ଆଦର୍ଶ ଖେଳପଡ଼ିଆ ପାଇଁ ଖର୍ଚ୍ଚହେବ ୭୫ ଲକ୍ଷ ଟଙ୍କା
- ଆଦର୍ଶ କଲ୍ୟାଣ ମଣ୍ଡପ ପାଇଁ ୪୯ ଲକ୍ଷ ଟଙ୍କା
- ସରକାରଙ୍କ ଯୋଜନାକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ



ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟରେ ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚରେ ପଞ୍ଚାୟତ ନିର୍ବାଚନ ହେବାର ସମ୍ଭାବନା ଥିବାବେଳେ ଗ୍ରାମାଂଚଳ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଜେପି ସରକାରଙ୍କ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଛନ୍ତି। ପଂଚାୟତିରାଜ ବିଭାଗ 'ଗ୍ରାମସମ୍ପଦ' ନାଁରେ ଏକ ବୃହତ୍ ଓ ମହତ୍ୱାକାଂକ୍ଷୀ ଯୋଜନାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହି ଯୋଜନାରେ ଗ୍ରାମାଂଚଳରେ ସହରୀ ସୁବିଧା ଓ ଭିତ୍ତିଭୂମି ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ପଂଚାୟତିରାଜ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଇଡଲାଇନ(ଏସଓପି) ଜାରି ହୋଇଥିବା ଜଣାପଡ଼ିଛି। ଗ୍ରାମସଭା ଅନୁମୋଦନ ଆଧାରରେ ପ୍ରତି ପଂଚାୟତରେ କଲ୍ୟାଣମଣ୍ଡପ, ଖେଳ ପଡ଼ିଆ, ପାର୍କ ଓ ପାଠାଗାର ଭଳି ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ବଜେଟ୍ ନିର୍ଦ୍ଧାରଣ ହୋଇଛି। ତେବେ ପଂଚାୟତ ନିର୍ବାଚନ ପୂର୍ବରୁ ସରକାରଙ୍କ ଏଭଳି ଯୋଜନାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ତେରଚ୍ଛା ବାଣ ମାରିଥିବାବେଳେ ରାଜନୀତି ସରଗରମ ହୋଇଛି। ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଏହି ଯୋଜନା ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଗ୍ରାମାଂଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତି ପଂଚାୟତରେ ଆଦର୍ଶ ଭିତ୍ତିଭୂମି ନିର୍ମାଣ ସହ ସହରୀ ସୁବିଧା ଯୋଗାଇ ଦିଆଯିବ। ଯୁବପୀଢ଼ୀଙ୍କ ପାଇଁ ୭୫ଲକ୍ଷ ଟଙ୍କାରେ ଓପନ୍ ଜିମ୍ ସହ ଆଦର୍ଶ ଖେଳପଡ଼ିଆ ବିକଶିତ କରାଯିବ। ସେହିପରି ୪୯ଲକ୍ଷ ଟଙ୍କାରେ ୨୨୪୦ ବର୍ଗଫୁଟ(୭୦ଫୁଟ ଲମ୍ବ ଓ ୩୨ଫୁଟ ଚଉଡ଼ା)ର ପେଣ୍ଡାଲ, ଦୁଇଟି ଗ୍ରୀନ୍ ରୁମ୍ ଓ ପାନୀୟ ଜଳ ସୁବିଧା ଥିବା ଆଦର୍ଶ କଲ୍ୟାଣ ମଣ୍ଡପ ନିର୍ମାଣ ହେବ। ସେଠାରେ ନାଚ,ଗୀତ,ଡ୍ରାମା ଓ ଭୋଜିଭାତର ସୁବିଧା ଆଦି ରହିବ। ପଂଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଇ ଦିଆଯିବ। ପୋଖରୀ ପାଇଁ ସରକାର ୩୪ଲକ୍ଷ ଟଙ୍କା ଦେବେ। ପୋଖରୀର ଚାରିପଟେ ଫେଭର

■ ପୃଷ୍ଠା-୧୫

### ଅଟୋଚାଳକଙ୍କ ହିଂସାତ୍ମକ ଆନ୍ଦୋଳନ ଘଟଣାରେ ଆକ୍ସନ୍

# ମାଷ୍ଟରକ୍ୟାଣ୍ଟିନରେ ବୁଲିଲା ବୁଲ୍‌ଡୋଜର

ଭୁବନେଶ୍ୱର(ବ୍ୟୁରୋ)



- ମାଟିରେ ମିଶିଲା ଅଟୋ ଷ୍ଟାଣ୍ଡ
- ସରକାରୀ କ୍ଷୟକ୍ଷତିର ଭରଣା କରିବେ ଅଟୋଚାଳକ
- ୧୧୩ ଡ୍ରାଇଭର ଅଟକ, ୪୦୦ ଅଟୋର ପଞ୍ଜୀକରଣ ବାତିଲ୍ ହେଲା
- ରଦ୍ଦ ହେବ ଗାଡ଼ିଗୁଡ଼ିକର ଲାଇସେନ୍ସ

ରାଜଧାନୀରେ ଅନଲାଇନ୍ କ୍ୟାବ୍ ଓ ଅଟୋ ଚାଳକଙ୍କ ହିଂସାକାଣ୍ଡ ପରେ ପୋଲିସ୍ ଓ ପରିବହନ ବିଭାଗର କଡ଼ା ଆକ୍ସନ। ମାଷ୍ଟର କ୍ୟାଣ୍ଟିନସ୍ଥିତ ବେଆଇନ୍ ଅଟୋ ଷ୍ଟାଣ୍ଡରେ ଚାଲିଲା ବୁଲଡୋଜର। ଅନ୍ୟପକ୍ଷରେ ଆନ୍ଦୋଳନରେ ସାମିଲ ଡ୍ରାଇଭର୍ ଓ ଗାଡ଼ି ମାଲିକଙ୍କୁ ହୋଇଛି ନୋଟିସ୍। ଡ୍ରାଇଭରଙ୍କ ଲଙ୍କାକାଣ୍ଡ ପରେ ଆକ୍ସନ ମୋଡ୍ ରେ ପୋଲିସ୍। ସାବାଡ୍ ହେବେ ହିଂସାକାଣ୍ଡ ଭିଆଇଥିବା ଅନଲାଇନ୍ ଅଟୋଚାଳକ। ଗତକାଲିର ଅଭାବନୀୟ ଘଟଣା ପରେ ଆଜି ମାଷ୍ଟରକ୍ୟାଣ୍ଟିନ ସ୍ଥିତ ଅନଲାଇନ୍ ଅଟୋ ଷ୍ଟାଣ୍ଡରେ ବୁଲିଛି ବୁଲ୍ ଡୋଜର। ଏଣ୍ଟ୍ରି ପଏଣ୍ଟକୁ ଖୋଳି ଦେଇଛି ପୋଲିସ୍। ଖାଲି ପୋଲିସ୍ ନୁହେଁ ଆରଟିଓ ମଧ୍ୟ ଆକ୍ସନ ମୋଡ୍ କୁ ଆସି ଗାଡ଼ିଗୁଡ଼ିକର ପରମିଟ୍ ରଦ୍ଦ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଜବତ ଗାଡ଼ି ମାଲିକ ଓ ପରମିଟଧାରୀଙ୍କୁ ଜାରି ହୋଇଛି ସୋକଜ୍ ନୋଟିସ୍। ଘଟଣା ଦିନ ଗାଡ଼ିରେ କିଏ ଥିଲେ, ମାଲିକଙ୍କ ନିର୍ଦ୍ଦେଶରେ ବ୍ୟବହାର ହୋଇଥିଲା ନା ନାହିଁ ସେ ସମ୍ପର୍କରେ ଆରଟିଓରେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ହୋଇଛି। ଏହିଭିତରେ ପୋଲିସ୍ ୩୫୪ଟି ଅଟୋ ଜବତ କରିଥିବା ବେଳେ ୧୧୩ ଜଣ ଅଟୋ ଚାଳକ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ଭଲ ବ୍ୟବହାର ପାଇଁ ୬୦ ଜଣଙ୍କୁ ବେଲ୍ ବଣ୍ଡରେ ପୋଲିସ୍ ଛାଡ଼ିଦେଇଛି। କିନ୍ତୁ ଆନ୍ଦୋଳନର ମାଷ୍ଟର ମାଇଣ୍ଡ ତଥା ସ୍ମାର୍ଟସିଟି ଅନଲାଇନ ଅଟୋ ଓ ଟ୍ୟାକ୍ସି ସଂଘର ଅଧ୍ୟକ୍ଷ ଦୀନବନ୍ଧୁ ନାୟକ ଏଯାଏ ଫେରାର ଅଛନ୍ତି। ଅନ୍ୟପଟେ ଅଟୋ ଚାଳକଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ

■ ପୃଷ୍ଠା-୧୫

## ହାଇୱା ଚାପାରେ ଶିଶୁକନ୍ୟା ସହ ୨ ମହିଳା ମୃତ

ସୁନ୍ଦରଗଡ(ଅମୃତ ମିଡ଼ିଆ)

ସୁନ୍ଦରଗଡ଼ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ଭଷ୍ମା ଥାନା ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଘଟିଛି ଛାତିଥରା ଦୁର୍ଘଟଣା। କୋଇଲା ବୋଝେଇ ଟ୍ରେଲର ଧକ୍କାରେ ଏକ ଶିଶୁ ସହ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଘଟଣା ପରେ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି ହୋଇଛି। ମୃତକମାନେ ହେଲେ ସଦରଥାନା ଗଇଯୋର ଗାଁର। ସେମାନଙ୍କ ପରିଚୟ ଏଯାଏଁ ଜଣାପଡ଼ିନାହିଁ। ଦୁର୍ଘଟଣା ପରେ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇ ଯାଇଛି। ମିଳିଥିବା ସୂଚନା ଅନୁସାରେ, ଗୁରୁବାର ସନ୍ଧ୍ୟାରେ ୨ ଜଣ ମହିଳା ଜଣେ ଶିଶୁକୁ ଧରି ସ୍କୁଟିରେ ଭଷ୍ମା ଥାନାକୁ କୌଣସି କାମରେ ଆସି ଫେରୁଥିଲେ। ପେଟ୍ରୋଲ ପମ୍ପରୁ ବାହାରୁ ଥିବା ଏକ କୋଇଲା ବୋଝେଇ ଟ୍ରେଲର ସ୍କୁଟି ସହ ୩ ଜଣକୁ ଚାପି ଦେଇଥିଲା। ଘଟଣାସ୍ଥଳରେ ହିଁ ୩ ଜଣଙ୍କ ମୃତ୍ୟୁ ହୋଇଗଲା।

# ମିର୍ଜା ଫକରୁଲ୍ ଇସଲାମ୍ ବାଂଲାଦେଶର ନୂଆ ରାଷ୍ଟ୍ରପତି



ନୂଆଦିଲ୍ଲୀ

ମିର୍ଜା ଫକରୁଲ୍ ଇସଲାମ୍ ଆଲମଗୀର ବାଂଲାଦେଶର ନୂଆ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ନିର୍ବାଚନରେ ତାଙ୍କୁ ଏବେସୁଦ୍ଧା ୨୫୫ଟି ଭୋଟ୍ ମିଳିଛି। ଅନ୍ୟପଟେ, ୧୧ଟି ଦଳର ଗଠବନ୍ଧନର ପ୍ରାର୍ଥୀ ଓଲି ଅହମ୍ମଦଙ୍କୁ ୮୮ଟି ଭୋଟ୍ ପ୍ରାପ୍ତ ହୋଇଛି। ସିଇସି ଏଏମଏମ ନାସିର ଉଦ୍ଦୀନ, ମିର୍ଜା ଫକରୁଲ୍ ଇସଲାମ୍ ଆଲମଗୀରଙ୍କୁ ବିଜେତା ଘୋଷଣା କରିଛନ୍ତି। ଦେଶର ୨୩ତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଆଜି, ଗୁରୁବାର ସନ୍ଧ୍ୟା ୫ଟାରେ ଶେଷ ହୋଇ ଥିଲା। ଏହି ମତଦାନ ଆଜି ଅପରାହ୍ନ ୨ଟାରୁ ଆରମ୍ଭ ହୋଇଥିଲା। ସଂସଦର ସଦସ୍ୟମାନେ ନିଜ ନିଜ ଆସନରୁ ମତଦାନ କରି ଥିଲେ। ମତଦାନ ପାଇଁ ପ୍ରଥମେ ବାଲଟ୍ ପେପର ପଛରେ ନିଜର ସମ୍ପୂର୍ଣ୍ଣ ନାମ ଲେଖାଯାଇ ଥିଲା ଏବଂ ପରେ ମୁଖ୍ୟ ବାଲଟ୍ ପେପରରେ ପସନ୍ଦର ପ୍ରାର୍ଥୀଙ୍କ ନାମ ଆଗରେ ନିର୍ଦ୍ଧାରିତ ସ୍ଥାନରେ ମଧ୍ୟ ନିଜ ନାମ ଉଲ୍ଲେଖ କରାଯାଇ ଥିଲା। କାର୍ଯ୍ୟକାରୀ ଅଧ୍ୟକ୍ଷ ହାଫିଜ୍ ଉଦ୍ଦୀନ ଅହମ୍ମଦ ଏବଂ କାର୍ଯ୍ୟକାରୀ ଅଧ୍ୟକ୍ଷ କୈସର କମାଲ ମଧ୍ୟ ସଂସଦ ସଦସ୍ୟ ଭାବେ ନିଜର ମତଦାନ କରି ଥିଲେ। ଦୁହିଁଙ୍କ ପାଇଁ ସଂସଦ ଗୃହରେ ଅଲଗା ଅଲଗା ଆସନର ବ୍ୟବସ୍ଥା କରାଯାଇ ଥିଲା। ନୂଆ ରାଷ୍ଟ୍ରପତି ଆସନ୍ତା କାଲି ଅର୍ଥାତ୍ ୨୧ ଅଗଷ୍ଟ ୨୦୨୬ରେ ଶପଥ ଗ୍ରହଣ ନେବେ।

### ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରୁଛି

# ସମନ୍ୱୟ ଅଭାବରୁ ବୈତରଣୀରେ ବନ୍ୟା

- ସୁବର୍ଣ୍ଣରେଖାକୁ ଛାଡ଼ି ସବୁ ନଦୀ ବିପଦସଙ୍କେତ ତଳେ
- ପାୱାର ପ୍ରୋଜେକ୍ଟକୁ କାରଣଦର୍ଶାଅ ନୋଟିସ୍



ଭୁବନେଶ୍ୱର(ବ୍ୟୁରୋ)

ବୈତରଣୀ ବନ୍ୟା ପାଇଁ ପାୱାର ପ୍ରୋଜେକ୍ଟସ୍ କୁ କାରଣ ଦର୍ଶାଅ ନୋଟିସ୍। ଜଳସମ୍ପଦ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବନ୍ୟା ସମୟରେ ବେନିୟମ ଭାବେ ଗେଟ୍ ଖୋଲିବାରୁ ନୋଟିସ୍ ଜାରି ହୋଇଛି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଇଞ୍ଜିନିୟରଙ୍କୁ ଚିଠି କରାଯାଇଛି। ଏସଆରସି ପ୍ରଭାକର ପାଟିଲ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିପିପିଏଲ ବିନା ସହମତିରେ ପାଣି ଛାଡିବା ଯୋଗୁଁ ବୈତରଣୀରେ ବନ୍ୟା ଗମ୍ଭୀର ରୂପ ଧାରଣ କଲା। ନିଜ ପାୱାର ଜେନେରେସନ କରିବା ପାଇଁ ମନ ଇଚ୍ଛା ଗେଟ୍ ଖୋଲିଥିଲା। ସେଥିପାଇଁ ସରକାରଙ୍କ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ତାପୂର୍ବରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଆନନ୍ଦପୁର ଡିଭିଜନ ଲୋକାଲ ଇଞ୍ଜିନିୟରମାନେ ଏବାବଦରେ ଅବଗତ ହେବା କଥା। କିନ୍ତୁ ବିପିପିଏଲ ପକ୍ଷରୁ ସମନ୍ୱ ଅଭାବ ପାଇଁ ଏପରି ହୋଇଛି। ତେଣୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ନୋଟିସ ଜାରି କରାଯାଇଛି। ସେପଟେ ରାଜ୍ୟରେ ବନ୍ୟା ସ୍ଥିତି ସୁଧୁରୁଛି। ସୁବର୍ଣ୍ଣରେଖାକୁ ଛାଡ଼ି ବାକି ସବୁ ନଦୀ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି। ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ ବିପଦ ସଙ୍କେତ ତଳେ ଅଛି। ଜଳକା ବି ବିପଦ ସଙ୍କେତ ତଳକୁ ଖସିଛି। ରେମୁଣା ଓ ଜଳେଶ୍ୱରରେ ବନ୍ୟା ସ୍ଥିତିରେ ସୁଧାର ଆସିଛି। ଯାଜପୁର ଓ ଭଦ୍ରକ ଜିଲ୍ଲାରେ ୨୪ ଘଣ୍ଟାରେ ଆହୁରି ସୁଧାର ଆସିବ। ସୁବର୍ଣ୍ଣରେଖାରେ ଝାଡ଼ଖଣ୍ଡ ପାଣି ଛାଡ଼ିବାରୁ ରାତି ୩ଟାରେ ବିପଦ ସଙ୍କେତ ଉପରକୁ ଜଳସ୍ତର ଯାଇଥିଲା। ସକାଳ ୬ଟା ପରେ ପାଣି ଖସିଥିଲା। ଏସଆରସି କହିଛନ୍ତି ଯେ, ବାଲିଆପାଳ ଓ ଭୋଗରାଇରେ ବନ୍ୟା ହୋଇଛି। ୬ ଜିଲ୍ଲାର ୩୪ ବ୍ଲକର ୨୨୬ ପଞ୍ଚାୟତର ୭୪୩ ଗାଁ ପ୍ରଭାବିତ ହୋଇଛନ୍ତି। ୧୨ ଲକ୍ଷ ୮୭ ହଜାର ଲୋକ କ୍ଷତି ସହିଛନ୍ତି। ୮୪ ହଜାର ୬୬୭ ଲୋକ ସ୍ଥାନାନ୍ତର ହୋଇଛନ୍ତି। ବାଲେଶ୍ୱର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ୫୫ ପଞ୍ଚାୟତର ୨୮ ହଜାର ଲୋକ ଏବେ ବି ପାଣି ଘେରରେ ଅଛନ୍ତି। ରିଲିଫ୍ ଯୋଗାଇ ଦିଆଯାଇଛି।

■ ପୃଷ୍ଠା-୧୫

## ସେ କହିଲେ...



ମୋଦୀ ସରକାର ଆଣିଥିବା ଏହି ନୂଆ ଏମଏମଡିଆର ବିଲ୍ ହେଉଛି ଦେଶର ଖଣି ସୁରକ୍ଷା ଓ ଓଡ଼ିଶା ଭଳି ଖଣି ସମ୍ପନ୍ନ ରାଜ୍ୟଗୁଡ଼ିକର ଆର୍ଥିକ ଭବିଷ୍ୟତ ପାଇଁ ଏକ ଐତିହାସିକ ପଦକ୍ଷେପ। ପୂର୍ବରୁ ରାଜ୍ୟଗୁଡ଼ିକ ଖଣିଗୁଡ଼ିକ ଉପରେ ୧୪ ପ୍ରକାରର ଅଲଗା ଅଲଗା ଅତ୍ୟଧିକ ଟିକସ ଲଗାଉଥିଲେ। ଏମଏମଡିଆର ବିଲ୍‌ର ଧାରା ୯ଡି ରାଜ୍ୟଗୁଡ଼ିକରୁ ମୂଳ ରାଜସ୍ୱ ନ ଛଡ଼ାଇ ମଲଟି-ଲେଭଲ୍ ଟ୍ୟାକ୍ସ ବୋଝକୁ ରୋକିବା ପାଇଁ ଏକ ସ୍ପଷ୍ଟ ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରୁଛି। ପୁରୁଣା ବକେୟା ଟିକସ ବୋଝ ଯୋଗୁଁ ଅନେକ ଖଣି କମ୍ପାନୀ ବନ୍ଦ ହେବାର ସମ୍ଭାବନା ଥିଲା।

**ଧର୍ମେନ୍ଦ୍ର ପ୍ରଧାନ**
**ପୂର୍ବତନ କେନ୍ଦ୍ରମନ୍ତ୍ରୀ**

### ବିରୋଧୀଙ୍କ ପାଇଁ ମାଲମାଲ ପ୍ରସଙ୍ଗ

# ଫାଇଦା ଉଠାଇବାରେ କଂଗ୍ରେସ ଫେଲ୍

**ରାଜ୍ୟରେ ବଦଳୁଛି ରାଜନୈତିକ ସମୀକରଣ। ବିରୋଧୀ ଦଳ ଭାବେ ନିଜକୁ ମଜଭୂତ କରିବାର ସୁଯୋଗ ମଧ୍ୟ କଂଗ୍ରେସ ହାତରେ ରହିଛି। କିନ୍ତୁ ସେହି ସୁଯୋଗକୁ ଦଳ କେତେ ଦୂର ଉପଯୋଗ କରିପାରୁଛି ସେ ନେଇ ଉଠିଛି ପ୍ରଶ୍ନ। ରାଜ୍ୟ ରାଜନୀତିରେ ଯେତେବେଳେ ବଡ଼ ବଡ଼ ପ୍ରସଙ୍ଗ ଉଠୁଛି, ସେତେବେଳେ ବିରୋଧୀ ଭୂମିକାରେ କଂଗ୍ରେସର ସ୍ୱର ଶାଣିତ ହେଉନି। ବହି ତ୍ରୁଟି ଦୁର୍ନୀତିଠାରୁ ଆରମ୍ଭ କରି ଏମ୍ଏମ୍ଡିଆର ବିଲ୍ ଭଳି ବଡ଼ ପ୍ରସଙ୍ଗ ଥିବା ସତ୍ତ୍ୱେ କଂଗ୍ରେସ ଏନେଇ ରାଜନୈତିକ ଫାଇଦା ଉଠାଇପାରୁନି। ଏହା ଦଳର ସଂଗଠନ ଓ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଓଡ଼ିଶା ରାଜନୀତିରେ ଖଣି ଏକ ସମ୍ବେଦନଶୀଳ ଓ ବଡ଼ ପ୍ରସଙ୍ଗ। ଏହାକୁ ନେଇ ବିଜେଡି ତୀବ୍ର ବିରୋଧ କରି ବିଜେପିକୁ ଘେରୁଛି। ହେଲେ କଂଗ୍ରେସ ଏକଦମ୍ ଚୁପ ହୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।**



- ବିଜେଡି ନାଲିଆଖି ଦେଖାଇଲାଣି
- ଶାଣିତ ହୋଇପାରୁନି କଂଗ୍ରେସର ସ୍ୱର
- ସଂଗଠନ ଓ ନେତୃତ୍ୱ ଉପରେ ଉଠୁଛି ପ୍ରଶ୍ନ

ଭୁବନେଶ୍ୱର (ବ୍ୟୁରୋ)

ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ଜନମତ ଲାଗି ଏବେଠାରୁ ବଳ କଷାକଷି ଆରମ୍ଭ ହୋଇଗଲାଣି। ସଂଗଠନ ସଜାଡ଼ିବା ଓ ବିଭିନ୍ନ ସରକାର ବିରୋଧୀ ପ୍ରସଙ୍ଗକୁ ନେଇ ଅଣ୍ଟା ଭିଡ଼ିବା ଲାଗି ବିରୋଧୀ ଦଳଗୁଡ଼ିକ ପାଗ ଭିଡ଼ିଲେଣି। ହେଲେ ପ୍ରଦେଶ କଂଗ୍ରେସ ଏକଦମ୍ ଚୁପ୍ ହୋଇ ବସିଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ବଡ଼ ପ୍ରସଙ୍ଗ ଉଭା ହୋଇଥିବା ବେଳେ ରାଜନୈତିକ ମାହୋଲ ପୂରା ଗରମ। ସରକାରକୁ ଘେରିବା ପାଇଁ ମୁଦ୍ଦା ଅନେକ। ହେଲେ ଏହି ସବୁ ପ୍ରସଙ୍ଗରେ କଂଗ୍ରେସ ପଛରେ ପଡ଼ିଯାଇଛି। ବହି ତ୍ରୁଟି, ଭତ୍ତା ବିବାଦ, ମଣ୍ଡି ସମସ୍ୟା, ଖଣିଠୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ପ୍ରସଙ୍ଗରେ କିନ୍ତୁ କଂଗ୍ରେସର ସ୍ୱର ଯେମିତି ଶୁଭିବା କଥା ସେମିତି ଶୁଭୁନାହିଁ। କେବଳ କିଛି ଜିଲ୍ଲା ଓ ସୀମିତ କାର୍ଯ୍ୟକ୍ରମ ଭିତରେ ସୀମିତ ହୋଇ ରହିଛି କଂଗ୍ରେସର ବିରୋଧ। ବିଜେଡି ସରକାରକୁ ଘେରିବା ଲାଗି ବିଭିନ୍ନ ଯୋଜନା କରୁଥିବା ବେଳେ କଂଗ୍ରେସ ଚୁପ୍ ରହୁଛି।

ରାଜ୍ୟରେ ସରକାର ସହ ରାଜନୈତିକ ସମୀକରଣ ବି ବଦଳିଛି। ବିରୋଧୀ ଦଳ ଭାବେ ନିଜକୁ ମଜଭୂତ କରିବାର ସୁଯୋଗ ମଧ୍ୟ କଂଗ୍ରେସ ହାତରେ ରହିଛି। କିନ୍ତୁ ସେହି ସୁଯୋଗକୁ ଦଳ କେତେଦୂର ଉପଯୋଗ କରିପାରୁଛି ସେ ନେଇ ଉଠିଲାଣି ପ୍ରଶ୍ନ। ରାଜ୍ୟ ରାଜନୀତିରେ ଯେତେବେଳେ ବଡ଼ ବଡ଼ ପ୍ରସଙ୍ଗ ଉଠୁଛି, ସେତେବେଳେ ବିରୋଧୀ ଭୂମିକାରେ କଂଗ୍ରେସର ସ୍ୱର ଶାଣିତ ହେଉନି। ବହି ତ୍ରୁଟି ଦୁର୍ନୀତି ଠାରୁ ଆରମ୍ଭ କରି ଖଣି ଏମ୍ଏମ୍ଡିଆର ବିଲ୍ ଭଳି ବଡ଼ ପ୍ରସଙ୍ଗ ଥିବା ସତ୍ତ୍ୱେ କଂଗ୍ରେସ ଏହାକୁ ରାଜନୈତିକ ମୁଦ୍ଦା କରିପାରୁନି। ଏହା ଦଳର ସଂଗଠନ ଓ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଉଛି। ଓଡ଼ିଶା ରାଜନୀତିରେ ଖଣି ଏକ ସମ୍ବେଦନଶୀଳ ଓ ବଡ଼ ପ୍ରସଙ୍ଗ। ହେଲେ ଏଠି ବି କଂଗ୍ରେସର ଆନ୍ଦୋଳନାତ୍ମକ ଭୂମିକା ସେତେଟା ଜୋରଦାର ନୁହେଁ ବୋଲି ଚର୍ଚ୍ଚା ହେଉଛି। କେବଳ ବୈଠକ ଆଉ ପ୍ରେସମିଟ ଆଉ ମିଡ଼ିଆ ବାଇଟ୍‌ରେ ସୀମିତ କଂଗ୍ରେସର ପ୍ରତିବାଦ ରାଜନୀତି। ଯଦିବି ଆନ୍ଦୋଳନ ରଣନୀତି କରୁଛନ୍ତି ତାହା ବି ଦିନେ ଦୁଇଦିନ ପାଇଁ। ଯାହାର ଚାପ ସରକାରଙ୍କ ଉପରେ ବିଲକୁଲ ପଡୁନି। ସରକାରଙ୍କୁ ଘେରିବା ପାଇଁ ମୁଦ୍ଦା ଅଛି, କିନ୍ତୁ ମୁଦ୍ଦାକୁ ମାଟିର ଆନ୍ଦୋଳନରେ ପରିଣତ କରିବାରେ କଂଗ୍ରେସ ସବୁଠି ପଛରେ ପଡୁଛି।

କିଛି ଜିଲ୍ଲାରେ କାର୍ଯ୍ୟକ୍ରମ, କିଛି ଅଞ୍ଚଳରେ ସକ୍ରିୟତା। କିନ୍ତୁ ସାରା ରାଜ୍ୟରେ ଏକ ବଡ଼ ବିରୋଧୀ ଆନ୍ଦୋଳନର ଚିତ୍ର କଂଗ୍ରେସର କାହିଁକି ଦେଖାଯାଉନି ? ଯେଉଁ ଦଳ ସରକାର ବିରୋଧରେ ବଡ଼ ରାଜନୈତିକ ମୁଦ୍ଦା ଉଠାଇବା କଥା, ସେହି ଦଳ ଏବେ ନିଜ ସଂଗଠନକୁ ଜିଲ୍ଲାରୁ ଜିଲ୍ଲା, ବୁଥ୍‌ରୁ ବୁଥ୍‌କୁ କେତେ ଦୂର ପହଞ୍ଚାଇପାରିଛି ସେ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ସ୍ଥିତି ଏମିତି ହୋଇଛି, ସାଧାରଣରେ ପ୍ରଶ୍ନ ଉଠିଲାଣି କଂଗ୍ରେସ କାହିଁକି ନିଜ ହାତରେ ଥିବା ରାଜନୈତିକ

■ ପୃଷ୍ଠା-୧୫



# ହକ୍ ନଛାଡ଼ୁ ଓଡ଼ିଶା

**ରତ୍ନଗର୍ଭା ଓଡ଼ିଶା। ମାଙ୍ଗାନିଜ, ବକ୍ସାଇଟ, କୋଇଲା, ଲୁହାପଥର, କ୍ରୋମାଇଟ ଭଳି ଅନେକ ରତ୍ନ ଏହା ଗର୍ଭରେ ରହିଛି। ଏସବୁର ଉଚିତ ବ୍ୟବହାର, ବିକ୍ରିବଟାର ଆବଶ୍ୟକତା ରହିଛି। ପ୍ରଚୁର ପରିମାଣ ଖଣି ଓଡ଼ିଶାରେ ରହିଥିଲେ ବି ରାଜ୍ୟ ଏକ ଗରିବ ଅଞ୍ଚଳ ଭାବେ ପରିଗଣିତ ହେଉଛି। କାରଣ ଏସବୁର ବ୍ୟବହାରିକ ପରିଚାଳନା ସଠିକ୍ ଢଙ୍ଗରେ ହୋଇପାରୁନି। ପ୍ରଶାସନିକ ଅପାରଗତା ହେଉ କି ପରିଚାଳନାଗତ ତ୍ରୁଟି ହେଉ, ଆମେ ଏସବୁରେ ଫେଲ ମାରୁଛେ। ଏହି ଖଣିଜ ସମ୍ପଦ ଓଡ଼ିଶାର ଓ ଏଥିରେ ଆମ ରାଜ୍ୟ ବେଶ ବିକଶିତ ହୋଇପାରିବ। ହେଲେ ସଂସଦରେ ପାସ୍ ହୋଇଥିବା ଏକ ବିଲ୍ ଓଡ଼ିଶାର ପ୍ରଭୁତ କ୍ଷତି ଘଟାଇବ ବୋଲି କୁହାଯାଉଛି। ସଂସଦର ମୌସୁମୀ ଅଧିବେଶନରେ ୧୨ଟି ବିଲ୍ ପାରିତ ହୋଇଛି। ସେହି ବିଲ୍‌ଗୁଡ଼ିକ ମଧ୍ୟରେ ଥିଲା ଗୁରୁତ୍ୱପୂର୍ଣ୍ଣ 'ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଲ୍' ବା 'ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍', ଯାହା ଆଇନରେ ପରିଣତ ହେଲେ ଓଡ଼ିଶାର ଅଜସ୍ର କ୍ଷତିହେବାର ଆଶଙ୍କା ରହିଛି। ଏହି ବିଲ୍ ପାସ୍ ବେଳେ ଓଡ଼ିଶାର ସାଂସଦମାନେ ବିରୋଧ କଲେନି କେମିତି ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା କ୍ଷତି ସହୁଥିବା ବେଳେ ଏଭଳି ବିଲ୍‌କୁ ତରବରିଆ ଭାବେ ବାଚନିକ ଭୋଟ୍‌ରେ ପାସ୍ କରିନେବା ପଛର ଉଦ୍ଦେଶ୍ୟ କାହାରିକୁ ଅଛପା ନାହିଁ। ବିଲ୍ ପାସହେବା ପରେ ଓଡ଼ିଶା ଆଉ ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ଲେଭି ଲଗାଇପାରିବ ନାହିଁ କି କୌଣସି ଖଣି ସ୍ୱାଧୀନତା ପାଇବ ନାହିଁ।**

**ସୁଶାନ୍ତ କୁମାର ଦାସ**

ଗତ ୧୩ ତାରିଖ ଦିନ ଏମଏମଡିଆର ସଂଶୋଧନ ବିଲ୍ ସଂସଦର ଉଭୟ ସଦନରେ ପାରିତ ହୋଇସାରିଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଏହା ଆଇନରେ ପରିଣତ ହେବ। ଏହି ସଂଶୋଧନ ଅନୁଯାୟୀ ଏମଏମଡିଆର ଆଇନ, ୧୯୫୭ର ଧାରା ୯ରେ ଆଉ ଏକ ଉପଧାରା 'ଘ' ଯୋଗ କରାଗଲା, ଯଦ୍ୱାରା ଖଣି ସମ୍ପର୍କୀୟ ଟିକସ ନିର୍ଦ୍ଧାରଣରେ ଆଉ ରାଜ୍ୟଗୁଡ଼ିକର ସ୍ୱାଧୀନତା ରହିବ ନାହିଁ। କେନ୍ଦ୍ର ସରକାରଙ୍କ ସର୍ତ୍ତ ଓ କଟକଣା ବାହାରକୁ ଯାଇ ରାଜ୍ୟଗୁଡ଼ିକ ଆଉ ଖଣିଜ ପଦାର୍ଥ ଥିବା ଜମି ଉପରେ କୌଣସି ଟିକସ, ଲେଭି ଇତ୍ୟାଦି ଲଗାଇପାରିବେ ନାହିଁ। କେବଳ ସେତିକି ନୁହେଁ, ଅନ୍ୟ କୌଣସି ଆଇନ ବା ଅଦାଲତଙ୍କ ରାୟ ବଳରେ ଆଦାୟ ହେବାକୁ ଥିବା ବକେୟା ଦେୟ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ଆଉ ଆଦାୟ କରିହେବ ନାହିଁ।

## ବକେୟା ପ୍ରାପ୍ୟ ପାଇବନି ଓଡ଼ିଶା

୨୦୨୪ ମସିହାରେ ଏକ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ରାଜ୍ୟଗୁଡ଼ିକ ୨୦୦୫ ମସିହା ଏପ୍ରିଲ ପହିଲାରୁ ସେମାନଙ୍କ ପ୍ରାପ୍ୟ ବକେୟା ରାଶିକୁ ଆଦାୟ କରିପାରିଥାନ୍ତେ। ଏକ ଆକଳନ ଅନୁଯାୟୀ ଏହି ସଂଶୋଧନ ଯୋଗୁଁ ସାମଗ୍ରିକ ଭାବେ ଖଣିଜ ସମ୍ପଦ ଥିବା ରାଜ୍ୟଗୁଡ଼ିକ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ବକେୟା ପ୍ରାପ୍ୟ ହରାଇବେ ଏବଂ ତହିଁରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇ ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ରାଜ୍ୟ ହେବ। ଏହି ଆଇନ ସଂଶୋଧନ ପଛରେ କେନ୍ଦ୍ର ସରକାରଙ୍କ ଯୁକ୍ତି ହେଉଛି ଯେ, ପ୍ରମୁଖ ଖଣିଜ ସମ୍ପଦଗୁଡ଼ିକ ଅଳ୍ପ କେତେକ ରାଜ୍ୟରେ ଗଚ୍ଛିତ ଥିବାରୁ ସେହି ରାଜ୍ୟଗୁଡ଼ିକ ପ୍ରାୟ ୧୪ ପ୍ରକାର ଟିକସ, ଲେଭି, ରୟାଲଟି ଆଦି ଆଦାୟ କରୁଛନ୍ତି। ଦେଶଜ ଖଣିଜ ସମ୍ପଦର ଅହେତୁକ ଦରବୃଦ୍ଧି ଘଟୁଛି ଯଦ୍ୱାରା ବରଂ ବିଦେଶରୁ ଆମଦାନି ଶସ୍ତା ପଡୁଛି। ଫଳରେ ଦେଶରେ ଉପଲବ୍ଧ ଥିବା ସତ୍ତ୍ୱେ ୨୦୨୬ ଆର୍ଥିକ ବର୍ଷରେ ବିଦେଶରୁ ୧୦.୧୨ ଲକ୍ଷ କୋଟି ଟଙ୍କା ମୂଲ୍ୟର ଖଣିଜ ପଦାର୍ଥ ଆମଦାନି କରାଯାଇଥିଲା। ଦେଶର ଭିତ୍ତିଭୂମି ବିକାଶ, ବିନିର୍ମାଣ, ଶକ୍ତି ସୁରକ୍ଷା ଓ ଅର୍ଥନୈତିକ ବିକାଶରେ ଖଣିଜ ପଦାର୍ଥର ଏକ ବଡ଼ ଭୂମିକା ଥିବାରୁ



ଏହାର ମୂଲ୍ୟ ଓ ନୀତିରେ ସ୍ଥିରତା ଓ ସମାନତା ରହିଲେ ମାଇନିଂ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି ପାଇ ଅର୍ଥନୈତିକ ବିକାଶ ଦର ବୃଦ୍ଧିରେ ସହାୟକ ହେବ। ଅବଶ୍ୟ ଭିନ୍ନ ଭିନ୍ନ ରାଜ୍ୟ ଦ୍ୱାରା ଭିନ୍ନ ଭିନ୍ନ ଟିକସ ଆଦାୟ ହେଉଥିଲେ ବି କୌଣସି ଗୋଟିଏ ରାଜ୍ୟ ୧୪ ପ୍ରକାର ଟିକସ ଆଦାୟ କରି ନଥାନ୍ତି। ତା' ଛଡ଼ା ଆମଦାନି ହେଉଥିବା ଖଣିଜ ମଧ୍ୟରୁ ଅଧିକାଂଶ ଖଣିଜ ବା ସେହି ଗ୍ରେଡ୍‌ର ଖଣିଜ ଏଠାରେ ଯଥେଷ୍ଟ ପରିମାଣରେ ଉପଲବ୍ଧ ନଥିବାରୁ ଆମଦାନି ହୋଇଥାଏ। ତଥାପି କେନ୍ଦ୍ର ସରକାରଙ୍କ ଏହି ଯୁକ୍ତି ଗ୍ରହଣୀୟ ହୋଇପାରେ କିନ୍ତୁ ସେଥିପାଇଁ ରାଜ୍ୟଗୁଡ଼ିକୁ ସେମାନଙ୍କ ବକେୟା ପ୍ରାପ୍ୟ ଆଦାୟ କରିବାରୁ ବଞ୍ଚିତ କରିବା କେତେ ଦୂର ସମୀଚୀନ ଓଡ଼ିଶା ସରକାରଙ୍କ 'ଓଡ଼ିଶା ଗ୍ରାମ୍ୟ ଭିତ୍ତିଭୂମି ସାମାଜିକ ଅର୍ଥନୈତିକ ବିକାଶ ଆଇନ' (ଓରିସେଡ, ୨୦୦୪)ର ଧାରା ୩ ଅନୁଯାୟୀ ଖଣିଜ ସମ୍ପଦ ଥିବା ଜମିଗୁଡ଼ିକର ବାର୍ଷିକ ମୂଲ୍ୟ ଉପରେ ରାଜ୍ୟ ସରକାର ୨୦ ପ୍ରତିଶତ ଯାଏଁ ଲେଭି ଆଦାୟ କରିପାରିବେ। ଫେବୃଆରି ୧, ୨୦୦୫ରେ ଓରିସେଡ ଆଇନ ଲାଗୁ ହେବା ପରେ ଏହାର ସାମ୍ବିଧାନିକ ବୈଧତାକୁ ବିରୋଧ କରି କିଛି ଖଣି କମ୍ପାନି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହି ବର୍ଷ ଡିସେମ୍ବର ମାସରେ ଓଡ଼ିଶା ହାଇକୋର୍ଟ ଏହି ଆଇନକୁ ଅବୈଧ ଘୋଷଣା କରିବା ପରେ ରାୟ ବିରୁଦ୍ଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିକଟରେ ଅପିଲ କରିଥିଲେ। ସେହି ମାମଲାର ଏ ଯାଏଁ ଫଇସଲା ହୋଇନାହିଁ।

## ଟିକସ ଆଦାୟ କରିବା ସମ୍ଭବ ନୁହେଁ

'ମିନେରାଲ ଏରିଆ ଡେଭଲପମେଣ୍ଟ ଅଥରିଟି (ମାଡା) ବନାମ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ (ସେଲ୍)'ରେ ୨୦୨୪ ମସିହା ଜୁଲାଇ ୨୫ ତାରିଖରେ ସୁପ୍ରିମକୋର୍ଟ ପ୍ରଦାନ କରିଥିବା ରାୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ରାୟ ଅନୁସାରେ ଆଦାୟ ହେଉଥିବା ରୟାଲଟି ଟିକସ ନୁହେଁ ବରଂ ରାଜ୍ୟ ସରକାରଙ୍କୁ ଖଣିଜ ଉତ୍ତୋଳନ ପାଇଁ ଦିଆଯାଉଥିବା ଏକ ଅର୍ଥରାଶି ଅଟେ। ସମ୍ବିଧାନର ଅନୁସୂଚୀ ୨୪୬ ଓ ସପ୍ତମ ସିଡ୍ୟୁଲ ଅନ୍ତର୍ଗତ ରାଜ୍ୟସୂଚୀର ୪୯ତମ ପ୍ରବେଶ (ଏଣ୍ଟ୍ରି) ଅନୁଯାୟୀ ଖଣିଜ ସମ୍ପଦ ବହନ କରୁଥିବା ଜମି ସଂକ୍ରାନ୍ତରେ ଆଇନ ପ୍ରଣୟନ କରିବାର କ୍ଷମତା ରାଜ୍ୟ ସରକାରଙ୍କର ରହିଛି। ରାଜ୍ୟ ତା' ଉପରେ ଟିକସ ଲଗାଇପାରିବ ଓ ଏହା ପିଛିଲା ଭାବେ ଏପ୍ରିଲ ୧, ୨୦୦୫ ମସିହାରୁ ଲାଗୁ ହେବ। ଫଳରେ ଓଡ଼ିଶା ସରକାରଙ୍କର ଖଣିଜ ସମ୍ପଦ ଥିବା ଜମି ଉପରେ ଟିକସ ଲଗାଇବା ଅଧିକାର ସାମ୍ବିଧାନିକ ବୈଧତା ହାସଲ କଲା। କିନ୍ତୁ ଓରିସେଡ ଆଇନ, ୨୦୦୪, ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ଅବୈଧ ଘୋଷିତ ହୋଇଥିବାରୁ ତାହାର ସୁପ୍ରିମକୋର୍ଟଙ୍କ ଦ୍ୱାରା ପୁନଃବୈଧୀକରଣ ନହେବା ପର୍ଯ୍ୟନ୍ତ ମୂଳ ଆଇନକୁ ଭିତ୍ତି କରି ରାଜ୍ୟ ସରକାର ଟିକସ ଆଦାୟ କରିବା ସମ୍ଭବ ନୁହେଁ ବୋଲି ବିଭାଗୀୟ ମନ୍ତ୍ରୀଙ୍କ ଦ୍ୱାରା ୨୦୨୪ ମସିହା ସେପ୍ଟେମ୍ବର ମାସରେ ରାଜ୍ୟ ବିଧାନସଭାରେ ବିବୃତି ଦିଆଯାଇଥିଲା। ମାତ୍ର ପ୍ରାୟ ଦୁଇ ବର୍ଷ ବିତିଯାଇଥିଲେ ବି ମାମଲାର ଆଶୁ ଫଇସଲା ନହେବା ଉଦ୍‌ବେଗର ବିଷୟ।

## ରାଜ୍ୟ ସରକାରଙ୍କ ଅଦୂରଦର୍ଶୀ ପଦକ୍ଷେପ

୨୦୨୪ ମସିହା ଅଗଷ୍ଟ ୧୪ରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ ଯେ, ଖଣି କମ୍ପାନିଗୁଡ଼ିକ ସେମାନଙ୍କ ବକେୟା ଦେୟକୁ ଏପ୍ରିଲ ୧, ୨୦୨୬ରୁ ଆରମ୍ଭ କରି ୧୨ଟି ବାର୍ଷିକ କିସ୍ତିରେ ପଇଠ କରିବେ। ତେବେ ଆଇନରେ ସଂଶୋଧନ ଯୋଗୁଁ ପ୍ରଭାବିତ ୧୫ଟି ପ୍ରମୁଖ ଖଣିଜ ଉତ୍ପାଦନକାରୀ ରାଜ୍ୟ ମଧ୍ୟରୁ ଓଡ଼ିଶା ଓ ଝାଡ଼ଖଣ୍ଡ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ଓଡ଼ିଶାର ଖଣିଜ ଉତ୍ପାଦନର ସିଂହଭାଗ କୋଇଲା, ଲୁହାପଥର, କ୍ରୋମ ପଥର ଆଦିରୁ ହେଉଥିବାରୁ ଲେଭି ହାରକୁ ହାରାହାରି ୧୫ ପ୍ରତିଶତ ନିଆଗଲେ ୨୦୦୫-୦୬ରୁ ୨୦୨୫-୨୬ ମଧ୍ୟରେ ଓଡ଼ିଶା ପାଇବାକୁ ଥିବା ବକେୟା ଲେଭିର ପରିମାଣ ସମୁଦାୟ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କା ହେବାର ଅନୁମାନ କରାଯାଉଛି। ଆକଳନ ଅନୁଯାୟୀ ଓଡ଼ିଶାର ବାର୍ଷିକ ରାଜସ୍ୱ ପ୍ରାୟ ୧୨ ହଜାର କୋଟି ଟଙ୍କା ହ୍ରାସ ପାଇବାର ଆଶଙ୍କା ଦେଖା ଦେଇଛି। ତେଣୁ ସୁପ୍ରିମକୋର୍ଟଙ୍କ ରାୟ ଓ ସ୍ପଷ୍ଟୀକରଣ ପରେ 'ଓରିସେଡ ଆଇନ'ର ପୁନଃବୈଧୀକରଣ ଲାଗି ପ୍ରୟାସ ତ୍ୱରାନ୍ୱିତ କରିବା ସହ ବକେୟା ରାଶି ଆଦାୟ କରିବା ଲାଗି ରାଜ୍ୟ ସରକାର ତୁରନ୍ତ ନିର୍ଦ୍ଦିଷ୍ଟ କେତୋଟି ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ଥିଲା, ଯେମିତି- ଖଣି ଲିଜଧାରୀଙ୍କୁ ଚିହ୍ନଟ କରି ସେମାନଙ୍କଠାରୁ ଆଦାୟ ହେବାକୁ ଥିବା ବକେୟା ରାଶି ନିର୍ଦ୍ଧାରଣ କରିବା, ଲିଜଧାରୀଙ୍କୁ ଖଣିୱାରି ଦେୟ ନୋଟିସ ଜାରି କରିବା ସହ ବାର୍ଷିକ କିସ୍ତିର ପରିମାଣ ସୂଚୀତ କରିବା, ଯଥାସମ୍ଭବ ମକଦ୍ଦମା, ବିବାଦ ଓ ପ୍ରତିବାଦଗୁଡ଼ିକର ଆଶୁ ସମାଧାନ କରି ଏପ୍ରିଲ ୧, ୨୦୨୬ ସୁଦ୍ଧା ପ୍ରଥମ କିସ୍ତି ଆଦାୟର ପଥ ପ୍ରଶସ୍ତ କରିବା। ଏ ଦିଗରେ ସରକାରୀ ସ୍ତରରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସର୍ବସାଧାରଣରେ ତଥ୍ୟ ଉପଲବ୍ଧ ନାହିଁ। ଓରିସେଡ ଆଇନର ପୁନଃବୈଧୀକରଣ ସୁନିଶ୍ଚିତ କରାଯାଇ ଏପ୍ରିଲ ୧, ୨୦୨୬ ସୁଦ୍ଧା ବକେୟା ରାଶିର ପ୍ରଥମ କିସ୍ତିର ଅନ୍ତତଃ କିଛି ପରିମାଣରେ ରାଶି ଆଦାୟ ହୋଇପାରିଥିଲେ ତାହା ସରକାରଙ୍କ ଆନ୍ତରିକତାକୁ ଦର୍ଶାଇଥାନ୍ତା।

## ବିଲ୍‌କୁ ଝାଡ଼ଖଣ୍ଡ ଓ କେରଳର ବିରୋଧ

ଏହି ସଂଶୋଧିତ ବିଲ୍‌ଟି ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇନାହିଁ। ଇତିମଧ୍ୟରେ ଝାଡ଼ଖଣ୍ଡ ଓ କେରଳ ରାଜ୍ୟ ସଂଶୋଧିତ ବିଲକୁ ଖୋଲାଖୋଲି ବିରୋଧ କଲେଣି। ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ବିଲ୍‌ଟିର ପୁନର୍ବିବେଚନା ଲାଗି ସଂସଦକୁ ଫେରାଇଦେବାକୁ ରାଷ୍ଟ୍ରପତିଙ୍କୁ ପତ୍ର ଜରିଆରେ ଅନୁରୋଧ କରିସାରିଲେଣି। ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମଧ୍ୟ ରାଷ୍ଟ୍ରପତିଙ୍କୁ ଅନୁରୂପ ଅନୁରୋଧ କରିବାର ଆବଶ୍ୟକତା ଅନୁଭୂତ ହେଉଛି। ଏହି ସଂଶୋଧନ ଯୋଗୁଁ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ପରି ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡ଼ିକ ସର୍ବାଧିକ ପ୍ରଭାବିତ ହେଉଥିବାରୁ ବିଲ୍‌ଟି ଉପରେ ସଂସଦରେ ବିସ୍ତୃତ ଆଲୋଚନାର ଆବଶ୍ୟକତା ରହିଛି। ତେଣୁ ରାଷ୍ଟ୍ରପତି ବିଲ୍‌ଟିକୁ ସଂସଦର ପୁନର୍ବିବେଚନା ପାଇଁ ଫେରାଇ ଦେଲେ ତାହା ବିସ୍ତୃତ ଆଲୋଚନା ହୋଇ ପ୍ରଭାବିତ ରାଜ୍ୟଗୁଡ଼ିକର ସ୍ୱାର୍ଥରକ୍ଷାରେ ସହାୟକ ହୁଅନ୍ତା।

## ସ୍ୱାର୍ଥରକ୍ଷା ଲାଗି ଓଡ଼ିଶା ଚେତିବ କେବେ

ଏମଏମଡିଆର ଆଇନରେ ସଂଶୋଧନ ଯୋଗୁଁ ବିପୁଳ ରାଜସ୍ୱ ହ୍ରାସ ପାଇ ଓଡ଼ିଶାର ବ୍ୟାପକ କ୍ଷତି ସାଧନ ହେବାର ଆଶଙ୍କା ଥିବାରୁ ରାଜନେତାମାନେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ରାଜ୍ୟର ସ୍ୱାର୍ଥରକ୍ଷା ଲାଗି ଏକଜୁଟ ହୋଇ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ଓଡ଼ିଶାରୁ ଲୋକସଭାକୁ ଯାଇଥିବା ବିଜେପିର ୨୦ ସାଂସଦ ତିଳେମାତ୍ର ଏହି ବିଲ୍‌କୁ ବିରୋଧ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେପଟେ ବିଜେଡି ଓ ପ୍ରଦେଶ କଂଗ୍ରେସ ଏହା ବିରୋଧରେ ଆପତ୍ତି ଉଠାଇବା ସହ ତୀବ୍ର ବିରୋଧ କରିଛନ୍ତି।

ନିକଟ ଅତୀତରେ ରାଜ୍ୟର ଦାରିଦ୍ର୍ୟ ଓ ଅନଗ୍ରସରତାକୁ ଆଖି ଆଗରେ ରଖି କେନ୍ଦ୍ରରୁ କିଛି ଅତିରିକ୍ତ ସୁବିଧା ସୁଯୋଗ ହାସଲ କରିବା ପାଇଁ ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ ଦାବି ହେଉଥିଲା। ତାହା ମିଳିବା ତ ଦୂରର କଥା ଏହି ସଂଶୋଧନ ଯୋଗୁଁ ରାଜ୍ୟ ତା'ର ନ୍ୟାଯ୍ୟ ପ୍ରାପ୍ୟରୁ ମଧ୍ୟ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହେବା ଚିନ୍ତାଜନକ। ସୁପ୍ରିମକୋର୍ଟର ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟ ଅନୁସାରେ ଖଣିଜ ସମ୍ପଦ ଥିବା ଜମି ଉପରେ ସମ୍ପୃକ୍ତ ରାଜ୍ୟ ସରକାରଙ୍କର ଟିକସ ଲଗାଇବାର ସାମ୍ବିଧାନିକ ଅଧିକାର ରହିଛି। ଏହି ସଂଶୋଧିତ ଆଇନ ଯୋଗୁଁ ରାଜ୍ୟଗୁଡ଼ିକର ସେହି ଅଧିକାରର ହନନ ହେଉଥିବା ପ୍ରତୀତ ହେଉଛି। ତେଣୁ ଆବଶ୍ୟକତା ଉପୁଜିଲେ ରାଜ୍ୟର ସେହି ସାମ୍ବିଧାନିକ ଅଧିକାରକୁ ଅକ୍ଷୁଣ୍ଣ ରଖିବା ପାଇଁ ଆଇନଗତ ପରାମର୍ଶ ପୂର୍ବକ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେବା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ରହିବା ଉଚିତ। ଝାଡ଼ଖଣ୍ଡ ଓ କେରଳ ଭଳି ଆମ ରାଜ୍ୟ ଏହି ବିଲ୍‌କୁ ବିରୋଧ କରିବା ଦରକାର। ନହେଲେ ଓଡ଼ିଶା ପାଇବାକୁ ଥିବା ତା'ର ହକ୍ ଅର୍ଥ ସବୁଦିନ ପାଇଁ ହରାଇ ବସିବ, ଏହା ନିଃସନ୍ଦେହ।





# ବରଗଡ଼ ରୋଡ୍ ଷ୍ଟେସନକୁ ଧନୁଯାତ୍ରା ରାଜ ଦରବାର ଢାଞ୍ଚାରେ ତିଆରି କରିବାକୁ ଦାବି



**ବରଗଡ଼(ଅମୃତ ମିଡିଆ):** ଭାରତୀୟ ରେଳବିଭାଗ ଦ୍ୱାରା ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡିକରେ ଅମୃତ ଭାରତ ଷ୍ଟେସନ ସ୍କିମରେ ଉତ୍ତମ ଯାତ୍ରୀ ସୁବିଧା ଯୋଗାଇବା ସହିତ ଷ୍ଟେସନ ଗୁଡିକର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଏହି କ୍ରମରେ ବରପାଲି ଓ ବଲାଙ୍ଗିର ଷ୍ଟେସନକୁ ନୂତନ କାୟାକଳ୍ପ ସହିତ ଉଦଘାଟନ କରାଯାଇଛି । ଏବେ ବରଗଡ଼ ରୋଡ଼ ଷ୍ଟେସନରେ ବିକାଶ କାର୍ଯ୍ୟ ଚାଲିଛି । ଏବିଏସ୍‌ଏସ୍‌ର ନୀତି ଅନୁଯାୟୀ, ଷ୍ଟେସନ ଡିଜାଇନ୍ କଲାବେଳେ ସ୍ଥାନୀୟ ଐତିହ୍ୟ ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗର ଛାପ ରଖିବାକୁ ପ୍ରାଥମିକତା ଦିଆହେବ । ତଦନୁଯାୟୀ, ପୁରୀ, କଟକ, ଅଯୋଧ୍ୟା, ବାରାଣସୀ ଆଦି ଅନେକ ଷ୍ଟେସନରେ ଏହିଭଳି କାର୍ଯ୍ୟ କରାଯାଇଛି । ଓଡ଼ିଶାର ତୃତୀୟ ବୃହତ୍ତମ ଯାତ୍ରା ଧନୁଯାତ୍ରା ପାଇଁ ବରଗଡ଼ ପ୍ରସିଦ୍ଧ । ସେଥିପାଇଁ ବରଗଡ଼ ରୋଡ଼ ଷ୍ଟେସନ ଡିଜାଇନ୍ କଲାବେଳେ ଧନୁଯାତ୍ରା ରାଜଦରବାର ଡିଜାଇନ୍ କରିବା ପାଇଁ ବରଗଡ଼ବାସୀଙ୍କ ଇଚ୍ଛା । ତେଣୁ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ବରଗଡ଼ ରୋଡ଼ ଷ୍ଟେସନକୁ କଂସ ରାଜଦରବାର ଡିଜାଇନ୍ କରିବା ପାଇଁ ଜୁଲାଇ ୬ ତାରିଖ ଦିନ ପୁରୀ-କୋରାପୁଟ ଟ୍ରେନର ପ୍ରାରମ୍ଭିକ ଚଳାଚଳକୁ ବରଗଡ଼ ରୋଡ଼ ଷ୍ଟେସନରେ ଉଦଘାଟନ ସମୟରେ ସମ୍ବଲପୁର ଡିଭିଜନ ଅଫିସରୁ ଆସିଥିବା ଉଚ୍ଚ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଆଜି ପୁଣି ଏ ସମ୍ପର୍କରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ପତ୍ର ଲେଖି ଏଠାରେ ରାଜଦରବାର ଡିଜାଇନ୍ କରିବା ସହିତ ନୃସିଂହନାଥ ମନ୍ଦିର, ବାରପାହାଡ ଅଭୟାରଣ୍ୟ, ସହିଦ ମାଧୋ ସିଂହ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ବିଷୟ ସ୍ଥାନ ଦେବାକୁ ସାଂସଦ ଶ୍ରୀ ପୁରୋହିତ ଅନୁରୋଧ କରିଛନ୍ତି । ଏହା ବ୍ୟତୀତ, ଏହି ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ରେମ୍ପ କିମ୍ବା ଏସ୍କାଲେଟରର ସୁବିଧା ଯୋଗାଇବା ପାଇଁ ମଧ୍ୟ ପତ୍ରରେ ଜଣାଇଛନ୍ତି । ଏହାର ଏକ କପି ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ବରଗଡ଼ ଜିଲ୍ଲା ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା ଓ ସମ୍ପାଦକ କମଳ ଯୋଶୀଙ୍କୁ ପ୍ରଦାନ କରିଥିଲେ ।

# ଘର ଭାଙ୍ଗିଲେ ହାତୀପଲ: ଧାନ-ଚାଉଳ ସହ ସାମଗ୍ରୀ ନଷ୍ଟ



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜ ତଥା ବିଜେପୁର ସେକ୍ସନ ଅନ୍ତର୍ଗତ ବେନଗାଁ ପଞ୍ଚାୟତର ଦୁର୍ଗମ ଘୋଡ଼ାପୋଖରୀ ଗାଁରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଗାଁର ଧନୁର୍ଯ୍ୟ ହରିଜନଙ୍କ ଘରକୁ ବିଳମ୍ବିତ ରାତିରେ ହାତୀପଲ ଆକ୍ରମଣ କରି ଭାଙ୍ଗିଦେଇଛନ୍ତି। ଘରର ଛପର ଓ ବିଭିନ୍ନ ଅଂଶ ନଷ୍ଟ ହେବା ସହ ଘର ଭିତରେ ଥିବା ଖାଦ୍ୟଶସ୍ୟ ଓ ଘରୋଇ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଛି। ରାତିରେ ଧଡେଲ ଜଙ୍ଗଲ ଅଞ୍ଚଳରୁ ଏକ ଦାନ୍ତା ହାତୀ ସମେତ ହାତୀପଲ ଗାଁ ମୁହାଁ ହୋଇଥିଲେ । ହାତୀଙ୍କ ଗର୍ଜନ ଓ ଘର ନିକଟରେ ଚଳପ୍ରଚଳ ଶବ୍ଦ ଶୁଣି ପରିବାର ଲୋକେ ଭୟଭୀତ ହୋଇ ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ନିକଟସ୍ଥ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିଲେ। ଫଳରେ ବଡ଼ ଅଘଟଣରୁ ପରିବାର ବର୍ତ୍ତୀ ଯାଇଥିଲେ । ହାତୀପଲ ଘର ଭାଙ୍ଗିବା ସହ ଘରେ ରଖାଯାଇଥିବା ଧାନ, ଚାଉଳ, ମାଣ୍ଡିଆ, ବିରି ଆଦି ଖାଦ୍ୟଶସ୍ୟକୁ ମାଡ଼ି ଚକଟି ନଷ୍ଟ କରିଦେଇଥିବା ଦେଖାଯାଇଥିଲା । ଘରର ଆସବାବପତ୍ର ନଷ୍ଟ ହୋଇଲା । ଘଟଣା ପରେ ହାତୀପଲ ଘୋଡ଼ାପୋଖରୀ ଗାଁ ନିକଟସ୍ଥ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଫଳରେ ବେନଗାଁରୁ ଲାଞ୍ଜିଗଡ଼ ଦେଇ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି । ରାତିରେ ଏହି ରାସ୍ତାରେ ଯାତାୟାତ କରିବାକୁ ଲୋକେ ଭୟ କରୁଥିବା ଦେଖାଯାଇଛି। ଖବରପାଇ ଲାଞ୍ଜିଗଡ଼ ଜୋନ୍-୨ ଜିଲ୍ଲାପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିବା ବେଳେ ବନବିଭାଗର କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତିର ଯାଞ୍ଚ କରିଛନ୍ତି ।

# ଅଡିଟ୍ ଆପତ୍ତିରେ ବିଡିଓଙ୍କ ନାମରେ ୮୧.୯୯ ଲକ୍ଷ

- କଲମପୁର ବ୍ଲକରେ ୧.୬୩ କୋଟିର ସରଚାର୍ଜ ତଥ୍ୟ
- କାର୍ଯ୍ୟାନୁଷ୍ଠାନ ନଥିବାରୁ ଉଠିଲା ପ୍ରଶ୍ନ; ଭିଜିଲାନ୍ସ ତଦନ୍ତ ଦାବି




**କଳାହାଣ୍ଡି(ଅମୃତ ମିଡିଆ):** କଲମପୁର ପଞ୍ଚାୟତ ସମିତିର ୨୦୨୪-୨୫ ଆର୍ଥିକ ବର୍ଷର ଅଡିଟ୍ ତଥ୍ୟକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଅଡିଟ୍ ତଥ୍ୟରେ କଲମପୁର ପଞ୍ଚାୟତ ସମିତିର ବିଭିନ୍ନ ଅଧିକାରୀଙ୍କ ନାମରେ ମୋଟ ୧ କୋଟି ୬୩ ଲକ୍ଷ ୮୮ ହଜାର ଟଙ୍କା ସରଚାର୍ଜ ରାଶି ଦର୍ଶାଯାଇଛି। ଏଥିରେ କଲମପୁର ବ୍ଲକର ବିଡିଓ ବିଜୟ କୁମାର ମାଡ଼ଙ୍ଗୀଙ୍କ ନାମରେ ସର୍ବାଧିକ ୮୧ ଲକ୍ଷ ୯୯ ହଜାର ଟଙ୍କା ରାଶି ଉଲ୍ଲେଖ ରହିଛି। ତେବେ ଏତେ ବଡ଼ ରାଶି ସମ୍ପର୍କରେ ଅଡିଟ୍ ଆପତ୍ତିର ମୂଳ କାରଣ କ'ଣ ଏବଂ ଏହା ଉପରେ କାହିଁକି ଏପର୍ଯ୍ୟନ୍ତ କୌଣସି ସରଚାର୍ଜ ପ୍ରକ୍ରିୟା କିମ୍ବା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଉପଲବ୍ଧ ସରକାରୀ ତଥ୍ୟ ଅନୁସାରେ, କଲମପୁର ପଞ୍ଚାୟତ ସମିତିର ୨୦୨୪-୨୫ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ପ୍ରସ୍ତୁତ ଓ ଦାଖଲ ହୋଇସାରିଛି। ଅନ୍ୟପକ୍ଷରେ ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ୧୧ ଅଗଷ୍ଟ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନଥିବାରୁ ସେହି ବର୍ଷର ଅଡିଟ୍ ରିପୋର୍ଟ ପ୍ରସ୍ତୁତ ହୋଇନଥିବା ତଥ୍ୟରେ ଉଲ୍ଲେଖ ରହିଛି। ଅଡିଟ୍ ରିପୋର୍ଟରେ 'ସରଚାର୍ଜ' ଅଧୀନରେ ୮ ଜଣଙ୍କ ନାମ ଓ ରାଶି ଦର୍ଶାଯାଇଛି। ତାଲିକାରେ ଡ୍ରାଇଭର ବିଶ୍ୱନାଥ ମାଝୀଙ୍କ ନାମରେ ୧୦ ହଜାର ଟଙ୍କା, ଭାରପ୍ରାପ୍ତ ଜିପିଇଓ ଜିତେନ୍ଦ୍ର କୁମାରଙ୍କ ନାମରେ ୨୧ ଲକ୍ଷ ୧୪ ହଜାର ୫୦୦ ଟଙ୍କା, ପିଇଓ ଦୁଃଶାସନ ନାଏକଙ୍କ ନାମରେ ୮ ଲକ୍ଷ ୮୫ ହଜାର ଟଙ୍କା, ପିଇଓ ବିକାଶ ମୋହନ ମାଝୀଙ୍କ ନାମରେ ୧୫ ଲକ୍ଷ ୬୮ ହଜାର ୫୦୦ ଟଙ୍କା, ପିଇଓ ସୁରେଶ ପୂଜାରୀଙ୍କ ନାମରେ ୧୨ ଲକ୍ଷ ୮୩ ହଜାର ୫୦୦ ଟଙ୍କା ଏବଂ ପିଇଓ ଉମାଶଙ୍କର ସାଙ୍କ ନାମରେ ୯ ଲକ୍ଷ ୮୬ ହଜାର ୫୦୦ ଟଙ୍କା ଦର୍ଶାଯାଇଛି।

ସେହିପରି ପିଇଓ ଲାଲସୁନ୍ଦର ସାବରଙ୍କ ନାମରେ ୧୩ ଲକ୍ଷ ୪୧ ହଜାର ଟଙ୍କା ଏବଂ ବିଡିଓ ବିଜୟ କୁମାର ମାଡ଼ଙ୍ଗୀଙ୍କ ନାମରେ ୮୧ ଲକ୍ଷ ୯୯ ହଜାର ଟଙ୍କା ଦର୍ଶାଯାଇଛି। ସମସ୍ତ ରାଶିକୁ ମିଶାଇ ମୋଟ ୧୬୩.୮୮ ଲକ୍ଷ ଟଙ୍କା, ଅର୍ଥାତ୍ ୧ କୋଟି ୬୩ ଲକ୍ଷ ୮୮ ହଜାର ଟଙ୍କା ହେଉଛି। ଏହି ସମସ୍ତ ରାଶି ଅଡିଟ୍ ରିପୋର୍ଟର ୮.୧ ନମ୍ବର ଅନୁଚ୍ଛେଦ ସହ ସମ୍ପର୍କିତ ବୋଲି ଦସ୍ତାବିଜରେ ଦର୍ଶାଯାଇଛି। କଲମପୁର ପଞ୍ଚାୟତ ସମିତିର ଅଡିଟ୍ ତଥ୍ୟରେ କେତେକ ମାମଲାରେ 'ଅଧିକ ପ୍ରଦାନ' ସମ୍ପର୍କିତ ଆପତ୍ତି ମଧ୍ୟ ଦର୍ଶାଯାଇଛି। ଗୌରୀଶଙ୍କର ମୁଣ୍ଡାଙ୍କ ନାମରେ ଅଧିକ ପ୍ରଦାନ, ସୁମନ୍ତ ଦଣ୍ଡପାଟଙ୍କ ନାମରେ ଦୁଇଟି ଅଲଗା ଆପତ୍ତି ଏବଂ ପିତାମ୍ବର ହେମ୍ବ୍ରମଙ୍କ ନାମରେ ଦୁଇଟି ଅଲଗା ଆପତ୍ତି ଦର୍ଶାଯାଇଛି। ଏହି ମାମଲାଗୁଡ଼ିକରେ ଅଡିଟ୍ ଆପତ୍ତି ଅନୁସାରେ ରାଶି ଆଦାୟ କରିବା ପାଇଁ ପ୍ରକ୍ରିୟା ହୋଇଥିବା ତଥ୍ୟ ଦସ୍ତାବିଜରେ ରହିଛି। ତଥ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ୧୧ ଅଗଷ୍ଟ ୨୦୨୬ ସୁଦ୍ଧା ଅଡିଟ୍ ଆପତ୍ତି ସମ୍ପର୍କରେ ସମ୍ପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଅନୁପାଳନ ରିପୋର୍ଟ କିମ୍ବା ଉତ୍ତର ମିଳିନଥିବା ଦସ୍ତାବିଜରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଆହୁରି ଚମକପ୍ରଦ ତଥ୍ୟ ହେଉଛି, ଅଡିଟ୍ ଆପତ୍ତି ଆଧାରରେ କୌଣସି ସରଚାର୍ଜ ପ୍ରକ୍ରିୟା କିମ୍ବା ଅନ୍ୟ କାର୍ଯ୍ୟାନୁଷ୍ଠାନ ୧୧ ଅଗଷ୍ଟ ସୁଦ୍ଧା ଆରମ୍ଭ ହୋଇନଥିଲା। ସେହିପରି ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ କୌଣସି କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଧ୍ୟ ମିଳିନଥିବା ଦସ୍ତାବିଜରେ ଉଲ୍ଲେଖ ରହିଛି।

# ମୁଣ୍ଡବିହୀନ ମୃତଦେହ ଉଦ୍ଧାର

## ପୋଲିସର ଛାନ୍‌ଭିନ



**ଦେଓଗାଁ(ଅମୃତ ମିଡିଆ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ବଗଡ଼ା ଛକରେ ଚାଞ୍ଚଲ୍ୟ। ପାଣିଟାଙ୍କି ନିକଟ ମୁଡ଼ାରୁ ମୁଣ୍ଡ ବିହୀନ ଅଜଣା ମୃତଦେହ ଉଦ୍ଧାର ହୋଇଛି । ମୃତଦେହ ଦେଖି ସ୍ଥାନୀୟ ଲୋକେ ଦେଓଗାଁ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ତେବେ ମୃତକଙ୍କ ପରିଚୟ ଏଯାଏଁ ମିଳିନାହିଁ । ମୁଣ୍ଡ ନଥିବାରୁ ଘଟଣାକୁ ନେଇ ରହସ୍ୟ ଆହୁରି ଘନୀଭୂତ ହୋଇଛି । ଏହା ହତ୍ୟାକାଣ୍ଡ ନା ଅନ୍ୟ କୌଣସି ଘଟଣା, ସେନେଇ ପୋଲିସ ଛାନଭିନ ଜାରି ରଖିଛି । ମୃତକଙ୍କ ପରିଚୟ ଓ ମୃତ୍ୟୁର କାରଣ ଜଣାପଡ଼ିବା ପରେ ଘଟଣାର ପ୍ରକୃତ ରହସ୍ୟ ଉପରୁ ପରଦା ହଟିବ ।

# ବିଜେଡି ପକ୍ଷରୁ ଶିକ୍ଷା ବଞ୍ଚାଅ ଆନ୍ଦୋଳନ



**ସୁବର୍ଣ୍ଣପୁର(ଅମୃତ ମିଡିଆ):** ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ସୁବର୍ଣ୍ଣପୁର ଠାରେ ଶିକ୍ଷା ବଞ୍ଚାଅ ଆନ୍ଦୋଳନ ପାଇଁ ବିଶାଳ ରାଲି ସହ ବିକ୍ଷୋଭ ପ୍ରଦର୍ଶନ ବ୍ଲକ୍ ଛକ ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା ? । ଶିକ୍ଷା ବଞ୍ଚାଅ ଆନ୍ଦୋଳନରେ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଜିଲ୍ଲାର ଯୁବକ ଓ ଅଗଣିତ ଛାତ୍ର ଯୋଗଦେଇ ଶିକ୍ଷା ଆମର ଅଧିକାର, ଶିକ୍ଷାର ସୁରକ୍ଷା ଆମର ଦାବି ଭଳି ବିଭିନ୍ନ ନାରା ଦେଇଥିଲେ । ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦାବି କରିବାସହ ତୁରନ୍ତ ନୂତନ ଓ ନିର୍ଭୁଲ ବହି ଯୋଗାଣ ତଥା ଅନ୍ୟାନ୍ୟ ଅବ୍ୟବସ୍ଥାର ବିରୁଦ୍ଧରେ ଏକତା ବଦ୍ଧ ଲଢ଼େଇ ଜାରି ରଖିବାକୁ ବଜ୍ର ଶପଥ ନେଇଥିଲେ । ଆଜିର ଏହି ବିକ୍ଷୋଭ ସମାବେଶରେ ସୋନପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁରର ପୂର୍ବତନ ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ରାଜ୍ୟ ଛାତ୍ର ଜନତା ଦଳ ସଭାପତି ଇପ୍ସିତା ସାହୁ, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ଯୁବ ଜନତା ରାଜ୍ୟ ଉପ ସଭାପତି ଶାଶ୍ୱତ ମିଶ୍ର, ଛାତ୍ର ଜନତା ରାଜ୍ୟ ସାଧାରଣ ସମ୍ପାଦକ ଅମୀୟ ରଞ୍ଜନ ଦାଶ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅଭିଷେକ ଶର୍ମା, ବିଜେଡି ଟାଉନ୍ ସଭାପତି ଦେବାଶିଷ ପଟ୍ଟନାୟକ, ବିଜେଡି ରାଜ୍ୟ ସମ୍ପାଦକ ନାରାୟଣ ଲୁହା ତଥା ବିଜେଡ଼ିର ସମସ୍ତ ଛାମୁଆ ସଙ୍ଗଠନର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବର୍ଷିଥିଲେ । ଏହି ଅବସରରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କୁ ପ୍ରଦାନ କରିଥିଲେ । ବିଶାଳ ଶୋଭାଯାତ୍ରା ତଥା ଏହି ରାଲିରେ ହଜାର ହଜାର କର୍ମୀ, ଛାତ୍ରଛାତ୍ରୀ ଓ ସମର୍ଥକ ସ୍ୱତଃ ଯୋଗ ଦେଇଥିଲେ ।

**ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର**

# ମାଗଣାରେ ୩୦୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

- ଯୋଗଦେଲେ ୧୦ରୁ ଅଧିକ ଡାକ୍ତର, ବିଭିନ୍ନ ମହଲରେ ପ୍ରଶଂସା

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ସଦର ଠାରେ ଥିବା ତେରାପନ୍ଥ ଭବନ ଠାରେ ଶ୍ରୀ ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭା ବଙ୍ଗୋମୁଣ୍ଡା ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଶ୍ୱେତାମ୍ବର ତେରାପନ୍ଥ ସଭା ବଙ୍ଗୋମୁଣ୍ଡା ର ସଭାପତି ସୁଶୀଲ କୁମାର ଜୈନ ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗୀର ସିଡିଏମଓ ଡଃ ପୁଷ୍ପାଞ୍ଜଳି ମିଶ୍ର ଯୋଗ ଦେଇ ଏହି ଶିବିର କୁ ଶୁଭ ଉଦଘାଟନ କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର, ବଙ୍ଗୋମୁଣ୍ଡା ଥାନା ଅଧିକାରୀ ସଞ୍ଜୀବ ପ୍ରଧାନ, ଡ଼ଃ ପ୍ରଦ୍ୟୁମ୍ନ କୁମାର ଆଚାର୍ଯ୍ୟ,ଓଡିଶା ସଭା ମନ୍ତ୍ରୀ ତଥା ବଙ୍ଗୋମୁଣ୍ଡା ବ୍ଲକ ଉପାଧକ୍ଷ କେଶବ ନାରାୟଣ ଜୈନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମନ୍ତ୍ରୀ ବିକାଶ ଜୈନ ସଭା କୁ ପରିଚାଳନା କରିଥିଲେ। ଏହି ମାଗଣା ଚିକିତ୍ସା ଶିବିର ରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡଃ ପ୍ରଜ୍ଞାପରିମିତା କଲସାଇ,ଡ଼ଃ ଭବାନୀଶଙ୍କର ମହାନ୍ତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡଃ ହେମନ୍ତ କୁମାର ବାମିଡ଼ି, ମେଡ଼ିସିନ ବିଶେଷଜ୍ଞ ଡ଼ଃ ଶାନ୍ତନୁ କୁମାର ରାଉତ,ଦନ୍ତ ସର୍ଜନ ଡଃ ସଚ୍ଚିଦାନନ୍ଦ ମେହେର,ଆଖି ବିଶେଷଜ୍ଞ ଆଶିଷ କୁମାର ବିଶ୍ୱାଳ, ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ମେଡିକାଲ ଇଂନଚାର୍ଜ ଡ଼ଃ ଜୟନ୍ତ କୁମାର ବାଗ, ବଙ୍ଗୋମୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଇଂନଚାର୍ଜ ପ୍ରାଣବନ୍ଧୁ ଜଗଦଲା,ଡ଼ଃ ସନ୍ଦୀପ କୁମାର ଜେନା, ଡଃ ଅମିର ମେହେର, ଡ଼ଃ ଜିଜ୍ଞାସା ବେହେରା, ଡ଼ଃ ପ୍ରିୟଦର୍ଶିନୀ ସାହୁ ଙ୍କ ସହ ବହୁ ବିଶେଷଜ୍ଞ ଡାକ୍ତର ମାନେ ଯୋଗ ଦେଇ ରୋଗୀ ମାନଙ୍କୁ ଚିକିତ୍ସା କରିଛନ୍ତି । ଏଥିରେ ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳ ର ପ୍ରାୟ ୩ ଶହ ରୁ ଅଧିକ ରୋଗୀ ଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ରେ ମଧ ଔଷଧ ବଣ୍ଟନ କରିଥିଲେ ।ତତ୍ ସହିତ ଆଖି ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଛି । ଏଥିରେ ମୋହିତ ଜୈନ, ଗଣେଶ ପ୍ରସାଦ ଜୈନ,ଚନ୍ଦ୍ର ପ୍ରକାଶ ଜୈନ, ଅଶୋକ କୁମାର




ଜୈନ, ରୁପେଶ କୁମାର ଜୈନ, ମୁକେଶ ଜୈନ, ନିଖିଳ ଜୈନ, ପବନ ଜୈନ, ସାହିଲ ଜୈନ, ଗୌତମ ଜୈନ, ସଂଗମ ଜୈନ ପ୍ରମୁଖ ଙ୍କ ସହ ଶ୍ୱେତାମ୍ବର ତେରାପନ୍ଥ ସଭା ବଙ୍ଗୋମୁଣ୍ଡା ର ସମସ୍ତ ସଦସ୍ୟ ସଦସ୍ୟା ମାନେ ସହଯୋଗ କରିଥିଲେ । ଶ୍ୱେତାମ୍ବର ତେରାପନ୍ଥ ସଭା ବଙ୍ଗୋମୁଣ୍ଡା ପକ୍ଷରୁ କରାଯାଇଥିବା ମାଗଣା ସ୍ୱାସ୍ଥ୍ୟ ଶିବିର କୁ ବିଭିନ୍ନ ମହଲ ରେ ପ୍ରସଂଶା କରାଯାଇଛି ।

# ସ୍ୱିପର, ସିକ୍ୟୁରିଟି ଗାର୍ଡ ନିଯୁକ୍ତି ନାଁରେ ଯୁବକଙ୍କୁ ଶୋଷଣ

## ଏଜେନ୍ସୀ ଦଲାଲଙ୍କ ଉପରେ ଉଠିଲା ପ୍ରଶ୍ନ

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ବେକାର ଯୁବକଙ୍କ ଚାକିରି ଆଶାକୁ ପୁଞ୍ଜି କରି ଟଙ୍କା ଆଦାୟ କରିବା ଏହା କେବଳ ଅନୈତିକ ନୁହେଁ, ଆଇନଗତ ଭାବେ ମଧ୍ୟ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି । ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସ୍ୱିପର, ସିକ୍ୟୁରିଟି ଗାର୍ଡ ଓ ଅନ୍ୟାନ୍ୟ ପଦରେ ଚାକିରି ଦେବାର ପ୍ରଲୋଭନ ଦେଖାଇ ଜଣ ପିଛା ୪୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଆଦାୟ କରାଯାଉଥିବା ନେଇ ଅଭିଯୋଗ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ ଭଳି ବିଭିନ୍ନ ସେବା ପାଇଁ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ହେଉଥିବାର ସୁଯୋଗ ନେଇ କିଛି ଏଜେନ୍ସି ଓ ସେମାନଙ୍କ ସହ ସଂପୃକ୍ତ ଥିବା କଥିତ ଏଜେଣ୍ଟମାନେ ବେକାର ଯୁବକଙ୍କୁ ଟାର୍ଗେଟ କରୁଥିବା ଅଭିଯୋଗ ହୋଇଛି । 'ଟଙ୍କା ଦିଅ, ଚାକିରି ନିଅ' ଭଳି ଅଭିଯୋଗ ଯଦି ସତ ହୁଏ, ତେବେ ଏହା ଚାକିରି ଖୋଜୁଥିବା ଗରିବ ପରିବାରର ଆଶା ଓ ଅସହାୟତା ସହ ଖେଳିବା ସଦୃଶ। ଅଭିଯୋଗ ଅନୁଯାୟୀ, ହରିଶଙ୍କର ମନ୍ଦିର ପରିସର, ଖପ୍ରାଖୋଲ ସରକାରୀ ଡାକ୍ତରଖାନା ଏବଂ ନୂତନ ବସଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଏପରି କର୍ମଚାରୀ ନିୟୋଜିତ ହେଉଛନ୍ତି। ଚାକିରି ପାଇବା ଆଶାରେ ଯୁବକମାନେ ଧାରକରଜ କରି କିମ୍ବା ପରିବାରର ସଞ୍ଚିତ ଟଙ୍କା ଦେଇଥିବା କୁହାଯାଉଛି। କାହାକୁ କାମ ମିଳୁଛି, ଆଉ କାହାର ଟଙ୍କା ନେଇ ମାସ ମାସ ଧରି ଟାଳଟୁଳ କରାଯାଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି ଟଙ୍କା ଫେରସ୍ତ ମାଗିଲେ କିଛି ଯୁବକଙ୍କୁ ଧମକ ଦିଆଯାଉଥିବା ଏବଂ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଯାଉଥିବା ଚର୍ଚ୍ଚା ହେଉଛି। ଯଦି ଏହି ଅଭିଯୋଗରେ ସତ୍ୟତା ରହିଛି, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ—ଚାକିରି ଦେବା ନାଁରେ ଟଙ୍କା ନେବାକୁ କିଏ ଅନୁମତି ଦେଲା? ଏଜେନ୍ସିର ଦାୟିତ୍ୱ କେଉଁଠି? ଏବଂ ନିଯୁକ୍ତି ପ୍ରକ୍ରିୟାକୁ କିଏ ନିରୀକ୍ଷଣ କରୁଛି ? ଏହି ଘଟଣାରେ ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ନିରୀହ ବେକାର ଯୁବକମାନଙ୍କଠାରୁ ଚାକିରି ଦେବା ନାଁରେ ଟଙ୍କା ଆଦାୟ କରୁଥିବା କଥିତ ଏଜେଣ୍ଟମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ଖପ୍ରାଖୋଲ ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଯଦି ଏହି ଚର୍ଚ୍ଚାରେ ସତ୍ୟତା ରହିଛି, ତେବେ ସରକାରୀ ଡାକ୍ତରଖାନା ଭଳି ଏକ ସମ୍ବେଦନଶୀଳ ସ୍ଥାନରେ କାର୍ଯ୍ୟରତ ବ୍ୟକ୍ତିମାନେ ନିଯୁକ୍ତି ନାଁରେ ଟଙ୍କା ଆଦାୟ କରିବା ଅତ୍ୟନ୍ତ ଗମ୍ଭୀର ବିଷୟ। ଏହା ସହ କିଛି ଦଳୀୟ କର୍ମୀ ମଧ୍ୟ ଯୁବକଙ୍କୁ ଚାକିରିର ଲୋଭ ଦେଖାଇ ଏଜେଣ୍ଟ ଭଳି କାମ କରୁଥିବା ନେଇ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ ଏହି ଅଭିଯୋଗର ସତ୍ୟତା କଣ, କେତେ ଟଙ୍କା କାହାଠାରୁ ଆଦାୟ ହୋଇଛି, କେଉଁ ଏଜେନ୍ସିର ନିର୍ଦ୍ଦେଶରେ ଏହା ହୋଇଛି ଏବଂ ଏଥିରେ କାହାର ସଂପୃକ୍ତି ରହିଛି ତାହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ବେକାର ଯୁବକଙ୍କ ଦୁର୍ବଳତାକୁ ବ୍ୟବସାୟରେ ପରିଣତ କରିବା ଚାଲିଲେ ଏହା କେବଳ କିଛି ଲୋକଙ୍କ ଠକେଇରେ ସୀମିତ ରହିବ ନାହିଁ; ଏହା ନିଯୁକ୍ତି ବ୍ୟବସ୍ଥା ଉପରେ ମଧ୍ୟ ଲୋକଙ୍କ ବିଶ୍ୱାସକୁ ନଷ୍ଟ କରିବ। ତେଣୁ ଅଭିଯୋଗଗୁଡ଼ିକର ତୁରନ୍ତ ତଦନ୍ତ କରି ଚାକିରି ନାଁରେ ଟଙ୍କା ଆଦାୟ କରୁଥିବା କଥିତ ଦଲାଲ ଚକ୍ରକୁ ଚିହ୍ନଟ କରିବା ସହ ଦୋଷୀ ପ୍ରମାଣିତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି। ଗରିବର ଟଙ୍କାରେ ଚାକିରିର ବଜାର ଏହା ନିଯୁକ୍ତି ନୁହେଁ, ଯଦି ଅଭିଯୋଗ ସତ ହୁଏ ତେବେ ଏହା ଯୁବକଙ୍କ ସ୍ୱପ୍ନ ସହ ଖେଳ। ଏବେ ଦେଖିବାକୁ ବାକି ରହିଲା, ପ୍ରଶାସନ ଏହି ଅଭିଯୋଗକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବ ନା ଚୁପଚାପ ରହିବ ।

# ନିରୀହ ଆଦିବାସୀ ଯୁବକର ୧ ଲକ୍ଷ ୨୦ହଜାର ଟଙ୍କା ଖାଇଗଲେ କେନ୍ଦୁଝର ଝିଅ



**ନବରଙ୍ଗପୁର(ଅମୃତ ମିଡିଆ):** ସୂଚନା ପ୍ରକାରେ ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅନ୍ତର୍ଗତ ମେଣ୍ଡରା ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ୨୦୨୩/ ୨୪ମସିହାରେ କାଜୁ ଗଛ ଲଗା ଯାଇଥିଲା। ଏହି କାର୍ଯ୍ୟରେ ନିଅଯିତ ଥିବା ଜଣେ ନିରୀହ ଆଦିବାସୀ ଯୁବକ ପଗନୁ ଭତ୍ରାର ଲେବର ପଇସାକୁ କେନ୍ଦୁଝର ଜିଲ୍ଲା ରିମୁଳି ଗ୍ରାମର ଯୁବତୀ ପ୍ରିୟଙ୍କା ସେଠି ନିଜ ନାରେ ଏୟାରଟେଲ ପେମେଣ୍ଟ ବ୍ୟାଙ୍କରେ ଖାତା ଖାଲି ସବୁ ପଇସା ନେଇ ଯାଇଛନ୍ତି। ମୋଟ ପଇସା ୧ ଲକ୍ଷ ୨୦ହଜାର ଟଙ୍କା ବାରମ୍ବାର ତାଙ୍କୁ ଟଙ୍କା ଫେରାଇବା ପାଇଁ ଆଦିବାସୀ ଯୁବକ କହିଲେ ମଧ ଟଙ୍କା ଫେରାଉ ନଥିଲେ । ଏହି ଘଟଣା ବିଷୟରେ ସେ ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଅଭିଯୋଗ କରିବେ ବଳି ସୂଚନା ମିଳିଛି। ଏହା ସହ ଯେଉଁ ଯୁବତୀ ଟଙ୍କା ନେଇଛି ତାର ଭିଜିଲେନ ତଦନ୍ତ ହେବା ସହ ସାଇବର ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯାଉ ବୋଲି ସରକାରଙ୍କୁ ନିବେଦନ କରିଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା ସାଇବର ପୋଲିସ ଏହି ଘଟଣାର କିଭଳି ତଦନ୍ତ କରୁଛି।

## ସମ୍ପାଦକୀୟ...

# ଅବାନ୍ତର ଆଳାପ

କେତେବେଳେ ଆମେରିକା କ'ଣ କହୁଛି..ସେ ନିଜେ ବି ଜାଣିପାରୁନି । ଏଭଳି ସ୍ଥିତିରେ ଆମେରିକାକୁ କ'ଣ କୁହାଯାଇପାରେ। ଡୋନାଲ୍ଡ ଟ୍ରମ୍ପ ଯେ କି ଆମେରିକାର ସର୍ବୋଚ୍ଚ ଶସକ ଏବେ ତାଙ୍କର କଥାଗୁଡ଼ାକ ପ୍ରାୟ ସମୟରେ ସେ କିଛି ନା କିଛି ଭ୍ରମାତ୍ମକ ମନ୍ତବ୍ୟ ପ୍ରଦାନ କରୁଛନ୍ତି ଯାହା ପଛରେ ନା କୌଣସି ଇତିହାସ ରହିଛି ନା କୌଣସି ଭୁଗୋଳ। ତଥାପି ସେ କିନ୍ତୁ ତାଙ୍କର ସେଭଳି ବୟାନବାଜିରୁ କେବେ ବି ବିରତ ରହୁନାହାଁନ୍ତି । ସେମିତି ଓଲଟା ପାଲଟା କଥା କହି ଚାଲିଛନ୍ତି ମଝିରେ ମଝିରେ। ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା। କାରଣ ଆମେରିକା ସର୍ବାଧିକ ଧନଶାଳୀ ଅବା ପ୍ରଭାବଶାଳୀ ରାଷ୍ଟ୍ରର ଏମିତି ଅବାନ୍ତର ସିତି ସେ ଦେଶ ପାଇଁ ଆଗାମୀ ସମୟରେ କିଛି ନା କିଛି ବଡ଼ଧରଣର ବିପଦକୁ ଆମନ୍ତ୍ରଣ କରିପାରେ ଅବା ସେଭଳି କିଛି ଅଜଣା ବିପଦକୁ ଜନ୍ମ ଦେଇପାରେ। ଟିକିଏ ପୂର୍ବରୁ ଯେଉଁ ଆଶଙ୍କା ବିଷୟରେ କୁହାଯାଉଥିଲା, ସେମିତି କିଛି ଅଜଣା ଆଶଙ୍କା। ତେବେ ପାଠକ ଅବା ସମୀକ୍ଷକ ନିଜେ ମଧ୍ୟ ସେହିଭଳି କିଛି ଅଜ୍ଞାତ ସମସ୍ୟା ମଧ୍ୟରେ ଫସିଯିବାର ଆଶଙ୍କା ରହିଛି। କାରଣ ଆମେରିକା ଭଳି ବିଶ୍ୱର ୧ନମ୍ବର ଯଦି ସେହିଭଳି କିଛି ଦୁଇନମ୍ବର କାମକରି କିଛି ବିପଦ ମଧ୍ୟକୁ ଠେଲି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇପାରୁଛି। ଏ ସବୁ ପଛରେ କାରଣ ହେଉଛି ଆମେରିକାର ଇରାନ୍ ପ୍ରତି ଅତି ଆକ୍ରମଣାତ୍ମକ ମନୋଭାବ। ଯାହାପଛର କାରଣ ହେଉଛି ଆମେରିକାର ଦୁଇ ନମ୍ବର ମନୋଭାବ। ଏଣୁ ଦୁଇନମ୍ବର ମନୋଭାବଧାରୀ ଗୋଟାଏ ଦେଶ କେବେ ଏକନମ୍ବର ହୋଇନପାରେ। ଅତି ଭଲଭାବେ ସମୀକ୍ଷା କରାଗଲେ ଏ କଥା ନିଶ୍ଚିତ ଯେ ଆମେରିକାର ଇରାନ ପ୍ରତି ଏପରି ଏକ ଆକ୍ରମଣାତ୍ମକ ମନୋଭାବ କେବେ ବି ଠିକ୍ ନୁହେଁ। ଖାଲି ଠିକ୍ ନୁହେଁ କହିଲେ ଚଳିବ ନାହିଁ, ଅତି ଭୁଲ୍ ବୋଲି କହିଲେ କିଛି ବି ଦ୍ୱିରୁକ୍ତି ହେବନାହିଁ। ଏତେ ବଡ଼ ଭୁଲ କେବେ କି କରିପାରେ ଆମେରିକା ? ଏବେ ତ ହର୍ମୁଜକୁ ବି ନିଜର ବୋଲି ଦାବି କରୁଛି ଆମେରିକା। ହର୍ମୁଜ୍ ହେଉଛି ଏକ ଅନ୍ତର୍ଜାତୀୟ ଜଳ ପ୍ରଣାଳୀ । ୱାଟର୍ ଚାନେଲ୍ ଯାହା ମଧ୍ୟଦେଇ ବିଶ୍ୱର ବିଭିନ୍ନ ଦେଶକୁ ଆଶୋଧିତ ତୈଳ ଯୋଗାଣ ହୋଇଥାଏ। ସେଭଳି ଏକ ଅନ୍ତର୍ଜାତୀୟ ପ୍ରଣାଳୀକୁ ଆମେରିକା ଏବେ ତା'ର ନିଜର ବୋଲି ଦାବି କରୁଛି। ଯାହା କି ଅତି ଅବାନ୍ତର ଏବଂ ଅତି ଅନାବାଶ୍ୟକ । ସତରେ କେତେ ଅମାନିଆ ଦେଶଟା ଆମେରିକା। ସତରେ କେତେ ଅବୁଝା ଆମେରିକା। ଏମିତି ଅମାନିଆ ଏବଂ ଅବୁଝା ଦେଶ ଯାହା ପଛରେ ଏମିତି ବି ଗୋଟାଏ କାରଣ ହୋଇପାରେ ଯେ ଆମେରିକା ନିଶ୍ଚିତରୂପେ କିଛି ଗୋଟାଏ ଅଜଣା ଆଶଙ୍କା ମଧ୍ୟଦେଇ ଗତି କରୁଛି। ଯାହାକୁ ସେ ନା ପ୍ରକାଶ କରିପାରୁଛି ନା ଯାହାକୁ ସେ ଲୁଚାଇ ରଖିପାରୁଛି। ଏଥିରୁ ଗୋଟାଏ କଥା ଅତି ସ୍ପଷ୍ଟ ଯେ ଆମେରିକା ଅତି ହେଉଛି। ଏଭଳି ଅତି ଶବ୍ଦ କେବଳ ସେତିକିବେଳେ ବ୍ୟବହାର କରାଯାଏ ଯେତେବେଳେ ଯେ କେହି ବି ଅତି ଉଦ୍ଧତ ହୋଇଯାଏ। ଯେତେବେଳେ ଜଣକର ଔଦ୍ଧତାମୀ ଏଭଳି ସ୍ତରକୁ ଚାଲିଯାଏ ଯାହାକି ଥଳକୂଳ କିଛି ମାନେନି, ଭଲମନ୍ଦ କିଛି ମାନେନି; ସେଭଳି ପରିସ୍ଥିତିରେ ଖୋଦ୍ ତାହାପ୍ରତି ବି ସେହିଭଳି ବିପଦ ସୃଷ୍ଟିହୁଏ। ଅତଏବ ଖୋଦ୍ ଆମେରିକା ବି ଫସିଯିବ ସମସ୍ୟାଘେରରେ ଯାହା କି କୌଣସି ବି ମୁହୂର୍ତ୍ତରେ ଆମେରିକାକୁ ବିପଦଘେରକୁ ଟାଣିନେଇପାରେ। କାରଣ ଆମେରିକାର ବି ରହିଯାଉଛି ଅନେକ ତ୍ରୁଟି ବିଚ୍ୟୁତି। ଯାହାକୁ ସେ ଏବେ କେବେ ବି ବୁଝିପାରୁନି। ହେଲେ ଆଗକୁ ଆମେରିକା ପାଇଁ ସ୍ଥିତି ଦିନକୁ ଦିନ ଅଧିକ ଜଟିଳ ହୋଇପାରେ। କାରଣ ଆମେରିକା ଅନେକ ସମୟରେ ଭାରତ ବିରୋଧରେ ନାନାଦି ଅବାନ୍ତର ମନ୍ତବ୍ୟମାନ ପ୍ରଦାନ କରି ଆସୁଛି । କେତେବେଳେ କାଶ୍ମୀର ପ୍ରସଙ୍ଗ ନେଇ ତ ଆଉ କେତେବେଳେ ଭାରତର କିଛି ଆଭ୍ୟନ୍ତରୀଣ ପ୍ରସଙ୍ଗ ନେଇ ଆମେରିକା ଅନେକ ସମୟରେ ଅତି ଅଯୌକ୍ତିକ ଏବଂ ଅମୂଳକ ମନ୍ତବ୍ୟ ପ୍ରଦାନ କରୁଛି ଯାହାକୁ ନେଇ ଭାରତ କିନ୍ତୁ ନୀରବତା ଅବଲମ୍ବନ କଲା ପରେ ବି ଚୁପ୍ ରହୁନି ଆମେରିକା। ଭାରତର ବି କିଛିଟା ଦୁର୍ବଳତା ରହୁଛି। ସେଥିପାଇଁ ସେ ବି ଚୁପ୍ । ସେଥିପାଇଁ ଅତି ଭଡ଼ ଭଡ଼ ହେଉଛି ଆମେରିକା ଯାହା ପ୍ରତି ଭାରତ ସେମିତି କିଛି ପରୱା କରିବା ଉଚିତ୍ ନୁହେଁ।

## ଜ୍ଞାନାମୃତ

# ସଫଳ ଛାତ୍ର

ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

# ଗାଁ ଗାଁରେ ମଦର ବନ୍ୟା



**କାଳୀ ଦାସ**

ମଦ ଆମ ସମାଜ ପାଇଁ ବଡ ବିପଦ ଯେଉଁଥି ପାଇଁ ବିଭିର୍ନ୍ନ ସମୟରେ ଭିନ୍ନ ଭିନ୍ନ ସ୍ଥାନରେ ଏହା ବିରୋଧରେ ସ୍ୱର ଉତ୍ତୋଳନ ହୋଇଛି ଏବଂ ପ୍ରତିବାଦ ମଧ୍ୟ କରାଯାଇଛି । ମଦ ଜନିତ ସମସ୍ୟା ଅନେକ ଥର ଦେଖିବା କୁ ମିଳୁଛି। ମଦ ପିଉଥିବା ବ୍ୟକ୍ତି ମାନେ ନିଶାସକ୍ତ ହୋଇ ସାଧାରଣ ଲୋକଙ୍କ ପାଇଁ , ଘରେ ରହିଥିବା ମହିଳାଙ୍କ ପାଇଁ ଏବଂ ସ୍କୁଲ ଯାଉଥିବା ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ସାମସ୍ୟା ସୃଷ୍ଟି କରୁଛନ୍ତି । ମଦ ଯୋଗୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ରେଭିନ୍ୟୁ ମିଳୁଛି ଯାହା ଲାଗି ରାଜ୍ୟ ଏବଂ କେନ୍ଦ୍ର ସରକାର ଗାଁ ଏବଂ ସହରରେ ,ମଦ ଦୋକାନ ଖୋଲି ଦେଇଛନ୍ତି ।ନାବାଳକ ଏବଂ ନାବାଳିକା ମାନେ ମଧ୍ୟ ମଦ ପିଇବା ଦେଖିବା କୁ ମିଳୁଛି ।ମଦ କୁ ବନ୍ଦ କରିବାପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆଗକୁ ଆସିବା କଥା କିନ୍ତୁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ମଦ କୁ ବନ୍ଦ କରିବାପାଇଁ କୌଣସି ପ୍ରକାର ପଦକ୍ଷେପ ଏବ ଯାଏଁ ନେଇ ନାହାନ୍ତି । କୋରୋନା ସମୟ ରେ ଦିଲ୍ଲୀସରକାର ମଦ ଦୋକାନ କୁ ଠେକା ଦେବା ଖବର ବିଭିର୍ନ୍ନ ଗଣମାଧ୍ୟମରେ ଆସିଥିଲା ।କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ଉପରେ ସିବିଆଇ ତଦନ୍ତ ଲଗାଇଲେ । ଦିଲ୍ଲୀର ଉପାମୁଖ୍ୟମନ୍ତ୍ରୀ ମନିଷ ସିସୋଦିୟାଙ୍କ ଉପରେ ଭ୍ରଷ୍ଟାଚାରର ଆରୋପ ଲଗାଗଲା ଏବଂ ତାଙ୍କୁ ବିଜେପିର କର୍ମୀ ମାନେ ଚୋର ଏବଂ ଭ୍ରଷ୍ଟାଚାରୀ କହି ଗଣମାଧ୍ୟମରେ ଗାଳି ଗୁଲଜ ଏବଂ ଆକ୍ଷେପ ମଧ୍ୟ କଲେ କିନ୍ତୁ ମନିଷ ସିସୋଦିୟାଙ୍କ ବିରୋଧ ରେ କିଛି ହେଲେ ପ୍ରମାଣ ସିବିଆଇ ପକ୍ଷରୁ ଦିଆଯାଇପାରିଲାନାହି । ଭ୍ରଷ୍ଟାଚାର ଅଭିଯୋଗ ଆଣି ବିଜେପି ଏବଂ କଂଗ୍ରେସ ଦିଲ୍ଲୀ ସରକାରଙ୍କୁ ଘେରିଲେ କିନ୍ତୁ ଦୁଇଟି ଜାତୀୟ ଦଳ ଦିଲ୍ଲୀ ସରକାରଙ୍କ ଭ୍ରଷ୍ଟାଚାର କୁ ଦର୍ଶାଇ ପାରିନଥିଲେ । ମଦ, କେଉଁ ଆଦିମ କାଳ ରୁ ସମାଜ ରେ ପ୍ରଚଳନ ହୋଇ ଚାଲିଛି । ରାଜା ମାହାରାଜ ଠାରୁ ସାଧାରଣ ଜନତା ଯାଏଁ ଲୋକ ଏହାର ଗୋଲାମ ହୋଇଛନ୍ତି । କେତେ ପରିବାର ନଷ୍ଟ ହୋଇଛି ତଥାପି ସମାଜ କୁ ଆମେ ମଦ ମୁକ୍ତ କରିପାରି ନାହୁଁ। ମଦ ନିଶା ରେ ଅନେକ ସମୟରେ ଗାଡି ଚାଳକ ମାନେ ଦୁର୍ଘଟଣା କରିଛନ୍ତି । ମଦ ନ ପିଥିବା ଲୋକମାନେ ମଧ୍ୟ ଏହାର ଶିକାର ହୋଇଛନ୍ତି । ସରକାର ଏମିତି ଅନେକ ଘଟଣା ଘଟିବା ପରେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି । ସ୍ୱରମ ୧୮୫ motor vehicle ACT ୧୯୮୮ ରେ ଦର୍ଶାଇ ଦିଆଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିଶାସକ୍ତ ହୋଇ ଗାଡିଚଲାଇବେ ତାହାହେଲେ ଏହାକୁ ଏକ ଦଣ୍ଡନୀୟ ଅପରାଧ ବୋଲି ଧରାଯିବ ଏବଂ ସେଥିପାଇଁ ସେହି ବ୍ୟକ୍ତିଙ୍କୁ ୬ ମାସ କାରାଦଣ୍ଡ ବା ଜୋରିମାନା ଦେବାକୁ ପଡିବ।

ଅନେକ ସମୟରେ ଗୃହ କଳହର ମୁଖ୍ୟ କାରଣ ହୋଇଥାଏ ମଦ । ନିଶାସକ୍ତ ମଣିଷ ନିଜ ସ୍ତ୍ରୀ ଓ ଛୁଆ ମାନଙ୍କୁ ବିଭିର୍ନ୍ନ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଥାନ୍ତି । ସେଥିପାଇଁ ମହିଳା ମାନେ ଏକାଠି ହୋଇ ମଦ ବିରୋଧରେ ଆନ୍ଦୋଳନ କରିଛନ୍ତି ।୪ ଜାନୁୟାରୀ ୨୦୧୯ ବିହାର ରେ ମହିଳା ମାନେ ଏକାଠି ହୋଇ ମଦ ବିରୋଧ ରେ ଆନ୍ଦୋଳନ କରିଥିଲେ । ଆନ୍ଧ୍ର ପ୍ରଦେଶ ରେ ମହିଳା ମାନେ ଏକାଠି ହୋଇ ଏନ୍ଟି ଆରକ ଆନ୍ଦୋଳନ କରିଥିଲେ । ଏହା ଏକ ମହିଳାଙ୍କ ଦ୍ୱାରା ଆନ୍ଧ୍ର ସରକାରଙ୍କ ବିରୋଧ ରେ ଏକ ବିରାଟ ଆନ୍ଦୋଳନ ଥିଲା । ଏହି ଆନ୍ଦୋଳନ ୨୦୦୦ ମସିହାରେ ହୋଇଥିଲା । ମହିଳା ମାନେ ଆନ୍ଧ୍ର ପ୍ରଦେଶ କୁ ମଦ ମୁକ୍ତ କରିବା ପାଇଁ ଚାହିଁଥିଲେ । ଭାରତର ବିହାର,ଗୁଜରାଟ, ନାଗାଲେଣ୍ଡ ଏବଂ ମିଜୋରାମ କୁ ମଦ ମୁକ୍ତ ରାଜ୍ୟ କୁହାଯାଏ । କେନ୍ଦ୍ର ଶାସିତ ଲାକ୍ଷାଦୀପ ମଧ୍ୟ ମଦ ମୁକ୍ତ ରାଜ୍ୟ କିନ୍ତୁ ଏହି ରାଜ୍ୟ ଗୁଡିକ ରେ ବେଳେ ବେଳେ ଲୁଚା ଛପା ରେ ମଦ ବିକ୍ରି ହୋଇଥାଏ , ଯେହେତୁ ଏହି ରାଜ୍ୟ ଗୁଡିକ ରେ ମଦ ବେଆଇନ ଅଛି ତେଣୁ ଅନେକ ସମୟରେ ଲୋକ ମାନେ ଚୋରାଚାଲନ ହୋଇଥିବା ମଦ ପି ମୃତ୍ୟୁର ଶିକାର ହୋଇଥାନ୍ତି ।ନିକଟରେ ଗୁଜରାଟ ର ବଟାଡ ରେ ବିଷାକ୍ତ ମଦ ପି ୪୨ ଲୋକଙ୍କ ମୃତ୍ୟୁ ହେଇଥିଲା ଏବଂ ୯୭ ଜଣ ଲୋକ ଚିକିତ୍ସାଧୀନ ଥିଲେ ।

ଇଣ୍ଡିଆ ଏଗେନଷ୍ଟ କରପସନର ସଭ୍ୟ ଆନ୍ନା ହଜାରେ ନିଜ ଜନ୍ମ ସ୍ଥାନ ରେଲେଗାଁସିଦ୍ଧି କୁ ମଦ ମୁକ୍ତ କରିଛନ୍ତି ।ସେଥିପାଇଁ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡିଥିଲା , ଗାଁର ଲୋକ ଗରିବ , ତା ସହିତ ଯେତେବେଳେ ସେମାନଙ୍କ ପାଖରେ ଅଳ୍ପ ପଇସା ଆସୁଥିଲା ତାକୁ ସେମାନେ ମଦରେ ଖର୍ଚ୍ଚ କରୁଥିଲେ ଏବଂ ଘରର ସ୍ତ୍ରୀ ଏବଂ ଶିଶୁ ଉପରେ ଅତ୍ୟାଚାର କରୁଥିଲେ ।

ଆଜି କ୍ଷୀର ଯେତେ ସହଜରେ ମିଳୁନି ସେତେ ସହଜ ରେ ମଦ ମିଳୁଛି । ଜମାଟୋ ଓ ସୁଗି ଅଡର କରି ଲୋକ ଘରେ ବସି ମଦ ପାଇ ଯାଉଛନ୍ତି । ମଦ୍ୟ ପାନ କିମ୍ବା ମଦ ପିଇବା କୁ ସାମାଜିକ ସ୍ତର ରେ ବହିସ୍କାର କରାଯିବା କଥା କାରଣ ଏହା ଆମ ର ସାମାଜିକ ମୂଲ୍ୟ ବୋଧ କୁ କ୍ଷୁର୍ଣ୍ଣ କରୁଛି ।

କୋରୋନା ସମୟରେ ଆମେ ଆମର ଅନେକ ଆତ୍ମୀୟଙ୍କୁ ହରାଇଛୁ ।ଦେଶର ଆର୍ଥନୀତି ବ୍ୟକ୍ତି ବିଶେଷର ଆର୍ଥନୀତି ନିଶ୍ଚିତ ଭାବରେ ଦୁର୍ବଳ। ଦୁଇ ବର୍ଷ କୋରୋନାର ଆକ୍ରମଣ ପରେ ଆମେ ସଂଘର୍ଷ କରୁଛେ ଜୀବନ କୁ ସଜାଡି ବା ପାଇଁ ସେତେବେଳେ ଆମ ରାସ୍ତାରେ ନିଶା ନ ଆସିବା କଥା ।

ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମ ରେ ଏହା ସଫଳ ହୋଇପାରିବ। ଓଡିଶାର ମୋନା (ମିଳିତ ଓଡିଶା ନିଶା ନିବାରଣ ଅଭିଯାନ)ଗଡଂଘଇ ସଂଗଠନ ତରଫ ରୁ ମଦ ବନ୍ଦ କରିବା ପାଇଁ ଯେଉଁ ଅଭିଯାନ ଚାଲି ଥିଲା ସେତେବେଳେ ପୋଲିସ ଓ ପ୍ରଶାସନ ମିଶି ମୋନା କର୍ମୀଙ୍କୁ ମାଡ଼ ମାରି ଥିଲେ ଓ ସେମାନଙ୍କୁ ଗିରଫ କରିଥିଲେ, ଏହା ଦ୍ୱାରା ମଦ ବ୍ୟବସାୟୀଙ୍କ ମନବଳ ବଢିଥିଲା। ସରକାରଙ୍କ କର୍ତ୍ତବ୍ୟ ସାଧାରଣ ଜନତାଙ୍କ ସୁଖ ଓ ସମୃଦ୍ଧି ଦେଖିବା। ମଦ ଆମକୁ ନା ସୁଖ ନା ସମୃଦ୍ଧି ଦେଇପାରୁଛି ।ତେଣୁ ସରକାର ମଦ ଦୋକାନ ଖୋଲିବା ପରିବର୍ତ୍ତେ ରିହେବିଟେଶନ ସେଣ୍ଟର ଖୋଲି ଯେଉଁ ମାନେ ମଦ ଛାଡିପାରୁନାହାନ୍ତି ସେମାନଙ୍କ ଚିକତ୍ସା ଯଦି କରନ୍ତେ ତାହେଲେ ଆମେ ଏକ ସୁସ୍ଥ ସମାଜର ପରିକଳ୍ପନା କରିପାରେନ୍ତେ ।

ବ୍ରହ୍ମପୁର
ଖୋଡାସିଙ୍ଗ, କଳିଙ୍ଗନଗର,
ଫୋନ ନମ୍ବର -
୭୨୦୫୧୦୦୮୩୯

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଦର୍ଶ ଆଚରଣବିଧି



**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଉଚ୍ଚ ଶିକ୍ଷା କ୍ଷେତ୍ରକୁ ବିଶେଷ ଓ ବ୍ୟାପକ ଗୁରୁତ୍ୱ ଦେଇଛି। ପର୍ଯ୍ୟାପ୍ତ ବଜେଟ ସହିତ ଅନେକ ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ନୈତିକ ମୂଲ୍ୟବୋଧ ନିମିତ୍ତ ଆଦର୍ଶ ଆଚରଣ ବିଧି ବ୍ୟବସ୍ଥା ସମ୍ପର୍କରେଯୋଜନା ହୋଇଛି। ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମହାନ ଗୁରୁ-ଶିଷ୍ୟ, ଶିକ୍ଷକ ଛାତ୍ର ସମ୍ପର୍କର ପରିବର୍ତ୍ତିତ ରୂପରେଖ ଓ ସାମାଜିକ ପରିବେଶକୁ ଦୃଷ୍ଟିରେ ରଖି ଶୃଙ୍ଖଳା, ପାରସ୍ପରିକ ସମ୍ମାନ, ଶୈକ୍ଷିକ ସାଧୁତା ଓ ଶିକ୍ଷାନୁଷ୍ଠାନ ପରିସରରେ ଏକ ଅନୁକୂଳ ଶିକ୍ଷାଦାନ ପରିବେଶ ସୃଷ୍ଟି କରିବା ପାଇଁ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କ ପାଇଁ ଏହା ଲାଗିବ। ଆଦର୍ଶ ଆଚରଣ ବିଧିକୁ କ୍ୟାମ୍ପସରେ କଡ଼ାକଡ଼ି ପାଳନ, ଶିକ୍ଷାନୁଷ୍ଠାନ ପୁସ୍ତିକା, ନାମ ଲେଖା କିଟ, ଛାତ୍ରଛାତ୍ରୀ ହ୍ୟାଣ୍ଡବୁକ ଓ ଅଫିସିଆଲ ୱେବସାଇଟରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏହି ଆଚରଣ ବିଧିକୁ ସାମିଲ କରିବେ। ଏହାକୁ ଅତ୍ୟନ୍ତ ନିଷ୍ଠାପର, ଯୋଜନାବଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଭାବେ ଗ୍ରହଣ କରି ଲାଗୁ କରିବାକୁ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଶିକ୍ଷକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶିତ କରାଯାଇଛି।

ଆଜିର ବିଦ୍ୟାର୍ଥୀମାନେ ହେଉଛନ୍ତି ଦେଶର ଗୌରବ ଓ ଉଜ୍ଜ୍ୱଳତମ ସମ୍ପତ୍ତି। ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀଙ୍କ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ ହୋଇଛି। ଯଦି କୌଣସି ଛାତ୍ରଛାତ୍ରୀ ଅନ୍ୟ କୌଣସି ଅନୁଚିତ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଥାନ୍ତି ଓ ବିଦ୍ୟାଳୟ ନିମିତ୍ତ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଛାତ୍ରଛାତ୍ରୀମାନେ ନିଜ ଅନୁପସ୍ଥିତି ପାଇଁ ପୂର୍ବରୁ ସମ୍ମତିମୂଳକ ଅନୁମତି ନେବା କିମ୍ବା ଅନୁପସ୍ଥିତିରେ ଯଥୋଚିତ୍ତ କାରଣ ଦର୍ଶାଇବେ। ବିନା ଅନୁମତିରେ ଶିକ୍ଷାନୁଷ୍ଠାନରେ ପ୍ରତିବାଦ, ଆନ୍ଦୋଳନ, ହରତାଳ ଓ ସଭା ସମିତି ଉପରେ କଟକଣା ଲଗାଯାଇଛି। ବାସ୍ତବରେ ଅନେକ ଶିକ୍ଷାନୁଷ୍ଠାନର ମୂଲ୍ୟବାନ ସମୟ ବିଶେଷକରି ଛାତ୍ରଛାତ୍ରୀଙ୍କ ପାଇଁ ହିଁ ଅକାରଣରେ ନଷ୍ଟ ହୋଇଯାଏ। ସେହିପରି କୌଣସି ଛାତ୍ରଛାତ୍ରୀ ହିଂସାତ୍ମକ କାର୍ଯ୍ୟକାଳପରେ ସଂଶ୍ଳିଷ୍ଟ ଥିବା ପ୍ରମାଣିତ ହୁଏ ତେବେ ନିକଟସ୍ଥ ପୁଲିସ ଥାନାକୁ ସୂଚନା ଦିଆଯିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିପରି ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ନଷ୍ଟ କରିଥିବା ପିଲାମାନଙ୍କ ଠାରୁ କ୍ଷତି ପୂରଣ ଆଦାୟ କରାଯିବ। କ୍ଷତିପୂରଣ ଦେବାରେ ବିଫଳ ହେଲେ କିମ୍ବା ନିୟମିତ ଭାବେ ବିଶୃଙ୍ଖଳା, କ୍ୟାମ୍ପସରେ ଶାନ୍ତି ବ୍ୟାହାତ କଲେ ବିଦ୍ୟାର୍ଥୀଙ୍କୁ ସାମହିକ ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କ୍ୟାମ୍ପସ ପରିସରରେ ଅଶୀଳ ଇଙ୍ଗିତ କିମ୍ବା ଯୌନ ଉତ୍ପୀଡ଼ନ ସମ୍ପର୍କିତ କୌଣସି ଆଚରଣକୁ ଆଦୌ ପ୍ରସୟ ଦିଆଯିବ ନାହିଁ। ଏଭଳି କୌଣସି ଘଟଣା ଘଟିଲେ ପ୍ରାଥମିକ ଭାବରେ ଏହା ସମ୍ପର୍କରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ନଜରକୁ ଅଣାଯିବ ଏବଂ କମିଟି ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ପାଇଁ ସେମାନଙ୍କ ଶିକ୍ଷା ବର୍ଷଟି ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ସ୍ମରଣୀୟ ଓ ଶିକ୍ଷଣୀୟ। ଶିକ୍ଷାବର୍ଷ ଆରମ୍ଭରେ ସମସ୍ତ ବିଭାଗ ଦ୍ୱାରା ଛାତ୍ରଛାତ୍ରୀ ପରିଚୟ କାର୍ଯ୍ୟକ୍ରୟ ଆୟୋଜିତ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ଶୈକ୍ଷିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଆଚରଣ, ଶିଷ୍ଟାଚାର ଓ କଣ କରିବେ ଓ ନକରିବେ ସେ ସମ୍ପର୍କରେ ସଚେତନ ହେବେ। ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ସମସ୍ତ ପ୍ରକାର ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ନିଷିଦ୍ଧ। ଗୋଷ୍ଠୀ ବିବାଦ, ଅନ୍ୟକୁ ଚିଡ଼ାଇବା, ର୍ୟାଗିଂ ଭଳି କାର୍ଯ୍ୟକ୍ରମ ଉପରେ କଠୋର କଟକଣା ଲାଗିଛି। ଛାତ୍ରାବାସ ଅଧୀକ୍ଷକ କିମ୍ବା କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ଅଣଛାତ୍ର କ୍ୟାମ୍ପସକୁ ପ୍ରବେଶ କରିପାରିବେ ନାହିଁ। ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର ପିନ୍ଧିବା ବାଧ୍ୟତାମୂଳକ। ଅଧ୍ୟାପକ, ଆଧ୍ୟାପିକା ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବେ। ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର, ଧମକ ଦେବା କିମ୍ବା ଯୌନ ଉତ୍ପୀଡ଼ନ ଭଳି ଅସାମାଜିକ କାର୍ଯ୍ୟ ନେଇ ଅଭିଯୋଗ ପ୍ରମାଣିତ ହେଲେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ତ୍ୱରିତ ଓ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଶିକ୍ଷା ଓ ପରିଚାଳନାଗତ ପ୍ରସଙ୍ଗର ସମାଧାନ ନିମିତ୍ତ ପ୍ରତି କ୍ୟାମ୍ପସରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟତୀତ, ବିବାଦ ସମାଧାନ କମିଟି ରହିବ। ସେମାନେ ସମ୍ପୂର୍ଣ୍ଣ ନିରପେକ୍ଷ ରହିବେ ଏବଂ କୌଣସି ନିର୍ଦ୍ଦିଷ୍ଟ ଛାତ୍ର ବା ଗୋଷ୍ଠୀଙ୍କ ପ୍ରତି ଏକ ପାକ୍ଷିଆ ନିଷ୍ପତ୍ତି ନେବା ଅନୁଚିତ।



ପରୀକ୍ଷା ଭୟ ଆଳ ଦେଖାଇ ଛାତ୍ରଛାତ୍ରୀଙ୍କୁ ବ୍ୟବହାର କରିପାରିବେ ନାହିଁ, ସେମାନଙ୍କ ଆଚରଣ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ଆବଶ୍ୟକ। ଯଦି କୌଣସି ବିଦ୍ୟାର୍ଥୀ ଅଧ୍ୟାପକ, ଅଧ୍ୟାପିକାଙ୍କ ବିରୁଦ୍ଧରେ ଅଭିଯୋଗ ରଖନ୍ତି ତେବେ ତୁରନ୍ତ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ଏଥିପାଇଁ ଏକାଡ଼େମିକ ଛୁଟି ନେବେ ତାହା ସହିତ ନିୟମିତ୍ତ ସମୟାନୁବର୍ତ୍ତୀ ରହିବେ। ଯଦି କୌଣସି ପରିସ୍ଥିତିରେ କ୍ୟାମ୍ପସରେ ଛାତ୍ର ଅଶାନ୍ତି କିମ୍ବା ମେଳି ଦେଖାଦିଏ ତେବେ ସେମାନେ ଅଧକ୍ଷଙ୍କୁ ଅବଗତ କରାଇବେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ନିମିତ୍ତ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷ, ମହାବିଦ୍ୟାଳୟ ଅଧକ୍ଷମାନେ ପ୍ରାଥମିକତା ଦେବେ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଓ କ୍ୟାମ୍ପସର ପ୍ରତିଟି ଘଟଣା ଉପରେ ତୀକ୍ଷଣ ନଜର ରଖିବେ। ଆଇସିର ମାର୍ଗଦର୍ଶିକାକୁ କଡ଼ା କଡ଼ି ପାଳନ, ଗୋଷ୍ଠୀ ବିବାଦକୁ କ୍ୟାମ୍ପସରେ ସମାଧାନ, ଅସାମାଜିକ ବ୍ୟକ୍ତିଙ୍କ ଅନଧିକୃତ ପ୍ରବେଶ ଉପରେ କଟକଣା, ହଷ୍ଟେଲରେ ରାତ୍ରୀକାଳୀନ ଯାଞ୍ଚ, ନିଶାଦ୍ରବ୍ୟ ସେବନକୁ ସମ୍ପୂର୍ଣ୍ଣ ମନା, ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତ ସମ୍ପର୍କରେ ଅଭିଭାବକଙ୍କୁ ମୋବାଇଲ ମାଧ୍ୟମରେ ଅବଗତ କରାଇବା ଏବଂ କ୍ୟାମ୍ପସ ପରିସରର ଚର୍ତୁଦିଗରେ ଚବିଶି ଘଣ୍ଟିଆ ସିସିଟିଭି ଉପରେ ନଜର ରଖିବେ। କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କୌଣସି ସଭା କିମ୍ବା ସମାବେଶ କରାଯାଇପାରିବ ନାହିଁ। ସେହିପରି ଶିକ୍ଷାନୁଷ୍ଠାନ ମୁଖ୍ୟ ପ୍ରତି ମାସରେ ଅତିକମରେ ଥରେ ବିଭିନ୍ନ ବିଭାଗ ପରିଦର୍ଶନ କରି ପାଠ୍ୟ ଯୋଜନା ଓ ରେଜିଷ୍ଟର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ଅନେକ ଦୂରଦୃଷ୍ଟି ସମ୍ପନ୍ନ ଯୋଜନା, ଛାତ୍ରବୃତ୍ତି, ଶିକ୍ଷା, ପ୍ରୋତ୍ସାହନ ପାଇଁ ଯୁବ ଓ ଦକ୍ଷ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମ ପ୍ରଶଂସନୀୟ। ସର୍ବଭାରତୀୟ ସ୍ତରରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନ ଅନେକ ମେଧାବୀଙ୍କୁ ସୃଷ୍ଟି କରିଛି। ଯେଉଁମାନେ ଆଜି ଦେଶ ବିଦେଶରେ ନିଜ ନିଜ କ୍ଷେତ୍ରରେ ବେଶ ପ୍ରତିଷ୍ଠିତ ଓ ଓଡ଼ିଶାର ଉଚ୍ଚଶିକ୍ଷାର ଗର୍ବ ଓ ଗୌରବକୁ ବୃଦ୍ଧି କରିଛନ୍ତି।

ଯାଜପୁର ରୋଡ଼, ଯାଜପୁର,
ଦୂରଭାଷ : ୯୯୩୮୫୩୬୦୭୬

# ମାନସିକ ସ୍ୱାଧୀନତା



**ପ୍ରଫେସର ଡାକ୍ତର ସମ୍ରାଟ କର**

ଆଜି ସ୍ୱାଧୀନତା ଦିବସ। ୭୯ ବର୍ଷ ତଳେ ଆମ ଦେଶ ସ୍ୱାଧୀନତା ପାଇଥିଲା। ଆମେ ଇଂରେଜ ମାନଙ୍କ କଡ଼ା ଓ ନିଷ୍ଠୁର ଶାସନରୁ ମୁକ୍ତ ହୋଇଥିଲୁ। ପ୍ରଶ୍ନ ଉଠୁଛି ଗୋଟିଏ ଦେଶ ସ୍ୱାଧୀନତା ପାଇପାରେ କିନ୍ତୁ ଜଣେ ମଣିଷ କେତେ ଦୂର ସ୍ୱାଧୀନ ? ନିଜ ମାନସିକତା ଠାରୁ ସ୍ୱାଧୀନତା ପାଇବା ଅନେକ କଷ୍ଟକର। ଜାତିର କଲ୍ୟାଣ ନିମନ୍ତେ ରାଜନୈତିକ ତଥା ଅର୍ଥନୈତିକ ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନୁହେଁ। ନିଜେ ନିଜ ଉପରେ ଆଧିପତ୍ୟ ପ୍ରତିଷ୍ଠା କରିପାରିବା ହିଁ ପ୍ରକୃତ ସ୍ୱାଧୀନତା। ଆତ୍ମ ସ୍ୱାଧୀନତା ଏକ ମାନସିକତାକୁ କେବଳ ଦେଶପ୍ରେମ ପାଇଁ ରାସ୍ତା ଦେଖାଇ ନଥାଏ ବରଂ ସମାଜ ସେବା ନିଜ ଚରିତ୍ରର ପରିବର୍ତ୍ତନ ପାଇଁ ତା'ଭିତରେ ଅନେକ ଉର୍ଜ୍ଜା ବା ପ୍ରେରଣା ସୃଷ୍ଟି ହୋଇଥାଏ। ଜଣେ ନିଜକୁ ସ୍ୱାଧୀନ କହିବା ଖୁବ ସହଜ ହୋଇପାରେ। କିନ୍ତୁ ମାନସିକ କ୍ଷେତ୍ରକୁ ଦେଖିଲେ ଜଣେ ସ୍ୱାଧୀନତା ପାଇବା ଆଦୌ ସହଜ ନୁହେଁ। ଶରୀର, ମନ, ପରିବାର, କର୍ମ ସଂସ୍ଥାନ ଏ ସବୁ ହେଉଛି ଜଣକର ମାନସିକ ସ୍ୱାଧୀନତାର ବିଭିନ୍ନ ପାହାଚ। ଏହି ପାହାଚ ଅତିକ୍ରମ କରିବା କଷ୍ଟ ସାପେକ୍ଷ ଏବଂ ଶ୍ରମ ସାପେକ୍ଷ। କାଳ ବା ସମୟର ସୀମା ପାର ହୋଇ ଅନନ୍ତରେ ପ୍ରବେଶ କରନ୍ତୁ। ତାହା ହିଁ ହେବ ସ୍ୱାଧୀନତା ବା ମୁକ୍ତି। ମନକୁ ସୁସ୍ଥିର କରିଦିଅନ୍ତୁ। ସେହି ସୁସ୍ଥିରତାରେ ହିଁ ପ୍ରକୃତ ସ୍ୱାଧୀନତା ଓ ଅଖଣ୍ଡ ଆନନ୍ଦ ନିହିତ। ଜନ୍ମ ଓ ମୃତ୍ୟୁର ଚକ୍ରରୁ ସ୍ୱାଧୀନତା ପାଇବା ହିଁ ପ୍ରକୃତ ସ୍ୱାଧୀନତା। ଦେହ ଓ ମନର ଦାସତ୍ୱରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। କର୍ମ ବନ୍ଧନରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। ଦେହାଦି ବିଷୟର ଆସକ୍ତିରୁ ମୁକ୍ତି ହିଁ ପ୍ରକୃତ ମୁକ୍ତି। ଅହଂକାର ଓ କାମନାରୁ ମୁକ୍ତ ହେବା ହିଁ ମୁକ୍ତି। ସାଂସାରିକ ଚିନ୍ତା ତଥା ରୁଚି ଓ ଅରୁଚିର ମୋହରୁ ମୁକ୍ତି ହିଁ ଯଥାର୍ଥ ମୁକ୍ତି। କାମ, କ୍ରୋଧ, ଲୋଭ, ମୋହ ଆଦି ପ୍ରବୃତ୍ତିରୁ ମୁକ୍ତି ପାଇବା ହିଁ ପ୍ରକୃତ ମୁକ୍ତି। ପରିବାରର ଆର୍ଥିକ ଓ ସାମାଜିକ କଷ୍ଟ, ପ୍ରେମ ବିଶାଦ, ରୋଗ, ଯନ୍ତ୍ରଣା, ଅର୍ଥାଭାବ ଏ ସବୁ ସ୍ୱାଧୀନ ମାନସିକତାକୁ ବିପନ୍ନ କରିଥାଏ। ସ୍ୱାଧୀନତା ପାଇବା କ୍ଷେତ୍ରରେ ନିଜକୁ ମାନସିକ ଭାବେ ସୁଦୃଢ଼ ରଖିବା ପାଇଁ ପଡ଼ିବ। ଅର୍ଥ ଅଭାବ ଥିଲେ ବି ଜୀବନକୁ ସୀମିତ ରୋଜଗାରରେ ଚଳେଇ ନେବା, କୌଣସି ଯନ୍ତ୍ରଣା ଆହ୍ୱାନକୁ ଦୃଢ଼ତାର ସହିତ ମୁକାବିଲା କରିବା, ନିଜ ଦାୟିତ୍ୱବୋଧକୁ ସୁଚାରୁରୂପେ ନିର୍ବାହ କରିବା ମନ ସ୍ୱାଧୀନତାର ବଡ଼ ବିଜୟ। ଏ ସବୁ କ୍ଷେତ୍ରରେ ଅବସାଦ, ଚିଡ଼ଚିଡ଼ାପଣ, ବିଶାଦ, ନୈରାଶ୍ୟ, ଭୁଲାପଣ, ହିଂସାତ୍ମକ ଭାବନା ଓ ନିଶା ସେବନ ଏସବୁ ହେଉଛି ସବୁଠାରୁ ବଡ଼ ପ୍ରତିବନ୍ଧକ।

ଜୀବନ ଥିଲେ ସୁଖ ଦୁଃଖ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି। ତେଣୁ ଜୀବନ ଜୀଇଁବା ପାଇଁ ଏସବୁ ପ୍ରତିକୂଳତାକୁ ସାମ୍ନା କରିବା ପାଇଁ ପଡ଼ିବ। ସକରାତ୍ମକ ଭାବନା, ସୃଜନଶୀଳତାରେ ମନ ନିବେଶ ଦୁଃଖ କଷ୍ଟକୁ ସମୟର ଏକ ଧାରା ଭାବି ଆଗେଇ ଚାଲିବା ହିଁ ଜୀବନର ଅସଲ ସ୍ୱାଧୀନତାର ଉପଲବ୍ଧି। ଅତ୍ୟଧିକ ଆସକ୍ତି, ଲୋଭ, କାମନା, ପରନିନ୍ଦା, ଅସୂୟା ଏସବୁ ସ୍ୱାଧୀନତାକୁ ବିପନ୍ନ କରିବା ପରି ଗୋଟିଏ ଗୋଟିଏ ଚରିତ୍ର। କଷ୍ଟକର, ଆହ୍ୱାନଭରା ଜୀବନ ଭିତରେ ଜଣେ ଭଲ ମଣିଷ ହେବା ପାଇଁ ମନ ସ୍ୱାଧୀନତା ବିବେକ ଭିତରୁ ହିଁ ପ୍ରେରଣା ଯୋଗାଇଥାଏ। ତେଣୁ ସ୍ୱାଧୀନତାର ଆନନ୍ଦ ନିଶ୍ଚିନ୍ତ ଭାବେ ଅସଲ ଜୀବନର ଶ୍ରେଷ୍ଠତା ଏବଂ ଜୀବନର ଶାନ୍ତି ଏହାକୁ ସମସ୍ତେ ମନେ ରଖିପାରିଲେ ସ୍ୱାଧୀନତାର ଆନନ୍ଦମୟ ଉପଲବ୍ଧି ପ୍ରତ୍ୟେକଙ୍କ ପାଇଁ ଯେଉଁ ପ୍ରସନ୍ନତା ଓ ମଧୁରତା ପରିପୂରଣ କରିବ ସେଇଠି ହିଁ ଯେ ଜୀବନ ଏହାକୁ ସମସ୍ତେ ଜୀବନରେ କାର୍ଯ୍ୟକାରୀ କଲେ ଜଣେ ନିଜେ ଅନୁଭବ କରିପାରିବ ଯେ ବାସ୍ତବରେ ସେ ମାନସିକ ଭାବରେ ସ୍ୱାଧୀନ।

ମାନସିକରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ, ଦୂରଭାଷ :
୯୧୩୨୪୩୩୩୩୩





# ଜୟପୁର ବିକାଶମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଜୟପୁର (ଅମୃତ ମିଡିଆ) :** ଜୟପୁର ବିକାଶ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀ ଙ୍କୁ ୨ ଦଫା ଦାବି ନେଇ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଧାନର ଜନ୍ମସ୍ଥାନ' ଜୟପୁରଠାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନ କରିବା ସହ ଇଞ୍ଜିନିଅରିଙ୍ଗ ମହାବିଦ୍ୟାଳୟ ସ୍ଥାପନ କରିବାକୁ ଦାବି କରାଯାଇଛି । ବିଶ୍ୱ ପ୍ରସିଦ୍ଧ 'ଧାନର ଜନ୍ମସ୍ଥାନ ଜୟପୁରଠାରେ ଓୟୁଏଟି ଅଧୀନରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ସ୍ଥାପନ ପାଇଁ ଆମର ବିନମ୍ର ଅନୁରୋଧ । ବିଶ୍ୱ ଐତିହ୍ୟ ଓ ଜୈବବିବିଧତା: ଜୟପୁର ଅଞ୍ଚଳରେ ୧୫୦୦+ ପାରମ୍ପରିକ ଧାନ ଜାତ ରହିଛି ଏବଂ ଏହା ଚାଷ ହୋଇଥିବା ଧାନର ପ୍ରାଥମିକ ଉତ୍ପତ୍ତି ସ୍ଥଳ। ଭାରତରେ ଆଉ କୌଣସି ସ୍ଥାନରେ ଏପରି ଜୀବନ୍ତ ଜିନ୍ ବ୍ୟାଙ୍କ ନାହିଁ। ଏଠାରେ କୃଷି ମହାବିଦ୍ୟାଳୟ ହେଲେ ଏହା ବିଶ୍ୱ ଧାନ ଗବେଷଣା କେନ୍ଦ୍ର ହୋଇପାରିବ ।. ଅବିଭକ୍ତ କୋରାପୁଟ କୃଷକଙ୍କ ଆବଶ୍ୟକତା: ଦକ୍ଷିଣ ଓଡିଶାର ୮୦% ଲୋକ କୃଷି, ମିଲେଟ ଓ ଜୈବିକ ଚାଷ ଉପରେ ନିର୍ଭରଶୀଳ। କିନ୍ତୁ ୩୫୦ କଗ ମଧ୍ୟରେ ଗୋଟିଏ ବି କୃଷି ଡିଗ୍ରୀ କଲେଜ ନାହିଁ। ଆମ ଚାଷୀ ଓ ଯୁବକମାନଙ୍କୁ ଜଳବାୟୁ ଅନୁକୂଳ ଫସଲ,




ଉଦ୍ୟାନ କୃଷି ଓ କୃଷି-ବ୍ୟବସାୟ ଉପରେ ଆଧୁନିକ ତାଲିମ ଦରକାର ।. ଆଦିବାସୀ କୃଷି ଓ ମିଲେଟ ମିଶନ, ଅବିଭକ୍ତ କୋରାପୁଟ ହେଉଛି ମିଲେଟ, ଜୈବିକ ପନିପରିବା ଓ ବନଜାତ ଦ୍ରବ୍ୟର ହୃଦସ୍ଥଳ। ଜୟପୁରରେ କୃଷି ମହାବିଦ୍ୟାଳୟ ହେଲେ ପୋଷକ ଶସ୍ୟ, ପ୍ରାକୃତିକ ଚାଷ ଓ ଏଫପିଓ ବିକାଶ ଉପରେ ଗବେଷଣା ହୋଇପାରିବ । ପର୍ଯ୍ୟଟନ ଓ କୃଷି ଶିକ୍ଷା: ଧାନ ବିବିଧତା ଦେଖ?ିବାକୁ ବିଶ୍ୱରୁ ଗବେଷକମାନେ ଜୟପୁର ଆସନ୍ତି । ଏଠାରେ 'ଧାନ ବିବିଧତା ଉଦ୍ୟାନ' ସହିତ କୃଷି ମହାବିଦ୍ୟାଳୟ ଶିକ୍ଷା, ଗବେଷଣା ଓ ପର୍ଯ୍ୟଟନକୁ ଏକାଠି କରିବ । ତେଣୁ ରାଜ୍ୟ ସରକାର ଓୟୁଏଟି ଅଧୀନରେ ଜୟପୁରଠାରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ସହ 'ଧାନ ବିବିଧତା ଓ ଆଦିବାସୀ କୃଷି କେନ୍ଦ୍ର" ମଞ୍ଜୁର କରନ୍ତୁ। ଏହା ଜୟପୁରର ବିଶ୍ୱ ପରିଚୟକୁ ସମ୍ମାନ ଦେବ ଏବଂ ଅବିଭକ୍ତ କୋରାପୁଟ କୃଷକଙ୍କ ଭବିଷ୍ୟତ ସୁରକ୍ଷିତ କରିବ । ଏହା ସହ ଜୟପୁର ବିକାଶ ମଞ୍ଚ ଏବଂ ସମଗ୍ର ଅବିଭକ୍ତ କୋରାପୁଟ ଅଞ୍ଚଳବାସୀଙ୍କ ତରଫରୁ ଆମର ବିନମ୍ର ନିବେଦନ ଯେ, ଜୟପୁରଠାରେ ଏକ ସମ୍ପୂର୍ଣ୍ଣ ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ସ୍ଥାପନ କରାଯାଉ ।. ଅବିଭକ୍ତ କୋରାପୁଟର ଶିକ୍ଷାଗତ ପଛୁଆପଣ: ଦଶଟି ଆଦିବାସୀ ଜିଲ୍ଲାର ଛାତ୍ରମାନଙ୍କୁ ବି ଟେକ ପାଇଁ ଦୂର ଦୂରାନ୍ତ ଭୁବନେଶ୍ୱର, ରାଉରକେଲା ବା ବୁର୍ଲା ଯିବାକୁ ପଡୁଛି । ଏଥିଯୋଗୁ ଦରିଦ୍ର ଆଦିବାସୀ ପରିବାରର ଛାତ୍ରମାନେ ପାଠ ଛାଡୁଛନ୍ତି । ଶିଳ୍ପ ଓ ଭିତ୍ତିଭୂମି ବିକାଶର କେନ୍ଦ୍ର: ହାଲ , ନାଲକୋ , ଖଣି, ରାସ୍ତା ଓ ପର୍ଯ୍ୟଟନ ପ୍ରକଳ୍ପ ସହିତ ଜୟପୁର ଦକ୍ଷିଣ ଓଡିଶାର ପ୍ରବେଶ ଦ୍ୱାର ହୋଇ ଉଠୁଛି । ଏଠାରେ ଇଞ୍ଜିନିୟରିଂ ମହାବିଦ୍ୟାଳୟ ହେଲେ ସ୍ଥାନୀୟ ଯୁବକମାନେ ବିଭିନ୍ନ ଶିଳ୍ପରେ ନିଯୁକ୍ତି ପାଇପାରିବେ ।. କେନ୍ଦ୍ରୀୟ ଅବସ୍ଥାନ ଓ ଜମି ଉପଲବ୍ଧତା: ଜୟପୁର ସଡକ, ରେଳ ଓ ବିମାନ ସେବା ଦ୍ୱାରା ସୁସଂଯୁକ୍ତ । ଏଠାର ଜଳବାୟୁ ସୁନ୍ଦର ଏବଂ କ୍ୟାମ୍ପସ ପାଇଁ ସରକାରୀ ଜମି ଉପଲବ୍ଧ । ଏହା କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, ତେଲେଙ୍ଗନା, ଆନ୍ଧ୍ର ଏବଂ ଛତିଶଗଡ ସୀମାର 'ବିକଶିତ ଓଡିଶା ୨୦୩୬' ଲକ୍ଷ୍ୟ: ଏକ ଇଞ୍ଜିନିୟରିଂ ମହାବିଦ୍ୟାଳୟ ସିଭିଲ, ମେକାନିକାଲ, ସିଏସଇ , ମାଇନି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ସ୍ଥାନୀୟ ପ୍ରତିଭା ସୃଷ୍ଟି କରି ଆପଣଙ୍କ ଦୂରଦୃଷ୍ଟିକୁ ସାକାର କରିବ । ଆସନ୍ତା ଶିକ୍ଷା ବର୍ଷରୁ ବିପିୟୁଟି ଅଧୀନରେ ଜୟପୁରଠାରେ ଏକ ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ମଞ୍ଜୁର କରନ୍ତୁ ବୋଲି ଜୟପୁର ବିକାଶ ମଞ୍ଚର ସାଧାରଣ ସମ୍ପାଦକ ନବ କୃଷ୍ଣ ରଥ ଦାବି କାରି ମୁଖ୍ୟ ମନ୍ତ୍ରୀ ଙ୍କୁ ପତ୍ର ପଠାଇଛନ୍ତି କ୍ଷ ଏହି ଦାବି ପତ୍ର ର ନକଲ ଉଚ୍ଚଶିକ୍ଷା ମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କୋରାପୁଟ ଜିଲ୍ଲାପାଳ, ଜୟପୁର ବିଧାୟକଙ୍କୁ ପ୍ରଦାନ କରାଯାଇଛି ।

# ଚୋରି ଓ ଦାଦାବଟି ୬ଟି ମାମଲାରେ ୮ ଅଭିଯୁକ୍ତ ଗିରଫ

**ଜୟପୁର (ଅମୃତ ମିଡିଆ) :** ଜୟପୁର ସହରରେ ଚୋରି ଦଦାବଟ ଭଳି ୧ ମାସ ମଧ୍ୟରେ ୬ଟି ମାମଲା ରୁଜୁ ହୋଇଥିଲା । ୬ଟି ମାମଲା ରେ ୮ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ ଏନେଇ ଆଜି ଜୟପୁର ଟାଉନ ଥାନା ରେ ଏସଡିପିଓ ଅଙ୍କିତା ମିତ୍ତଲ ଗଣ ମଧ୍ୟମକୁ ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁର ଜୟନଗର ଚିଲିଗୁଡାର ଆକାଶ ହରିଜନ (୨୦), ବାପୁଜି ନଗରର ଭଗବାନ ଖରା (୩୭), ବାପୁଜି ନଗର ଦେବ ନାୟକ (୫୨), ଗଣେଷ ବେଶ୍ରା (୨୦), ଚନ୍ଦନ ବଡେଇ (୨୯), ଓଡିଆ ମେଦ୍ରି ସାହିର ଅଜୟ ନାୟକ (୨୯) କୁନ୍ଦାରିଗୁଡାର ପ୍ରବିଣ ନାୟକ (୨୦) । ସିସିଟିଭି ଫୁଟେଜ, ମାନବୀୟ ସୁଚନା , ରାତ୍ରି ପେଟ୍ରୋଲିଂ ଆଧାରରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଧରିବାରେ ସଫଳ ହୋଇଛି । ଗିରଫ ଅଭିଯୁକ୍ତ ଙ୍କ ଠାରୁ ୨ ସୁନା ଚେନ, ୬ ହଳ ସୁନା କାନଫୁଲ,ଝିକା, ୩ ହଳ ରୁପା ପାଉଞ୍ଜି, ୨ଟି ରୁପା ବକ୍ସ, ୫ଟି ରୁପା କୟନ, ସୁନା ଚୁଡି, ସ୍ମାର୍ଟ ଏଲଇଡି ଟିଭି, କମ୍ପୁଟର, ପମ୍ପ, ପେନେଲ ଟିଭି, ସିଲେଇ ମେଶିନ , ୨ଟି ଛୁରି, ସହ ୬୪୦ ଟଙ୍କା ଜବତ କରିଛି । ମାମଲା ବିବରଣିରୁ ପ୍ରକାଶ ଯେ ୨୦.୭.୨୬ ତାରିଖରେ ଜୟପୁର ସୁନାରି ସାହି ଉଚ୍ଚ




ପ୍ରାଥମିକ ବିଦ୍ୟାଳୟ ରେ ଚୋରି ଅଭିଯୋଗ ରେ ୨୮୫/୨୬, ଆଦର୍ଶ ନଗରେ ଗତ ୨୮ ତାରିଖରେ କମ୍ପୁଟର ଚୋରି ନେଇ ୨୯୪/୨୬ ମାମଲା ହୋଇଥିଲା , ସେହିପରି ହାନାଗୁଡା ରେ ଗତ ୩୧ ତାରିଖରେ ଘର ଭିତରେ ପଶି ୩୦୧/୨୬ରେ ମାମଲା ରୁଜୁ ହୋଇଥିଲା । ସେହିପରି ଲେବର କୋର୍ଟ ରେ ଏସି ଆଉଡଡୋର ୟୁନିଟ ଗତ ୪ ତାରିଖରେ ଚୋରି ହୋଇଥିବା ନେଇ ୩୦୪/୨୬ ମାମଲା ରୁଜୁ ହୋଇଥିଲା । ଧୋବାସାହିରୁ ସେଲେଇ ମେସିନ ଗତ ୧୪ ତାରିଖରେ ଚୋରି ହୋଇଥିବା ନେଇ ୩୧୪/ ୨୬ଅଭିଯୋଗ ହୋଇଥିଲା । ସେହିପରି ପଞ୍ଚାନନ ମନ୍ଦିର ଛକ ଠାରେ ଦାଦା ବଟି ଆଦାୟ କରୁଥିବା ନେଇ ଗତ ୧୯ ତାରିଖରେ ଚଢ଼ାଉ କରିଥିଲା । ୩୧୮ / ୨୬ ମାମଲା ରୁଜୁ କରି ୩ ଜଣକୁ ଗିରଫ କରି ୨ଟି ଛୁରି ୬୪୦ ଟଙ୍କା ଜବତ କରିଛି । ସେହପିର ଅଭିଯୁକ୍ତ ସଞ୍ଜୟ ସୁନା ନାମରେ ଜୟପୁର ଜୟପୁର ଟାଉନ, ସଦର, ବୋରିଗୁମ୍ମା,ବିସିଂପୁର, କୋଟପାଡ, କୋରାପୁଟ ସଦର , ନବରଙ୍ଗପୁରରେ ୧୫ ବର୍ଷ ହେବ ହତ୍ୟା ଉଦ୍ୟମ, ଲୁଟ, ଡକାୟିତ ଗଞ୍ଜେଇ ଚାଲାଣ ଭଳି ୨୫ ରୁ ଉର୍ଦ୍ଧ ଅପରାଧିକ ମାମଲା ରହିଛି । ଅପରାଧ ନିୟନ୍ତ୍ରଣ ପାଇଁ ଅଭିଯୁକ୍ତ ସଞ୍ଜୟ ସୁନା ନାମରେ ଏନଏସଏ ଜାତିୟ ସୁରକ୍ଷା ଆଇନ ପର୍କ୍ରିୟା ଆରମ୍ଭ ହୋଇଥିବା ବିଷୟ ଏସଡିପିଓ ଅଙ୍କିତା ମିତ୍ତଲ ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନିରେ ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ନେତା ସନ୍ତୋଷ ବଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ଚଳିତ ମାସ ପ୍ରବଳ ବର୍ଷା ଓ ନି ଗେଙ୍ଗୁଟି, ବିରୂପା ନଦୀ ରେ ବନ୍ୟା ଜଳ ପ୍ରବେଶ କରିବା ଦ୍ୱାରା ଅଣକା , ମାଣ୍ଡୁକା , ଚରିନଙ୍ଗଲ , ନାଳିପୁର୍ , ଗୋପାଳପୁର, ମଝିପଡ଼ା, ଅଚ୍ଛୁତ ବସନ୍ତ ସମେତ ବହୁ ପଞ୍ଚାୟତ ରେ ଜଳାର୍ଣ୍ଣବ୍ ଅବସ୍ଥାରେ ରହିଛି। ସାଧାରଣ ଲୋକ ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି, ଅଣକା ପଞ୍ଚାୟତ ର ଚାଷ ଜମିରେ ଜଳମଗ୍ନ ହୋଇଥିବାରୁ ଚାଷୀ ମାନେ ଫସଲ୍ ଉତ୍ପାଦନ କରିବା ସମ୍ଭବପର ନୁହେଁ, ଏଥି ପାଇଁ ଆଜି ଯାଜପୁର ଜିଲ୍ଲା କଂଗ୍ରେସ କମିଟି ର ଉପ ସଭାପତି ତଥା ବଡଚଣା ନିର୍ବାଚନ ମଣ୍ଡଳୀ ର ନେତା ଡକ୍ଟର ସନ୍ତୋଷ କୁମାର ବଳ ଅଣାକା ପଞ୍ଚାୟତ ଗସ୍ତ କରି ଶୁଖିଲା ଖାଦ୍ୟ ପଦାର୍ଥ ବଣ୍ଟନ କରିଛନ୍ତି, ସେହି ପଞ୍ଚାୟତ ର ଦକ୍ଷିଣକୁଳ , ଖଡ଼ିଆଙ୍ଗ, ମହାଦେଇ ପୁର, ରାହାଳ, ମହିପୁର, ଅଣକା, ସମେତ ଅନ୍ୟ କେତେକ ଗ୍ରାମକୁ ଯାଇ ସାଧାରଣ ଲୋକ ମାନଙ୍କ ସହିତ ବନ୍ୟା ସମ୍ପର୍କରେ ଓ ଲୋକ ମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ବନ୍ୟା ପ୍ରପୀଡ଼ିତ ଗୁ୫୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ, ଶୁଖିଲା ଖାଦ୍ୟ ବଣ୍ଟନ କରିଥଲେ। ତାଙ୍କ ସହିତ ବଦଚଣ ପଞ୍ଚାୟତ ସମିତି ର ପୁର୍ବତନ ଅଧ୍ୟକ୍ଷ ନିରଞ୍ଜନ ସାହୁ,, ସୁଧାଂଶୁ ଶେଖର ନାୟକ, ବିପିନ ଭୁୟାଁ, ସନ୍ତୋଷ ଦଳେଇ, ମୋହନ କୁମାର୍ ବେହେରା, ନିହାର ରଞ୍ଜନ ନାୟକ, କାବୁଲି ଜେନା, ଅମରେନ୍ଦ୍ର ଓଝା ସମେତ ବହୁ କଂଗ୍ରେସ କର୍ମୀ ଏହି ରିଲିଫ ବଣ୍ଟନରେ ସହଯୋଗ କରିଥିଲେ, ଶୁଖିଲା ଖାଦ୍ୟ ପାଇଥିବା ପରିବାରର ବ୍ୟକ୍ତି ମାନେ କଂଗ୍ରେସ ନେତା ଡକ୍ଟର ସନ୍ତୋଷ ବଳ ଙ୍କ ପ୍ରଶଂସା କରିଥଲେ।

# ସରକାରୀନିୟମକୁ ଅବମାନନା : ସୂଚନାଧିକାର ଆଇନରେ ବି ମିଳୁନି ତଥ୍ୟ

## ସନ୍ଦେହରେ ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

**ଭୁବନେଶ୍ୱର (ବ୍ୟୁରୋ) :** ସରକାରଙ୍କ ନିତୀନିୟମ ଅନୁପାଳନ କରିବା ନିମନ୍ତେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ସରକାର କଡା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହାକୁ କିଛି ଅଧିକାରୀ ମାନେ ଅବମାନନା କରୁଥିବା ନଜିର ରହିଛି। ଏଭଳି ଏକ ଅଭିଯୋଗ ଖୋରଧା ଜିଲା ବାଲିଅନ୍ତା ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ବିରୋଧରେ ଆସିଛି । ଏହି ଅଭିଯୋଗ ଜଣେ ଆଇନଜୀବୀ ଆଣିଛନ୍ତି। ସୂଚନା ଅଧିକାରୀ ଆଇନ ବଳରେ ମାଗିଥିବା ତଥ୍ୟ ଆଜି ପର୍ଯ୍ୟନ୍ତ ମିଳିପାରିନଥିବା ସେ ଅଭିଯୋଗ କରିଛନ୍ତି। ସରକାରଙ୍କ ନିୟମ ଅନୁସାରେ କୌଣସି ବିଭାଗର ତଥ୍ୟ ପାଇବା ନିମନ୍ତେ ଜଣେ ସାଧାରଣ ଜନତା ସୂଚନା ଅଧିକାରୀ ଆଇନରେ ଆବେଦନ କରିପାରିବ । ଆବେଦନ ପାଇବାର ଗୋଟେ ମାସ ମଧ୍ୟରେ ସମ୍ପୃକ୍ତ ବିଭାଗ ସବିଶେଷ ତଥ୍ୟ ଦେବ । ମାତ୍ର ସରକାରଙ୍କ ଏହି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିଛନ୍ତି ବ୍ଲକ ଶିକ୍ଷାବିଭାଗ। ଆଇନଜୀବୀ ଅଜୟ କୁମାର ସାମଲଙ୍କ ଅଭିଯୋଗ ଅନୁସାରେ ସେ ଗତବର୍ଷ ଡିସେମ୍ବର ୨୨ ତାରିଖରେ ଏହି ବ୍ଲକ ଚଢେଇବର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଏବଂ ଗୋତଳଗ୍ରାମ ବିଦ୍ୟାଳୟର କିଛି ତଥ୍ୟ ପାଇବା ନିମନ୍ତେ ସୂଚନା ଅଧିକାରୀ ଆଇନ ଫର୍ମରେ ଆବେଦନ କରିଥିଲେ। ୨୦୨୫/ ୨୬ ଶିକ୍ଷାବର୍ଷରେ ବାଳକାଟି ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଚଢେଇବର ବିଦ୍ୟାଳୟରେ ନାମ ଲେଖାଇଥିଲେ । ଉକ୍ତ ଛାତ୍ରଛାତ୍ରୀଙ୍କ ନାମ ସରକାରୀ ବିଦ୍ୟାଳୟରେ ଗଡୁଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ । ସେହି ଅନୁସାରେ ଉକ୍ତ ବିଦ୍ୟାଳୟ ଉକ୍ତ ଛାତ୍ରଛାତ୍ରୀଙ୍କ ନାମରେ ଗ୍ରାଣ୍ଟ ଏବଂ ସରକାରୀ ସହାୟତା ହାତେଇଥିବା ଅଭିଯୋଗ ପାଇବା ପରେ ଶ୍ରୀଯୁକ୍ତ ସାମଲ ୨୦୨୧ ଓ ୨୦୨୫ ମସିହାରେ ଛାତ୍ରଛାତ୍ରୀଙ୍କ ନାମଲେଖା ରେଜିଷ୍ଟର, ଉପସ୍ଥାନ ରେଜିଷ୍ଟର ଏବଂ ବିଦ୍ୟାଳୟକୁ ମିଳିଥିବା ଗ୍ରାଣ୍ଟ ବିଷୟରେ ସବିଶେଷ ତଥ୍ୟ ମାଗିଥିଲେ । ମାତ୍ର ଉକ୍ତ ବିଦ୍ୟାଳୟରୁ କିଛି ତଥ୍ୟ ମିଳିପାରିଲାନାହିଁ । ସେହିପରି ଗୋତଳଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୦୧୮ ରୁ ୨୦୨୨ ପର୍ଯ୍ୟନ୍ତ ଥିବା ପ୍ରଧାନଶିକ୍ଷକ ଅନ୍ୟତ୍ର ବଦଳି ପରେ ମଧ୍ୟ ଉକ୍ତ ବିଦ୍ୟାଳୟରୁ କିଛି ଅର୍ଥ ଉଠାଇବା ଅଭିଯୋଗ ପାଇ ଶ୍ରୀ ସାମଲ ମଧ୍ୟାହ୍ନଭୋଜନ ସମ୍ପର୍କିତ ତଥ୍ୟ, ମୋ ସ୍କୁଲ ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ସବିଶେଷ ବିବରଣୀ ଏବଂ ତାହାର ପାସବୁକ, କ୍ୟାସ ବୁକ ଓ ଲେଜର ମାଗିଥିଲେ । ମାତ୍ର ଉକ୍ତ ବିଦ୍ୟାଳୟରୁ ମଧ୍ୟ ତଥ୍ୟ ମିଳିଲା ନାହିଁ । ନିୟମ ଅନୁସାରେ ଗୋଟେ ମାସ ବିତି ଯାଇଥିଲେ ମଧ୍ୟ ତଥ୍ୟ ମିଳିନଥିଲା । ପରେ ସୂଚନା ଅଧିକାରୀ ଆଇନ ବଳରେ ତଥ୍ୟ ନ ମିଳିବାରୁ ଶ୍ରୀ ସାମଲ ଗତ ଫେବୃଆରୀ ୧୧ ତାରିଖରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଜଣାଇଥିଲେ । ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ସେ ଗତ ମାର୍ଚ୍ଚ ୯ ତାରିଖରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ । ମାତ୍ର ଆଜି ପର୍ଯ୍ୟନ୍ତ ଶ୍ରୀ ସାମଲଙ୍କୁ ତଥ୍ୟ ମିଳିପାରିଲା ନାହିଁ । ତେଣୁ ବାଧ୍ୟ ହୋଇ ଶ୍ରୀ ସାମଲ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଅପିଲ କରିଛନ୍ତି ଯାହା ଏବେ ବିଚାରାଧୀନ ଅଛି । ଅପରପକ୍ଷରେ ବ୍ଲକ ଶିକ୍ଷାଧିକାରୀ ଭକ୍ତ ସ୍ବଳ ମହାପାତ୍ରଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ତାଗିଦ କରିଛନ୍ତି ଏବଂ ତଥ୍ୟ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ ସବିଶେଷ ତଥ୍ୟ ମିଳିନାହିଁ ବୋଲି ଆଇନଜୀବୀ ଶ୍ରୀ ସାମଲ କହିଛନ୍ତି ।

# ଦିନଦ୍ୱିପ୍ରହରେ ଘରେ କଳାକନା ବୁଲାଇଲେ ଲୁଟେରା



**ନୀଳଗିରି (ଅମୃତ ମିଡିଆ) :** ଦିନ ଦ୍ୱିପ୍ରହରରେ ଘରେପଶି ତାଲାଚାବି କାଟି ଲୁଟିଲେ ଲକ୍ଷାଧିକ ଟଙ୍କାର ସୁନାଗହଣା ସହିତ ନଗଦ ୬୦ ହଜାର ଟଙ୍କା। ମୁଣ୍ଡଝାଳ ତୁଣ୍ଡରେ ମାରି ପେଟରୁ କାଟି ରୋଜଗାର କରି ସାଇତା ଧନକୁ ଲୁଟି ନେଇଥିବାରୁ ଦୁଃଖରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ। ବିବରଣୀରୁ ପ୍ରକାଶ ଯେ ସମ୍ପର୍କୀୟଙ୍କ ଘରକୁ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ ପରିବାର ଲୋକ। ହେଲେ କିଏ ଜାଣିଥିଲା ଶୁଦ୍ଧିକ୍ରିୟା ଯିବା ତାଙ୍କ ପାଇଁ କାଳ ହେବ ବୋଲି।ସୂଚନା ମୁତାବକ ନୀଳଗିରି ଏନ୍ଏସି ୨ ନମ୍ବର ୱାର୍ଡ ଘାଟଘରସାହିର ଗଣେଶ୍ୱର ରାଉତ ପରିବାର ସହିତ ନୀଳଗିରି ବ୍ଲକ ଗୋହିରା ଗ୍ରାମର ସମ୍ପର୍କୀୟଙ୍କ ଘରକୁ ଶୁଦ୍ଧିକ୍ରିୟା ପାଇଁ ଯାଇଥିଲେ। ଗଣେଶ୍ୱରଙ୍କ ମା ପାଚିକା ହୋଇଥିବା କାରଣରୁ ନିକଟ ସ୍କୁଲକୁ ରୋଷେଇ ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ଲୁଟେରା ମାନେ ତାଲା ଭାଙ୍ଗି ଲୁଟ୍ କରିଥିଲେ। ଅପରାହ୍ନ ସମୟରେ ସ୍କୁଲରୁ ଘରକୁ ଫେରି ଦେଖନ୍ତି ତ ଦୁର୍ବୃତ୍ତ ମାନେ ତାଙ୍କ ଘରେ ପଶି ତାଲାଚାବି କାଟି ସୁନା ଅଳଙ୍କାର ସହିତ ନଗଦ ୬୦ ହଜାର ଟଙ୍କା। ଲୁଟି ନେଇ ଯାଇଛନ୍ତି। ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ନୀଳଗିରି ଅଞ୍ଚଳରେ ଚୋରୀ, ଡକାୟତି, ଛିନ୍ତାଇ ନୀତି ଦିନିଆ ଘଟଣା ପାଲଟିଛି।

# 'ବେଟୀ ବଚାଓ ବେଟୀ ପଢ଼ାଓ' ସମନ୍ୱୟ କମିଟି ବୈଠକ



**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଅଭିଭାଷଣ ରଖି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରି ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଉକ୍ତ ବୈଠକରେ କନ୍ୟା ସନ୍ତାନଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ସଶକ୍ତିକରଣ ଏବଂ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। କନ୍ୟା ସନ୍ତାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିବ, ସେଥିପାଇଁ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ଓ ପ୍ରଭାବଶାଳୀ କାର୍ଯ୍ୟପନ୍ଥା ଅବଲମ୍ବନ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାଏକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦିବ୍ୟଭୂଷଣ ମହାନ୍ତି ଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପ୍ରତିନିଧିମାନେ ଯୋଗଦେଇଥିଲେ। ଜିଲ୍ଲାରେ କନ୍ୟା ସନ୍ତାନଙ୍କ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ସମାଜରେ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡେଇ ପାୱାର ପଏଣ୍ଟ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସରୋଜିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ପ୍ରତିନିଧି ଦଳର ବଡ଼ଚଣା ବନ୍ୟାଞ୍ଚଳ ଗସ୍ତ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ବନ୍ୟା ଅଞ୍ଚଳରେ ଗସ୍ତରେ ବିଜେଡି ର ଏକ ପ୍ରତିନିଧି ଦଳ ପହଁଚି ଏହି ବ୍ଲକ ର ବିଭିନ୍ନ ବନ୍ୟା ପ୍ରଭାବିତ ଗ୍ରାମ ଗୁଡିକୁ ବୁଲି ଦେଖିଥିଲେ, ଏହି ପ୍ରତିନିଧି ଦଳରେ ପୂର୍ବତନ ବାଚସ୍ପତି ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବଡଚଣା ବିଜେଡି ନେତା କ୍ୟାପଟାନ ରାଜନାରାୟଣ ମହାପାତ୍ର ସାମିଲ ଥିଲେ, ସେମାନେ ବାଲିଚନ୍ଦ୍ରପୁର ପହଁଞ୍ଚିବା ପରେ ସେଠାରୁ ଆମ୍ବସୌରୀ , ପିରପାଟଣା, ଚାରିନଙ୍ଗଳ, ବାହାଦୁରନଗର, କଳାଶ୍ରୀ, ଗୋପାଳପୁର, ଖଡକପୁର. ଚଣ୍ଡିଆ, ମଝିପଡା ଉଦୟଗିରି ଆଦି ବନ୍ୟା ଅଞ୍ଚଳ ବୁଲି ବନ୍ୟା ପୀଡିତ ଲୋକମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ , ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରେ କହିଲେ ଯେ ସରକାର ବନ୍ୟା ଅଞ୍ଚଳ କୁ ସେବା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଲୋକଙ୍କ ପାଖରେ ଏଯାବତ ପ୍ରଶାସନ ପହଂଚିପାରିନାହିଁ। ପୂର୍ବ ସରକାର ଅମଳରେ ନବୀନ ପଟ୍ଟନାୟକ ବନ୍ୟା ଅଞ୍ଚଳର ଲୋକଙ୍କ କଥାକୁ ଗୁରୁତ୍ୱ ଦଉଥିବାବେଳେ ମୋହନ ସରକାର ରିଲିଫ ଯୋଗାଇ ଦେବାର ତ ଦୂରର କଥା ଏ ସଂକ୍ରାନ୍ତ ରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି, ଏହି ଗସ୍ତ ସମୟରେ ବଡ଼ଚଣା ବ୍ଲକ ବିଜେଡି ସଭାପତି ତାପସ ରାୟ , ନିରଞ୍ଜନ ବିଶ୍ୱାଳ, ଜ୍ଞାନରଞ୍ଜନ ସାହୁ, ଦିଲୀପ ସାମଲ, ନାରୀନେତ୍ରୀ ଦମୟନ୍ତୀ ସାମଲ, ସରସ୍ୱତୀ ବେହେରା, ଶ୍ରୀକାନ୍ତ ସାମଲ, ଦେବଦତ୍ତ ସାମଲ, ପ୍ରବାଶ କୁମାର ଦାଶ, ରଶ୍ମିରଂଜନ ବଳ, ଲକ୍ଷ୍ମୀଧର ବାନା, ଦିବାକର ସେଠୀ, ଗୋଲାମ କିବିରିଆ ଖାଁ, ମନ୍ମଥ କେଶରୀ ସାବରାଏ, ମନୋରଞ୍ଜନ ମଲିକ, ଅନନ୍ତ ମହାରଣା, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, କୁଳମଣି ବାରିକ, ଯଶୋଦୀପ୍ତ ସାମଲ, ଗଗନ ବିହାରୀ ସ୍ୱାଇଁ, ବାବି ମହାନ୍ତି , ପୂର୍ଣ୍ଣଚନ୍ଦ୍ର ମଲିକ, ପ୍ରଦୀପ୍ତ ମହାନ୍ତି, ସଂଜୀବ ସାମଲ ଆଦି ଶତାଧିକ ବିଜେଡି କର୍ମୀ ମାନେ ବନ୍ୟା ଅଞ୍ଚଳ ଗସ୍ତ କରିଥିଲେ, ଏହି ଗସ୍ତ ସମୟରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଓ ପୋଲିସ ବାହିନୀ ବନ୍ୟା ଅଞ୍ଚଳରେ ଉପସ୍ଥିତ ଥିଲେ।

# ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ, ୨କର୍ମଚାରୀ ଆହତ



**ନୀଳଗିରି (ଅମୃତ ମିଡିଆ) :** ମଧ୍ୟାହ୍ନରେ କାର୍ଯ୍ୟାଳୟରେ ପଶିଲେ ମଦ୍ୟପ, ଏବଂ ମନଇଛା ଭଙ୍ଗାରୁଜା କଲେ। ଏପରି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ଏନଏସିରେ କାର୍ଯ୍ୟାଳୟରେ। ଜଣେ ମଦ୍ୟପ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଭଙ୍ଗାରୁଜା କରିବା ସହ କର୍ମଚାରୀ ମାନଙ୍କୁ ଆକ୍ରମଣ କରିଥିଲେ । ଏହି ମଦ୍ୟପଙ୍କ ଆକ୍ରମଣରେ ଦୁଇଜଣ କର୍ମଚାରୀ ମଧ୍ୟଆହତ ହୋଇଛନ୍ତି। ସୂଚନା ମୁତାବକ ମଧ୍ୟାହ୍ନ ସମୟରେ ହଠାତ ରଞ୍ଜନ ବେହେରା ନାମକ ଜଣେ ଯୁବକ ହଠାତ ନିଶାଶକ୍ତ ଅବସ୍ଥାରେ ନୀଳଗିରି ଏନ୍?ଏସି କାର୍ଯ୍ୟାଳୟରେ ପ୍ରବେଶ କରି ଖରାପ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟାଳୟର କଠୋରୀର କବାଟ ଗୁଡିକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ଏହାକୁ ପ୍ରତିବାଦ କରିବାକୁ ଯାଇ ଏନ୍ଏସି କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ରଞ୍ଜନଙ୍କ ଆକ୍ରମଣରେ ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁକରି ପଚରାଉଚୁରା ଜାରି ରଖିଛି।

# ବଜରଙ୍ଗବାଲୀ ସଙ୍ଘ ତରଫରୁ କାଉଡ଼ିଆଙ୍କୁ ଅନ୍ନ ପ୍ରସାଦ ବଣ୍ଟନ

**ଆଠମଲ୍ଲିକ (ଅମୃତ ମିଡିଆ) :** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଜାମୁଡୋଲୀ ପଞ୍ଚାୟତ ବିନିକେୟୀ ପୀଠ ରେ ବଜରଙ୍ଗବାଲି ସଙ୍ଘ ତରଫରୁ କାଉଡ଼ିଆ ଭକ୍ତ ମାନଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଜରଙ୍ଗ୍ୱାଲୀ ସଙ୍ଘର ସଭ୍ୟ ଶ୍ରୀପତି ପ୍ରଧାନ, ଭାଗ୍ୟଧର ପ୍ରଧାନ, ଜ୍ଞାନ ରଞ୍ଜନ ଜେନା କଳ୍ପତରୁ ପ୍ରଧାନ , ରାଜୁ ସିଂ, ଜିତୁ ମହାନ୍ତି ,ଦୁଷ୍ମନ୍ତ ସାହୁ, ଶ୍ରୀବସ୍ତ ପ୍ରଧାନ, ଅଶୋକ ବାରିକ, ଅନାମ ବେହେରା, ଅନିଲ ପ୍ରଧାନ, ସୁଗ୍ରୀବ ପ୍ରଧାନଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।





# ସରକାରଙ୍କ ଆସଆମେ ସ୍କୁଲଯିବା ଅଭିଯାନ ବାଟବଣା

**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆ ?ସି) ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୧୪ରେ ରାଜ୍ୟର ସମସ୍ତ ଅସୁରକ୍ଷିତ ଓ ପରିତ୍ୟକ୍ତ ସ୍କୁଲ କୋଠା ଚିହ୍ନଟ କରି ସେଗୁଡ଼ିକୁ ତୁରନ୍ତ ଭାଙ୍ଗିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରାଥମିକ ସ୍କୁଲର କୋମଳମତି ଶିଶୁମାନଙ୍କ ସୁରକ୍ଷା ନିଶ୍ଚିତ ସହ ବିପଦମୁକ୍ତ ପରିବେଶରେ ଶିକ୍ଷାଦାନ କରିବା । ତେବେ ଏହି ନିର୍ଦ୍ଦେଶର ୧୨ ବର୍ଷ ପରେ ବି ଏଥିରେ କୌଣସି ସୁଧାର ଆସି ନ ଥିବା ପରିଲକ୍ଷିତ ହେଉଛି। ଏବେ ବି ରାଜ୍ୟର ବିଭିନ୍ନ ଜିଲାରେ ବିପଦସଙ୍କୁଳ କୋଠା ଏବଂ ଅସ୍ୱାସ୍ଥ୍ୟକର ପରିବେଶରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। କଳାହାଣ୍ଡି ଜିଲାର ଅନେକ ସ୍କୁଲରେ ଏଭଳି ଅବସ୍ଥା ଦେଖିବାକୁ ମିଳିଥିବାବେଳେ ଜୁନାଗଡ଼ ବ୍ଲକର କର୍ଲାକୋଟ ପ୍ରାଥମିକ ବିଦ୍ୟାଳୟ ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି । କର୍ଲାକୋଟ ପ୍ରାଥମିକ ବିଦ୍ୟାଳୟ ୧୯୯୫ ମସିହାରେ ସ୍ଥାପନ ହୋଇଥିଲା। କାଳକ୍ରମେମରାମତି ଅଭାବରୁ ଶ୍ରେଣୀଗୃହ ଦୁର୍ବଳ ହେବା ସହ ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସଛି ।ବର୍ତ୍ତମାନ ଯେଉଁ ଗୃହରେ ପାଠ ପଢ଼ାଯାଉଛି ତାହା ଅତ୍ୟନ୍ତ ଦୟନୀୟ ଓ ବିପଦସଙ୍କୁଳ ଅବସ୍ଥାରେ ରହିଛି ବିଶେଷ କରି ବର୍ଷା ସମୟରେ ଅଭିଭାବକମାନେ ସୁରକ୍ଷା ଦୃଷ୍ଟିରୁ ପିଲାଙ୍କୁ ସ୍କୁଲ ଛାଡୁନାହାନ୍ତି । ସ୍କୁଲରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ଯାଏ ୪୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନଙ୍କୁ ଶିକ୍ଷାଦାନ କରିବା ପାଇଁ ୨ ଜଣ ଶିକ୍ଷକ ରହିଛନ୍ତି। ମଙ୍ଗଳବାର ବର୍ଷା ହେଉଥିବାରୁ ସ୍କୁଲକୁ ମାତ୍ର ୩ ଜଣ ଛାତ୍ର ଆସିଥିବା ଦେଖିବାକୁ ମିଳିଥିଲା। ବିପଦସଙ୍କୁଳ କୋଠା ପାଇଁ ସ୍କୁଲକୁ ଛାତ୍ରୀଛାତ୍ର ଆସିବାକୁ ମୁହଁ ମୋଡୁଛନ୍ତି । ଫଳରେ ସରକାରଙ୍କ ଆସ ଆମେ ସ୍କୁଲ ଯିବା ଅଭିଯାନ ଏଠାରେ ବାଟବଣା ହୋଇଥିବା କୁହାଯାଉଛି ଓ ଅନ୍ୟପଟେ ସ୍କୁଲରେ ଗୋଟିଏ ମାତ୍ର ଶୌଚାଳୟ ରହିଥିବାବେଳେ ଏହାକୁ ଉଭୟ ଝିଅ ଓ ପୁଅ ବ୍ୟବହାର କରିଥାନ୍ତି। ସ୍କୁଲ ପରିସରରେ ଥିବା ନଳକୂପରୁ ପାଣି ଆଣି ୱାଟର ପ୍ୟୁରିଫାୟର (ଜଳ ବିଶୋଧନ) ଯନ୍ତ୍ରରେ ରଖାଯାଏ। ସେହି ପାଣିକୁ ପ୍ରତିଦିନ ଛାତ୍ରୀଛାତ୍ର,ଶିକ୍ଷକ ବ୍ୟବହାର କରିଥାନ୍ତି ।ସ୍କୁଲ ପରିବେଶ ଖରାଦିନେ ଏକପ୍ରକାର ଭଲ ରହୁଥ ?ବାବେଳେ ବର୍ଷାଦିନେ ଅବସ୍ଥା ଶୋଚନୀୟ ହୋଇପଡୁଛି । ବର୍ଷା ପାଣି ସ୍କୁଲ ସମ୍ମୁଖରେ ଜମି ଚାରିଆଡ଼େ କାଦୁଅ ଓ ସରସରିଆ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ୨୦୨୪ରେ ସ୍କୁଲର କିଛି ଦୂରରେ ଏକ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ଆରମ୍ଭହୋଇଥିବାବେଳେ ତାହା ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏନେଇ ସ୍କୁଲର ପଞ୍ଚମଶ୍ରେଣୀରେ ପଢୁଥିବା ଜଣେ ଛାତ୍ର କହିଛନ୍ତି, ପୂର୍ବରୁ ସ୍କୁଲକୁ ବହୁ ଛାତ୍ରୀଛାତ୍ର ଆସୁଥିଲେ। ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଥ ?ବାରୁ କେହି ପଢ଼ିବାକୁ ଆସୁନାହାନ୍ତି। ସରକାର ଶୀଘ୍ର ଆମ ସ୍କୁଲର କୋଠା ନିର୍ମାଣ କରି ଦିଅନ୍ତୁ ବୋଲି ଛାତ୍ର ଜଣଙ୍କ କହିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ସୁନୀଲ ମେହେରଙ୍କୁ ପଚାରିବାରୁ ସ୍କୁଲ ବିପଦପୂର୍ଣ୍ଣ ଥିବା କଥା ସମସ୍ତେ ଜାଣିଛନ୍ତି। ହେଲେ କେହି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଅନ୍ୟ କିଛି ଉପାୟ ନ ପାଇ ଏମିତି ଛାତ୍ରୀଛାତ୍ରଙ୍କୁ ବସାଇ ପାଠ ପଢ଼ାଯାଉଛି ।ସ୍କୁଲର ଅତିରିକ୍ତ ଶ୍ରେଣୀ କୋଠା ନିର୍ମାଣ ଶେଷ ହେବା ପରେ କିଛିଟା ଆଶ୍ୱସ୍ତି ମିଳିବ ବୋଲି କହିଥିଲେ। ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ତପନ ମାଝୀଙ୍କୁ ପଚାରିବାରୁ ସ୍କୁଲର ଏହି ସମସ୍ୟା ପ୍ରତି ସେ ଅବଗତ ଅଛନ୍ତି। ଅତିରିକ୍ତ କୋଠା ନିର୍ମାଣ ସମ୍ପର୍କରେ ବିଡିଓଙ୍କ ସହ କ ?ଥା ହେବେ ବୋଲି ସେ କହିଥିଲେ। ଜୁନାଗଡ଼ ବିଡିଓ ଦେବାଶିଷ କରଙ୍କୁ ପଚାରିବାରୁ ରକ୍ତ ଶ୍ରେଣୀଗୃହ କୋଠା ସମ୍ପୂର୍ଣ୍ଣ କରିବାକୁ ଖୁବ୍ ?ଶୀଘ୍ର ଅନୁଦାନ ଦିଆଯିବ ବୋଲି କହିଥିଲେ। ଏ ନେଇ ସ୍କୁଲ ପରିଚାଳନା କମିଟି ସଭାପତି ବିଜୟ ବିଶିଙ୍କୁ ପଚାରିବାରୁ ସ୍କୁଲର ସମସ୍ୟା ନେଇ ପୂର୍ବରୁ ବିଡିଓଙ୍କୁ ଭେଟିଥିଲୁ ଏହାସରେ ମଧ୍ୟ ସମାଧାନ ହୋଇନାହିଁ ଓ ଯଦି ପ୍ରଶାସନ କିମ୍ବା ସରକାର ନ ଶୁଣନ୍ତି ତା’ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ବିଶି କହିଛନ୍ତି।



# ଏସ୍ଏଚ୍‌ଜି ଗ୍ରୁପ୍‌କୁ ମିଳିନି କୋଟିଏରୁ ଅଧିକ ଟଙ୍କା, ଜିଲ୍ଲାପାଳ ଅଫିସ ଘେରିଲେ ମହିଳା

**ନୂଆପଡ଼ା (ଅମୃତ ମିଡିଆ) :** ମହିଳା ସ୍ୱୟଂ ସହାୟିକା ଦଳ ସରକାରଙ୍କ ଧାନ କିଣା ପ୍ରକ୍ରିୟାରେ ସାମିଲ ହେଲେ କିଛି ଟଙ୍କା ରୋଜଗାର ପାଇବେ ସ୍ୱାବଲମ୍ବୀ ହେବା ପାଇଁ ଏସ୍ଏଚ୍‌ଜିଙ୍କ ପାଇଁ ଏହା ସହାୟକ ହେବ ବୋଲି ପୂର୍ବ ସରକାର ପରିକଳ୍ପନା କରିଥିଲେ । କିନ୍ତୁ ନୂଆପଡ଼ା ଜିଲ୍ଲାରେ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ଏସ୍ଏଚ୍‌ଜି ଗ୍ରୁପ୍‌କୁ ସେମାନଙ୍କର କମିସନ ଓ ହେମାଲି(ନିୟୋଜିତ ଶ୍ରମିକ) ବାବଦ ଟଙ୍କା ପାଇ ନଥିବା ଅଭିଯୋଗ ହୋଇଛି। ଟଙ୍କା ପାଇଁ ଏସ୍ଏଚ୍‌ଜି ଗ୍ରୁପର ମହିଳାମାନେ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଟଙ୍କା ମିଳିପାରିନି। ଆଜି ଜିଲ୍ଲା ଏସଏଚଜି ଗ୍ରୁପର ମହିଳାମାନେ ଏକତ୍ର ହୋଇ ଏକ ଶୋଭାଯାତ୍ରରେ ଆସି ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି। ଏହି ଘେରାଉରେ ଶତାଧିକ ମହିଳା ସହ ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ ଉପସ୍ଥିତ ରହିଛନ୍ତି।୨୩ ବର୍ଷ ପରେ ହାଇକୋର୍ଟରୁ ମିଳିଲା ନ୍ୟାୟ, ଆଇନଜୀବୀ ଓ ଆବେଦନକାରୀଙ୍କ ଅନୁପସ୍ଥିତିରେ ଅପିଲ ଖାରଜକୁ ନେଇ ଅଦାଲତ କ୍ଷୁବ୍ଧସୂଚନା ଅନୁସାରେ, ୨୦୨୪-୨୫ରେ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍‌ରେ ୧୩ଟି ଏସ୍ଏଚ୍‌ଜି ଗ୍ରୁପ୍‌କୁ ଖରିଫ ଓ ରବି ଧାନ କିଣା ପାଇଁ ଅନୁମତି ଦିଆଯାଇଥିଲା। ସରକାର ନିୟମ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ଏସ୍ଏଚ୍‌ଜିଙ୍କୁ କ୍ୱିଣ୍ଟାଲ ପିଛା ୩୧ ଟଙ୍କା ୨୫ ପଇସା କମିସନ ରହିଥିଲା । ସେହିପରି ହେମାଲି ପାଇଁ କ୍ୱିଣ୍ଟାଲ ପିଛା ୮ ଟଙ୍କା ୬୭ପଇସା ବ୍ୟବସ୍ଥା କରାଯାଇଥିଲା । ଖରିଫରେ ୨ଲକ୍ଷ ୨୭ ହଜାର ୫୩୫ କ୍ୱିଣ୍ଟାଲ ଧାନ ସଂଗ୍ରହ ବାବଦ କମିସନ ୭୧ ଲକ୍ଷ ୧୦ ହଜାର ୪୯୮ ଟଙ୍କା। ହୋଇଥିବାବେଳେ ମଣ୍ଡି ଓ ହେମାଲି ବାବଦକୁ ୨୯ ଲକ୍ଷ ୮୯ ହଜାର ୮୨୨ ଟଙ୍କା ; ମୋଟ ୧ କୋଟି ୧ ହଜାର ୩୨୦ ଟଙ୍କା ବକେୟା ରହିଛି। ବୈତରଣୀ ଓ ଖରସ୍ରୋତା ନଦୀ, ୭ ଦିନ ହେବ ବଢୁଛି ବନ୍ୟା ବିପନ୍ନଙ୍କ ଦୁଃଖଦୁର୍ଦ୍ଦଶା ଏଥିସହିତ ରବିରେ ୨୮ ହଜାର ୨୭୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ। କମିସନ ବାବଦକୁ ୮ ଲକ୍ଷ ୮୩ ହଜାର ୫୩୯ ଟଙ୍କା, ମଣ୍ଡି ଓ ହେମାଲି ବାବଦକୁ ୩ ଲକ୍ଷ ୭୧ ହଜାର ୫୧୧ ଟଙ୍କା ମୋଟ ୧୨ ଲକ୍ଷ ୫୫ ହଜାର ୫୦ ଟଙ୍କା ବାକି ରହିଛି। ଖରିଫ ଓ ରବିରେ ମୋଟ ୧ କୋଟି ୧୩ ଲକ୍ଷ ୫୫ ହଜାର ୩୭୦ ଟଙ୍କା କମିସନ ଓ ହେମାଲି ବାବଦ ବକେୟା ଟଙ୍କା ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ଏସ୍ଏଚ୍‌ଜି ଗ୍ରୁପ୍‌କୁ ସରକାର ଦେଇନଥିବା ଅଭିଯୋଗ ହୋଇଛି।




# ବନ୍ୟାଞ୍ଚଳ ପରିଦର୍ଶନ କଲେ ମନମୋହନ

**ଧୂଷୁରୀ (ଅମୃତ ମିଡିଆ) :** ଚାନ୍ଦବାଲି ବ୍ଲକରେ ବନ୍ୟା ପରିସ୍ଥିତିରେ ଲୋକଙ୍କ ଦୁର୍ଦ୍ଦଶା ଓ ଚାଷୀଙ୍କ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ କରିଛନ୍ତି ଭାଜପା ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ। ଗୁରୁବାର ସେ ବୋଟ୍‌ଯୋଗେ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଗାଁରେ ପହଞ୍ଚି ଜଳବନ୍ଦୀ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ସାମଲ ସୁନ୍ଦରପୁର ପଞ୍ଚାୟତର ପାରଡିଆ, ନାନ୍ଦପୁର ପଞ୍ଚାୟତର ବାଙ୍କମୁହାଁ ଓ ନାନ୍ଦପୁର, ଆରଡି ପଞ୍ଚାୟତର ମୁଆଁ ଓ ସନ୍ତରା ଏବଂ ଓଳଗ ପଞ୍ଚାୟତର ବୋଡକ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟାଜଳ ମଧ୍ୟରେ ରହୁଥିବା ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ମିଳୁଛି କି ନାହିଁ, ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ନେଇଥିଲେ। ପାରଡିଆ ଗାଁରେ ଥିବା ଫ୍ରି କିଚେନ୍ ? ସେଣ୍ଟରରେ ପହଞ୍ଚି ସେଠାରେ ପ୍ରସ୍ତୁତ ରନ୍ଧାଖାଦ୍ୟ ଖାଇ ଏହାର ମାନ ଯାଞ୍ଚ କରିଥିଲେ। ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ଓ ଗୋଖାଦ୍ୟ ମିଳୁଛି କି ନାହିଁ, ସେନେଇ ମଧ୍ୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପୂର୍ବ ବନ୍ୟା ସମୟରେ ଚାଳଘର ପାଇଁ ପାଲ ମିଳିଥିବା ନେଇ କେତେକ ଲୋକ ତାଙ୍କୁ ଜଣାଇଥିଲେ। ବନ୍ୟା ଯୋଗୁ ଚାନ୍ଦବାଲି ବ୍ଲକର ଅନେକ ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଥିବାରୁ ସାମଲ ଚାଷୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ବନ୍ୟା ପରେ ଚାଷୀଙ୍କୁ ଉନ୍ନତମାନର ବିହନ ଓ ରାସାୟନିକ ସାର ଯୋଗାଇ ଦିଆଯିବା ସହ ଫସଲ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ସେ କହିଥିଲେ। ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ନିୟମାନୁସାରେ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ଭାଜପା ଭଦ୍ରକ ଜିଲା ସଭାପତି ଭଗବାନ ପଣ୍ଡା, ଉପସଭାପତି କିଶୋର ନାୟକ ଓ ଅଜୟ ନାୟକ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ମହିଳା ସମ୍ପାଦିକା ସ୍ୱାଗତିକା ପଲାଇ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ସୁନ୍ଦରପୁର ସମିତି ସଭ୍ୟ ଶରତ ବେହୁରିଆ, ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା, ସଦାନନ୍ଦ ମଲିକ ଓ ଭାଜପା ନେତା କାର୍ତ୍ତିକ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



# ସାମାଜିକ ସମୀକ୍ଷାରେ ଖୋଲିଲା ଶିକ୍ଷା ବ୍ୟବସ୍ଥାର ଗୁମର

## ଗୁଣାତ୍ମକ ଶିକ୍ଷା ନେଇ ଉଠିଲା ବଡ଼ ପ୍ରଶ୍ନ

**ଖପ୍ରାଖୋଲ (ଅମୃତ ମିଡିଆ) :** ସମଗ୍ର ଶିକ୍ଷା ଯୋଜନାର ନାଁରେ ଶିକ୍ଷା ବ୍ୟବସ୍ଥାର ଚମକଦାର ଚିତ୍ର ଦେଖାଇବାର ଦିନ ଗଲାଣି। ଖପ୍ରାଖୋଲ ବ୍ଲକରେ ଅନୁଷ୍ଠିତ ସାମାଜିକ ସମୀକ୍ଷା ଜନଶୁଣାଣୀ ଯେଉଁ ବାସ୍ତବ ଚିତ୍ର ସାମ୍ନାକୁ ଆଣିଛି, ତାହା ସ୍ଥାନୀୟ ଶିକ୍ଷା ବ୍ୟବସ୍ଥାର ଦୁର୍ବଳତାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି। ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଗୁରୁବାର ଶିକ୍ଷା ବିଭାଗ ପକ୍ଷରୁ ସମଗ୍ର ଶିକ୍ଷା ଯୋଜନାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣୀ ବ୍ଲକ ସହ-ଶିକ୍ଷା ଅଧିକାରୀ ମୀନକେତନ ବରିହାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଜିଲ୍ଲା ପରିଷଦର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନିକ) ଅଶୋକ କୁମାର ମାଝୀ ମୁଖ୍ୟ ଅତିଥି ତଥା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିବା ବେଳେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଓ ଜିଲ୍ଲା ସାମାଜିକ ସମୀକ୍ଷକ ଅମିତାଭ ମେଣ୍ଡୁଲି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାମାଜିକ ସମୀକ୍ଷାରେ ବ୍ଲକର ୫୮ଟି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସାମ୍ନାକୁ ଆସିଥିଲା। କେଉଁଠି ନୂତନ ଶ୍ରେଣୀଗୃହ ନାହିଁ, କେଉଁଠି ରୋଷେଇ ଘର ଓ ଖାଇବା ଘରର ଅଭାବ, ଆଉ କେଉଁଠି ପାଇଖାନା, ଖେଳ ପଡ଼ିଆ, ସ୍କୁଲ ବାଡ଼ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ଅପହଞ୍ଚ। ଏହା ସହ ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ନେଇ ମଧ୍ୟ ଅଭିଯୋଗ ହୋଇଛି। ପ୍ରଶ୍ନ ଉଠୁଛି ଯେଉଁ ବିଦ୍ୟାଳୟରେ ପିଲାଙ୍କ ପାଇଁ ମୌଳିକ ସୁବିଧା ହିଁ ନାହିଁ, ସେଠାରେ ଗୁଣାତ୍ମକ ଶିକ୍ଷାର ସ୍ୱପ୍ନ କେତେଦୂର ବାସ୍ତବ? ଶିକ୍ଷା ଅଧିକାର କେବଳ କାଗଜରେ ସୀମିତ ରହିବ ନା ତାହାର ପ୍ରକୃତ ଲାଭ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ଏହି ପ୍ରଶ୍ନ ଏବେ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ। ଜନଶୁଣାଣୀରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଥିବା ବେଳେ ବିଡିଓ ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିଛି ବିଦ୍ୟାଳୟର ନିଜସ୍ୱ ଜମି ନଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଥିଲା। ଏଭଳି ସ୍ଥିତିରେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଯୋଗାଇଦେବା ନେଇ ଆଲୋଚନା ହୋଇଥିଲା। ତେବେ ଭିତ୍ତିଭୂମି ଅଭାବ ହିଁ ସମଗ୍ର ସମସ୍ୟା ନୁହେଁ। ଗୁଣାତ୍ମକ ଶିକ୍ଷାର ଅଭାବ ଆହୁରି ଗମ୍ଭୀର ଚିନ୍ତାର ବିଷୟ। ସ୍କୁଲରେ ପିଲା ଆସୁଛନ୍ତି, ଉପସ୍ଥାନ ହେଉଛି, ସରକାରୀ ଯୋଜନା ଚାଲୁଛି—କିନ୍ତୁ ପିଲାମାନେ ପ୍ରକୃତରେ କେତେ ଶିଖୁଛନ୍ତି? ତାଙ୍କର ପାଠପଢ଼ାର ମାନ କେତେ ବଢୁଛି ? ଏହାର ଉତ୍ତର ଖୋଜିବା ପାଇଁ ଶିକ୍ଷା ବିଭାଗକୁ ନିୟମିତ ଭାବେ ସମୀକ୍ଷା ବୈଠକ କରିବା ସହ ଦାୟିତ୍ୱ ନିର୍ଦ୍ଧାରଣ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। କେବଳ ଜନଶୁଣାଣୀ କରି ସମସ୍ୟାର ତାଲିକା ପ୍ରସ୍ତୁତ କରିଦେଲେ ଦାୟିତ୍ୱ ସରିଯାଏ ନାହିଁ। ୫୮ଟି ସ୍କୁଲରୁ ଉଠିଥିବା ଅଭିଯୋଗ ଉପରେ କେବେ କାର୍ଯ୍ୟ ହେବ, କେଉଁ ବିଦ୍ୟାଳୟକୁ କେବେ କଣ ସୁବିଧା ମିଳିବ ଏବଂ ଗୁଣାତ୍ମକ ଶିକ୍ଷା ପାଇଁ କଣ ଠୋସ ପଦକ୍ଷେପ ନିଆଯିବ ଏହାର ଉତ୍ତର ଏବେ ପ୍ରଶାସନକୁ ଦେବାକୁ ପଡ଼ିବ । ଜନଶୁଣାଣୀରେ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ, ସିଆରସି, ଗ୍ରାମ୍ୟ ସମ୍ବଳ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଏସଏ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ସିଆରସିସି ପ୍ରଦୀପ କୁମ୍ଭାର ଧନ୍ୟବାଦ ଅର୍ପଣ ଥଲେ ।



# ନିୟମିତ ଆବର୍ଜନା ଉଠା ନଗଲେ ଆନ୍ଦୋଳନ, ଟ୍ରାକ୍ଟରରେ ଯାଇ ସ୍ମାରକପତ୍ର ପ୍ରଦାନ

**ବରଗଡ଼ (ଅମୃତ ମିଡିଆ) :** ସହରରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହରର ରାସ୍ତାକଡ଼, ବସଷ୍ଟାଣ୍ଡ ଓ ବଜାର ଅଞ୍ଚଳରେ କୁଢ଼ କୁଢ଼ ଆବର୍ଜନା ଜମା ହୋଇ ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି, ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାର ପ୍ରତିବାଦରେ ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ଏକ ଅଭିନବ ପ୍ରଦର୍ଶନ କରାଯାଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୦ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନହେଲେ ସହରର ଆବର୍ଜନାକୁ ଟ୍ରାକ୍ଟରରେ ବୋହି ପୌର କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ଉପସଭାପତି ଗୌରବ ପତି ଆଜାଦ୍ ଚେତାବନୀ ଦେଇଛନ୍ତି। ଗୌରବ ପତି ଆଜାଦଙ୍କ ନେତୃତ୍ୱରେ କର୍ମୀମାନେ ଟ୍ରାକ୍ଟର ଯୋଗେ ପୌର କାର୍ଯ୍ୟାଳୟରେ ପହଞ୍ଚି ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲେ। ସହରର ରାସ୍ତାକଡ଼ ଓ ଦୋକାନ ସମ୍ମୁଖରେ ଡଷ୍ଟବିନ୍ ଅଭାବରୁ ଅଳିଆ ଜମା ହେଉଥିବା ସେମାନେ ଦର୍ଶାଇଛନ୍ତି। ତୁରନ୍ତ ଆବର୍ଜନା ସଫେଇ, ପ୍ରମୁଖ ସ୍ଥାନଗୁଡ଼ିକରେ ଡଷ୍ଟବିନ୍ ସ୍ଥାପନ ଏବଂ ନିୟମିତ ଅଳିଆ ଉଠାଣ ବ୍ୟବସ୍ଥା ପାଇଁ ସେମାନେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟ ଛାତ୍ର କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।



# ଘରଭାଙ୍ଗିଲେ ହାତୀପଲ: ଧାନ-ଚାଉଳ ସହ ଅନେକ ସାମଗ୍ରୀ ନଷ୍ଟ

**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜ ତଥା ବିଜେପୁର ସେକ୍ସନ ଅନ୍ତର୍ଗତ ବେନଗାଁ ପଞ୍ଚାୟତର ଦୁର୍ଗମ ଘୋଡ଼ାପୋଖରୀ ଗାଁରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି । ଗାଁର ଧନୁର୍ଯ୍ୟ ହରିଜନଙ୍କ ଘରକୁ ବିଳମ୍ବିତ ରାତିରେ ହାତୀପଲ ଆକ୍ରମଣ କରି ଭାଙ୍ଗିଦେଇଛନ୍ତି। ଘରର ଛପର ଓ ବିଭିନ୍ନ ଅଂଶ ନଷ୍ଟ ହେବା ସହ ଘର ଭିତରେ ଥିବା ଖାଦ୍ୟଶସ୍ୟ ଓ ଘରୋଇ ସାମଗ୍ରୀ ମଧ୍ୟ ନଷ୍ଟ ହୋଇଛି। ରାତିରେ ଧଡେଲ ଜଙ୍ଗଲ ଅଞ୍ଚଳରୁ ଏକ ଦାନ୍ତା ହାତୀ ସମେତ ହାତୀପଲ ଗାଁ ମୁହାଁ ହୋଇଥିଲେ । ହାତୀଙ୍କ ଗର୍ଜନ ଓ ଘର ନିକଟରେ ଚଳପ୍ରଚଳ ଶବ୍ଦ ଶୁଣି ପରିବାର ଲୋକେ ଭୟଭୀତ ହୋଇ ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ନିକଟସ୍ଥ ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଥିଲେ। ଫଳରେ ବଡ଼ ଅଘଟଣରୁ ପରିବାର ବର୍ତ୍ତୀ ଯାଇଥିଲେ । ହାତୀପଲ ଘର ଭାଙ୍ଗିବା ସହ ଘରେ ରଖାଯାଇଥିବା ଧାନ,ଚାଉଳ, ମାଣ୍ଡିଆ, ବିରି ଆଦି ଖାଦ୍ୟଶସ୍ୟକୁ ମାଡ଼ି ଚକଟି ନଷ୍ଟ କରିଦେଇଥିବା ଦେଖାଯାଇଥିଲା । ଘରର ଆସବାବପତ୍ର ନଷ୍ଟ ହୋଇଲା । ଘଟଣା ପରେ ହାତୀପଲ ଘୋଡ଼ାପୋଖରୀ ଗାଁ ନିକଟସ୍ଥ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ଫଳରେ ବେନଗାଁରୁ ଲାଞ୍ଜିଗଡ଼ ଦେଇ ଯାତାୟାତ କରୁଥିବା ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି । ରାତିରେ ଏହି ରାସ୍ତାରେ ଯାତାୟାତ କରିବାକୁ ଲୋକେ ଭୟ କରୁଥିବା ଦେଖାଯାଇଛି।



# ମେଣ୍ଢା ଫାର୍ମଠାରେ ଗତରାତିରୁ ୩୦ ଟିକିଆ ହାତୀପଲ

**ବଲାଙ୍ଗିର (ଅମୃତ ମିଡିଆ) :** ବଲାଙ୍ଗିର ଜିଲା ସଇଁତଳା ରେଞ୍ଜ ଅନ୍ତର୍ଗତ ଦେଓଗାଁ ବଙ୍ଗଳା ମେଣ୍ଢା ଫାର୍ମଠାରେ ଗତରାତିରୁ ୩୦ ଟିକିଆ ହାତୀପଲ ଆସି ଅଛନ୍ତି। ଦେଓଗାଁ ଅଞ୍ଚଳର ଆଖପାଖ ଗ୍ରାମରେ ଲୋକେ ଭୟରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗତ ତିନିଦିନ ହେଲା ସଇଁତଳା ରେଞ୍ଜ ଅଞ୍ଚଳରେ ବୁଲୁଥିବା ୩୦ଟିକିଆ ହାତୀପଲ। ଏବେ ଆସି ପହଞ୍ଚିଛନ୍ତି ଦେଓଗାଁ ବଙ୍ଗଳା ନିକଟ ମେଣ୍ଢା ଫାର୍ମ ଠାରେ । ଲୋକଙ୍କ ଚାଷ ଜମିରେ ହାତୀ ପଲ ଚାଲି ଚାଲି ଯାଉଥିବାରୁ ଫସଲକୁ ମାଡ଼ି ଚାଷ ଜମିକୁ ଦଳି ନଷ୍ଟ କରିଦେଉଛନ୍ତି । ଅନ୍ୟପଟେ ହାତୀଙ୍କ ଗତିବିଧି ଉପରେ ବନ ବିଭାଗର ନଜର ରଖିଥିବା ଜଣାପଡ଼ିଛି। କଳାହାଣ୍ଡିରୁ ତେଲନଦୀ ପାର ହୋଇ ସଇଁତଳା ରେଞ୍ଜର ଘୁମସର ଅଞ୍ଚଳରେ ପ୍ରଥମେ ପଶିଥିଲା ୩୦ ଟିକିଆ ହାତୀପଲ। ତିନିଦିନ ହେଲା ଏହି ହାତୀପଲ ବିଭିନ୍ନ ଅଞ୍ଚଳରେ ଘୁରି ବୁଲୁଛନ୍ତି। ଏବେ ଦେଓଗାଁ ବଙ୍ଗଳା ମେଣ୍ଢା ଫାର୍ମ ଅଞ୍ଚଳରେ ଡେରା ପକାଇଛନ୍ତି ହାତୀପଲ। ହାତୀ ଗାଁ ନିକଟରେ ଥିବାରୁ ମେଣ୍ଢା ଫାର୍ମରେ ରହୁଥିବା ପରିବାର ଓ ନିକଟବର୍ତ୍ତୀ ଗ୍ରାମ ହାତିସରା ଗାଁର ଲୋକେ ହାତୀ ଯୋଗୁଁ ଭୟରେ ରାତି ସାରା ଶୋଇ ନ ଥିବା ଜଣାପଡ଼ିଛି। କେତେବେଳେ ହାତୀପଲ ଗାଁ ଭିତରକୁ ପଶିଯିବେ ତାକୁ ନେଇ ଚିନ୍ତା ବଢ଼ିଛି। ଏପଟେ ହାତୀଙ୍କ ଉପଦ୍ରବ ଯୋଗୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସଇଁତଳା ଓ ଦେଓଗାଁ ବନବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିଥିବା କୁହାଯାଇଛି।



# ସାନଭାଇର ଟାଙ୍ଗିଆ ଚୋଟରେ ବଡ଼ଭାଇ ମୃତ

**ଭବାନୀପାଟଣା(ଅମୃତ ମିଡିଆ):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ ଗୁରୁବାର ଅପରାହ୍ନରେ ଏକ ଅଭାବନୀୟ ତଥା ରକ୍ତାକ୍ତ ଘଟଣା ସାମ୍ନାକୁ ଆସିଛି। ଭାତ ଖାଇବା ସମୟରେ ସାମାନ୍ୟ ବଚସାକୁ ନେଇ ସାନ ଭାଇ ଧରମୁ ଶବର (୩୨) ରାଗିଯାଇ ବଡ଼ ଭାଇ କୁଳମଣି ଶବର (୩୫)ଙ୍କୁ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଛନ୍ତି। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପୋଲିସ ତୁରନ୍ତ ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସାନ ଭାଇ ଧରମୁ ଶବରଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ଏହି ଘଟଣାରେ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ-୩୪୫/୨୦୨୬) ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ଚିତ୍ରସେନ ପ୍ରଧାନୀ ସୂଚନା ଦେଇଛନ୍ତି।



# ବନ୍ୟାଞ୍ଚଳ ପରିଦର୍ଶନ କଲେ ଅତିରିକ୍ତ ଏସ୍ଆରସି



ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ପ୍ରବାହିତ ବ୍ରାହ୍ମଣୀ,ଖରସ୍ରୋତା ଓ ଶାଖା କାଣୀ ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ବ୍ଲକର ୨୩ଟି ପଞ୍ଚାୟତର ୪୭ ଟି ଗ୍ରାମର ୮୦ ହଜାର ଲୋକ ଏବେ ପାଣିଘେରରେ ରହିଛନ୍ତି । ବନ୍ୟାଜଳ ହ୍ରାସ ପାଉ ନଥିବାରୁ ବନ୍ୟା ବିପନ୍ନ ମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ପାଣି ଘେରରେ ରହି ଲୋକମାନେ କଲବଲ ହେଉଥିବା ବେଳେ ଜନଜୀବନ ସମ୍ପୂର୍ଣ୍ଣ ଭାବେ ଅସ୍ତବ୍ୟସ୍ତ ହୋଇ ପଡିଛି । ବନ୍ୟାପାଣି ଘେରରେ ଥିବା ହଜାର ହଜାର କଚାଘରେ ପାଣି ପଶି ଯାଇଥିବା ବେଳେ ଅନେକ ଘର ଭୁଶୁଡି ପଡିଛି । ବନ୍ୟା ବିପନ୍ନ ମାନଙ୍କ ନିକଟରେ ବନ୍ୟା ପୂର୍ବରୁ ଥିବା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଶେଷ ହୋଇ ଯାଇଥିବା ବେଳେ ସେମାନେ ତାହା ସଂଗ୍ରହ କରିପାରୁ ନାହାଁନ୍ତି କ୍ଷ ଯାହାଫଳରେ ଭୋକ ଉପାସରେ ଶୁଖିଲା ଖାଦ୍ୟ ଖାଇ ଦିନ ରାତି ପଡି ରହିଛନ୍ତି । ବନ୍ୟା ବିପନ୍ନ ମାନଙ୍କ ନିକଟରେ ସରପଞ୍ଚ ମାନେ ନିଜସ୍ୱ ଉଦ୍ୟମରେ କିଛି ସହାୟତା ଦେଉଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଆନୁଷ୍ଠାନ ସହାୟତା ଯୋଗାଇ ଦେଉଛି । କିନ୍ତୁ ପ୍ରଶାସନ ପକ୍ଷରୁ ଆଜି ପର୍ଯ୍ୟନ୍ତ ଅନେକ ସ୍ଥାନରେ ଠିକ ଭାବେ ରିଲିଫ ସାମଗ୍ରୀ ପହଞ୍ଚି ପାରିନି । ଯାହାକୁ ନେଇ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖା ଦେଉଥିବା ବେଳେ ଏହାକୁ କିନ୍ତୁ ତର୍ଜମା କରାଯାଉନଥିବା ଜଣାପଡିଛି । ଗୁରୁବାର ଅପରାହ୍ନରେ ଅତିରିକ୍ତ SRC ସୁଭାସ ନାଥ ଶର୍ମା ଆଳି ବ୍ଲକର ବ୍ରାହ୍ମଣୀ ନଦୀ କୂଳରେ ଥିବା ମାଣିକପାଟଣା ପଞ୍ଚାୟତରେ ପହଞ୍ଚି ସେଠାରେ ବନ୍ୟାର ସ୍ଥିତି, ରିଲିଫ ବଣ୍ଟନ, ସ୍ଥାନାନ୍ତର ବ୍ୟବସ୍ଥା ସମ୍ପର୍କରେ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ବନ୍ୟା ବିପନ୍ନ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ, ଗୋଖାଦ୍ୟ ଠିକ ଭାବେ ମିଳିଛି କି ନାହିଁ ପଚାରି ବାରୁ ସେଠାରେ ମୁଣ୍ଡ ପିଛା ୩୪୦ ଗ୍ରାମ ଚୁଡା କୁ ଅଢେଇ କେଜି ଗୋଖାଦ୍ୟ ମିଳିଥିବା ନେଇ ଲୋକ ମାନେ ଏସ ଆର ସି ଙ୍କ ନିକଟରେ ଅଭିଯୋଗ କରିଥିଲେ । ଏସ୍ଆରସି ଖୁବଶୀଘ୍ର ଆଉଥରେ ରିଲିଫ ଆସିବ ଓ ସାଧାରଣ ଲୋକଙ୍କୁ ଯୋଗାଇ ଦିଆଯିବ ବୋଲି କହିଥିଲେ । ପ୍ରଶାସନ ପକ୍ଷରୁ ଅଧିକ ସହାୟତାର ଆବଶ୍ୟକତା ଦେଖାଦେଇଛି ବୋଲି ଅଞ୍ଚଳବାସୀ ଦାବି କରିଥିଲେ । ଏହି ସମୟରେ ଗ୍ରାମର ବିଦ୍ୟାଧର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳଙ୍କୁ ତହସିଲ ପକ୍ଷରୁ ଜରିପାଲ ଯୋଗାଇ ଦିଆ ଯାଇଥିଲା । ଅତିରିକ୍ତ ଶ୍ରୀମଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷ ଉପସ୍ଥିତ ଥିଲେ ।



# 'କାର ମାର୍ଟ' ପକ୍ଷରୁ ବନ୍ୟାବିପନ୍ନଙ୍କୁ ଶୁଖିଲାଖାଦ୍ୟ ବଣ୍ଟନ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ ନଦୀରେ ପ୍ରବଳ ବନ୍ୟା ଆସିବା ଯୋଗୁଁ ମାଣିକପାଟଣା ପଞ୍ଚାୟତର ୬ ଟି ୱାର୍ଡର ଲୋକମାନେ ଜଳବନ୍ଦୀ ହୋଇ ପଡିଛନ୍ତି । ଦୀର୍ଘ ଆଠ ଦିନ ହେବ ପଞ୍ଚାୟତର ୮, ୯, ୧୦, ୧୧, ୧୨, ୧୩ ୱାର୍ଡର ପ୍ରାୟ ଆଠ ଶହ ପରିବାର ସମ୍ପୂର୍ଣ୍ଣ ଭାବେ ପାଣି ଘେରରେ ରହିଛନ୍ତି । ଆଠଦିନ ହେବ ସାଧାରଣ ଲୋକମାନଙ୍କ ଠାରୁ ଆରମ୍ଭ କରି ଗାଈଗୋରୁ ସମସ୍ତେ ଉପାସରେ ରହିଥିବା ବେଳେ ପ୍ରଶାସନିକ ସହାୟତା ଅନେକ ସ୍ଥାନରେ ମିଳି ନଥିବା ଅଭିଯୋଗ କରିଛନ୍ତି ଅଞ୍ଚଳ ବାସୀ । ଏହି ଅବସରରେ ଯୁବ ସମାଜ ସେବୀ ତଥା ଭୁବନେଶ୍ୱରର 'କାର ମାର୍ଟ 'ଶୋ ରୁମ ର ପ୍ରତିଷ୍ଠାତା ସଞ୍ଜୟ ପରିଡା ମାଣିକପାଟଣାରେ ପହଞ୍ଚିବା ପରେ



ବୋଟ ନେଇ ସମସ୍ତ ୱାର୍ଡରେ ପହଞ୍ଚି ଲୋକମାନଙ୍କ ସମସ୍ୟା ବୁଝିବା ସହ ବନ୍ୟା ବିପନ୍ନ ହୋଇ ପଡ଼ିଥିବା ଆଠ ଶହ ପରିବାରକୁ ମାଣିକପାଟଣାର ଅଗ୍ରଣୀ ସ୍ୱେଚ୍ଛାସ୍ୱେବୀ ଅନୁଷ୍ଠାନ ସାଥି ଫାଉଣ୍ଡେସନ ସହାୟତାରେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମୀନକେତନ ପାତ୍ର, ସୌଭାଗ୍ୟ ଦାସ, ଧିରେନ ଦାସ, ଶୁଭମ ଦାସ, ରାମ କୁମାର ରାଉତ,ବିଜୟ ଦାସ, ଅରୁଣ ଭୂୟାଁ,ଗୌତମ ରାଉତ, ଜଗନ୍ନାଥ ଦାସ, ସୁରେନ୍ଦ୍ର ଦାସ, କାହ୍ନୁଲାଲ ଦାସ, ଜୟଶ୍ରୀ ଦାସ,ସୋନାଲି ପରିଡା, ସରିତା ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ ।

# ଓଡିଆ ଅସ୍ମିତା ପ୍ରତି ସମ୍ମାନ ରହୁ: ପୂଜ୍ୟ ପୂଜା ସମିତି

ବ୍ରହ୍ମପୁର (ଅମୃତ ମିଡିଆ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଭଙ୍ଗାରୁଜା ଘଟଣାକୁ ନେଇ ପୂଜ୍ୟ ପୂଜା ସମିତି ତୀବ୍ର ନିନ୍ଦା କରିଛି ।

ବ୍ରହ୍ମପୁର ସରକାରୀ ଆଇଟିଆଇ କେନ୍ଦ୍ର ସମ୍ମୁଖରେ ସ୍ଥାପିତ ବିଜୁ ବାବୁଙ୍କ ଅନନ୍ୟ ଧାତୁ ଶିଳ୍ପ ପ୍ରତିମୂର୍ତ୍ତିରେ ଲାଗିଥିବା ଚଷମାଟି କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି । ଏପରି ଅଶୋଭନୀୟ କାର୍ଯ୍ୟ କେବଳ ଜଣେ ମହାନ୍ ନେତାଙ୍କ



ଅବମାନନା ନୁହେଁ, ବରଂ ସମଗ୍ର ଓଡ଼ିଆ ଜାତିର ଅସ୍ମିତା ଉପରେ ଆଘାତ । ଏହି ଘଟଣା ସମ୍ପର୍କରେ ଆଜି ପୂର୍ବାହ୍ନରେ ସମିତିର ଏକ ପ୍ରତିନିଧି ଦଳରେ ଅଧାପକ ମନୋରଞ୍ଜନ ସାହୁ,ସମାଜସେବୀ ଗୁଣନିଧି ବେହେରା ଓ ଆଇନଜୀବି ଅବନୀ ଗୟା ପ୍ରମୁଖ ଆଇଟିଆଇ ଅଧକ୍ଷ ଇଂ.ରଞ୍ଜନ କୁମାର ପରିଡ଼ାଙ୍କୁ ଭେଟି ପ୍ରତିମୂର୍ତ୍ତିଟିକୁ ଯଥାଶୀଘ୍ର ମରାମତି କରି ପୂର୍ବାବସ୍ଥାକୁ ଫେରାଇ ଆଣିବା ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ।

# କୃଷକ ପଞ୍ଜୀକରଣ ଓ ସାର ବଣ୍ଟନ ସଚେତନତା ପାଇଁ ପ୍ରଚାର ରଥ ଶୁଭାରମ୍ଭ



ଭଞ୍ଜନଗର (ଅମୃତ ମିଡିଆ): କୃଷକମାନଙ୍କୁ ଖରିଫ ଋତୁରେ ଧାନ କ୍ରୟ ନିମନ୍ତେ କୃଷକ ପଞ୍ଜୀକରଣ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ସହ ରାସାୟନିକ ସାରର ସୁବ୍ୟବସ୍ଥିତ ଓ ନ୍ୟାୟସଙ୍ଗତ ବଣ୍ଟନ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଭଞ୍ଜନଗରରେ ଏକ ସଚେତନତା ପ୍ରଚାର ରଥର ଶୁଭାରମ୍ଭ କରାଯାଇଛି । ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି (ଜଗଉ) କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଶ୍ରୀ ଉମାଶଙ୍କର ବେହେରା, ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶ୍ରୀ ସୁମନ୍ତ କୁମାର ସାହୁ, ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀ, କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ପ୍ରଚାର ରଥ ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଅଞ୍ଚଳ ଓ ଗ୍ରାମକୁ ପରିକ୍ରମା କରି କୃଷକମାନଙ୍କ ମଧ୍ୟରେ କୃଷକ ପଞ୍ଜୀକରଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବ । ବିଶେଷକରି କଗଝ ୨୦୨୬-୨୭ ଖରିଫ ଋତୁର ଧାନ କ୍ରୟ ପାଇଁ ପଞ୍ଜୀକରଣର ଆବଶ୍ୟକତା, ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକ ତଥ୍ୟ ଓ ଦଲିଲପତ୍ର, ନିର୍ଦ୍ଧାରିତ ସମୟସୀମା ଆଦି ବିଷୟରେ କୃଷକମାନଙ୍କୁ ସରଳ ଭାଷାରେ ଅବଗତ କରାଯିବ । ଧାନ କ୍ରୟ ପ୍ରକ୍ରିୟାରେ କୃଷକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ଏବଂ ସମୟ ମଧ୍ୟରେ ନିଜର ପଞ୍ଜୀକରଣ ସମ୍ପନ୍ନ କରିପାରନ୍ତି, ସେଥିପାଇଁ ଏହି ସଚେତନତା ଅଭିଯାନ ଗୁରୁତ୍ୱ ବହନ କରୁଛି । କୃଷକମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପଞ୍ଜୀକରଣ କରି ସରକାରୀ ଧାନ କ୍ରୟ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ କରାଯିବ । ଏଥିସହିତ ଅଞ୍ଚଳରେ ରାସାୟନିକ ସାରର ଉପଲବ୍ଧତା, ସୁବ୍ୟବସ୍ଥିତ ବଣ୍ଟନ, ନିର୍ଦ୍ଧାରିତ ଦରରେ ଯୋଗାଣ ଏବଂ ସାରର ଉପଯୁକ୍ତ ଓ ସନ୍ତୁଳିତ ବ୍ୟବହାର ସମ୍ପର୍କରେ ମଧ୍ୟ କୃଷକମାନଙ୍କୁ ସଚେତନ କରାଯିବ । ଫସଲର ଆବଶ୍ୟକତା ଅନୁଯାୟୀ ସାର ବ୍ୟବହାର କରିବା, ଅତ୍ୟଧିକ ସାର ପ୍ରୟୋଗ ନକରିବା ଏବଂ ସରକାରୀ ବ୍ୟବସ୍ଥା ମାଧ୍ୟମରେ ସାର ପାଇବା ନିମନ୍ତେ କୃଷକମାନଙ୍କୁ ପରାମର୍ଶ ଦିଆଯିବ ।

ଏହି ପ୍ରଚାର ରଥ ମାଧ୍ୟମରେ ଧାନ କ୍ରୟ ପାଇଁ କୃଷକ ପଞ୍ଜୀକରଣ ଓ ସାର ବଣ୍ଟନ ସମ୍ପର୍କିତ ସରକାରୀ ନିୟମାବଳୀ ବିଷୟରେ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା ପହଞ୍ଚାଇବା ସହ କୃଷକମାନଙ୍କୁ ସଠିକ୍ ସୂଚନା ଦିଆଯିବ । ଏହା ଫଳରେ କୃଷକମାନେ ଠିକ୍ ସମୟରେ ଆବଶ୍ୟକ ପଦକ୍ଷେପ ନେଇ ସରକାରୀ ସୁବିଧାର ସୁଯୋଗ ନେଇପାରିବେ । କୃଷକମାନଙ୍କ ସ୍ୱାର୍ଥର ସୁରକ୍ଷା, ଧାନ କ୍ରୟ ବ୍ୟବସ୍ଥାକୁ ସୁଗମ କରିବା ଏବଂ କୃଷି ଉତ୍ପାଦନ ପାଇଁ ସାରର ସୁବ୍ୟବସ୍ଥିତ ଯୋଗାଣ ନିଶ୍ଚିତ କରିବାରେ ଏହି ସଚେତନତା ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରକାଶ ପାଇଛି ।

# ବନ୍ୟାଜଳରେ ପଶି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ଡାକ୍ତରୀଦଳ

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକରେ ବନ୍ୟା ପ୍ରଭାବିତ ଗାଁଗୁଡିକରେ ଜୀବନକୁ ବିପନ୍ନ କରି ଆଣ୍ଠୁଏ ପାଣିରେ ପଶି ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି ଡାକ୍ତରୀ ଦଳ । ଭ୍ରାମ୍ୟମାଣ ଚିକିତ୍ସା ଦଳ ବନ୍ୟା ଜଳକୁ ଖାତିର ନକରି ଦାଣ୍ଡି ଗ୍ରାମରେ ପହଁଚି ବନ୍ୟା ଘେରରେ ଜଳବନ୍ଦୀ ଜୀବନ କାଟୁଥିବା ଲୋକମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ପଚାରି ବୁଝିବା ସହ ଚିକିତ୍ସା କରିଥିଲେ । ଏହି ଗ୍ରାମର ରୋଗୀମାନେ ପାଣିଘେରରେ ଥିବାରୁ ବାହ୍ୟ ଜଗତକୁ ଆସିପାରୁନଥିଲେ । ବୁଧବାର ଦିନ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଡାକ୍ତର ଟିଟି ମିଶ୍ର, ଡାକ୍ତର ସୁଧାଂଶୁବାଳା ବେହେରା, ଫାର୍ମାସିଷ୍ଟ ସୌମ୍ୟରଞ୍ଜନ ଜେନା, ସ୍ୱାସ୍ଥ୍ୟକର୍ମୀ,



ଆଶାକର୍ମୀ ଓ ଅଙ୍ଗନବାଡି କର୍ମୀ ବନ୍ୟା ପ୍ଲାବିତ ଜଳବନ୍ଦୀ ଦାଣ୍ଡି ଗ୍ରାମରେ ପ୍ରଭାବିତ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ବଣ୍ଟନ କରିଥିଲେ । ବିଶେଷ କରି ଥଣ୍ଡା, ଜ୍ୱର, କାଶ, ମୁଣ୍ଡବିନ୍ଧା, ବାନ୍ତି ଆଦି ଶତାଧିକ ରୋଗୀଙ୍କୁ ଚିକିତ୍ସା କରିଥିଲେ । ଲୋକମାନେ ସ୍ୱଚ୍ଛ ପାନୀୟ ଜଳ ବ୍ୟବହାର କରିବାକୁ ପରାମର୍ଶ ଦେବା ସହ ବିଭିନ୍ନ ରୋଗର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ କହିଥିଲେ । ଆବଶ୍ୟକ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସହ ଯୋଗାଯୋଗ କରି ନିଜେ ସୁସ୍ଥ ରହିବା ସହ ପରିବାର ତଥା ଗ୍ରାମର ସମସ୍ତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।

# ବନ୍ୟାଞ୍ଚଳରେ ବନବିଭାଗ ପକ୍ଷରୁ କୁମ୍ଭୀର ସଚେତନତା ଅଭିଯାନ

ରାଜନଗର (ଅମୃତ ମିଡିଆ): ଦୀର୍ଘଦିନ ହେବ ବନ୍ୟାଜଳରେ ଉବୁଟୁବୁ ହେଉଛି ଧୋୟାଞ୍ଚଳ ।ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ବନ୍ୟାଜଳରେ କୁମ୍ଭୀର ବିଚରଣ କରିବା ଦ୍ୱାରା ଲୋକମାନେ ଭୀତତ୍ରସ୍ତ ହୋଇପଡିଛନ୍ତି ।ଏପରିକି ରାଜନଗର ବ୍ଲକ ବନ୍ଧପଡ଼ା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରେ ସନ୍ଧ୍ୟା ସମୟରେ ଏକ ଷଣ୍ଢକୁ କୁମ୍ଭୀରଟିଏ



ଆକ୍ରମଣ କରିଥିଲା ।ଷଣ୍ଢର ରଡ଼ି ଶୁଣି ଗ୍ରାମବାସୀମାନେ ଟର୍ଚ୍ଚ ମାରି ଟେକା ପଥର ଫିଙ୍ଗିବାରୁ ଷଣ୍ଢଟି ଖଣ୍ଡିଆ ଖାବରା ହୋଇ ରକ୍ଷା ପାଇଯାଇଥିଲା ।ବନ୍ୟାଞ୍ଚଳରେ କୁମ୍ଭୀରଙ୍କ ଉପଦ୍ରବ ଯୋଗୁଁ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଙ୍କରଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜନଗର ଅଞ୍ଚଳରେ ବନ୍ୟା ପାଣି ଘେରି ରହିଥିବା ଗ୍ରାମ ଗୁଡିକ ଯଥା ବେଲପାଳ, ନଗଡ,ଚକିବାଙ୍କ, ଟାଙ୍ଗଣତାଲା, ସନ୍ତପଡା, ବାଲି, ଚନ୍ଦନପୁର, ମଦନପୁର ଇତ୍ୟାଦି ଗ୍ରାମ ଗୁଡିକରେ ବନବିଭାଗ ତରଫରୁ ବୋଟ୍ ଯୋଗେ କୁମ୍ଭୀର ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା । ବନବିଭାଗ ତରଫରୁ ରାଜନଗର ଫରେଷ୍ଟର ବିଭୂତି ଭୂଷଣ ତରାଇ, ରାକେଶ ମହାନ୍ତି, ବନରକ୍ଷୀ ସ୍ମୃତି ରେଖା ନାୟକ ପ୍ରମୁଖ ସାମିଲ୍ ହୋଇ ଲୋକମାନଙ୍କୁ ସଚେତନ କରିଥିଲେ ।

# ଶିକ୍ଷକ ଅଭାବ ପ୍ରତିବାଦରେ ସ୍କୁଲରେ ତାଲା

- ୬ଷ୍ଠ ରୁ ୧୦ମ ୨୫୯ ଛାତ୍ରଛାତ୍ରୀଙ୍କ ପାଇଁ ୪ ଶିକ୍ଷକ
- ଗଣିତ ପାଠ ପଢ଼ା ୨ ମାସ ହେଲା ଠପ୍




ଯୋଡ଼ା (ଅମୃତ ମିଡିଆ): ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦାବିରେ କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍ ରଜିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଭିଭାବକମାନେ ଗୁରୁବାର ତାଲା ପକାଇଥିବା ଜଣା ପଡିଛି । ଫଳରେ ବିଦ୍ୟାଳୟ ପରିସର ବାହାରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ରହିବାକୁ ବାଧ୍ୟ ହୋଇଥିବାରୁ ପାଠପଢ଼ା ବନ୍ଦ ରହିଥିଲା । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୫୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି । ବିଶେଷକରି ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ମଧ୍ୟ ନିୟମିତ ଶିକ୍ଷକ ନଥିବା ଅଭିଯୋଗ ହୋଇଛି । ଏଥିସହିତ ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ମଧ୍ୟ ଦୀର୍ଘଦିନ ଧରି ଖାଲି ପଡ଼ିଛି । ସବୁଠାରୁ ଗୁରୁତର ସମସ୍ୟା ହୋଇଛି ଗଣିତ ଶିକ୍ଷାଦାନ । ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇ ମାସରୁ ଅଧିକ ସମୟ ଧରି ଏସ୍ ଆଇଆର ଡ୍ୟୁଟି ଦିଆଯାଇଥିବାରୁ ସେ ବିଦ୍ୟାଳୟକୁ ଆସୁନଥିବା ଅଭିଭାବକମାନେ କହିଛନ୍ତି । ଫଳରେ ଦୁଇ ମାସ ହେଲା ବିଦ୍ୟାଳୟରେ ଗଣିତ ପାଠପଢ଼ା ବ୍ୟାହତ ହୋଇଛି । ଆଗକୁ ମାଟ୍ରିକ୍ ପରୀକ୍ଷା ଥିବା ବେଳେ ଏଭଳି ଶିକ୍ଷକ ଅଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ପ୍ରଭାବିତ କରୁଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସମସ୍ୟା ସମାଧାନ ପାଇଁ ଅଭିଭାବକମାନେ ଏକାଧିକବାର ଚମ୍ପୁଆ ଶିକ୍ଷା ଅଧିକାରୀ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ଦାବି ପୂରଣ ହୋଇନ ଥିବା ଅଭିଯୋଗ କରିଛନ୍ତି । ଶେଷରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବାକୁ ଅଭିଭାବକମାନେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇ ଥିବା କହିଛନ୍ତି । ତୁରନ୍ତ ଖାଲିଥିବା ଶିକ୍ଷକ ପଦବୀ ପୂରଣ ସହ ଗଣିତ ଶିକ୍ଷକଙ୍କୁ ବିଦ୍ୟାଳୟରେ ନିୟୋଜିତ କରି ପାଠପଢ଼ା ସ୍ୱାଭାବିକ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି ।

# ୩ ଦିନିଆ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ ଉଦ୍ୟାପିତ

## ଅନ୍ତିମ ରଜନୀରେ ଗୀତି ନାଟ୍ୟ , ଭାରତ ଲୀଳା ,ଭୂତକେଳି ପରିବେଷଣ

ବ୍ରହ୍ମପୁର (ଅମୃତ ମିଡିଆ): ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ,ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ,ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ ' ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ,ବ୍ରହ୍ମପୁର ଠାରେ ତିନିଦିନ ଧରି ମହାସମାରୋହରେ ଆୟୋଜିତ ହୋଇଯାଇଛି । ଏକାଡ଼େମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବର ଅନ୍ତିମ ରଜନୀରେ ରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତିନାଟ୍ୟ, ଗଞ୍ଜାମ ଶ୍ରୀ ଶ୍ରୀ ମା ଦ୍ୱୀ ନାଟ୍ୟ କଳା ସଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଷଣ କରାଯାଇଥିବା ବେଳେ ଦର୍ଶକ ମାନେ ଉତ୍ସାହର ସହ ଉପଭଗ କରିଥିଲେ ।ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଙ୍କ ପରାମର୍ଶ କ୍ରମେ ଏପରି ମହୋତ୍ସବ ପରିଚାଳିତ ହେଉଅଛି ।




ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ରୂପେ , ଆସିକା ବିଜ୍ଞାନ ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ଡ଼ ଜୀବାନନ୍ଦ ତ୍ରିପାଠୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଦିତୀ ଆଚାର୍ଯ୍ୟ ଓଡ଼ିଶା ନାଟକ ସମାରୋହ ସମିତି ସାଧାରଣ ସମ୍ପାଦକ ଶ୍ରୀ ନାରାୟଣ ମହାଙ୍କୁଡ , ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଗଦାଧର ବାରିକ , ସଂସ୍କାର ଭାରତୀ ଓଡିଶା ପ୍ରଦେଶ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁରରେ ପ୍ରଥମ ଥର ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଇଥିବାରୁ ଆୟୋଜକ ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହ ଏପରି ମହୋତ୍ସବ ଦ୍ୱାରା ଲୋକ କଳାର ବିକାଶ ହୋଇପାରୁଥିବା କହିଥିଲେ । ଏହି କାର୍ଯ୍ୟକ୍ରମକୁ ସଭପତି ଅନୀଲ କୁମାର ପାତ୍ର ପୂର୍ଣ୍ଣ ସହୋଜଗ ତଥା ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର କାର୍ଯ୍ୟକାରି ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, କୈଳାଶ ପାଣିଗ୍ରାହୀ, କାର୍ତ୍ତିକ ପାଣିଗ୍ରାହି , ଆରତୀ ପାତ୍ର, କୁନି ପଣ୍ଡା, ହରିଶ୍ଚନ୍ଦ୍ର ବରାଡ , ମୃତାଞ୍ଜୟ ତ୍ରିପାଠୀ , ଜୟନ୍ତୀ ମିଶ୍ର , ଅଭିରାମ ରାଉଳ , ବଳଦେବ ସାହୁ, କୃଷ୍ଣ ପଣ୍ଡା,ସରୋଜ ପଣ୍ଡା, ଅଶୋକ ପାତ୍ର ,ସୁନୀଲ ସ୍ୱାଇଁ, ସୁଦୀପ କୁମାର୍ ସାହୁ , ମିହିର ପାଣିଗ୍ରାହି, ବିନାୟକ ହୋତା ସତ୍ୟ ଦାସ ଙ୍କ ସମେତ ବହୁ କଳାପ୍ରେମୀ ଓ କର୍ମକର୍ତ୍ତା ଏଠାରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ କୁ ଶ୍ରୀ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ ଅତିଥି ଓ କଳାକାର ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା ।

### ।।। ୧୪୨ ଦିନରେ ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ।।।

# କାଳିଆ ଦର୍ଶନ ପାଇଁ ଧାରଣାରେ ବସିଲେ ପୁରୀବାସୀ

**ପୁରୀ (ବ୍ୟୁରୋ):** ଭଗବାନ ଯେଉଁଠି ରୁହନ୍ତି ଭକ୍ତ ତାଙ୍କ ଚାରିପଟେ ରୁହନ୍ତି । ପୁରୀବାସୀଙ୍କ ପ୍ରିୟ ଓ ଘର ଦିଅଁ କାଳିଆ ଠାକୁର । ଆଗରୁ କାଳିଆକୁ ଦର୍ଶନ ନକଲେ ଅନ୍ନ ଜଳ ପାଟିରେ ମାରୁନଥିଲେ । ମଙ୍ଗଳ ଆଳତିରେ ଗୀତ ଗୋବିନ୍ଦ ଓ ବଡସିଂହାର ବେଶ ବେଳେ ପୁରୀବାସୀ ଉପସ୍ଥିତ ରହି ଭଜନକୀର୍ତ୍ତନ କରୁଥିଲେ । ମହାମାରୀ କରୋନା ଠାରୁ କଟକଣା ଲାଗୁ ହୋଇଛି । ନିଜ ଘର ଦିଅଁ ଓ ଗାଁ ଦିଅଁଙ୍କୁ ଦର୍ଶନ କରିପାରୁନାହାନ୍ତି ପୁରୀବାସୀ । ସରକାରଙ୍କ ପ୍ରତିଶ୍ରୁତି ମୃଗତୃଷ୍ଣା ପରି ଘୁଞ୍ଚି ଘୁଞ୍ଚି ଯାଉଛି । ପୁରୀବାସୀଙ୍କ ଦର୍ଶନ ପାଇଁ ୧୪୧ ଦିନ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି ଦର୍ଶନ ସୁଯୋଗ ସାତଦିନ ଧରି ଦର୍ଶନ ଅଧିକାର ପାଇପାରିଥିଲେ । ସରକାର ଲିଖିତ ପ୍ରତିଶ୍ରୁତି ନଦେବା ଯୋଗୁ ଆନ୍ଦୋଳନ ଜାରି ରହିଥିଲା । ଗତକାଲି ବୁଧବାର ଦିନ ପୁଣି ପୋଲିସ ପଶ୍ଚିମଦ୍ୱାରରେ ପୁରୀବାସୀଙ୍କୁ ଆଧାର କାର୍ଡ ଦେଖି ନଛାଡିବାରୁ ପୁରୀବାସୀ ସେଠାରେ ଧାରଣାରେ ବସିଛନ୍ତି । ୨୪ ଘଣ୍ଟା ବିତିଗଲାଣି ସରକାରଙ୍କ ନିଦ ଭାଙ୍ଗୁନାହିଁ । ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଧାରଣା ଅହୋରାତ୍ର ଜାରି ରହିଛି । ସରକାର ପୁରୀବାସୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଦର୍ଶନ ନକରିପାରିଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ଓ ଦାବି ପୂରଣ ନହେଲେ ଶ୍ରୀମନ୍ଦିର ପଶ୍ଚିମଦ୍ୱାରରୁ ସ୍ୱର୍ଗଦ୍ୱାର ଯିବି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ଜଗଦାନନ୍ଦ ରାୟ, ପ୍ରକାଶ ଚନ୍ଦ୍ର ନାୟକ, ନୃସିଂହନାଥ ନାୟକ, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ମିନାକ୍ଷୀ ଦାସ, ବନିତା ଦିକ୍ଷୀତ, ମନୀଷା ପାତ୍ର, ଚିକି ସାହୁ, ବର୍ଷା ପଣ୍ଡା, ସୌମ୍ୟା ସାହୁ, ବୈଶାଳୀ ପ୍ରଧାନ, ସ୍ନେହା ଦାସ, ମମତା ସ୍ୱାଇଁ, ଅଭିମନ୍ୟୁ ରାୟଗୁରୁ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ରମେଶ ଚନ୍ଦ୍ର ମହାନ୍ତି, ଜୁପିଟର ଦାସ, କିଶୋର ଚନ୍ଦ୍ର ଦାସ, ଅଭିମନ୍ୟୁ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ସନ୍ତୋଷ ସେନାପତି, କାଶୀନାଥ ସାହୁ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ପୁରୀବାସୀ ଧାରଣାରେ ବସିଛନ୍ତି ।




# ଶ୍ରୀକ୍ଷେତ୍ରରେ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ




**ପୁରୀ (ବ୍ୟୁରୋ):** ଶ୍ରାବଣ ଶୁକ୍ଳ ଦଶମୀ ତିଥିଠାରୁ ଶ୍ରୀମନ୍ଦିର ସମେତ ବିଭିନ୍ନ ମଠବାଡ଼ି ତଥା ପୁରପଲ୍ଲୀରେ ଆରମ୍ଭ ହେବ ବର୍ଷାକାଳୀନ ରାସ ତଥା ପବିତ୍ର ଝୁଲଣ ଯାତ୍ରା। ଝୁଲଣଯାତ୍ରା ପାଇଁ ସମସ୍ତ ମଠ ଓ ମନ୍ଦିରରେ ପ୍ରସ୍ତୁତି ଜାରି ରହିଛି। ୭ଦିନ ବ୍ୟାପୀ ଚାଲିବ ଏହି ଯାତ୍ରା ।ଝୁଲଣ କୁଞ୍ଜରେ ଝୁଲିବେ ଶ୍ରୀଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନ। ଶ୍ରୀକ୍ଷେତ୍ରରେ ବିଭିନ୍ନ ମଠବାଡ଼ିରେ ମଧ ଝୁଲଣ ଯାତ ଅନୁଷ୍ଠିତ ହେବ। ଝୁଲଣ କୁଞ୍ଜରେ ବିଜେ ହେବେ ଶ୍ରୀରାଧାକୃଷ୍ଣ। ଶ୍ରୀମନ୍ଦିର ସହ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠଗୁଡ଼ିକରେ ବର୍ତ୍ତମାନ ଝୁଲଣ କୁଞ୍ଜ ନିର୍ମାଣ ଜାରି ରହିଛି। ଝୁଲଣ ଯାତ ପାଇଁ ଦୋଳି ପ୍ରସ୍ତୁତ କରୁଛନ୍ତି କାରିଗର । ଯାତ ଅବସରରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ରନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ମଧ୍ୟାହ୍ନଧୂପ ପରେ ତିନିବାଡ଼ରେ ସର୍ବାଙ୍ଗ ଲାଗି ଓ ବେଶ ହେବ। ମହାଜନମାନେ ସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣଘରୁ ମଦନମୋହନଙ୍କୁ ଆଣି ଖଟ ଶେଜରେ ବିଜେ କରାଇବେ। ପୂଜାପଣ୍ଡା ସାମନ୍ତ ମାଣ୍ଡୁଅଭୋଗ ଅର୍ପଣ କରିବେ, ତିନିବାଡ଼ରେ ଆଳତିହେବ। ଏହାପରେ ତିନି ମୂର୍ତ୍ତିଙ୍କୁ ଝୁଲଣମଣ୍ଡପ ଦୋଳିକୁ ଅଣାଯିବ। ବିଡ଼ିଆ ପାନ ମଣୋହି କରାଯିବ। ମନ୍ଦିରରେ ସନ୍ଧ୍ୟାଧୂପ ସରିଲେ ଝୁଲଣ ମଣ୍ଡପଠାରେ ପଞ୍ଚ ଉପଚାରରେପୂଜା ହେବ। ମନ୍ଦିର ଭିତରେ ଚନ୍ଦନ ଲାଗିସରିବା ପରେ ଝୁଲଣ କୁଞ୍ଜରେ ବିରାଜିତ ମଦନମୋହନକୁ ଦକ୍ଷିଣଘର ଠାକୁରାଣୀକୁ ଗର୍ଭଗୃହକୁ ବିଜେ କରାଇବେ ।ତେଣୁ ଝୁଲଣ ଯାତ୍ରାକୁ ଦୃଷ୍ଟିରେ ରଖି ମୁକ୍ତିମଣ୍ଡପ ଉପରେ ଓ ସମ୍ମୁଖ ପାର୍ଶ୍ୱରେ ସାଜସଜ୍ଜା ଚାଲିଛି। ସେହିଭଳି ଶ୍ରୀକ୍ଷେତ୍ରର ମଠବାଡ଼ିରେ ମଧ ଝୁଲଣ ଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି ।ଶ୍ରୀଜଗନ୍ନାଥ ବଲ୍ଲଭ ମଠ, ରାଧାବଲ୍ଲଭମଠ, ସିଦ୍ଧବକୁଳ ମଠ, ଶ୍ୟାମକୁଞ୍ଜ ମଠ, ମାତା ମଠ ,ସମସ୍ତ ପ୍ରକାର ସାଜସଜ୍ଜା ସହ ଝୁଲଣ କୁଞ୍ଜ ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । କୁଞ୍ଜରେ କଣ୍ଢେଇ, ବିଭିନ୍ନ ଜରି ଜମ୍ମୁରା ଫୁଲ,ଲେସ,ଶୁଆ, ସାରି,ବଣି, ପାରା, ଗୁଣ୍ଡୁଚି ମୂଷା, ମାଙ୍କଡ଼ ଆଦି ମୂର୍ତ୍ତି ଖଞ୍ଜା ଯାଇଛି। ଝୁଲଣରେ ସୋଲ ଓ ଜରିସାଜସଜ୍ଜା ମଧ୍ୟ ହୋଇଛି । ପୁରୀରେ ୪୦ରୁ ଉର୍ଦ୍ଧ୍ୱ ମଠ ବାଡ଼ିରେ ଝୁଲଣ ଯାତ୍ରା ପାଳିତ ହେବ ସେଥିପାଇଁ ଝୁଲଣ କୁଞ୍ଜ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

# ଫଟୋଗ୍ରାଫର୍ସମାନଙ୍କ ବୃକ୍ଷରୋପଣ କାର୍ଯ୍ୟକ୍ରମ



**ପୁରୀ (ବ୍ୟୁରୋ):** ବିଶ୍ୱ ଫଟୋଗ୍ରାଫିକ ଦିବସ ଉପଲକ୍ଷେ ଫଟୋଗ୍ରାଫର୍ସ କ୍ଲବ ଅଫ ଶ୍ରୀ ଜଗନ୍ନାଥ ଧାମ ପୁରୀ, ସଂଘ ପକ୍ଷରୁ ପୁରୀ ଆଇଟିଆଇ କଲେଜ ନିକଟରେ ସମୁଦ୍ରକୂଳ ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ କରକମଳରେ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ପୁରୀ ସହର ତଥା ଗ୍ରାମାଞ୍ଚଳର ବିଭିନ୍ନ ଫଟୋଗ୍ରାଫର ମାନେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘର ଉପଦେଷ୍ଟା ପ୍ରକାଶ ଦଳେଇ, ସଭାପତି ଶିବଚରଣ ମହାନ୍ତି, ଉପସଭାପତି ହରପ୍ରସାଦ ଚାଟାର୍ଜୀ, ସମ୍ପାଦକ ସୁକାନ୍ତ ସାହୁ,ସାଂଗଠନିକ ସମ୍ପାଦକ ନିଳାଞ୍ଚଳ ପାଢ଼ୀ, ସହ ସମ୍ପାଦକ ଅସିତ ତ୍ରିପାଠୀ, ଉପେନ୍ଦ୍ର ସାହୁ,କୋଷାଧ୍ୟକ୍ଷ ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଓଡ଼ିଶା ଫଟୋଗ୍ରାଫିକ୍ ସିଣ୍ଡିକେଟ୍ର ସଭାପତି ମିଥୁନ ଜେନା, ଓ ଫଟୋଗ୍ରାଫର ମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ଷଡ଼ଙ୍ଗୀ,ରଞ୍ଜନ ସୁବୁଦ୍ଧି, ଉମେଶାଙ୍କ ଲେଙ୍କା, ଅଭିଷେକ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ସିଦ୍ଧାର୍ଥ ସ୍ୱାଇଁ, ଗୋବିନ୍ଦ ପାଣିଗ୍ରାହୀ, ଦେବାଶିଷ ଦଳେଇ, ସାମଶନ ପାଟଶାଣି, ନିରଞ୍ଜନ କୁଲଜ୍ଞା, ବବୁଲ ମହାପାତ୍ର, ଅନିଲ ରାଓ ସମେତ ଅନ୍ୟ ଫଟୋଗ୍ରାଫରମାନେ ଯୋଗ ଦେଇ ବିଭିନ୍ନ ବୃକ୍ଷରୋପଣ କରିଥିଲେ ।

# ନିଶାମୁକ୍ତ ଯୁବକ ଗଠନ ସଚେତନତା

**ପୁରୀ (ବ୍ୟୁରୋ):** ଡ୍ରଗ୍ସ ମୁକ୍ତ ସମାଜ ବା ନିଶା ମୁକ୍ତ ଯୁବକ ଗଠନ ପାଇଁ ବାଣୀଧାରା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କରାଯାଉଛି ସଚେତନତା । ତେଣୁ ଅନୁଷ୍ଠାନ ପକ୍ଷରୁ ୱାଡା ବା WADA- WAR AGAINST DRUG ABUSE ନେଇ ପୁରୀରେ ବଡଦାଣ୍ଡରେ ଗୁଣ୍ଡିଚା ମନ୍ଦିର ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ହୋଇଛି ନିଶାମୁକ୍ତି ସଚେତନତା ଶୋଭାଯାତ୍ରା । ଜଗତସିଂହପୁର , ପାରାଦୀପ , କଟକ , ଭୁବନେଶ୍ୱରରେ ସଚେତନା ପରେ ଆଜି ପୁରୀରେ ହୋଇଛି ୱାଡା ଶୋଭାଯାତ୍ରା ।



ତେବେ ଦେଶର ବିକାଶରେ ଯୁବ ପିଢୀଙ୍କ ପ୍ରମୁଖ ଭୂମିକା ଥିବା ବେଳେ, ଦେଶରେ ଅନୈତିକ ଡ୍ରଗ୍ସ କାରବାର ଯୁବ ପିଢୀକୁ କବଳିତ କରି ଦେଶର ମେରୁଦଣ୍ଡକୁ ଦୁର୍ବଳ କରିବାରେ ଲାଗିଛି. ଏହି ଅବସରରେ WADA (War Against Drug Abuse) ର ଭଲ୍ୟୁଣ୍ଟର ମାନେ କ୍ରମାଗତଭାବେ ଏହି ଅବୈଧ ଡ୍ରଗ୍ସ କାରବାର ବିରୁଦ୍ଧରେ ସଚେତନତା କରି ଆସୁଛନ୍ତି . ଗତ ସ୍ୱାଧୀନତା ଦିବସ ୧୫ ଅଗଷ୍ଟ ଠାରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ଆମେ ଏକ ମେଗା ସଚେତନତା କାର୍ଯ୍ୟକ୍ରମ କରାଯାଇଛି . ଏହି ଅବସରରେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର 'ଅବୈଧ ଡ୍ରଗ୍ସ ରୋକିବାରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା' ଅନୁଷ୍ଠିତ ହୋଇଛି । ଆଉ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇ ଡ୍ରଗ୍ସ ବିରୁଦ୍ଧରେ ସଚେତନତା ଓ ଯୁବ ପିଢିଙ୍କ ଭବିଷ୍ୟତର ସୁରକ୍ଷା ସହ ବେଆଇନ ଡ୍ରଗ୍ସ କାରବାର କରୁଥିବା ଅପରାଧୀଙ୍କ ଉପରେ କଡା ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଇଛି ।

# ତୀର୍ଥଯାତ୍ରାରେ ଯିବେ ୧୨୭ ବରିଷ୍ଠ ନାଗରିକ

**ପୁରୀ (ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଲେଖାଏଁ ତୀର୍ଥଯାତ୍ରୀ ଦୁଇଟି ପର୍ଯ୍ୟାୟରେ ବାରଣାସୀ-ଅଯୋଧ୍ୟା ଗସ୍ତରେ ଯିବେ ।ପ୍ରଥମ ପର୍ଯ୍ୟାୟ ସେପ୍ଟେମ୍ବର ୨ ରୁ ୭ ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟ ଅକ୍ଟୋବର ୨୮ରୁ ନଭେମ୍ବର ୨ ପର୍ଯ୍ୟନ୍ତ ।ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ ସେମାନଙ୍କ ସହ ଯିବେ ।ଏ ସମ୍ପର୍କରେ ରାଣ୍ଡମୋଜାଇସନ ମାଧ୍ୟମରେ ଯାତ୍ରୀ ଚୟନ କରାଯାଇଥିଲା ।ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏହି ଅନଲାଇନ ରାଣ୍ଡମୋଜାଇସନ କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ପରିଚାଳନା କରାଯାଇଥିଲା ।ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସୂଚନା ପ୍ରଦାନ କରି ଅବଗତ କରାଇଥିଲେ ଯେ ,ବିଗତ ବର୍ଷ ପରି ଚଳିତ ବର୍ଷ ମଧ ପ୍ରକାଶିତ ବିଜ୍ଞାପନ ଆଧାର ରେ ଅନଲାଇନ ମାଧ୍ୟମରେ ଆବେଦନ ଆହ୍ୱାନ କରାଯାଇଥିଲା ଓ ୪୨୭ ଜଣ ଏକକ ଓ ୧୫୩ ଦମ୍ପତି ଆବେଦନ କରିଥିଲେ ବୋଲି ସୂଚନା ଦେଇଥିଲେ ।ଏହି ଦରଖାସ୍ତ ଗୁଡିକୁ ଯାଞ୍ଚ କରାଯିବା ପରେ ସେଥିରୁ ୩୮୪ ଏକକ ଯାତ୍ରୀ, ୧୪୪ ଦମ୍ପତି ଅର୍ଥାତ ୨୮୮ ଜଣ ଓ ସହଯାତ୍ରୀ ଭାବେ ୨ ଜଣ ଅର୍ଥାତ ୬୭୪ ଜଣ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଣ୍ଡେ ମାଇଜେସନ ରେ ଯୋଗ୍ୟ ତୀର୍ଥଯାତ୍ରୀ ଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ। ସେପ୍ଟେମ୍ବର ୧ ତାରିଖରେ ତୀର୍ଥଯାତ୍ରୀମାନେ ପର୍ଯ୍ୟଟନ କାର୍ଯ୍ୟାଳୟ ରେ ପହଞ୍ଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ସେପ୍ଟେମ୍ବର ୨ ତାରିଖରୁ ଯାତ୍ରା ଆରମ୍ଭ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରାଣ୍ଡେ ମାଇଜେସନ କରାଯାଇ ୧୨୭ ଜଣ ଙ୍କୁ ଅଯୋଧ୍ୟା ଓ ବାରାଣସୀ ପଠାଯିବ। ପୂର୍ବରୁ ଏହି ଯୋଜନା ରେ ସାମିଲ ହୋଇ ତୀର୍ଥ ସ୍ଥାନ ପରିଦର୍ଶନ କରି ଫେରିଥିବା ଯାତ୍ରୀ ଙ୍କୁ ସାମିଲ କରାଯିବ ନାହିଁ ବୋଲି ପର୍ଯ୍ୟଟନ ଅଧିକାରୀ ସ୍ପଷ୍ଟ କରିଦେଇଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଷଷ୍ଠ ଓଡିଶା ଏନ୍‌ସିସି ବାଟାଲିଆନ୍ ଶିବିର ଉଦ୍‌ଯାପିତ

**ପୁରୀ (ବ୍ୟୁରୋ):** ତାଳବଣିଆ ସ୍ଥିତ ୬ଷ୍ଠ ଓଡିଶା ବାଟାଲିଆନ ଏନ୍‌ସିସିର ୧୦ ଦିନିଆ ଶିବିର ଆଜି ସଂଧ୍ୟାରେ ଉଦଯାପିତ ହୋଇଥିଲା ।ଉଦ୍ୟାପନ ଶିବିରରେ କମାଣ୍ଡିଙ୍ଗ ଅଫିସର କଲୋନେଲ ଅଙ୍କୁର ଭଟ୍ଟନଗର ଯୋଗ ଦେଇ ଏନ୍‌ସିସି କ୍ୟାଡେଟ ମାନଙ୍କର ଲକ୍ଷ୍ୟ, ଉଦ୍ଦେଶ୍ୟ, ସାହସ, ଶୃଙ୍ଖଳା ଓ ସମାଜ ପ୍ରତି ଉତ୍ତରଦାୟିତ୍ୱ ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। ଏନସିସିର ପ୍ରତିଟି କ୍ୟାଡେଟ ଏଭଳି ଅନୁଶାସନରେ ସୃଷ୍ଟି ଯେ ସେମାନେ ନିଜ ଜୀବନକୁ ବାଜି ଲଗାଇ ପରୋପକାର ଓ ସମାଜସେବା ପାଇଁ ଉତ୍ସର୍ଗୀକୃତ ହୋଇଥାନ୍ତି ।ଏଠାରୁ ତାଲିମ ନେଇଥିବା ପ୍ରତ୍ୟେକ କ୍ୟାଡେଟ ମାନେ ଜଣେ ଜଣେ ବୀରତ୍ୱର ପ୍ରତୀକ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ସୂଚନା ଓ ଲୋକ ସମ୍ପର୍କ ଉପ



ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ , ଆଡମିନ ଅଫିସର କଲୋନେଲ ଆର୍ଚିଭ ଥାପା ଯୋଗ ଦେଇ କ୍ୟାଡେଟ ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ କ୍ୟାଡେଟ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଶିବିରରେ ଷଷ୍ଠ ବାଟାଲିୟନ ଅଧିନରେ ଥିବା ୬୮ ଟି ଶିକ୍ଷାନୁଷ୍ଠାନର ଏନସିସିର ୩୪୦ କ୍ୟାଡେଟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବେଦାର ମେଜର ବିକାଶ ଚନ୍ଦ୍ର, ସୁବେଦାର ପ୍ରଦୀପ ସିଂ,ସୁବେଦାର ବଲଦେବ ସିଂ,ସୁବେଦାର ସୁରେଶ ସିଂ,ସୁବେଦାର ମହମ୍ମଦ ଅଲ୍ଲୀ, ସୁବେଦାର ଓମକାର ମଲ୍ଲ, ଅନ୍ୟାନ୍ୟ ଏନସିସି ଅଧିକାରୀ, କର୍ମଚାରୀ ଓ କ୍ୟାଡେଟ ମାନେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ■ ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

# ରାଷ୍ଟ୍ର ସୁରକ୍ଷାରେ ନାରୀର ଅଧିକାର ସମ୍ବିଧାନସମ୍ମତ

**ପୁରୀ (ବ୍ୟୁରୋ):** ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆଜି ପୂର୍ବାହ୍ନରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ନାରୀର ମୌଳିକ ଅଧିକାର, ପୋଷ ଆଇନ, ପୋକ୍ସୋ ଆଇନ,ଆଣ୍ଟି ରାଗିଙ୍ଗ, ଇଣ୍ଡିଆନ ପେନାଲ କୋର୍ଟ ତଥା ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟର ଅଧକ୍ଷ ତଥା କାର୍ଯ୍ୟକ୍ରମ ସଂଯୋଜିକା ଡ. ମୀରାରାଣୀ ଖଣ୍ଡୁଆଳଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଅଛି ନାରୀ ସର୍ବଦା ଶକ୍ତି ସ୍ୱରୂପିଣୀ ମମତା ମୟୀ ସର୍ବାଗ୍ରେ ବୋଲି ଆଲୋକ ପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସ୍ନାତକ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ବରିଷ୍ଠ ଆଧାପକ ଡ.ବଳରାମ ଦାଶ ଯୋଗଦେଇ କହିଲେ,ଭାରତୀୟ ସମ୍ବିଧାନ ନାରୀମାନଙ୍କୁ ସଶକ୍ତ ଆଇନ ବଳରେ କେତେକ ମୌଳିକ ଅଧିକାର ଦେଇ




ନାରୀ ସଶକ୍ତିକରଣ ସହ ସମାଜର ସୁରକ୍ଷକରେ ତଥା ଦେଶର ବିକାଶରେ ଛାତ୍ରୀ ମାନଙ୍କର ଭୂମିକା ଅନନ୍ୟ ଓ ନାରୀ ପ୍ରେରଣାମୟୀ ଶକ୍ତି ପ୍ରଦାୟିନୀ। ମୁଖ୍ୟ ବକ୍ତାରୁପେ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ବିରଞ୍ଚି ନାରାୟଣ ଦାଶ ଯୋଗଦେଇ ଇଣ୍ଡିଆନ ପେନାଲ କୋର୍ଟ ତଥା ଭାରତୀୟ ନ୍ୟାୟ ସଂହିତାର ବ୍ୟାଖ୍ୟା କରି ୧୮ ବର୍ଷରୁ କମ ବାଳକ ବାଳିକାମାନଙ୍କୁ ଅତ୍ୟାଚାର ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ,୨୦୧୨, ଆଣ୍ଟି ରାଗିଙ୍ଗ ଆଇନ, କର୍ମ କ୍ଷେତ୍ରରେ ଯୌନ ନିର୍ଯାତିତ, ନିକ୍ଷେପିତ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ପୋଷ ଆଇନ ୨୦୧୩ର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ ଉଦାହରଣ ଦେଇ ଭାରତୀୟ ନ୍ୟାୟ ସଂହିତା ନାରୀମାନଙ୍କର ସୁରକ୍ଷାକବଚ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ରୁପେ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ଯୋଗଦେଇ ଗଣମାଧ୍ୟମ ନାରୀମାନଙ୍କୁ ନ୍ୟାୟ ଦେବା ସହ ଆଦର୍ଶ ରାଷ୍ଟ୍ର ଗଠନରେ ପ୍ରମୁଖ ବିଧାଣି ବୋଲି ମତ ବ୍ୟକ୍ତ କରିଥିଲେ। ଡ. ଶ୍ରୀନିବାସ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ଅନେକ ଶକ୍ତିଶ୍ରୀ ଉପସ୍ଥିତ ଥିଲେ।

# ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରୁ ନାବାଳିକା ଉଦ୍ଧାର



**ପୁରୀ (ବ୍ୟୁରୋ):** ସମୁଦ୍ରକୂଳ ଥାନାରେ ପଞ୍ଜୀକୃତ କେସ୍ ନଂ-୨୭୧/୨୬ ମାମଲାରେ ପୁରୀ ପୋଲିସ ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରି ଅଭିଯୋଗ ପଞ୍ଜୀକରଣର ୨୪ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରୁ ଜଣେ ନାବାଳିକା ପୀଡ଼ିତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି ।ଅଭିଯୋଗ ପାଇବା ପରେ ସମୁଦ୍ରକୁଳ ଥାନା ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିଲା। ତ୍ୱରିତ ତଦନ୍ତ ଓ ନିରନ୍ତର ପ୍ରୟାସ ଫଳରେ ନାବାଳିକାଙ୍କୁ ଭୁବନେଶ୍ୱରରୁ ଚିହ୍ନଟ କରାଯାଇ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ନାବାଳିକାଙ୍କ ସୁରକ୍ଷା ଓ କଲ୍ୟାଣକୁ ପ୍ରାଥମିକତା ଦେଇ ସମସ୍ତ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ଓ ଔପଚାରିକତା ସମ୍ପନ୍ନ କରାଯାଇଛି। ପରେ ନାବାଳିକାଙ୍କୁ ତାଙ୍କ ପରିବାର ସହ ସୁରକ୍ଷିତ ଭାବେ ମିଳାଇ ଦିଆଯାଇଛି। ପୁରୀ ପୋଲିସ ଶିଶୁ ଓ ନାବାଳିକାଙ୍କ ସୁରକ୍ଷା ସମ୍ପର୍କିତ ମାମଲାଗୁଡ଼ିକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ଗ୍ରହଣ କରି ତ୍ୱରିତ ଉଦ୍ଧାର ଓ ଆଇନାନୁଗ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିବଦ୍ଧ।

### ।।।। ବିଶ୍ୱ ଫଟୋଗ୍ରାଫି ଦିବସ ।।।।

# ପୁରୀ ବେଳାଭୂମିରେ କେହି ଜୀବିକା ହରାଇବେ ନାହିଁ - ପ୍ରଭାତୀ

**ପୁରୀ (ବ୍ୟୁରୋ):** ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି ।ଏହି ଅବସରରେ ଏକ ସଚେତନତା ରାଲି ପୁରୀ ସମୁଦ୍ରକୂଳ ଠାରେ ସକାଳେ ଅନୁଷ୍ଠିତ ହୋଇଥିଲା ଏହି ରାଲିକୁ ପୁରୀ ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଓ ସମୁଦ୍ରକୂଳ ଥାନା ଅଧିକାରୀ ମାନସ ଚକ୍ରା ଉଦଘାଟନ କରିଥିଲେ। ରାଲି ଦିଗବାରେଣୀ ଖୁଣ୍ଟି ଠାରୁ ଆରମ୍ଭ ହୋଇ ହଂସ କୋକୋପାମ ପାଖରେ ଶେଷ ହୋଇଥିଲା। ସନ୍ଧ୍ୟାରେ ପୁରୀ ପୌରସଦନ ଠାରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବରେ ଉପମୁଖ୍ୟ ମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଯୋଗଦେଇ ପୁରୀ ସମୁଦ୍ର କୂଳରେ କେହି ଯେପରି ନିଜର ଜୀବନ ଜୀବିକା ନ ହରେଇବେ ସେଥିପାଇଁ ଦୃଷ୍ଟି ଦେଇ ପୁରୀ ବେଳାଭୂମିର ଉନ୍ନତି କରଣ କରାଯିବ ବୋଲି କହି ଥିଲେ ଏହା ସହିତ ଫଟୋଗ୍ରାଫର ମାନଙ୍କ ପାଇଁ ଯେମିତି ଖୁବ୍ ପରିଚୟ ପତ୍ର ପ୍ରଦାନ କରାଯିବ ଆଗାମୀ ସାତ ଦିନ ଭିତରେ ଏଥି ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସାଂସଦ ଡ. ସମ୍ବିତ୍ ପାତ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଫଟୋଗ୍ରାଫି ଓ ପର୍ଯ୍ୟଟନ ଅଙ୍ଗା ଅଙ୍ଗି ଭାବରେ ଜଡ଼ିତ ଓ ପୁରୀ ବିଚ୍ ଫଟୋଗ୍ରାଫର ମହାସଂଘ ଏକ ଶୃଙ୍ଖଳିତ ସଂଘ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବରେ ଯୋଗଦେଇ ପୁରୀ ବିଚ୍ ଫଟୋ ଗ୍ରାଫର ମହାସଂଘ ପରାମର୍ଶ ଦାତା ସିଦ୍ଧାର୍ଥ ରାୟ ଓ ଆଡଭୋକେଟ୍ ଶ୍ରୀକାନ୍ତ ପରିଜା ମହାସଂଘ ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶା ଫଟୋ ଗ୍ରାଫର ସଂଘର ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଓ ଉପସଭାପତି ଦେବେନ୍ଦ୍ର କୁମାର ନନ୍ଦ ,ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, ଦିଗଦର୍ଶନ ପଟ୍ଟନାୟକ, ଉମାକାନ୍ତ ନାୟକ ,ସମ୍ବିତ୍ ରାୟ ପ୍ରମୁଖ ମଞ୍ଚାସିନ ଥିଲେ। ଅନୁଷ୍ଠାନ ସଭାପତି ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ମହାସଂଘ ସମ୍ପାଦକ ଶିଙ୍ଗିଲି ଶିବା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆଗାମୀ ଦିନରେ ରାଜଧାନୀରେ ହେବାକୁ ଥିବା ଫଟୋ ଫେୟାରର ପୋଷ୍ଟରକୁ ଅତିଥି ମାନେ ଉନ୍ମୋଚନ କରିଥିଲେ। ଶେଷରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସାଂସ୍କୃତିକ ବିଚିତ୍ରା ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନ କୋଷାଧକ୍ଷ ମାର୍କଣ୍ଡ ମିଶ୍ର,ଉପସଭାପତି ଶ୍ରୀଧର ପଣ୍ଡା,ସହ ସମ୍ପାଦକ ବି ଲୋକନାଥ ବେହେରା ,କୋଷାଧକ୍ଷ ପ୍ରଭାତ ସେଠୀ ,କାର୍ଯ୍ୟ ନିରୀକ୍ଷକ ଜି ମୋହନ ପ୍ରମୁଖ ପରିଚାଳନା କରିଥିଲେ।



### ନିଶାମୁକ୍ତ ଭାରତ ଅଭିଯାନ

# ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ପୁରୀ (ବ୍ୟୁରୋ):** ନିଶାମୁକ୍ତ ସମାଜ ଗଠନ ଏବଂ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଆଜି ପୁରୀ ପୋଲିସ ପକ୍ଷରୁ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପୁରୀ ଜିଲ୍ଲାର ସମସ୍ତ ଥାନାର ଅଧିକାରୀମାନେ ନିଜ ନିଜ ଅଞ୍ଚଳର ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଇ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ସଚେତନ କରିଥିଲେ। ନିଶାରୁ ଦୂରେଇ ରହିବା ସହିତ ନିଜ ପରିବାରର ସଦସ୍ୟ, ବନ୍ଧୁ ଓ ସମାଜର ଅନ୍ୟମାନଙ୍କୁ ମଧ ନିଶା ବିରୋଧରେ ସଚେତନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରାଯାଇଥିଲା। ନିଶାମୁକ୍ତ ଯୁବପିଢ଼ି ହିଁ ଏକ ସୁସ୍ଥ, ସୁରକ୍ଷିତ ଓ ଶୃଙ୍ଖଳିତ ସମାଜର ମୂଳଦୁଆ। ତେଣୁ ନିଜେ ନିଶାରୁ ଦୂରେଇ ରହିବା ସହିତ ଅନ୍ୟମାନଙ୍କୁ ମଧ ନିଶା ଛାଡ଼ିବା ପାଇଁ ପ୍ରେରିତ କରିବାକୁ




ପୁରୀ ପୋଲିସ ପକ୍ଷରୁ ଆହ୍ୱାନ କରାଯାଇଛି। ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ପୋଲିସ କର୍ମଚାରୀ ଓ ଥାନା ଅଧିକାରୀମାନେ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ନିଶା ବିରୋଧୀ ସଚେତନତାକୁ ଆହୁରି ବ୍ୟାପକ କରୁଛନ୍ତି। ନିଶାମୁକ୍ତ ଓଡ଼ିଶା ଗଠନ ଦିଗରେ ପୁରୀ ପୋଲିସର ଏହି ସଚେତନତା ଅଭିଯାନ ଆଗାମୀ ଦିନରେ ମଧ ଜାରି ରହିବ।




# ସମୁଦ୍ର ଗର୍ଭରେ ପୁରୁଣା ଫାଟ, ଆସିବ ବଡ଼ ଭୂକମ୍ପ



**ଭୁବନେଶ୍ୱର(ବ୍ୟୁରୋ):** ୧୨ ବର୍ଷ ଭିତରେ ୨ଟି ଭୂକମ୍ପ ଝଟକା ଓଡ଼ିଶାକୁ ଥରାଇ ଦେଇଥିଲା । ୨୦୧୪ ଓ ୨୦୨୫ର ଭୂକମ୍ପ କମ୍ପନ ଛାତିରେ ଛନକା ଭରି ଦେଇଥିଲା । ୟା'ଠାରୁ ବି ବଡ଼ ଧରଣର ଶକ୍ତିଶାଳୀ ଭୂମିକମ୍ପ ଆଗକୁ ଆସିପାରେ । ତୀବ୍ରତା ୬-୭ ଟପିପାରେ । ବଙ୍ଗୋପସାଗର ଏମିତି କିଛି ସଙ୍କେତ ଦେଖାଇଲାଣି । ବର୍ଷ ବର୍ଷ ଧରି ସମୁଦ୍ର ଗର୍ଭରେ ଦବି ରହିଥିବା ଦୁର୍ବଳ ଭୂଖଣ୍ଡ ତଳୁ ଉଠିପାରେ କମ୍ପନର ଶକ୍ତିଶାଳୀ ବିସ୍ଫୋରଣ । ଦୋହଲାଇ ଦେଇପାରେ ଉପକୂଳ ଓଡ଼ିଶା ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳକୁ । ଆଇଆଇଟି ଖଡ଼ଗପୁରର ଭୂତତ୍ତ୍ୱ ବିଜ୍ଞାନ ଗବେଷକ ଟିମ୍‌ର ସଦ୍ୟ ପ୍ରକାଶିତ ଗବେଷଣା ରିପୋର୍ଟରୁ ଯେଉଁ ତଥ୍ୟ ମିଳିଛି, ତାହା ଭୟାନକ ସଙ୍କେତ ଦେଖାଉଛି । ଶାନ୍ତ ବଙ୍ଗୋପସାଗର ଗର୍ଭ ଭିତରେ କିଛି ବଡ଼ ଧରଣର ହଲଚଲ୍ ଆରମ୍ଭ ହେଲାଣି । ଆଇଆଇଟି ଖଡ଼ଗପୁରର ଗବେଷକ ପ୍ରଫେସର ମହମ୍ମଦ ଶାହାବୁଦ୍ଦିନ, ପ୍ରିୟଙ୍କ ପାଠକ ଏବଂ ୱିଲିୟମ କୁମାର ମହାନ୍ତି ବଙ୍ଗୋପସାଗରରେ ଭୂକମ୍ପ ସମ୍ଭାବନାକୁ ନେଇ ବିସ୍ତୃତ ଗବେଷଣା କରିଛନ୍ତି । ଏହି ଗବେଷଣା ରିପୋର୍ଟରେ ଅନେକ ରୋଚକ ତଥ୍ୟ ପଦାକୁ ଆସିଛି । ଆଗାମୀଦିନରେ ବଙ୍ଗୋପସାଗର ଏକ ପ୍ରମୁଖ ଭୂକମ୍ପ ସମ୍ବେଦନଶୀଳ କ୍ଷେତ୍ର (ସେସମିକ ହଟ୍‌ସ୍ପଟ୍) ରୂପ ନେଇପାରେ । ଦୀର୍ଘ ବର୍ଷ ଧରି ସୁପ୍ତ ରହିଥିବା ପୁରୁଣା ଫାଟଗୁଡ଼ିକ ସକ୍ରିୟ ହେଉଛନ୍ତି । ଭୂ-ତାତ୍ତ୍ୱିକ ଓ ଟେକ୍ଟୋନେଟ ପରିବର୍ତ୍ତନ ଭବିଷ୍ୟତରେ ବଡ଼ ବିପଦ ସୃଷ୍ଟି କରିପାରେ । ଶାନ୍ତ ମନେ କରାଯାଉଥିବା ବଙ୍ଗୋପସାଗରର ଆଭ୍ୟନ୍ତରୀଣ ସମୁଦ୍ର ଶଯ୍ୟାରେ କ୍ରମାଗତ ଭାବେ ଭୂ-ତାତ୍ତ୍ୱିକ ଚାପ ବଢୁଛି । ଗବେଷଣା ଅନୁସାରେ ଭାରତୀୟ ଭୂଖଣ୍ଡ ଉତ୍ତର-ପୂର୍ବ ଦିଗକୁ ଗତି କରୁଥିବାରୁ ସମୁଦ୍ର ତଳେ ଚାପ ସୃଷ୍ଟି ହେଉଛି । ବଙ୍ଗୋପସାଗର ଉପକୂଳ ତୁଳନାରେ ମଧ୍ୟବର୍ତ୍ତୀ ଅଞ୍ଚଳର ଭୂଖଣ୍ଡ ତଳେ ବିପଦ ବଢୁଛି । କାରଣ ତଟଠାରୁ ଦୂର ଗଭୀର ସମୁଦ୍ର ଅଞ୍ଚଳରେ ବି ଭାଲ୍ୟୁ (୦.୭୨) ବହୁତ କମ୍ ରହୁଛି । ଭୂତାତ୍ତ୍ୱିକ ବିଜ୍ଞାନ ଅନୁସାରେ ବି-ଭାଲ୍ୟୁ କମ୍ ଅର୍ଥ ଗଭୀର ସମୁଦ୍ର ଭିତରେ ଥିବା ଭୂଖଣ୍ଡର ପୁରୁଣା ଫାଟଗୁଡ଼ିକ ଉପରେ ଅତ୍ୟଧିକ ଚାପ ରହୁଛି । କିନ୍ତୁ, ତାହା ମୁକ୍ତ ହୋଇପାରୁନି । ଖାଲି ସେତିକି ନୁହେଁ, ଗଙ୍ଗା, ବ୍ରହ୍ମପୁତ୍ର, ମହାନଦୀ ସମେତ ବିଭିନ୍ନ ନଦୀରୁ ପ୍ରଚୁର ମାତ୍ରାରେ ପଟୁ ମାଟି ବର୍ଷ ବର୍ଷ ଧରି ସମୁଦ୍ର ଭିତରେ ଜମାଟ ବାନ୍ଧିବାରେ ଲାଗିଛି । ସମୁଦ୍ର ଗର୍ଭସ୍ଥ ଭୂପୃଷ୍ଠରୁ ପ୍ରାୟ ୧୩ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବହଳ ପଟୁ ମାଟି ଜମାଟ ବସି ସାରିଲାଣି । ଭୂଖଣ୍ଡର ପୁରୁଣା ଫାଟକୁ ଏହା ଗଭୀର ପ୍ରଭାବ ପକାଉଛି । ଏସବୁ ଚାପ ଯେଉଁ ଫାଟ ଉପରେ ରହୁଛି, ତାହା ମୁକ୍ତ ହୋଇ ବାହାରୁନି । ଚାପ ଏତେ ବଢ଼ିଗଲାଣି ଯେ ଏହି ଦୁର୍ବଳ ଭୂଖଣ୍ଡରୁ କେବେ ବି ବଡ଼ ଧରଣର ହଲଚଲ ଆସିପାରେ । ଏହା ମଧ୍ୟମରୁ ବଡ଼ ଧରଣର ଭୂକମ୍ପ କରିପାରେ । ଯାହାକି ବଡ଼ ବିପଦ ସୃଷ୍ଟି କରିବା ନେଇ ବିଶେଷଜ୍ଞ ଆଶଙ୍କା କରୁଛନ୍ତି । ୧୯୧୭ରୁ ୨୦୨୫ ମଧ୍ୟରେ ବଙ୍ଗୋପସାଗରରେ ୧୨୩ଟି ଭୂକମ୍ପ ଆସିଥିବା ରେକର୍ଡ କରାଯାଇଛି । ଏଠାରେ ମନେ ପକାଇ ଦେଉ ଯେ ୨୦୧୪ ପୂର୍ବରୁ ଭୂକମ୍ପ ଡର କେବେ ଓଡ଼ିଶାରେ ଅନୁଭୂତ ହୋଇନଥିଲା । ମେ' ୨୧, ୨୦୧୪ । ରାତି ୯ଟା ୫୧ । ଶକ୍ତିଶାଳୀ ଭୂକମ୍ପ ଝଟକାରେ ଥରିଲା ଓଡ଼ିଶା । ଅନେକ ଲୋକେ ଜୀବନ ବିକଳରେ ଧାଁ ଧପଡ଼ କଲେ । ଘର ବାଲକୋନି, ପାଚେରି ଡେଇଁ କିଛି ଆହତ ବି ହେଲେ । ଭୂମିକମ୍ପର ଏତେ ଶକ୍ତିଶାଳୀ କମ୍ପନ ଓଡ଼ିଶାବାସୀ କେବେ ଅନୁଭବ କରିନଥିଲେ । ବଙ୍ଗୋପସାଗରରେ ଉତ୍ପନ୍ନ ହୋଇଥିଲା ଏହି ଭୂକମ୍ପ । ପାରାଦୀପରୁ ଦୂରତା ଥିଲା ୨୭୫ କିଲୋମିଟର । ତୀବ୍ରତା ଥିଲା ୬ । କେବଳ ଓଡ଼ିଶା ନୁହେଁ, ପଡ଼ୋଶୀ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ସହ ଚେନ୍ନାଇ, ଦିଲ୍ଲୀ ଯାଏ କମ୍ପନ ଅନୁଭୂତ ହୋଇଥିଲା । ପ୍ରଥମ ଥର ପାଇଁ ଭୂକମ୍ପ ଝଟ୍କାରେ ଡରିଗଲେ ଓଡ଼ିଶାବାସୀ । ଗତବର୍ଷ ଫେବ୍ରୁଆରୀ ୨୫ ତାରିଖ ସକାଳ ୬ଟା ୧୦ରେ ଭୂକମ୍ପ ଝଟକା ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରରେ ନିଦ ଭାଙ୍ଗି ଦେଲା । ଏଥର ବି ଭୂକମ୍ପ କେନ୍ଦ୍ର ଥିଲା ବଙ୍ଗୋପସାଗର । ତୀବ୍ରତା ଥିଲା ୫.୩ । ଭୂକମ୍ପ କେନ୍ଦ୍ରର ଦୂରତା ଭୁବନେଶ୍ୱରରୁ ମାତ୍ର ୨୫୭ କିମି ଥିଲା । ବିଶେଷଜ୍ଞଙ୍କ ମତ, ଏହାକୁ ସାଧାରଣ କଥା ଭାବେ ନେବା ଠିକ୍ ହେବନି । ଏହା ସମ୍ଭାବ୍ୟ ବଡ଼ ବିପତ୍ତିର ସତର୍କ ଘଣ୍ଟି । ଯଦିଓ ଭୂକମ୍ପ ତୀବ୍ରତା ସାମାନ୍ୟ ଅଧିକ ହୋଇଥାଆନ୍ତା କିମ୍ବା ଉପକୂଳର ଆହୁରି ନିକଟବର୍ତ୍ତୀ ହୋଇ ଥାଆନ୍ତା, ତେବେ ବ୍ୟାପକ କ୍ଷତି ସହିବାକୁ ପଡ଼ି ଥାଆନ୍ତା । ପୂର୍ବରୁ କରାଯାଇଥିବା କେତେକ ଅଧ୍ୟୟନ ଦର୍ଶାଇଥିଲା ଯେ କେନ୍ଦ୍ରୀୟ ଓ ପଶ୍ଚିମ ବଙ୍ଗୋପସାଗରରେ ଭୂକମ୍ପ ହେଲେ ବି ସୁନାମି ସମ୍ଭାବନା କମ୍ । ମାତ୍ର ନୂଆ ଗବେଷଣା ଅନୁସାରେ, ଏ ଅଞ୍ଚଳରେ ସୁନାମି ସମ୍ଭାବନାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇନପାରେ । ଓଡ଼ିଶା ସମେତ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକ ସମ୍ପୂର୍ଣ୍ଣ ସୁନାମି ବିପଦମୁକ୍ତ ନୁହନ୍ତି । ସାଧାରଣତଃ ଓଡ଼ିଶା ମଧ୍ୟମ ଓ ସ୍ୱଳ୍ପ ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ତାଲିକାଭୁକ୍ତ । କିନ୍ତୁ, ବଙ୍ଗୋପସାଗର ଭୂଗର୍ଭରେ କମ୍ପନ ହେଲେ ଓଡ଼ିଶାକୁ ବିପଦ ବେଶି । ବାଲେଶ୍ୱରରୁ ଗଞ୍ଜାମ ପର୍ଯ୍ୟନ୍ତ ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକୁ ଭୂକମ୍ପ ବିପଦ ଅଧିକ । ଓଡ଼ିଶା ଉପକୂଳ ଓ ମହାନଦୀ ଶଯ୍ୟା ଅଞ୍ଚଳର ମାଟି ନରମ ରହୁଥିବାରୁ ଭୂକମ୍ପ କମ୍ପନ ତୀବ୍ରତାକୁ ବହୁଗୁଣିତ କରିବାର ଆଶଙ୍କା ରହିଛି । ପାରାଦୀପ, ଧାମରା, ଗୋପାଳପୁର ପରି ବନ୍ଦର ଅଞ୍ଚଳ ଏଥିରେ ପ୍ରଭାବିତ ହୋଇପାରେ । ତେଣୁ ଉପକୂଳବର୍ତ୍ତୀ ଅଞ୍ଚଳରେ କୋଠାବାଡ଼ି ନିର୍ମାଣବେଳେ ଭୂକମ୍ପକୁ ସହିଲା ଭଳି ସଶକ୍ତ ନିର୍ମାଣ କରିବାକୁ ହେବ । ଉପକୂଳ ଓଡ଼ିଶାରେ ଉଚ୍ଚ ଅଟ୍ଟାଳିକା ସଂଖ୍ୟା ବଢୁଥିବାବେଳେ ଏ ଦିଗରେ ଚିନ୍ତନ କରିବାକୁ ପଡ଼ିବ ।

## ସହରାଞ୍ଚଳ ବିକାଶ ଓ ଗମନାଗମନ ବ୍ୟବସ୍ଥାର ସମୀକ୍ଷା

**ଭୁବନେଶ୍ୱର(ବ୍ୟୁରୋ):** ନଗର ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କର। ଯାହା ଅନୁଦାନ ମିଳୁଛି ସମୟ ଅବଧି ଭିତରେ ଖର୍ଚ୍ଚ କର ଓ ୟୁସି ଦାଖଲ କର। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଆଜି ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ବେଳେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଦୂର କରିବା ସହ ସମନ୍ୱିତ ପଦକ୍ଷେପ, ନିୟମିତ ତଦାରଖ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆଜି ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ନଗର ଉନ୍ନୟନ ମନ୍ତ୍ରୀ ଡ. ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ବିଭାଗ ତରଫରୁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ମନ୍ତ୍ରୀ ଡ. ମହାପାତ୍ର କହିଥିଲେ, ବିଭିନ୍ନ ଆୟ ବର୍ଗର ଲୋକଙ୍କ ପାଇଁ ସରକାର ସୁଲଭ ମୂଲ୍ୟରେ ଆବାସ ବ୍ୟବସ୍ଥା କରୁଛନ୍ତି। ଆର୍ଥିକ ଦୁର୍ବଳ, ନିମ୍ନ ଆୟ ଓ ମଧ୍ୟମ ଆୟ ବର୍ଗଙ୍କ ପାଇଁ ନୂତନ ଆବାସ ମଡେଲ ବିକଶିତ କରିବା ସହ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଘର ଯୋଜନା ଆରମ୍ଭ କରାଯାଉଛି। ମହାରାଷ୍ଟ୍ରର ଗସ୍ତ ସମ୍ପର୍କରେ ଉଲ୍ଲେଖ କରି ମନ୍ତ୍ରୀ କହିଥିଲେ ଯେ ସେଠାରେ ପ୍ରିକାଷ୍ଟ ନିର୍ମାଣ ପ୍ରଯୁକ୍ତିବିଦ୍ୟା ଓ 'ମିସନ୍ ୧୦୦' ଭଳି ପଦକ୍ଷେପ ନିଆଯାଇଛି, ଯେଉଁଥିରେ ୧୦୦ ଦିନରେ ୧୦୦ଟି ଘର ନିର୍ମାଣ କରାଯାଇପାରୁଛି। ଓଡ଼ିଶାରେ ଏଭଳି ପ୍ରଯୁକ୍ତିବିଦ୍ୟାର ଉପଯୋଗ କରାଯିବାର ସମ୍ଭାବନା ଅନୁଧ୍ୟାନ କରିବା ପାଇଁ ଏକ ବୈଷୟିକ ଦଳ ମହାରାଷ୍ଟ୍ର ପଠାଯିବ। ସହରାଞ୍ଚଳକୁ ଯୋଜନାବଦ୍ଧ ଓ ବ୍ୟବସ୍ଥିତ ଢଙ୍ଗରେ ବିକାଶ ପାଇଁ ଟାଉନ୍ ପ୍ଲାନିଂ ଯୋଜନାର ପରିସର ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମନ୍ତ୍ରୀ କହିଥିଲେ, ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଗମନାଗମନ ସୁଗମ ପାଇଁ ଓଡ଼ିଶା ଯାତ୍ରୀ ଆପ୍ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଯଦ୍ୱାରା ଯାତ୍ରୀଙ୍କୁ ଅଧିକ ସୁବିଧାଜନକ ଓ ନିର୍ଭରଯୋଗ୍ୟ ଗମନାଗମନ ସୁବିଧା ଯୋଗାଇହେବ। ଚାଳକମାନେ ବି ସ୍ଥାୟୀ ଜୀବିକା ପାଇପାରିବେ। ବୈଠକରେ ମୌସୁମୀ ବର୍ଷା ଯୋଗୁ ସହରାଞ୍ଚଳ ରାସ୍ତାଘାଟ ଓ ଡ୍ରେନେଜ୍ ଭିତ୍ତିଭୂମିରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବର୍ଷା ଯୋଗୁ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଜଳବନ୍ଦି ସମସ୍ୟା ଦୂର ପାଇଁ ସମସ୍ତ ସହରାଞ୍ଚଳ ବର୍ଜ୍ୟଜଳ ପରିଚାଳନା ପାଇଁ ମାଷ୍ଟର ପ୍ଲାନ୍ ପ୍ରସ୍ତୁତି କରିବାକୁ କହିଥିଲେ। ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, କୁଟ୍‌ର ବରିଷ୍ଠ ଅଧିକାରୀ ଓ ଅନ୍ୟ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୫ ଯାଏଁ ପ୍ରବଳ ବର୍ଷା, ୩ ଜିଲ୍ଲାକୁ ଆଲର୍ଟ ଜାରି



**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟରେ ବର୍ଷା ପ୍ରକୋପ ଲାଗି ରହିବ । ବିଶେଷ କରି ଗୁରୁବାର ସନ୍ଧ୍ୟାରୁ ପଶ୍ଚିମ ଓ ଉତ୍ତର ଓଡ଼ିଶାରେ ବର୍ଷା ବଢ଼ିବା ସମ୍ଭାବନା ରହିଛି । ଏଭଳି ପୂର୍ବାନୁମାନ କରିଛନ୍ତି ବିଶିଷ୍ଟ ପାଣିପାଗ ବିଜ୍ଞାନୀ ତଥା ଶିକ୍ଷା ଓ ଅନୁସନ୍ଧାନ(ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର(ସିଇସି) ନିର୍ଦ୍ଦେଶକ ଡକ୍ଟର ଶରତ ଚନ୍ଦ୍ର ସାହୁ । ଗତ କିଛିଦିନ ଧରି ଓଡ଼ିଶାରେ ଲଗାଣ ବର୍ଷା କରାଇଥିବା ଅବପାତ କ୍ରମଶଃ ଦୁର୍ବଳ ହେଉଛି । ଏହା ଉତ୍ତର ଝାଡ଼ଖଣ୍ଡ, ପାଶ୍ୱର୍ବର୍ତ୍ତୀ ଦକ୍ଷିଣ ପଶ୍ଚିମ ବିହାର ଏବଂ ଦକ୍ଷିଣ ପୂର୍ବ ଉତ୍ତରପ୍ରଦେଶ ଉପରେ ଥିଲା ଆଜି ଦିନରେ । ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଏହା ଦକ୍ଷିଣ-ପୂର୍ବ ୟୁପି, ପାଶ୍ୱର୍ବର୍ତ୍ତୀ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ଆଡ଼କୁ ଗତି କରୁଛି । ପାଣିପାଗ ବିଭାଗ ଆକଳନ ଅନୁସାରେ ଏହା ପ୍ରଭାବରେ ଗୁରୁବାର ରାଜ୍ୟର ଅଳ୍ପ କେତେକ ଜାଗାରେ ବର୍ଷା ହେବ । କିନ୍ତୁ, ୨୧ରୁ ବର୍ଷା ପରିମାଣ ବଢ଼ିପାରେ । ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି । ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହୋଇପାରେ । ୨୨, ୨୩, ୨୪ ଓ ୨୫ ତାରିଖରେ ଅନେକ ସ୍ଥାନରେ ବର୍ଷା ହେବା ସହ କେତେକ ଜାଗାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସୋଆ ବିଶ୍ୱବିଦ୍ୟାଳୟର ସିଇସି ନିର୍ଦ୍ଦେଶକ ଡକ୍ଟର ସାହୁଙ୍କ ଆକଳନ ହେଲା, ୟୁପି-ଛତିଶଗଡ଼ ଆଡ଼କୁ ଯାଇଥିବା ଲଘୁଚାପ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟ ରୂପ ନେଇପାରେ । ଏହା ପୁଣି ପଶ୍ଚିମ ଓଡ଼ିଶା ଆଡ଼କୁ ମୁହାଁଇପାରେ । ଫଳରେ ଗୁରୁବାର ସନ୍ଧ୍ୟାରୁ ବର୍ଷା ପରିମାଣ ବଢ଼ିପାରେ । ବିଶେଷ କରି ପଶ୍ଚିମ ଓଡ଼ିଶା ଏବଂ ପାଖ ଅଞ୍ଚଳରେ ବର୍ଷା ଅଧିକ ରହିବ । ୨୪ ଯାଏଁ ବର୍ଷା ହୋଇପାରେ । ଏହା ପରେ ବି ବର୍ଷା ପୂରା ଶୁଖିଯିବ ନାହିଁ । କାରଣ, ଆସନ୍ତା ୨୯ ତାରିଖ ବେଳକୁ ପୁଣି ଗୋଟିଏ ଲଘୁଚାପ ସୃଷ୍ଟି ହୋଇପାରେ ।

# ସହରରେ ଯେଉଁ କ୍ଷତି ହୋଇଛି ଭରଣା କରିବେ ଅଟୋ ଚାଳକ

## ଭଙ୍ଗାଯିବ ବେଆଇନ ଅଟୋ ଷ୍ଟାଣ୍ଡ




**ଭୁବନେଶ୍ୱର(ବ୍ୟୁରୋ) :** ମାଷ୍ଟରକ୍ୟାଣ୍ଟିନରେ ହିଂସା ପରେ ସହରରେ ଯେଉଁ କ୍ଷତି ହୋଇଛି ତାକୁ ଭରଣା କରିବେ ଅଟୋ ଚାଳକ । ଗୁଣ୍ଡାଗିରିରେ ସାମିଲ ଥିବା ଅଟୋ ଚାଳକମାନେ କରିଥିବା ବେଆଇନ ଅଟୋ ଷ୍ଟାଣ୍ଡ ଭଙ୍ଗାଯିବ । ଅରାଜକତାକୁ ପ୍ରଶ୍ରୟ ଦିଆଯିବ ନାହିଁ । ସେମାନେ ଆଇନକୁ ହାତକୁ ନେଇଛନ୍ତି । ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି । ସରକାରୀ ଗାଡି ଭାଙ୍ଗିଛନ୍ତି । ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ତାଙ୍କ ଲାଇସେନ୍ସ ରଦ୍ଦ କରାଯିବ । ସେମାନଙ୍କୁ କ୍ଷମା କରାଯିବ ନାହିଁ । ଏମିତି କି ଗୁଣ୍ଡାଗିରିରେ ସାମିଲ ଥିବା ଅଟୋ ଚାଳକମାନେ କରିଥିବା ବେଆଇନ ଅଟୋ ଷ୍ଟାଣ୍ଡ ଭଙ୍ଗାଯିବ । ଏନେଇ ସରକାର ବିଚାର କରୁଛନ୍ତି । ଯେଉଁ କ୍ଷତି ହୋଇଛି ଏହା ତାଙ୍କ ଠାରୁ ହିଁ ଆଦାୟ ହେବ । ସରକାର ସାଧାରଣ ଲୋକଙ୍କ ସୁରକ୍ଷା ଦେବା ଦାୟିତ୍ୱ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି । ସେହିପରି ମାଷ୍ଟରକ୍ୟାଣ୍ଟିନ ହିଂସା ଘଟଣାରେ ୧୧୩ ଗିରଫ ହୋଇଥିବା ବେଳେ ୩୫୪ ଗାଡ଼ି ଜବତ ହୋଇଛି । ୧୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଏହାସହ ଆଉ ୬୦ ଜଣଙ୍କୁ ଭଲ ବ୍ୟବହାର ପାଇଁ ବଣ୍ଡରେ ଛାଡ଼ି ଦିଆଯାଇଛି । ଘଟଣାରେ ୩୫୪ଟି ଗାଡ଼ି ଜବତ କରିଛି ପୋଲିସ । ଏନେଇ ଖାରବେଳନଗର ଥାନାରେ ୭ଟି ଏଫଆଇଆର୍ ରୁଜୁ ହୋଇଛି । ସାଧାରଣ ଲୋକଙ୍କ ଅଭିଯୋଗ ଆଧାରରେ ୨ଟି, ଆମ ବସ୍ କର୍ମଚାରୀଙ୍କ ଅଭିଯୋଗରେ ୪ଟି ଏବଂ ପୋଲିସ କର୍ମଚାରୀଙ୍କ ଅଭିଯୋଗରେ ଗୋଟିଏ ଏଫଆଇଆର୍ ରୁଜୁ ହୋଇଛି । ମାଷ୍ଟରକ୍ୟାଣ୍ଟିନରେ ଆନ୍ଦୋଳନ ବେଳେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଓ ପୋଲିସ ଉପରେ ଆକ୍ରମଣ ଘଟଣା ପରେ ଆକ୍ସନ୍ ମୋଡ୍ ରେ କମିଶନରେଟ୍ ପୋଲିସ । ଆଇନକୁ ହାତକୁ ନେଇ ହିଂସା ସୃଷ୍ଟି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

# ସ୍ମାର୍ଟ ମିଟର ଲଗାଇବା ବାଧ୍ୟତାମୂଳକ ନୁହେଁ, ଓଲଟା କାମ କରୁଛି ଟାଟା ପାୱାର



**ଭୁବନେଶ୍ୱର(ବ୍ୟୁରୋ):** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ୨୪ ମାର୍ଚ୍ଚ ୨୦୨୬ରେ ଦେଇଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ବର୍ତ୍ତମାନ ୯୭ ଲକ୍ଷ ୪୯ ହଜାର ୬୧୫ ଜଣ ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍ମାର୍ଟ ମିଟର ଲଗାଇବାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଟାଟା ପାୱାର ପକ୍ଷରୁ ଯେଉଁଭଳି ଢଙ୍ଗରେ ସ୍ମାର୍ଟ ମିଟର ଲଗାଇବା ପାଇଁ ଉପଭୋକ୍ତାଙ୍କ ଉପରେ ଚାପ ପକାଯାଉଛି, ଏହାକୁ ନେଇ ବିଭିନ୍ନ ଅଞ୍ଚଳରୁ ଅନେକ ଅଭିଯୋଗ ଆସୁଛି। ମାତ୍ର ଓଇଆରସିଙ୍କ ପକ୍ଷରୁ ଗତ ଅଗଷ୍ଟ ୧୦ରେ ସୂଚନା ଅଧିକାର ଆଇନ(ଆରଟିଆଇ)ରୁ ମିଳିଥିବା ତଥ୍ୟ ଅନୁଯାୟୀ ସବୁ ଉପଭୋକ୍ତାଙ୍କ ପାଇଁ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟତାମୂଳକ କରାଯାଇନାହିଁ। ଅନ୍ୟପଟେ ଶକ୍ତି ବିଭାଗକୁ ଆରଟିଆଇ ମାଧ୍ୟମରେ ଗତ ଜୁଲାଇ ୨୮ରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ବିଭାଗ ଅଗଷ୍ଟ ୫ରେ ସ୍ପଷ୍ଟ ଉଲ୍ଲେଖ କରିଛି ଯେ ସ୍ମାର୍ଟ ମିଟର ଲଗାଇବା ସମ୍ପର୍କରେ କୌଣସି ତଥ୍ୟ ନାହିଁ। ଅର୍ଥାତ୍ ସରକାରୀ ବିଭାଗ ଏହି ସ୍ମାର୍ଟ ମିଟରକୁ ବାଧ୍ୟତାମୂଳକ କରିବା ପାଇଁ କୌଣସି ସମୟରେ ନିର୍ଦ୍ଦେଶ ଦେଇନାହିଁ। ଉଲ୍ଲେଖଯୋଗ୍ୟ, ଯେତେବେଳେ ସ୍ମାର୍ଟ ମିଟର ଲଗାଇବା ବାଧ୍ୟତାମୂଳକ ବୋଲି ସରକାର ଜାଣିନାହାନ୍ତି ସେଠାରେ ଟାଟା ପାୱାର କିନ୍ତୁ ଓଲଟା କାମ କରୁଛି। ଟାଟା ପାୱାର ଉପଭୋକ୍ତାମାନଙ୍କୁ ଧଳା କାଗଜରେ କୌଣସି ସରକାରୀ ଦସ୍ତଖତ ନ ଥିବା ଚିଠି ଜବରଦସ୍ତ ଧରାଇଦେଇ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟ ବୋଲି କହୁଛି। ନଚେତ୍ ଲାଇନ କାଟିଦେବ ବୋଲି ଉପଭୋକ୍ତାଙ୍କୁ ଧମକ ଦେଉଛି; ଯାହା ଓଇଆରସିଙ୍କ ନିର୍ଦ୍ଦେଶର ଖୋଲା ଉଲ୍ଲଂଘନ । ଓଇଆରସିଙ୍କ ପକ୍ଷରୁ ପ୍ରଥମେ ରାଜ୍ୟର ସବୁ ସରକାରୀ ଅଫିସ୍‌ରେ ସ୍ମାର୍ଟ ମିଟର ସ୍ଥାପନ କରିବା ପାଇଁ କୁହାଯାଇଥିଲା। ସରକାରୀ କାର୍ଯ୍ୟାଳୟରେ ଲାଗିବା ପରେ ଏହା ଉପଭୋକ୍ତାଙ୍କ କ୍ଷେତ୍ରରେ ଲାଗୁ କରିବାକୁ କହିଥିଲେ। ଅନେକ ଜିଲାରୁ ତଥ୍ୟ ସଂଗ୍ରହ କରିବା ପରେ ଜଣାପଡ଼ିଛି, ଏଯାଏଁ ସବୁ ସରକାରୀ ଅଫିସ୍‌ରେ ସ୍ମାର୍ଟ ମିଟର ଲଗାଇବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। କିନ୍ତୁ ଘରୋଇ ଉପଭୋକ୍ତାଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଉଛି। ଟାଟା ପାୱାରରେ ଏଭଳି କାର୍ଯ୍ୟକଳାପ ସମ୍ପର୍କରେ ବିଭାଗ ପାଖରେ ଅନେକ ଅଭିଯୋଗ ପହଞ୍ଚୁଥିଲେ ମଧ୍ୟ ଲୋକଙ୍କୁ କିଛି ସୁଫଳ ମିଳିପାରୁନାହିଁ। ଏଥିରୁ ଟାଟା ପାୱାର ସମ୍ମୁଖରେ ସରକାରଙ୍କ ଶକ୍ତି ବିଭାଗର ଅସହାୟତା କଥା ବୁଝାପଡୁଛି। ଟାଟା ପାୱାର କେବଳ ସ୍ମାର୍ଟ ମିଟର ଲଗାଇବାକୁ ବାଧ୍ୟକରିବା ଭିତରେ ସୀମିତ ନାହିଁ ବରଂ ମିଟର ରେଣ୍ଟ ବାବଦ ଅର୍ଥ ଆଦାୟରେ ବ୍ୟାପକ କେଲେଙ୍କାରୀ କରୁଥିବା ଅଭିଯୋଗ ଆସିଲାଣି। ପୁରୀ ଜିଲାରେ ଜଣେ ଉପଭୋକ୍ତାଙ୍କ ସୂଚନା ମୁତାବକ, ସ୍ମାର୍ଟ ମିଟର ଲଗାଇବାକୁ ରେଣ୍ଟ ଆକାରରେ ଟାଟା ପାୱାର ପ୍ରାୟ ୩୭୬୦ ଟଙ୍କା ଆଦାୟ କରୁଛି। ମାତ୍ର ବିଦ୍ୟୁତ୍ ବିଭାଗର ଜଣେ ଅତିରିକ୍ତ ସଚିବଙ୍କ ତଥ୍ୟ ଅନୁଯାୟୀ, ଅନ୍ୟ ରାଜ୍ୟଗୁଡ଼ିକରେ ସ୍ମାର୍ଟ ମିଟର ମୂଲ୍ୟ ୨୫୦୦ରୁ ୩ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଟାଟା ପାୱାର କେଉଁ କମ୍ପାନୀ ଜରିଆରେ ସ୍ମାର୍ଟ ମିଟର କିଣୁଛି ତାହାର ତଥ୍ୟ ମଧ୍ୟ ବିଭାଗ ରଖିନାହିଁ। ଟାଟା ପାୱାର ତାହା ନିଜ ଇଚ୍ଛାରେ କମ୍ପାନୀ ଚୟନକରି ମିଟର ବିକ୍ରେତାଙ୍କଠାରୁ କିଣୁଛି। ଏହାର ମାନ ସମ୍ପର୍କରେ କୌଣସି ବୈଧତା ବା ସାର୍ଟିଫିକେଶନ ଗ୍ରାହକଙ୍କୁ ଦିଆଯାଉନାହିଁ। ଫଳରେ ମିଟର ରେଣ୍ଟ ବାବଦକୁ ଟାଟା ପାୱାର ଅନ୍ୟ ରାଜ୍ୟ ତୁଳନାରେ ଜଣେ ଉପଭୋକ୍ତାଙ୍କଠାରୁ ୧୦୦୦ରୁ ୧୨୦୦ ଟଙ୍କା ଅଧିକ ଆଦାୟ କରୁଥିବା ସେ କହିଛନ୍ତି। ରାଜ୍ୟର ବିଦ୍ୟୁତ୍ ଗ୍ରାହକଙ୍କ ସଂଖ୍ୟା ଦେଖିଲେ ଏହି ପରିମାଣ ଆକାଶ ଛୁଆଁ ମନେହୁଏ। ଅନେକ ସମୟରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଅଭିଯୋଗ ମୁତାବକ, ଓଡ଼ିଶାରେ ବିଦ୍ୟୁତ୍ ବିତରଣ ଓ ଦେୟ ଆଦାୟ ଦାୟିତ୍ୱରେ ଥିବା ଟାଟା କମ୍ପାନୀ ଜବରଦସ୍ତ ଉପଭୋକ୍ତାମାନଙ୍କ ଘରେ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରୁଛି। ଲୋକଙ୍କ ଘରେ ଷ୍ଟାଟିକ୍ ମିଟର ଭଲ ଥିବା ସତ୍ତ୍ୱେ ସେମାନେ କିପରି ସେଗୁଡ଼ିକ କାଢି ସ୍ମାର୍ଟ ମିଟର ଲଗାଇବାକୁ ବାଧ ହେବେ, ଟାଟା ପାୱାର ସେହିଭଳି ପରିସ୍ଥିତି ସୃଷ୍ଟି କରାଉଛି। ଏପରିକି ସରକାରୀ କର୍ମଚାରୀମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ଅନେକ ସ୍ଥାନରେ ନିୟମକାନୁନକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦେଇ ଟାଟା ପାୱାର ଲୋକଙ୍କ ଘର ଉପରେ ମୋଟା ଅଙ୍କର ଜରିମାନା ପକାଇ ଭଲ ମିଟରକୁ ତ୍ରୁଟିପୂର୍ଣ୍ଣ ଦର୍ଶାଇ ସ୍ମାର୍ଟ ମିଟର ଲଗାଇବାକୁ ବାଧକରିବା ସହ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଉଥିବା ଅଭିଯୋଗ ଆସୁଛି। ଲୋକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେବାପରେ ଯେତେବେଳେ ସମାଧାନ ପାଇଁ ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଯାଉଛନ୍ତି ସେଠାରେ ଥିବା ଟାଟା ପାୱାର କର୍ମଚାରୀମାନେ କିଛି ନ ଶୁଣି ସେମାନଙ୍କୁ ଫେରାଇ ଦେଉଛନ୍ତି। ଏପରି ସ୍ଥଳେ ଗୋଟିଏ କଥା ଏଠାରେ ମନେ ପକାଇଦେବାକୁ ଚାହୁଁ, ଗତ ଏପ୍ରିଲ ୧୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଅନ୍ତାଠାରେ ଆୟୋଜିତ ଏକ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କହିଥିଲେ, ଅଘୋଷିତ ବିଦ୍ୟୁତ୍ କାଟ୍ କଲେ ବିଦ୍ୟୁତ୍ କର୍ମଚାରୀଙ୍କୁ ଦଣ୍ଡିତ କରାଯିବା ସହ ଜେଲ ଯିବାକୁ ପଡ଼ିବ। ମାତ୍ର ମୁଖ୍ୟମନ୍ତ୍ରୀଙ୍କ କଥାକୁ ମଧ୍ୟ ଟାଟା ପାୱାର ବାଏଁ ବାଏଁ ଉଡ଼ାଇ ଦେଇଛି। ରାଜ୍ୟର ଅଧିକାଂଶ ଅଞ୍ଚଳରେ ଦିନକ ଭିତରେ ଏକାଧିକ ବାର ଅଘୋଷିତ ବିଦ୍ୟୁତ୍ କାଟ ହେବାରେ ଲାଗିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ସାଢେ ୪ ମାସ ବିତିଯାଇଥିଲେ ସୁଦ୍ଧା ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଜଣେ ହେଲେ ଅଧିକାରୀଙ୍କୁ ଜେଲ ଯିବାକୁ ପଡ଼ିନାହିଁ। ଉଭୟ ଟାଟା ପାୱାର ଏବଂ ଶକ୍ତି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଭିତରେ ରହିଥିବା ଭିତିରି ବୁଝାମଣା କାରଣରୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ପାଣିଚିଆ କରିଦିଆଯିବାର ସୁଚିନ୍ତିତ ଉଦ୍ୟମ ସଫଳ ହେଲା ଭଳି ମନେହେଉଛି। ଆଶ୍ଚର୍ଯ୍ୟର ବିଷୟ, ବିଦ୍ୟୁତ୍ କାଟ ହେଲେ ସ୍ମାର୍ଟ ମିଟରରେ ତାହାର ତଥ୍ୟ ବା ରେକର୍ଡ ରଖିବାର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟ ବାଟରେ କହିବାକୁ ଗଲେ, ଟାଟା ପାୱାର ଯୋଗାଉଥିବା ବିଲ୍‌ରେ କୌଣସି ଉଲ୍ଲେଖ ରହୁନାହିଁ ଯେ ସେହି ବିଲିଂ ସାଇକେଲ ମଧ୍ୟରେ କେତେଥର ଏବଂ କେତେ ସମୟ ପାଇଁ ସମ୍ପୃକ୍ତ ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଣ ବନ୍ଦ ହୋଇଥିଲା। ଗ୍ରାହକମାନଙ୍କୁ ଠିକ୍ ଯୋଗାଣକରିବା ବ୍ୟବସ୍ଥା ମଧ୍ୟ ହୋଇପାରୁନାହିଁ। ବିଦେଶରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କର ସ୍ମାର୍ଟ ମିଟର ଲାଗିଛି। ମାତ୍ର ସେଠାରେ ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଉଛି। ସ୍ମାର୍ଟ ମିଟରର ସମ୍ପୂର୍ଣ୍ଣ ତଥ୍ୟ ମିଳିଲେ ଗ୍ରାହକମାନେ ସ୍ମାର୍ଟ ମିଟର ଲଗାଇବାକୁ ମଙ୍ଗନ୍ତେ, ମାତ୍ର ତାହା ହେଉନାହିଁ। ଟାଟା କମ୍ପାନୀ ଯଦି ସବୁ ତଥ୍ୟ ଦେଇପାରୁନାହିଁ ତେବେ ତାକୁ ସ୍ମାର୍ଟ ମିଟର ଭାବେ ଆଖ୍ୟାଦେବା ଠିକ୍ ନୁହେଁ। କେତେ ସମୟ ଦିନରେ ବିଦ୍ୟୁତ୍ କାଟ ହେଲା ଏବଂ ଲୋଭୋଲ୍‌ଟେଜ ହୋଇଛି ସେକଥା ବିଲ୍‌ରେ ଉଲ୍ଲେଖ ରହିବା କଥା। ବିଦେଶରେ ଏ ପ୍ରକାର ସବୁ ତଥ୍ୟ ଗ୍ରାହକଙ୍କୁ ଦିଆଯାଇଥାଏ। ଉଲ୍ଲେଖଯୋଗ୍ୟ, ଟାଟା ପାୱାର କେବଳ ଶକ୍ତି ବିଭାଗ ଓ ଓଇଆରସିଙ୍କୁ ବେଖାତିର କରୁନାହିଁ ବରଂ ସୂଚନା ଅଧିକାର ବଳରେ ଲୋଡ଼ାଯାଉଥିବା ତଥ୍ୟ ମଧ୍ୟ ଦେଉନାହିଁ। ସ୍ମାର୍ଟ ମିଟର ଲଗାଇବା ବାଧ୍ୟତାମୂଳକ ନା ନାହିଁ ସେନେଇ ଆରଟିଆଇ ଜରିଆରେ ଶକ୍ତି ବିଭାଗକୁ ତଥ୍ୟ ମଗାଯାଇଥିଲା। ବିଭାଗ ଏ ବିଷୟରେ ଜାଣିନାହିଁ ବୋଲି କହିବା ସହ ରାଜ୍ୟର ୪ଟି ଡିସ୍‌କମ୍ ଏବଂ ଓଇଆରସିଠାରୁ ଉତ୍ତର ଚାହିଁଥିଲା। ଓଇଆରସି ଏହାର ଉତ୍ତର ରଖିଥିବା ବେଳେ ଟାଟା ପାୱାର ଅଧୀନ ୪ଟି ଯାକ ଡିସ୍‌କମ୍ ଆରଟିଆଇର ଉତ୍ତର ଦେଲେନାହିଁ।

## ବନ୍ଦେ ମାତରମ୍‌କୁ ନେଇ ବିବାଦ

# କଂଗ୍ରେସ ପୁଣି ବିଭାଜନର ତ୍ରୁଟିକୁ ଦୋହରାଉଛି : ଅମିତ ଶାହ

**ନୂଆଦିଲ୍ଲୀ,୨୦।୮:** ଦେଶର ଜାତୀୟ ଗୀତ ବନ୍ଦେ ମାତରମ ଗାନକୁ ନେଇ ବିବାଦ। ସରକାରୀ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୬ଟି ଷ୍ଟାଞ୍ଜା ଗାନ କରିବାକୁ ସରକାର କରିଥିବା ନିୟମକୁ ମାନିବାକୁ ମନା କରି ଦେଇଛି କଂଗ୍ରେସ। ୬ ଷ୍ଟାଞ୍ଜା ବଦଳରେ କଂଗ୍ରେସ ୧୯୩୭ରେ ଅନୁମୋଦନ ପ୍ରାପ୍ତ ବନ୍ଦେ ମାତରମର କେବଳ ପ୍ରମୁଖ ୨ଟି ଷ୍ଟାଞ୍ଜା ଗାନ କରିବାକୁ ନିଷ୍ପତ୍ତି ନେଇଛି। ବାସ୍ ଏହାକୁ ନେଇ ଆଜି କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। କଂଗ୍ରେସ ତୁଷ୍ଟୀକରଣ ରାଜନୀତିରେ ମାତିଛି ଓ ଭାରତର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଅପମାନିତ କରୁଛି। କଂଗ୍ରେସ ପୁଣି ବିଭାଜନର ତ୍ରୁଟିକୁ ଦୋହରାଉଥିବା ଅମିତ ଶାହ ଅଭିଯୋଗ କରିଛନ୍ତି। ଅମିତ ଶାହ ଅଭିଯୋଗ କରିଛନ୍ତି ଯେ କଂଗ୍ରେସ ୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିଥିଲା। ମୁସଲିମ ତୁଷ୍ଟୀକରଣ ପାଇଁ କଂଗ୍ରେସ ଏପରି କରିଥିବାରୁ ଭାରତ ବିଭାଜନର ମୂଳଦୁଆ ପଡ଼ିଥିଲା ବୋଲି ମଧ ସେ କହିବାକୁ ପଛାଇ ନାହାନ୍ତି। ସେ କହିଛନ୍ତି, "ମୁଁ ସମଗ୍ର ଦେଶକୁ ମନେ ପକାଇ ଦେବାକୁ ଚାହୁଁଛି ଯେ ୧୯୩୭ରେ ମୁସଲିମ ତୁଷ୍ଟୀକରଣ ପାଇଁ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରାଯାଇ ଥିଲା। ଏହା ହିଁ ଦେଶ ବିଭାଜନର ମୂଳଦୁଆ ପକାଇଥିଲା ଓ ଦୁଇ ରାଷ୍ଟ୍ର ଥିଓରୀକୁ ମୁଜବୁତ କରିଥିଲା। ଏହାପରେ ଦେଶ ବିଭାଜନ ହୋଇଥିଲା ଓ ପାକିସ୍ତାନ ଜନ୍ମ ନେଇଥିଲା।" କଂଗ୍ରେସ ୱାର୍କିଂ କମିଟି ବୁଧବାର ନିଷ୍ପତ୍ତି ହୋଇଛି ଯେ ଦଳର ସମସ୍ତ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୨ଟି ଷ୍ଟାଞ୍ଜା ଗାନ କରାଯିବ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଅମିତ ଶାହ କହିଛନ୍ତି ଯେ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତିରେ ନରେନ୍ଦ୍ର ମୋଦି ସରକାର ଐତିହାସିକ ଭୁଲକୁ ସୁଧାରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଜାତୀୟ ଗୀତକୁ ସଂପୂର୍ଣ୍ଣ ଗାନ କରା ଯାଉଛି। ଏଥିସହ ଜାତୀୟ ଏକତାକୁ ମଧ ମଜବୁତ କରିବାକୁ ସରକାର ଚାହୁଁଛନ୍ତି। ଶାହଙ୍କ କହିବା କଥା ଯେ ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଗୀତ ଗାନ କରିବାକୁ ନେଇଥିବା ନିଷ୍ପତ୍ତିକୁ



ଆଇନଗତ ସୁରକ୍ଷା ଦିଆଯାଇଛି। ହେଲେ କଂଗ୍ରେସ ଏହାକୁ ଅଣଦେଖା କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ କଂଗ୍ରେସର ଏହି ନିଷ୍ପତ୍ତି କେବଳ ଓ କେବଳ ଏହାର ଚରମ ତୁଷ୍ଟୀକରଣ ନୀତିକୁ ସ୍ପଷ୍ଟ କରୁଛି। ଦଳ ଏପରି କରି କେବଳ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ସୃଷ୍ଟିକୁ ଅପମାନ କରୁନାହିଁ, ବରଂ ଦେଶ ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ ଅପମାନିତ କରୁଛି। ଅନେକ ସ୍ୱାଧୀନତା ସଂଗ୍ରାମୀ ବନ୍ଦେ ମାତରମ୍ ନାରା ଦେଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଆଉ ଅନେକ ସ୍ୱାଧୀନତା ସଂଗ୍ରାମୀ ବର୍ଷ ବର୍ଷ ଧରି ଜେଲ୍‌ରେ ରହି ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ।

## କୋଭଲମରେ ଦକ୍ଷିଣ ଆଞ୍ଚଳିକ ପରିଷଦ ବୈଠକ

ତାମିଲନାଡୁର କୋଭଲମସ୍ଥିତ ଏକ ତାରକା ହୋଟେଲରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଦକ୍ଷିଣ ଆଞ୍ଚଳିକ ପରିଷଦର ୩୧ତମ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟ, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏବଂ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ସମେତ ଦକ୍ଷିଣ ଭାରତୀୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶୀର୍ଷ ନେତୃବୃନ୍ଦ ଯୋଗଦେଇଛନ୍ତି। ତାମିଲନାଡୁ ସରକାରଙ୍କ ଆତିଥେୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୃହମନ୍ତ୍ରୀ ଅମିତ ଶାହ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜୟ ଉପ-ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଛନ୍ତି। ଆଞ୍ଚଳିକ ପରିଷଦ ନିୟମାନୁସାରେ ପରିଷଦର ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ପର୍ଯ୍ୟାୟକ୍ରମେ ଉପ-ଅଧ୍ୟକ୍ଷ ପଦବୀ ଗ୍ରହଣ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ବିଭିନ୍ନ ଆନ୍ତଃ-ରାଜ୍ୟ ବିବାଦ, ସାଧାରଣ ସ୍ୱାର୍ଥଜଡ଼ିତ ସମସ୍ୟା ଏବଂ ଆଞ୍ଚଳିକ ବିକାଶ ସମ୍ପର୍କରେ ଆଲୋଚନା ପାଇଁ ଏହି ପରିଷଦ ଏକ ପରାମର୍ଶଦାତା ମଞ୍ଚ ଭାବେ କାର୍ଯ୍ୟ କରେ। ବୈଠକ ପୂର୍ବରୁ ଅମିତ ଶାହ ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ସାକ୍ଷାତ୍ କରିଥିଲେ ଏବଂ ବୈଠକ ପରେ ସେ ମାମଲ୍ଲପୁରମର ଐତିହାସିକ ସମୁଦ୍ରକୂଳ ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।

## ନିଟ୍ ପରୀକ୍ଷାକୁ ନେଇ ଛାତ୍ରଙ୍କୁ ପୋଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

# ତଦନ୍ତ ପାଇଁ ଗଠନ ହେଲା କମିଟି

**ନୂଆଦିଲ୍ଲୀ,୨୦।୮:** ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ଚାଲିଥିବା ଛାତ୍ର ଆନ୍ଦୋଳନ ବେଳେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡ ଘଟଣାର ହେବ ତଦନ୍ତ। ଏଥିପାଇଁ ସୁପ୍ରିମକୋର୍ଟ ବଧିବଦ୍ଧ ଭାବେ



ଗଠନ କରିଛନ୍ତି ଗୋଟିଏ ଉଚ୍ଚ କ୍ଷମତା ସମ୍ପନ୍ନ କମିଶନ ବା ଏଚପିସି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଆର ସୁଭାଷ ରେଡ୍ଡୀ ଏହି କମିଟିର ନେତୃତ୍ୱ ନେବେ। ଆନ୍ଦୋଳନକାରୀମାନେ ହିଂସାକାଣ୍ଡ ଘଟାଇଥିଲେ କି ନାହିଁ, ବେଆଇନ ଭାବେ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ କି ନାହିଁ ଓ ଏହା ସହ ଜଡ଼ିତ ସମସ୍ତ ଅଭିଯୋଗର ତଦନ୍ତ କମିଟି ପକ୍ଷରୁ କରାଯିବ। ଜଷ୍ଟିସ ରେଡ୍ଡୀ ଏହାର ନେତୃତ୍ୱ ନେବାକୁ ଥିବା ବେଳେ କମିଟି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶୈଳେନ୍ଦ୍ର କୌର, ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଲା ଓ ମେଘାଳୟର ପୂର୍ବତନ ପୁଲିସ୍ ମହା ନିର୍ଦ୍ଦେଶକ ଏଲଆର ବିଷ୍ଣୋଇ ରହିଛନ୍ତି। ସଦସ୍ୟମାନଙ୍କ ଅଭିଜ୍ଞତା, ଦକ୍ଷତା ଓ ବିବିଧତାକୁ ଦୃଷ୍ଟିରେ ରଖି ଏପରି ଏକ କମିଟି ଗଠନ କରାଯାଇଥିବା ସୁପ୍ରିମକୋର୍ଟ କହିଛନ୍ତି। ପୂରା ଘଟଣାରେ ନିର୍ଣ୍ଣୟ ନେବାରେ କମିଟି ଉପଯୁକ୍ତ ସୁପାରିସ କରିବ ବୋଲି ମଧ ସୁପ୍ରିମକୋର୍ଟ ଆଶା ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ତଦନ୍ତ କେବଳ ଗୋଟିଏ ଟାସ୍କ ନୁହେଁ। କମିଟି ନିୟମିତ ଓ ପର୍ଯ୍ୟାୟକ୍ରମେ ଘଟଣାର ଯାଞ୍ଚ କରିବ। ଏଥିସହ ଅନ୍ତରୀଣ ରିପୋର୍ଟ ମଧ କୋର୍ଟରେ ଦାଖଲ କରିବ। ଏହାଦ୍ୱାରା ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଇ ପାରିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି।

## ଚୁଟ୍‌କୀରେ...

### କ୍ୟାନ୍ସର ଚିକିତ୍ସାରେ ବଡ଼ ପରିବର୍ତ୍ତନ ରୋଗକୁ ହରାଇବ ମଡେର୍ଣ୍ଣା ଟିକା

**ନୂଆଦିଲ୍ଲୀ,୨୦।୮:** କ୍ୟାନସରକୁ ହରାଇବ ମଡେର୍ଣ୍ଣା ଟିକା । ମଡେର୍ଣ୍ଣା ଏବଂ ମର୍କ କମ୍ପାନୀର କ୍ୟାନସର ଟିକା 'ଇନଟିସମେରାନ୍' ଏକ ଐତିହାସିକ ଶେଷ ପର୍ଯ୍ୟାୟ ବା ଫେଜ୍-୩ କ୍ଲିନିକାଲ୍ ପରୀକ୍ଷାରେ ସଫଳତା ପାଇଛି । ଏହି ବଡ଼ ସଫଳତା ଯୋଗୁଁ ବିଶ୍ୱର ପ୍ରଥମ ବ୍ୟକ୍ତିଗତ ମେସେଞ୍ଜର ଝଜଘଇ କ୍ୟାନସର୍ ଟିକା ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଅତି ନିକଟତର ହୋଇଛି । କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ଏହା ଏକ ବିରାଟ ପରିବର୍ତ୍ତନ । ସମସ୍ତଙ୍କ ପାଇଁ ସମାନ ଔଷଧ ବଦଳରେ, ଏହି ଚିକିତ୍ସା ରୋଗୀର ଶରୀର ହିସାବରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ । ଏହି ବଡ଼ ବିଶ୍ୱସ୍ତରୀୟ ପରୀକ୍ଷାରେ ୧,୧୩୭ ଜଣ ଉଚ୍ଚ-ଆଶଙ୍କା ଥିବା ରୋଗୀ ସାମିଲ ହୋଇଥିଲେ। ଯେଉଁମାନଙ୍କର ସାଙ୍ଘାତିକ ଚର୍ମ କ୍ୟାନସର୍ (ମେଲାନୋମା) ଅପରେସନ୍ ଦ୍ୱାରା ବାହାର କରାଯାଇଥିଲା । ରୋଗୀଙ୍କର ଗୋଟିଏ ଗ୍ରୁପ୍‌କୁ କେବଳ ସାଧାରଣ ଇମ୍ୟୁନୋଥେରାପି ଔଷଧ 'କିଟ୍ରୁଡା'ଦିଆଯାଇଥିଲା। ଅନ୍ୟ ଗ୍ରୁପ୍ କୁ କିଟ୍ରୁଡା ସହିତ ମଡର୍ଣ୍ଣାର ଏହି ସ୍ୱତନ୍ତ୍ର କ୍ୟାନ୍ ସର୍ ଟିକାର ୯ଟି ଡୋଜ୍ ପର୍ଯ୍ୟନ୍ତ ଦିଆଯାଇଥିଲା ।

### ବ୍ୟାଙ୍କର ପତ୍ନୀଙ୍କୁ ମାରି, ସାନ ଭଉଣୀଙ୍କୁ ହତ୍ୟାକରି ନିଜେ ଜୀବନ ହାରିଲେ

**ନୂଆଦିଲ୍ଲୀ,୨୦।୮:** ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି ଡବଲ ମର୍ଡର ଓ ଆତ୍ମହତ୍ୟା ଘଟଣା। ବ୍ୟାଙ୍କର ପତ୍ନୀଙ୍କୁ ବିଚ୍ ରାସ୍ତାରେ ଗୁଳି ମାରି ହତ୍ୟା କରିବା ପରେ ଜଣେ ବ୍ୟକ୍ତି ଘଟାଇଛନ୍ତି ଜଘନ୍ୟକାଣ୍ଡ। ସେ ପତ୍ନୀଙ୍କୁ ମାରିବା ପରେ ଘରକୁ ଆସି ସାନ ଭଉଣୀଙ୍କୁ ଗୁଳି କରିଛନ୍ତି। ଏହାର କିଛି ସମୟ ପରେ ସମାନ ବନ୍ଧୁକରୁ ନିଜକୁ ନିଜେ ଗୁଳି କରି ଦେଇଛନ୍ତି। ଏହି ଡବଲ ମର୍ଡର ଓ ଆତ୍ମହତ୍ୟା ଘଟଣାର କାରଣ ବ୍ୟକ୍ତି ଜଣଙ୍କ ସମସ୍ତଙ୍କୁ ନିଜ ହ୍ୱାଟସଆପ୍ ଷ୍ଟାଟସ ମାଧ୍ୟମରେ ଜଣାଇଛନ୍ତି। ଉତ୍ତର ପ୍ରଦେଶର ଲକ୍ଷ୍ନୌର ଗୋମତି ନଗର ଅଞ୍ଚଳରେ ଗୁରୁବାର ମଧ୍ୟାହ୍ନରେ ପୂରା ଘଟଣା ଘଟିଛି। ପତ୍ନୀ ଓ ଭଉଣୀଙ୍କୁ ମାରି ଜୀବନ ହାରିଥିବା ବ୍ୟକ୍ତି ଜଣଙ୍କ ହେଲେ ୩୮ ବର୍ଷୀୟ ମାନସ ବାଜପାଇ। ସେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସ୍‌ବିଆଇରେ କରୁଥିଲେ କାମ। ତାଙ୍କ ପତ୍ନୀ ଦିବ୍ୟା ମିଶ୍ରା ହେଉଛନ୍ତି ଆଇସିଆଇସିଆଇ ବ୍ୟାଙ୍କର ସହାୟକ ମ୍ୟାନେଜର। ତେବେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ତିକ୍ତତା ଯୋଗୁ ଉଭୟ ବେଶ କିଛି ମାସ ହେବ ପରସ୍ପର ଠାରୁ ଅଲଗା ରହୁଥିଲେ। ଗୁରୁବାର ମଧ୍ୟାହ୍ନ ସମୟରେ ହଠାତ୍ ? ଦିବ୍ୟାଙ୍କୁ ଫୋନ କରିଥିଲେ ମାନସ। ତାଙ୍କୁ ସେ ବ୍ୟାଙ୍କର ବାହାରକୁ ଆସିବାକୁ କହିଥିଲେ। ଦିବ୍ୟା ମଧ ସ୍ୱାମୀଙ୍କ କଥାରେ ବାହାରକୁ ଆସି ରାସ୍ତା କଡ଼ରେ ତାଙ୍କ ସହ ବେଶ କିଛି ସମୟ କଥା ହୋଇଥିଲେ। କିନ୍ତୁ କିଛି ସମୟ ପରେ ମାନସଙ୍କ ବ୍ୟବହାର ବଦଳି ଯାଇଥିଲା। ସେ ଚିତ୍କାର କରିବା ସହ ନିଜ ପାଖରେ ରଖିଥିବା ବନ୍ଧୁକ କାଢ଼ି ସିଧା ଦିବ୍ୟାଙ୍କ ଉପରକୁ ଗୁଳି ଚଳାଇଥିଲେ। ଦିବ୍ୟା ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଥିବା ବେଳେ ମାନସ ସେଠାରୁ ଚାଲି ଯାଇଥିଲେ। ଏପଟେ ଗୁଳିମାଡ଼ ଶବ୍ଦ ବ୍ୟାଙ୍କ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କୁ ଆତଙ୍କିତ କରିଥିଲେ। ସେମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ ଓ ପୁଲିସକୁ ଖବର ଦେଇଥିଲେ। କିନ୍ତୁ ସେତେବେଳକୁ ଦିବ୍ୟାଙ୍କ ମୃତ୍ୟୁ ହୋଇ ସାରିଥିଲା।

### ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ପରଲୋକ

**ନୂଆଦିଲ୍ଲୀ,୨୦।୮:** ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ପରଲୋକ ଘଟିଛି। ୧୯୮୪ ଶିଖ୍-ବିରୋଧୀ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ସଜ୍ଜନ କୁମାର ଅସୁସ୍ଥତା ଯୋଗୁଁ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲକୁ ଆସିଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୮୪ ଦଙ୍ଗା ସମ୍ପର୍କିତ ମାମଲାରେ ସଜ୍ଜନ କୁମାର ଦୁଇଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିଲେ। ୨୦୧୮ ଡିସେମ୍ବରରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ପାଞ୍ଚ ଜଣ ଶିଖଙ୍କ ହତ୍ୟା ଏବଂ ଏକ ଗୁରୁଦ୍ୱାରା ପୋଡ଼ିବା ସମ୍ପର୍କିତ ମାମଲାରେ ଆଜୀବନ କାରାଦଣ୍ଡ ଦେଇଥିଲେ। ୨୦୨୫ରେ ମଧ ୧୯୮୪ ଦଙ୍ଗା ସମ୍ପର୍କିତ ଅନ୍ୟ ଏକ ହତ୍ୟା ମାମଲାରେ ତାଙ୍କୁ ଦ୍ୱିତୀୟ ଆଜୀବନ ଦଣ୍ଡାଦେଶ ହୋଇଥିଲା। ଅନ୍ୟ ଏକ ମାମଲାରେ ତାଙ୍କୁ ଖଲାସ କରାଯାଇଥିଲା। ସଜ୍ଜନ କୁମାରଙ୍କ ଜନ୍ମ ୨୩ ସେପ୍ଟେମ୍ବର ୧୯୪୫ରେ ଦିଲ୍ଲୀରେ ହୋଇଥିଲା। ମାଟ୍ରିକ୍ ପର୍ଯ୍ୟନ୍ତ ପାଠପଢ଼ିଥିବା ସଜ୍ଜନ କୁମାର ୧୯୭୭ରେ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନର କାଉନସିଲର ଭାବେ ରାଜନୀତିରେ ପ୍ରବେଶ କରିଥିଲେ। ପରେ ସେ ଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ହୋଇଥିଲେ। ୧୯୮୦ରେ ସେ ପ୍ରଥମଥର ପାଇଁ ବାହ୍ୟ ଦିଲ୍ଲୀ ଲୋକସଭା ଆସନରୁ ସାଂସଦ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୯୧ ଓ ୨୦୦୪ରେ ମଧ ସେହି ନିର୍ବାଚନମଣ୍ଡଳୀରୁ ସାଂସଦ ହୋଇଥିଲେ।

## ଝାଡ଼ଖଣ୍ଡ ସରକାରଙ୍କୁ ହାଇକୋର୍ଟଙ୍କ ଝଟକା

# ୨୨ଟି ନିଯୁକ୍ତି ପରୀକ୍ଷା ବାତିଲ୍ ଉପରେ ରୋକ୍




**ରାଞ୍ଚି,୨୦।୮:** ଝାଡ଼ଖଣ୍ଡର ହେମନ୍ତ ସୋରେନ ସରକାରଙ୍କୁ ବଡ଼ ଝଟକା ଲାଗିଛି । JSSC-CGL ସମେତ ୨୨ଟି ନିଯୁକ୍ତି ପରୀକ୍ଷା ରଦ୍ଦ କରିବା ନେଇ ସରକାର ନେଇଥିବା ନିଷ୍ପତ୍ତି ଉପରେ ଝାଡ଼ଖଣ୍ଡ ହାଇକୋର୍ଟ ରୋକ ଲଗାଇଛନ୍ତି । ରଦ୍ଦ ନିଷ୍ପତ୍ତି ବିରୋଧରେ ଦାଖଲ ହୋଇଥିବା ଏକାଧିକ ଯାଚିକାର ଶୁଣାଣି ବେଳେ କୋର୍ଟ ଏହି ଅନ୍ତରୀଣ ଆଦେଶ ଦେଇଛନ୍ତି । ୧୫ ଦିନ ଭିତରେ ଜବାବ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ୧୭ ଅଗଷ୍ଟରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ରାଜ୍ୟ କ୍ୟାବିନେଟ୍ JSSC-CGL ସମେତ TDPL ଦ୍ୱାରା ୨୦୧୪ରୁ କରାଯାଇଥିବା ନିଯୁକ୍ତି ପରୀକ୍ଷାଗୁଡ଼ିକ ମଧ୍ୟରୁ ୨୨ଟିକୁ ରଦ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ପରୀକ୍ଷା ପ୍ରକ୍ରିୟାରେ କଥିତ ଅନିୟମିତତାକୁ ନେଇ ଏହି ପଦକ୍ଷେପ ନିଆଯାଇଥିଲା।ଏହି ନିଷ୍ପତ୍ତି ପରେ ପରୀକ୍ଷାରେ ସଫଳ ହୋଇ ନିଯୁକ୍ତି ପାଇଥିବା ଅନେକ ପ୍ରାର୍ଥୀ ଚିନ୍ତାରେ ପଡ଼ିଥିଲେ ଏବଂ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ସେମାନଙ୍କ ଚାକିରି ଭବିଷ୍ୟତ ନେଇ ମଧ ପ୍ରଶ୍ନ ଉଠିଥିଲା। ଅନ୍ୟପଟେ, ନିଯୁକ୍ତି ପରୀକ୍ଷାରେ କଥିତ ଅନିୟମିତତାର ତଦନ୍ତ ପାଇଁ ସରକାର ୧୭ଟି ପରୀକ୍ଷା ସମ୍ପର୍କରେ CID ତଦନ୍ତର ନିର୍ଦ୍ଦେଶ ମଧ ଦେଇଥିଲେ । ହାଇକୋର୍ଟଙ୍କ ଏହି ରୋକ ପରେ ରଦ୍ଦ ହୋଇଥିବା ପରୀକ୍ଷା ଏବଂ ନିଯୁକ୍ତିକୁ ନେଇ ଆଗାମୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି ।

# ସୁରକ୍ଷା ପରିଷଦରେ ସଂସ୍କାର ଅତ୍ୟନ୍ତ ଜରୁରୀ

## ଜାତିସଂଘରେ ଦାବି ଦୋହରାଇଲା ଭାରତ

**ନ୍ୟୁୟର୍କ,୨୦।୮:** ଭାରତ ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)ରେ ସଂସ୍କାର ପାଇଁ ପୁଣି ସମର୍ଥନ ଦୋହରାଇଛି। ୟୁଏନଏସସିର କାର୍ଯ୍ୟକାରିତା ଉପରେ ବାର୍ଷିକ ଖୋଲା ବିତର୍କରେ ଭାରତ କହିଛି ଯେ, ସୁରକ୍ଷା ପରିଷଦର ସଂସ୍କାରର ଆବଶ୍ୟକତା ପୂର୍ବ ଅପେକ୍ଷା ସ୍ପଷ୍ଟ ଏବଂ ଅଧିକ ଜରୁରୀ। ଜାତିସଂଘରେ ଭାରତର ସ୍ଥାୟୀ ମିସନର ଚାର୍ଜ ଡି'ଆଫେୟର୍ସ, ଯୋଜନା ପଟେଲ ଅନୁରୋଧ କରିଛନ୍ତି ଯେ ୟୁଏନଏସସି ଆଜି ଏବଂ ଭବିଷ୍ୟତର ଚ୍ୟାଲେଞ୍ଜର ମୁକାବିଲା ପାଇଁ ଉପଯୁକ୍ତ ଭାବରେ ପ୍ରସ୍ତୁତ ରହୁ। ଭାରତୀୟ ରାଷ୍ଟ୍ରଦୂତ ୧୯୪୫ ମସିହାରେ ପ୍ରତିଷ୍ଠିତ ଜାତିସଂଘ ସୁରକ୍ଷା ପରିଷଦର ଗଠନରେ ପରିବର୍ତ୍ତନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ ବିଶ୍ୱ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ ହୋଇଛି। ସଦସ୍ୟ ରାଷ୍ଟ୍ରର ନାଗରିକମାନେ ସୁରକ୍ଷା ପରିଷଦର ବିଶ୍ୱସନୀୟତା, ପ୍ରଭାବଶାଳୀତା ଏବଂ ନିଷ୍ପତ୍ତି ଗ୍ରହଣ ଉପରେ ପ୍ରଶ୍ନ ଉଠାଇଛନ୍ତି। କାରଣ ଏହି ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ବିଶ୍ୱବ୍ୟାପୀ ଦ୍ୱନ୍ଦ୍ୱରେ ପ୍ରଭାବଶାଳୀ ଭାବରେ ହସ୍ତକ୍ଷେପ କରିବାରେ ଅସମର୍ଥ ହୋଇଛି।



୧୯୪୫ ମସିହାର ବିଶ୍ୱ ଏବେ ସମ୍ପୂର୍ଣ୍ଣ ଭିନ୍ନ। ସେବେଠାରୁ ଜାତିସଂଘର ସଦସ୍ୟତା ଚାରିଗୁଣ ବୃଦ୍ଧି ପାଇଛି। ୮୦ ବର୍ଷ ପୂର୍ବର ଏକ ବିବାଦର ଫଳାଫଳ ଏହାର ଗଠନ, କାର୍ଯ୍ୟକାରିତା, ଦୃଷ୍ଟିକୋଣ ଏବଂ କାର୍ଯ୍ୟ ପଦ୍ଧତିକୁ ସବୁଦିନ ପାଇଁ ନିର୍ଣ୍ଣୟ କରିପାରିବ ନାହିଁ। ଏଥିରେ ଶୀଘ୍ର ପରିବର୍ତ୍ତନ ହେବା ଆବଶ୍ୟକ। ଯୋଜନା ପଟେଲ ସ୍ଥାୟୀ ଏବଂ ଅସ୍ଥାୟୀ ଉଭୟ ବର୍ଗରେ ସୁରକ୍ଷା ପରିଷଦର ବିସ୍ତାର ଉପରେ ଭାରତର ମତାମତକୁ ଦୋହରାଇଛନ୍ତି। ସୁରକ୍ଷା ପରିଷଦ ସଂସ୍କାର ଉପରେ ଭାରତର ମତାମତ ସର୍ବଜନବିଦିତ। ଆମେ ବିଶ୍ୱ ଦକ୍ଷିଣ ପାଇଁ ଅଧିକ ପ୍ରତିନିଧିତ୍ୱ ସହିତ ଉଭୟ ବର୍ଗରେ ବିସ୍ତାର ଚାହୁଁଛୁ ବୋଲି ସେ କହିଛନ୍ତି। ସେ କହିଛନ୍ତି, ୟୁଏନଏସସିର କାର୍ଯ୍ୟ ପଦ୍ଧତିରେ ସଂସ୍କାରକୁ ପୃଥକ ଭାବରେ ଆଲୋଚନା କରାଯିବା ଉଚିତ୍ ନୁହେଁ। ସଂସ୍କାର ସଦସ୍ୟତା ବର୍ଗ, ଆଞ୍ଚଳିକ ପ୍ରତିନିଧିତ୍ୱ ଏବଂ ଭିଟୋ ଭଳି ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ। ସୁରକ୍ଷା ପରିଷଦର ଯେକୌଣସି ସଂସ୍କାରରେ ଏହି ପ୍ରସଙ୍ଗଗୁଡ଼ିକୁ ଏକାଠି ବିଚାର କରିବାକୁ ସେ ଆହ୍ୱାନ କରିଛନ୍ତି।

## ବିବାହ ବିବାଦରେ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ସ୍ୱାମୀଙ୍କ ସନ୍ଦେହ ଥିଲେ ହୋଇପାରିବ ଡିଏନ୍ଏ ଟେଷ୍ଟ




**ନୂଆଦିଲ୍ଲୀ,୨୦।୮:** ବିବାହ ବିବାଦରେ ଶିଶୁର ପିତୃତ୍ୱ ନେଇ ଗୁରୁତର ସନ୍ଦେହ ରହିଲେ, ଡିଏନଏ ଟେଷ୍ଟ କରାଯାଇପାରିବ। ଏନେଇ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ତେବେ କେବଳ ସନ୍ଦେହ କିମ୍ବା ଅଭିଯୋଗ ଆଧାରରେ ନୁହେଁ, ମାମଲାର ସତ୍ୟ ଜାଣିବା ପାଇଁ ଉକ୍ତ ପରୀକ୍ଷା ଅତ୍ୟାବଶ୍ୟକ ହେଲେ ହିଁ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇପାରିବେ। ମାମଲାରେ ସ୍ୱାମୀ ଅଭିଯୋଗ କରିଥିଲେ ଯେ, ତାଙ୍କର ସ୍ତ୍ରୀ ବିବାହ ବାହାରେ ଅନ୍ୟତ୍ର ସମ୍ପର୍କ ରଖିଛନ୍ତି ଏବଂ ସେ ଶିଶୁର ଜୈବିକ ପିତା ନୁହନ୍ତି। ନିଜ ପକ୍ଷରେ ଥିବା ଏକ ଡିଏନଏ ରିପୋର୍ଟର ଦାବି କରି, ସେ କୋର୍ଟଙ୍କ ନିର୍ଦ୍ଦେଶରେ ପୁଣି ଡିଏନଏ ପରୀକ୍ଷା କରାଇବାକୁ ଚାହିଁଥିଲେ। ଏହି ମାମଲାରେ ପୁଣେ ଫ୍ୟାମିଲି କୋର୍ଟ ଏବଂ ପରେ ବମ୍ବେ ହାଇକୋର୍ଟ ଡିଏନଏ ପରୀକ୍ଷା ପାଇଁ ଦେଇଥିବା ନିର୍ଦ୍ଦେଶକୁ ସୁପ୍ରିମକୋର୍ଟ ବଜାୟ ରଖିଛନ୍ତି। ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେଶ ଓ ଜଷ୍ଟିସ୍ ପ୍ରସନ୍ନ ବି. ଭରାଲେଙ୍କ ବେଞ୍ଚ ଏହି ରାୟ ଦେଇଛନ୍ତି। ତେବେ ସୁପ୍ରିମକୋର୍ଟ ଏକଥା ମଧ ସ୍ପଷ୍ଟ କରିଛନ୍ତି, ବୈବାହିକ ବିବାଦରେ ଶିଶୁଙ୍କ ଡିଏନଏ ଟେଷ୍ଟକୁ ରୁଟିନ୍ ପ୍ରକ୍ରିୟା କରାଯାଇପାରିବ ନାହିଁ। ବିବାହ ସମୟରେ ଜନ୍ମିତ ଶିଶୁର ବୈଧତା ସମ୍ପର୍କରେ ଥିବା ଆଇନଗତ ଧାରଣାକୁ ମଧ କେବଳ ଦୃଢ଼ ପ୍ରାଥମିକ ପ୍ରମାଣ ଥିଲେ ହିଁ ପ୍ରଶ୍ନ କରାଯାଇପାରିବ। ଅର୍ଥାତ୍, କେବଳ ସନ୍ଦେହ ହେଲେ ଉକ୍ତ ଟେଷ୍ଟ ନୁହେଁ। ଯେତେବେଳେ ଅନ୍ୟ ପ୍ରମାଣରେ ସତ୍ୟ ସ୍ପଷ୍ଟ ହୋଇପାରୁନାହିଁ ଏବଂ ଉକ୍ତ ପରୀକ୍ଷା ଅତ୍ୟାବଶ୍ୟକ ହୋଇଥାଏ, ସେତେବେଳେ କୋର୍ଟ ଏହାର ନିର୍ଦ୍ଦେଶ ଦେଇପାରିବେ। ଅର୍ଥାତ୍, ଶିଶୁର ମର୍ଯ୍ୟାଦା ଓ ପରିବାରର ସମ୍ବେଦନଶୀଳତାକୁ ଧ୍ୟାନରେ ରଖି, ଆବଶ୍ୟକତା ଥିଲେ ହିଁ ଏଭଳି ପରୀକ୍ଷାର ରାସ୍ତା ଖୋଲିବ।

## ହାଇକମିଶନ ଉପରେ ବୁଲ୍‌ଡୋଜର ଆକ୍ସନ

# ପାକ୍ ଦୂତାବାସ ବାହାରୁ ହଟିଲା ସୁରକ୍ଷା ବ୍ୟବସ୍ଥା



**ନୂଆଦିଲ୍ଲୀ,୨୦।୮:** ଦିଲ୍ଲୀ ସ୍ଥିତ ପାକ୍ ଦୂତାବାସ ବାହାରୁ ହଟିଲା ସୁରକ୍ଷା ବ୍ୟବସ୍ଥା। ଟ୍ରାଫିକ୍ ବୋଲାର୍ଡ ଏବଂ ବ୍ୟାରିକେଡ୍ ହଟାଯାଇଛି । ତେବେ ଏହି କାର୍ଯ୍ୟାନୁଷ୍ଠାନ ପଛର କାରଣ ଜଣାପଡ଼ି ନାହିଁ । ଏନେଇ କୌଣସି ସରକାରୀ ବିବୃତ୍ତି ଦିଆଯାଇ ନାହିଁ । ନିକଟରେ ଇସଲାମାବାଦରେ ଭାରତୀୟ ହାଇକମିଶନ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ବିରୋଧରେ ଭାରତର ଏହା ମୁହଁତୋଡ଼ ଜବାବ ବୋଲି କୁହାଯାଉଛି । କିଛି ଦିନ ତଳେ ପାକିସ୍ତାନୀ ଅଧିକାରୀ ଇସଲାମବାଦ ସ୍ଥିତ ଭାରତ ଦୂତାବାସ ନିକଟରୁ ପାର୍କିଂ ପୋଲ୍ ହଟାଇ ଦେଇଥିଲେ । ଏହାପରେ ଭାରତ ପକ୍ଷରୁ ମଧ ପାକିସ୍ତାନ ଦୂତାବାସ ବାହାରୁ ସୁରକ୍ଷା ବ୍ୟବସ୍ଥା ଉଚ୍ଛେଦ କରାଯାଇଛି । ଗତ ବର୍ଷ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି । ଏହି ଆକ୍ରମଣରେ ୨୬ ଜଣ ନୀରିହ ଲୋକଙ୍କ ପ୍ରାଣ ଯାଇଥିଲା । ଭାରତ ଏହାର ଜବାବରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ପାକିସ୍ତାନ ଏବଂ ପାକ୍ ଅଧିକୃତ ଅଞ୍ଚଳରେ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରିଥିଲା । ମେ ୧୦ ତାରିଖରେ ଯୁଦ୍ଧବିରତି ପରେ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ହ୍ରାସ ପାଇଥିଲା । ଦିଲ୍ଲୀରେ ପାକିସ୍ତାନ ହାଇକମିଶନ ବାହାରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ଅବସରପ୍ରାପ୍ତ ଏୟାର ଭାଇସ୍ ମାର୍ଶାଲ ପ୍ରଶାନ୍ତ ମୋହନ କହିଛନ୍ତି ଯେ, ଏଥିରୁ ନିବୃତ୍ତ ରହିବା ଉଚିତ୍ । ପାକିସ୍ତାନ ଇସଲାମବାଦରେ ଭାରତ ସହ ଯାହା କରିଛି, ଭାରତ ଯଦି ସେଭଳି କଲା ତାହେଲେ ଆମେ ତଳକୁ ଖସିଯିବା । ଭାରତ ଏକ ବଡ଼ ରାଷ୍ଟ୍ର । ପାକିସ୍ତାନ ବର୍ଷ ବର୍ଷ ଧରି ଆମ ବିରୁଦ୍ଧରେ କରୁଥିବା ଷଡ଼ଯନ୍ତ୍ରକୁ ଆମେ ସଫଳ ହେବାକୁ ଦେବା ନାହିଁ ।

## ସବୁ ଦେଶକୁ ଟ୍ରମ୍ପଙ୍କ ଖୋଲା ଚେତାବନୀ

# ଇରାନକୁ ସାହାଯ୍ୟ କଲେ ହେବ ବଡ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ,୨୦।୯:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସମର୍ଥନ କିମ୍ବା ଆର୍ଥିକ ସହାୟତା ଯୋଗାଉଥିବା ଦେଶଗୁଡ଼ିକୁ ସିଧାସଳଖ ଏବଂ କଡ଼ା ଚେତାବନୀ ଦେଇଛନ୍ତି । ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଯଦି କୌଣସି ଦେଶ ଇରାନକୁ ଆର୍ଥିକ ସହାୟତା କିମ୍ବା ସାମଗ୍ରୀ ଯୋଗାଏ, ତେବେ ସେମାନଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ । ଆମେରିକା ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ବଡ଼ ଆର୍ଥିକ ଅଭିଯାନ ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଇରାନର ଅନ୍ତର୍ଜାତୀୟ ବାଣିଜ୍ୟିକ ପଥଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା । ଟ୍ରମ୍ପ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ କରି ଚେତାବନୀ ଦେଇଛନ୍ତି ଯେ, ଇରାନକୁ ଯେକୌଣସି ପ୍ରକାରେ ସାହାଯ୍ୟ କରୁଥିବା ଦେଶ ଏହି କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତି ପାରିବେନାହିଁ । ଯଦି କୌଣସି ଦେଶର ଆର୍ଥିକ ପ୍ରତିଷ୍ଠାନ, କମ୍ପାନୀ, ଏୟାରପୋର୍ଟ କିମ୍ବା ସରକାରୀ ଏଜେନ୍ସି ଇରାନ ପାଇଁ ସହାୟତାର ବାଟ ଖୋଲେ, ତେବେ ସେମାନଙ୍କୁ ମଧ ପ୍ରଚୁର ଆର୍ଥିକ କ୍ଷତି ସହିବାକୁ ପଡ଼ିବ । ଟ୍ରମ୍ପ ଇରାନକୁ ମିଳୁଥିବା ସହାୟତାର କିଛି ବିଶେଷ ମାଧ୍ୟମକୁ ଉଲ୍ଲେଖ କରିଛନ୍ତି, ଯେପରିକି ତୈଳ



ଚୋରାଚାଲାଣ, ଆର୍ଥିକ ନେଣଦେଣ, ନଗଦ ଅର୍ଥ ଟ୍ରାନ୍ସଫର୍ ଏବଂ ଏକ୍ସଚେଞ୍ଜ ହାଉସ୍, ଜାହାଜଗୁଡ଼ିକର ପଞ୍ଜୀକରଣ ଏବଂ ଅନ୍ୟାନ୍ୟ କମ୍ପାନୀ ନାମରେ ବ୍ୟବସାୟ । ଟ୍ରମ୍ପ କହିଛନ୍ତି ଯେ ତାଙ୍କ ପ୍ରଶାସନ ଇରାନକୁ ବୁଝାମଣା କରିବାର ଅନେକ ସୁଯୋଗ ଦେଇଥିଲା, କିନ୍ତୁ ତେହରାନ ଏହାକୁ ଗ୍ରହଣ କଲା ନାହିଁ । ଏହି କାରଣରୁ ଆମେରିକା ଏବେ ଇରାନ ଉପରେ ଆର୍ଥିକ ଚାପ ଆହୁରି ବଢ଼ାଇବାକୁ ଯାଉଛି । ସେ ଏହି ଅଭିଯାନକୁ ଏକ ଅଭୁତପୂର୍ବ ସ୍ତରର ଆର୍ଥିକ ଲଢ଼େଇ ଏବଂ ବିଚ୍ଛିନ୍ନତା ବୋଲି ବର୍ଣ୍ଣନା କରିଛନ୍ତି । ଆମେରିକାର ସହଯୋଗୀ ଦେଶଗୁଡ଼ିକୁ ମଧ ଇରାନକୁ ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାରୁ ଅଲଗା କରିବାରେ ସହଯୋଗ କରିବାକୁ ସେ ଆହ୍ୱାନ କରିଛନ୍ତି ।





## କୁଶଭଦ୍ରା ନଦୀରେ ଲୀନହେବ ରାମଚଣ୍ଡୀ ଓସୁଆଲି ରୋଡ୍

**କୋଣାର୍କ(ଅମୃତ ମିଡିଆ):** କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଁଣ ନିକଟରେ ଥିବା ଓସୁଆଲି ରୋଡ୍ ସାମୁଦ୍ରିକ ଜୁଆର ମାଡ଼ରେ ନଦୀ ମୁହାଁଣରେ ବିଲୟ ହେବାକୁ ବସିଥିବା ବେଳେ ଓସୁଆଲି ପ୍ରତିଷ୍ଠାନ ଓ ଲୋର୍ଟସ ରିସୋର୍ଟ ପ୍ରତି ବିପଦ ଆଶଙ୍କା ରହିଛି। ଖବରରୁ ପ୍ରକାଶ ଯେ, କୁଶଭଦ୍ରା ନଦୀ ରାମଚଣ୍ଡୀ ମୁହାଁଣରେ ରାଜ୍ୟ ସରକାରଙ୍କ ଅଗ୍ନିଶମ ବିଭାଗର ସର୍ବଭାରତୀୟ ତାଲିମ୍ ପ୍ରତିଷ୍ଠାନ ଓସୁଆଲି ଓ ଲୋର୍ଟସ ସୁରକ୍ଷା ପାଇଁ ଜିଓ ସିନ୍ଥେଟିକା ପ୍ରତିଷ୍ଠାନର ସୁରକ୍ଷା ପାଇଁ କୌଣସି ୱାଲ୍ ନିର୍ମାଣ ଦାବି ରିସୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସଂଗଠନ ରିସୋର୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ସଂଗଠନ ରହିଛି। କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାଠାରୁ ଲୋର୍ଟସ ରିସୋର୍ଟ ରାଜପଥ ରାସ୍ତାଠାରୁ ଲୋର୍ଟସ ରିସୋର୍ଟ ପ୍ରତିଷ୍ଠାନକୁ ଯାଇଥିବା ରାସ୍ତାପାର୍ଶ୍ୱରେ ଥିବା ଓସୁଆଲି ପ୍ରତିଷ୍ଠାନ ଯାଇଥିବା ରାସ୍ତା ସାମୁଦ୍ରିକ ଜୁଆର ମାଡ଼ରେ ଧୀରେ ଧୀରେ ଅବକ୍ଷୟ ହେବାରେ ଲାଗିଛି। ଫଳରେ ଓସୁଆଲି ରୋଡ୍ ପ୍ରତି ବିପଦ ଦେଖାଦେଇଛି। ଏହି ତାଲିମ୍ ଆଶଙ୍କା ଆଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଏହି ରୋଡ୍‌ର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଓ ସିନ୍ଥେଟିକ ୱାଲ୍ ନିର୍ମାଣ କରାଗଲେ ସୁଆଲି ଓ ଲୋର୍ଟସ ରିସୋର୍ଟକୁ ସଂଯୋଗ କରୁଥିବା ରାସ୍ତା ସୁରକ୍ଷିତ ରହିବା ସହ ଭାରତର ସର୍ବବୃହତ ତାଲିମ୍ ପ୍ରତିଷ୍ଠାନ ଏକ ବଡ଼ଧରଣର ବିପଦରୁ ସୁରକ୍ଷିତ ହୋଇପାରିବ ବୋଲି ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ପରିବେଶବିତ୍ ଓ ପ୍ରକୃତିପ୍ରେମୀ ମହଲରେ ଦାବି ହେଉଛି। ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ରାମଚଣ୍ଡୀ ଓସୁଆଲି ରୋଡ୍।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ 'ନିଶାମୁକ୍ତ ଭାରତ' ଅଭିଯାନ





**ସତ୍ୟବାଦୀ/ ସୁଆଣ୍ଡୋ (ଅମୃତ ମିଡିଆ):** ବିକଶିତ ଭାରତ ନିର୍ମାଣ ପରିପ୍ରେକ୍ଷୀରେ ସଶକ୍ତ ପଦକ୍ଷେପ ସ୍ୱରୂପ ସାକ୍ଷୀଗୋପାଳ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପଶାଖା ଆନୁକୂଲ୍ୟରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟରେ 'ନିଶାମୁକ୍ତ ଭାରତ ଅଭିଯାନ' ଆୟୋଜନ କରାଯାଇଥିଲା । ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷା ଡ. ଲିପିକା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ସଂଜୁବାଳା ମୁଖ୍ୟ ଆଲୋଚିକା ରୂପେ ଯୋଗଦେଇ ନିଶା ସେବନର ଦୁଷ୍ପରିଣତି ଓ ସମାଜ ଉପରେ ଏହାର କୁପ୍ରଭାବ କଥା ଉଲ୍ଲେଖ ପୂର୍ବକ ଏକ ସୁନ୍ଦର-ଶୃଙ୍ଖଳିତ ଜୀବନ ତଥା ସମାଜ ଗଠନ ଦିଗରେ ଆଧ୍ୟାତ୍ମିକ ଜ୍ଞାନ ଆହରଣ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଅନୁମତି କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ପ୍ରଫେସର୍ ବବ୍ରୁବାହନ ମହାପାତ୍ର, ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ପ୍ରଫେସର୍ ଅନନ୍ତ କିଶୋର ଜେନା ନିଶାସେବନ ଫଳରେ ଆମ ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନ କିପରି ପ୍ରଭାବିତ ହୁଏ, ସେ ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ଅତିଥିଙ୍କୁ ସ୍ୱାଗତ କରିବା ସହ ଏହି ଅଭିଯାନର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟା ଡ. ଶର୍ମିଷ୍ଠା ମହାପାତ୍ର, ଭାଷାବିଜ୍ଞାନ ବିଭାଗର ଡ. କୁଳମଣି ଓଝା, ଡ. ସଂଗୀତା ଜେନା, ଓ ଡ. ଶୁଭସ୍ମିତା ନାୟକ, ଆଞ୍ଚଳିକ-ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗର ଡ. ନିବେଦିତା ମହାନ୍ତି ଓ ଡ. ସସ୍ମିତା ଜେନା, ଭାଷା ଓ ସାହିତ୍ୟ ବିଭାଗର ଡ. ବାସନ୍ତୀ ମହାନ୍ତି ଓ ଡ. ମୋନାଲି ଚ୍ୟାଙ୍ଗ ପ୍ରମୁଖ ଉକ୍ତ ଅଭିଯାନରେ ସାମିଲ୍ ହୋଇଥିଲେ । ଛାତ୍ରଛାତ୍ରୀମାନେ ନିଶା ସେବନ ନ କରିବାକୁ ସମୂହ ଶପଥ ପାଠ କରିଥିଲେ । ଶେଷରେ ଡ. ନିବେଦିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଲଗ୍‌ଜରୀ କାର୍‌ରେ ବ୍ରାଉନସୁଗର ବେପାର

### ୨ କୁଖ୍ୟାତ ପେଡ୍‌ଲର ଗିରଫ;୪୦ ଗ୍ରାମ ବ୍ରାଉନସୁଗର, ୭ ମୋବାଇଲ, ନଗଦ ୪୧ ହଜାର ଟଙ୍କା ସହ କାର୍ ଜବତ







**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲାରେ ଡ୍ରଗ୍ସ ମାଫିଆଙ୍କ ବିରୁଦ୍ଧରେ ପୁରୀ ଏସପିଙ୍କ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଚକ୍ର' ଏବେ ପୁରା ଜୋରେ ଚାଲିଛି। ଏହି ଅଭିଯାନରେ କାକଟପୁର ପୋଲିସକୁ ବୁଧବାର ସକାଳେ ମିଳିଛି ବଡ଼ ସଫଳତା। ବଲରା ନିକଟ ପ୍ରାଚୀ ନଦୀ ବ୍ରିଜ ପାଖରେ ଏକ ଧଳା ରଙ୍ଗର କାରରେ ବ୍ରାଉନ ସୁଗାର ଡିଲିଂ ଚାଲିଥିବା ବେଳେ ପୋଲିସ ଚଢାଉ କରି ଦୁଇ ଜଣ କୁଖ୍ୟାତ ପେଡଲରଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଉପଥାନା ଅଧିକାରୀ ଅମିତ ପାଢ଼ୀଙ୍କ ନେତୃତ୍ୱରେ ଏକ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ସକାଳ ପ୍ରାୟ ୮ଘ ୩୦ମିନିଟ ରେ ବିଶ୍ୱସ୍ତ ସୂତ୍ରରୁ ଖବର ଆସିଲା ଯେ ଓଡି ୩୩ ଏକ୍ସ ୧୨୭୨ ନମ୍ବର ଧଳା କାରରେ ଦୁଇ ଜଣ ଯୁବକ ବ୍ରାଉନ ସୁଗାର ବିକ୍ରି ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଛନ୍ତି। ଖବର ପାଇ ପୋଲିସ ଟିମ୍ ତୁରନ୍ତ ପ୍ରାଚୀ ବ୍ରିଜ ବଲରା ପାଖରେ ପହଞ୍ଚି କାରକୁ ଘେରି ଯାଇଥିଲା। ସନ୍ଦେହରେ ଦୁଇ ଜଣଙ୍କୁ ଅଟକାଇ ପଚରାଉଚରା କଲା ବେଳେ ସେମାନେ ମାନିଯାଇଥିଲେ ଯେ ସେମାନେ କାକଟପୁର-ଅସ୍ତରଙ୍ଗ ଅଞ୍ଚଳର ନିଶାଡି ଯୁବକଙ୍କୁ ବ୍ରାଉନ ସୁଗାର ଯୋଗାଉଛନ୍ତି। ପରେ ନିୟମ ଅନୁଯାୟୀ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଓ ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ଗୋଟିଏ ଜରି ପଲିଥିନରେ ୪୦ ଗ୍ରାମ ବ୍ରାଉନ ସୁଗାର, ନଗଦ ୪୧ ହଜାର ଟଙ୍କା, ୭ଟି ଦାମୀ ମୋବାଇଲ ଫୋନ ଏବଂ ନିଶା ଚାଲାଣରେ ବ୍ୟବହୃତ ଧଳା କାର ଜବତ ହୋଇଛି। ଜବତ ବ୍ରାଉନ ସୁଗାରର ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୋପ ଥାନା ନୟାହାଟ ଅଧୀନ ସୁଜାଗଡ଼ ଅଞ୍ଚଳର ୨୩ ବର୍ଷୀୟ ଆସିକ ଖାଁ ଏବଂ ପିପିଲି ଥାନା ନରସିଂହପୁରର ୨୨ ବର୍ଷୀୟ ମହମ୍ମଦ ଗ୍ୟାସ। ମହମ୍ମଦ ଗ୍ୟାସ ହିଁ କାର ଚଳାଉଥିଲେ। ଉଭୟଙ୍କ ବିରୁଦ୍ଧରେ କାକଟପୁର ଥାନା କେସ ନଂ ୨୯୫/୨୬, ଏନଡିପିଏସ ଆକ୍ଟ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଏହି ମାମଲାର ଅଧିକ ତଦନ୍ତ କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ କରୁଛନ୍ତି। ଏହି ଗିରଫ ପରେ ଜିଲ୍ଲାରେ ସକ୍ରିୟ ଥିବା ବଡ଼ ନିଶା ରାକେଟର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଛି।ଏମାନଙ୍କ ସହ କାହାର ସମ୍ପୃକ୍ତ ଥିଲା ତଦନ୍ତ କରୁଛି ପୋଲିସ।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ 'ନିଶାକୁ ନା, ଜୀବନକୁ ହଁ' ଅଭିଯାନ

**ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ):** ଯୁବ ସମାଜ ଉପରେ ପଡୁଥିବା ନିଶାର ପ୍ରଭାବକୁ ନିରାକରଣ ପାଇଁ ପୁରୀ ଜିଲ୍ଲା ସାକ୍ଷୀଗୋପାଳସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ନିଶା ନିବାରଣ ପାଇଁ ଏକ ଜାତୀୟ ଶପଥ ପାଠ ସମାରୋହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନର ଗୁରୁତ୍ୱ ବୁଝାଇବା। ଏନ୍.ଏସ୍.ଏସ୍ ସଂଯୋଜକ ଉପସ୍ଥିତ ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀମାନଙ୍କୁ ନିଶାସେବନରୁ ଦୂରେଇ ରହିବା ସହ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ଦେବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ଅଣ-ଶିକ୍ଷକ କର୍ମଚାରୀମାନେ, ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ବିଡିଓ ଦେବାଶିଷ ନାୟକଙ୍କ ଉପସ୍ଥିତିରେ ଅଂଶଗ୍ରହଣ କରି ମିଳିତ ଭାବେ ନିଶା ନିବାରଣ ପାଇଁ ଜାତୀୟ ଶପଥ ଗ୍ରହଣ କରାଯାଇ ଥିଲା । ଅଂଶଗ୍ରହଣକାରୀମାନେ ନିଶାସେବନକୁ ବିରୋଧ କରିବା, ସାଙ୍ଗସାଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ଭାରତ ଗଠନରେ ଯୋଗଦାନ ଦେବା ପାଇଁ ଶପଥ ନେଇଥିଲେ। ଏହି



ଶପଥପାଠ ୟୁ.ଜି.ଏସ୍. ମହାବିଦ୍ୟାଳୟ, ସଂସ୍କୃତ ବିଭାଗମୁଖ୍ୟ ଡ଼ କଳ୍ପନା କୁମାରୀ ମହାପାତ୍ରଙ୍କ ଦ୍ୱାରା କରାଯାଇଥିଲା।'ନିଶାକୁ ନା, ଜୀବନକୁ ହଁ' ର ଏକ ଦୃଢ଼ ସନ୍ଦେଶ ସହିତ ଏହି କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା । ଯାହା ସମାଜକୁ ନିଶାମୁକ୍ତ କରିବାରେ ଯୁବପିଢ଼ି ଓ ଶିକ୍ଷାନୁଷ୍ଠାନଗୁଡ଼ିକର ମିଳିତ ଉତ୍ତରଦାୟିତ୍ୱ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଅଧ୍ୟାପକ ଡ଼ ଶଙ୍କର୍ଷଣ ପ୍ରଧାନ, ଅଧ୍ୟାପିକା ଡ଼ ରଶ୍ମିତା ସେଠୀ ଓ ଅଧ୍ୟାପକ ଜିତେନ୍ କୁମାର ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମଟି କଲେଜର ଅଧ୍ୟକ୍ଷ ଅଜୟ କୁମାର ପାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବାସନ୍ଦ ପରିବାରଙ୍କ ଧାରଣା

**ପୁରୀ (ବ୍ୟୁରୋ):** ଏବେ ବି ସାମାଜିକ ବାସନ୍ଦ ବ୍ୟବସ୍ଥା ପୁରୀ ଜିଲ୍ଲାରେ ଦେଖିବାକୁ ମିଳିଛି । ଗୋଟି ପ୍ରଥା, ବର୍ତ୍ତନ ଦେଇ ଖଟାଇବା ଯୋଗୁ ଦଳିତ ଓ ବାରିକ ଧୋବାମାନଙ୍କୁ ସାମାଜିକ ବାସନ୍ଦ କରାଯାଉଛି। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ଏହି ସାମାଜିକ ବାସନ୍ଦ ବ୍ୟବସ୍ଥା ଅଧିକ ଦେଖିବାକୁ ମିଳିଛି। ଗୁରୁବାର ପୂର୍ବାହ୍ନରେ ଜିଲ୍ଲାର ବାସନ୍ଦ ପରିବାର ଗୁଡିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି । ବ୍ରହ୍ମଗିରି ଥାନା ଅଞ୍ଚଳର ବାଘମୁଣ୍ଡା ନୂଆଗାଁର ଅଶୋକ ସେଠୀଙ୍କ ୪ଟି ପରିବାର, ଚନ୍ଦନପୁର ଥାନା ଅଞ୍ଚଳ ବାଣିଆକେରାର ରାଜକିଶୋର ପଣ୍ଡା, ଶିରୁଳି ସମିର ସାଶମଲ, କାଳିଆକେରା ଗ୍ରାମର କମଳା ବେହେରା, ଉତ୍ତରଣା ମଠ ସାହିର ୧୨ଟି ଦଳିତ ପରିବାର ଏହି ଧାରଣାରେ ସାମିଲ ହୋଇଛନ୍ତି । ଏହା ସହ



ଗଡ଼ିଶାଗୋଦା ଥାନା ଅଞ୍ଚଳର ଖୁଣ୍ଟିଆ ବାଣପୁର ଗ୍ରାମର ୮ଟି ପରିବାର ବାସନ୍ଦ ହୋଇ ଧାରଣାରେ ସାମିଲ ହୋଇଛନ୍ତି । ସାମାଜିକ ବାସନ୍ଦ ହୋଇଥିବା ପରିବାର ଗୁଡିକର ସମସ୍ୟା ସମାଧାନ କରାନଗଲେ ଏହି ଧାରଣା ଅନିର୍ଦ୍ଦିଷ୍ଟ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ରାଜକିଶୋର ପଣ୍ଡା, କମଳା ବେହେରା, ସମିର ସାଶମଲ, ଅଶୋକ ସେଠୀ, ଚରଣ ସେଠୀ ଓ ଦୟାନିଧି ସେଠୀଙ୍କ ନେତୃତ୍ୱରେ ଧାରଣାରେ ବସିଛନ୍ତି ।

## ପିଆଜ ଦର ୫୦ ଛୁଇଁଲା | ହୋଟେଲ-ଫାଷ୍ଟଫୁଡ୍ ଠୁ ପଖାଳ କଂସା ଯାଏଁ ପ୍ରଭାବିତ

**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ପିଆଜକୁ ଗରିବର ପଖାଳ କଂସାର ସାଥୀ କୁହାଯାଏ। ରୋଷେଇ ଘରର ନିତ୍ୟ ବ୍ୟବହାର୍ଯ୍ୟ ତାଲିକାରେ ପିଆଜ ସବୁବେଳେ ଆଗରେ ଥାଏ। ହେଲେ ସେହି ପିଆଜ ଏବେ କନ୍ଦାଉଛି। ଦର ଶୁଣିଲେ ଆଖିରୁ ଲୁହ ବୋହି ଯାଉଛି। ମାତ୍ର ୩ ଦିନ ଭିତରେ କେଜି ପିଛା ୧୫ ଟଙ୍କା ବଢିଛି ପିଆଜ ଦର। ଗତ ସପ୍ତାହରେ ଖୁଚୁରା ବଜାରରେ ଯେଉଁ ପିଆଜ ୩୫ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୫୦ ଟଙ୍କା ଛୁଇଁଛି। ହୋଲସେଲ ବଜାରରେ ମଧ୍ୟ ପିଆଜ ୪୫ ଟଙ୍କାରେ ପହଞ୍ଚିଛି। କିଛି ମାସ ହେବ କଞ୍ଚା ପନିପରିବା, ତେଲ, ଡାଲି ଦର ଅଧିକ ଥିବା ବେଳେ ଏବେ ପିଆଜ ଓ ଚିନି ଦର ଅହେତୁକ ବୃଦ୍ଧି ସାଧାରଣ ଲୋକଙ୍କ ବଜେଟ ବିଗାଡି ଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ

### ସପ୍ତାହକେ ୧୫ ଟଙ୍କା ବୃଦ୍ଧି

ବଜାର, ସାପ୍ତାହିକ ହାଟ ଓ କାକଟପୁର କୁଣ୍ଢେଇ ବଜାରରେ ସମାନ ସ୍ଥିତି। ପ୍ରତି ଦୋକାନରେ ପିଆଜ ନାଲି ଆଖି ଦେଖାଉଛି। ଏହାର ସିଧା ପ୍ରଭାବ ଟିଫିନ ସେଣ୍ଟର, ଫାଷ୍ଟଫୁଡ, ଗୁପଚୁପ ଦୋକାନ ଓ ହୋଟେଲ ବ୍ୟବସାୟ ଉପରେ ପଡିଛି। ପିଆଜ ବିନା ଚଟଣୀ, ଚାଉମିନ, ଦୋସା ଅସମ୍ଭବ। ଦର ବଢିବାରୁ ଲାଭ କମୁଛି। ଦର ବଢାଇବେ ନା ଲୋକସାନ ସହିବେ ତାକୁ ନେଇ ବ୍ୟବସାୟୀ ଦ୍ୱନ୍ଦ୍ୱରେ ପଡିଛନ୍ତି। ଏ ନେଇ ଖାଉଟି ମାଧବ ଚନ୍ଦ୍ର



ସାହୁ କହିଛନ୍ତି , 'ପୂର୍ବରୁ ତେଲ, ଡାଲି ଦର ଅଧିକ। ଏବେ ପିଆଜ ୩୫ରୁ ୫୦ ଟଙ୍କା ହେଲା। ମାସକୁ ୫ କେଜି ପିଆଜ ଲାଗେ, ପୁରା ରୋଷେଇ ଘର ବଜେଟ ବିଗିଡି ଗଲା। ଗରିବ ଲୋକ ପଖାଳ ସହ ପିଆଜ ବି ଖାଇ ପାରିବେନି। ପ୍ରଶାସନ ତୁରନ୍ତ ଦର ନିୟନ୍ତ୍ରଣ କରୁ।' ପରିବା ବ୍ୟବସାୟୀ ବିଶ୍ୱଜିତ ସାହୁ କହିଛନ୍ତି , 'ନାସିକରୁ ଯୋଗାଣ କମ ଆସୁଛି, ଟ୍ରକ ଭଡା ବଢିଛି। ଆମେ ମହଙ୍ଗାରେ କିଣି ମହଙ୍ଗାରେ ବିକୁଛୁ। ଲାଭ କିଛି ନାହିଁ, ଗ୍ରାହକ ସହ ରୋଜ ଝଗଡା ହେଉଛି। ସରକାର ଯୋଗାଣ ବଢାନ୍ତୁ।' ସେହିପରି ଗୁପଚୁପ ବ୍ୟବସାୟୀ କେଶବ ଚନ୍ଦ୍ର ଦାସ କହିଛନ୍ତି , 'ପିଆଜ ବିନା ଗୁପଚୁପ ଚଟଣୀ ହେବନି। ଦିନକୁ ୩ କେଜି ପିଆଜ ଲାଗୁଥିଲା, ଏବେ ଦର ବଢିବାରୁ ପିଆଜ କମ ଦେବାକୁ ପଡୁଛି। ଗ୍ରାହକ ଅସନ୍ତୁଷ୍ଟ ହେଉଛନ୍ତି। କଣ କରିବୁ, ଲୋକସାନ ସହିବାକୁ ପଡୁଛି।'

## ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟସ୍ ପକ୍ଷରୁ ରକ୍ତଦାନ ଶିବିର

**ପୁରୀ (ବ୍ୟୁରୋ):** ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ ରିସର୍ଟସ, ପୁରୀ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି । ଗତ ଦୁଇବର୍ଷ ଧରି ଏହିପରି ରକ୍ତଦାନ ଶିବିର ସ୍ୱସ୍ତି, ପୁରୀ ତରଫରୁ ପ୍ରତ୍ୟେକ ବର୍ଷ କରାଯାଉଛି। ରକ୍ତଦାନ ପରି ଅନେକ ସାମାଜିକ ସେବା କାର୍ଯ୍ୟକ୍ରମ ସ୍ୱସ୍ତି ଗ୍ରୁପ ତରଫରୁ କରାଯାଇଥାଏ । ସ୍ୱସ୍ତି ଗ୍ରୁପର ଅଧ୍ୟକ୍ଷ ତଥା ପରିଚାଳକ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତି ଓ ନିର୍ଦ୍ଦେଶକ ଚିରଞ୍ଜୀବି ମହାନ୍ତି ଏହିଭଳି ସାମାଜିକ ସେବା କାର୍ଯ୍ୟକ୍ରମକୁ ସବୁବେଳେ ପ୍ରୋତ୍ସାହନ ଦେଇ ଆସୁଛନ୍ତି । ଗୁରୁବାର ପୂର୍ବାହ୍ନରେ ଏହି ରକ୍ତଦାନ ଶିବିରରେ ହୋଟେଲର ଜେନେରାଲ ମ୍ୟାନେଜର ଉପେନ୍ଦ୍ର ଶାନବାଗ, ପୁରୀ ଜିଲ୍ଲା ରକ୍ତକେନ୍ଦ୍ରର ମୁଖ୍ୟ ଡାକ୍ତର ଦୀପକ ସାହୁ ଓ ହୋଟେଲ ର ସମସ୍ତ ବିଭାଗ ମୁଖ୍ୟ ପରିଚାଳକ ମାନେ ଉପସ୍ଥିତ ଥିଲେ । ରକ୍ତ ଭଣ୍ଡାର ପକ୍ଷରୁ ପ୍ରୀତିରଞ୍ଜନ ନାୟକ, ମନୋରଞ୍ଜନ ଭୋଇ ଓ ଅନ୍ୟ କର୍ମଚାରୀ ରକ୍ତଦାନରେ ଉପସ୍ଥିତ



ଥିଲେ । ଏହି ଶିବିରରେ ରକ୍ତଦାନ କରିଥିବା କର୍ମଚାରୀମାନଙ୍କ ମଧ୍ୟରୁ ପ୍ରତାପ ସ୍ୱାଇଁ, ବିଶ୍ୱଜିତ ପ୍ରହରାଜ, ସୋନାଲି ତ୍ରିପାଠୀ, କେ ହରି ବାରିକ, ଅଭିଜିତ ମିଶ୍ର, ଶଶିକାନ୍ତ ଲାହା, ବାସୁଦେବ ନାୟକ, ଗୋଲାପଶା ଖାତୁନ, ସେଫ ଧୀରେନ୍ଦ୍ର, ଦିଲୀପ କୁମାର ବେହେରା, ପ୍ରୀତି ରାଣୀ ମହାରଣା, ସାଗର ସ୍ୱାଇଁ, ପିଣ୍ଟୁ ପରିଡା, ନିତୁ ଚୌଧୁରୀ, ନୀଳ ମାଧବ ବେହେରା, ଲକ୍ଷ୍ମୀଧର ତ୍ରିପାଠୀ, ଶୁଭଶ୍ରୀ ସ୍ୱାଇଁ, ପ୍ରତାପ ଜେନା, ଦିବ୍ୟଜ୍ୟୋତି ମହାନ୍ତି, ସୁସ୍ମିତା ଦତ୍ତ, ଗାୟତ୍ରୀ ଦାସ, ଏସ କେ ସୌକତ କାଦରୀ, ସୁଶାନ୍ତ ବରାଳ, ସ୍ୱରାଜ ବରାଳ, ନମିଶ କୁମାର ବେହୁରା, ପବିତ୍ର କୁମାର ନାୟକ ଓ ଅନ୍ୟମାନେ । ଏହି ଶିବିରରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମ ଟିକୁ ହୋଟେଲ ର ମାନବ ବିକାଶ ବିଭାଗ ଦ୍ୱାରା ପରିଚାଳନା କରାଯାଇଥିଲା । ଏହି ବିଭାଗ ମୁଖ୍ୟ ସୁରେନ୍ଦ୍ର କୁମାର ସାହୁ, ମୁକେଶ କୁମାର ଭୋଇ, ତେଜସ୍ୱିନି ନାୟକ, ସାକ୍ଷୀ ସମିତା ଜେନା ଓ ଶଶୀ ଶେଖର ସ୍ୱାଇଁ, ଅନ୍ୟମାନେ ସହଯୋଗ କରିଥିଲେ ।

## ପରିବେଶବିତ୍‌ଙ୍କ ବନ୍ୟଜନ୍ତୁ ସଚେତନତା

**ପୁରୀ (ବ୍ୟୁରୋ):** ପରିବେଶବିତ୍ ସବ୍ୟସାଚୀ ସେନାପତି ବନ୍ୟଜନ୍ତୁ ସଚେତନତା ଅଭିଯାନ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସମୟରେ ଜଙ୍ଗଲର ପରିମାଣ କମିଚାଲିଛି, ଫଳରେ ବନ୍ୟଜନ୍ତୁ ସଂରକ୍ଷଣ ଓ ଶିକାରକୁ ରୋକିବା ଦିଗରେ ଜନସଚେତନତା ନିହାତି ଆବଶ୍ୟକ ବୋଲି ଯୁବପିଢ଼ିଙ୍କୁ ପରିବେଶବିତ୍ ସେନାପତି ବାର୍ତ୍ତା ଦେଇଛନ୍ତି। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବନ୍ୟଜନ୍ତୁଙ୍କ ଶିକାର ରୋକିବା ତଥା ପରିବେଶକୁ ସୁରକ୍ଷା ଦେବା ଦିଗରେ ଜନସଚେତନତା ସୃଷ୍ଟି କରିଛନ୍ତି। ଏଥିରେ ଅନେକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ଓ ଶେଷରେ ସୁରକ୍ଷା ନିମନ୍ତେ ଶପଥ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରମାନେ ବିଶାଳ ସଚେତନତା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଦିନେଶ, ଶଶିକାନ୍ତ, କବିର, ଅଭିଷେକ, ଆକାଶ ଓ ଅନନ୍ୟା ପ୍ରମୁଖ ସହଯୋଗ କରିଥିଲେ।

## ପୋତି ହେଲାଣି ଦେବୀ ମୁହାଁଣ, ଜୀବିକା ହରାଇବେ ହଜାର ମତ୍ସ୍ୟଜୀବୀ ପରିବାର

- ଦକ୍ଷିଣ ମୁହାଁଣ ସମ୍ପୂର୍ଣ୍ଣ ବନ୍ଦ, ଉତ୍ତର ମୁହାଁଣରେ ଠା ଠା ଯାତାୟାତ
- ନଦୀଜଳ ନିଷ୍କାସନ ବାଧାପ୍ରାପ୍ତ, ମୁହାଁଣ ଖନନ ଦାବି

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳର ଜୀବନରେଖା ହେଉଛି ଦେବୀ ନଦୀ ମୁହାଁଣ। କିନ୍ତୁ ପ୍ରତିବର୍ଷ ବନ୍ୟା ଓ ବାଲି ପଡିବା ଯୋଗୁଁ ଏବେ ଏହି ମୁହାଁଣ ମୃତପ୍ରାୟ ହୋଇପଡିଛି। ଫଳରେ ହଜାର ହଜାରମତ୍ସ୍ୟଜୀବୀ ପରିବାର ଆଜି ଜୀବିକା ହରାଇ ଦିଶାହୀନ ହୋଇପଡିଛନ୍ତି। ଦେବୀ ନଦୀର ଦକ୍ଷିଣ ପଟ ମୁହାଁଣ ଏବେ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇଯାଇଛି। ଉତ୍ତର ପଟ ମୁହାଁଣ ହିଁ ଏବେ ମତ୍ସ୍ୟଜୀବୀଙ୍କ ପାଇଁ ଏକମାତ୍ର ଭରସା। କିନ୍ତୁ ସେଠାରେ ମଧ୍ୟ ଅବସ୍ଥା ସଂକଟାପନ୍ନ। ଗତ ମଙ୍ଗଳବାର ଠାରୁ ୨୦ରୁ ୨୫ ଖଣ୍ଡ ବୋଟ ଓ ଟ୍ରଲର ମୁହାଁଣରେ ଆଙ୍କର କରି ରହିଥିଲେ। ବୁଧବାର ମଧ୍ୟାହ୍ନରେ ସେମାନେ ବହୁ କଷ୍ଟରେ ଉତ୍ତର ମୁହାଁଣ ଦେଇ ସମୁଦ୍ରକୁ ଯାଇଥିଲେ। ସାଇଁ ସାଇଁ ପବନ ଓ ଅଶାନ୍ତ ଲହଡି ମଧ୍ୟରେ ଜୀବନ ବାଜି ରଖି ମାଛ ଧରିବାକୁ ବାଧ୍ୟ ହେଉଛନ୍ତି ମତ୍ସ୍ୟଜୀବୀ । ସ୍ଥାନୀୟ ଟ୍ରଲର ମାଲିକ ବିଜୟ ମହାନ୍ତି କହିଛନ୍ତି , 'ସବୁଠୁ ପ୍ରଥମେ ମୁହାଁଣ ମୁହଁ ଖୋଲା ହେବା ଦରକାର। ଏବେ ଟ୍ରଲର ଯାଇପାରୁନି। ଗତ ତିନି ବର୍ଷରେ ମୋର ଦୁଇଟି ଟ୍ରଲର ବୁଡିଲା। ଅନ୍ୟ ମାଲିକଙ୍କ ଟ୍ରଲର ମଧ୍ୟ ବାଲିରେ ଲାଗି ଭାଙ୍ଗିଲା। ସରକାର ଆମ କଥା ଶୁଣୁନାହାନ୍ତି। ଯଦି ଶୁଣିବେ ନାହିଁ ତେବେ ଆମେ ଆନ୍ଦୋଳନ କରିବୁ।' ଅସ୍ତରଙ୍ଗ ବ୍ଲକ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୧୦ ହଜାରରୁ ଅଧିକ ମତ୍ସ୍ୟଜୀବି ପରିବାର ଏଇ ମୁହାଁଣ ଉପରେ ନିର୍ଭର କରନ୍ତି। ମୁହାଁଣ ବନ୍ଦ ହେବା ଯୋଗୁଁ ଟ୍ରଲର, ଯନ୍ତ୍ରଚାଳିତ ଟାପା ଓ ଡଙ୍ଗା ଗୁଡିକ ସମୁଦ୍ରକୁ ଯାଇପାରୁନାହିଁ। ଯେଉଁମାନେ ଯାଉଛନ୍ତି ସେମାନେ ବାଲି ଓ ଘାସରେ ଲାଗି କ୍ଷତିଗ୍ରସ୍ତ ହେଉଛନ୍ତି। ଅନେକ ସମୁଦ୍ର ଭିତରେ ଲଙ୍ଗର ପକାଇ ଟ୍ରଲର ରଖୁଛନ୍ତି। ବଡ ଲହଡି ଆସିଲେ ସେଗୁଡିକ ଭାଙ୍ଗି ଯାଉଛି। ମତ୍ସ୍ୟଜୀବୀ ଜୟନ୍ତ ନାୟକ ଦୁଃଖରେ କୁହନ୍ତି, 'ମୁହାଁଣ ପୋତି ହୋଇଯିବା ଯୋଗୁଁ ଆମେ ସମୁଦ୍ରକୁ ଯାଇପାରୁନୁ। ପେଟ ପାଇଁ ଏବେ ଅନେକ ଭାଇ ଦାଦନ ଯିବାକୁ ପଡୁଛି।' ବାରମ୍ବାର ଦାବୀ କଲେ ମଧ୍ୟ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। ଅନ୍ୟପଟେ ଅସ୍ତରଙ୍ଗ



ନୂଆଗଡ ଜେଠିର ପୁନରୁଦ୍ଧାର ପାଇଁ ସରକାର କୋଟି କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି। କିନ୍ତୁ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଜେଠିର ପୁନରୁଦ୍ଧାର ସହ ମୁହାଁଣ ଖନନ କାର୍ଯ୍ୟ ଆରମ୍ଭ ହୋଇନାହିଁ।ଖାଲି ନେତା ଙ୍କ ବାକ୍ୟ ବାଣ। ଫଳରେ ଦେବୀ ନଦୀର ଗତିପଥ ବଦଳିଯାଉଛି। ନଦୀ ଭିତରକୁ ସମୁଦ୍ର ଜୁଆର ପଶୁଛି। ଜଳ ନିଷ୍କାସନ ପଥରେ ବାଲୁକା ସ୍ତୁପ ସୃଷ୍ଟି ହୋଇଛି। ଯାହା ଉପକୂଳ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରୁଛି। ରାଜ୍ୟ ପାରମ୍ପରିକ ମତ୍ସ୍ୟଜୀବୀ ସଂଘ ତୁରନ୍ତ ମୁହାଁଣ ଖନନ କରିବାକୁ ଦାବୀ କରିଛନ୍ତି । ସଙ୍ଘ କହିଛି, 'ମୁହାଁଣ ହେଉଛି ମତ୍ସ୍ୟଜୀବୀ ଙ୍କ ଜୀବନରେଖା। ଏହା ବନ୍ଦ ହେଲେ ସମଗ୍ର ଉପକୂଳର ଅର୍ଥନୀତି ଧ୍ୱସ୍ତ ହୋଇଯିବ।' ପରିବେଶବିତ୍‌ମାନଙ୍କ ମତରେ ନଦୀ ମୁହାଁଣ ପୋତି ହେବା କେବଳ ମତ୍ସ୍ୟଜୀବି ଙ୍କ ସମସ୍ୟା ନୁହେଁ। ଏହା ଦ୍ୱାରା ନଦୀର ଜଳ ନିଷ୍କାସନ ବାଧାପ୍ରାପ୍ତ ହେବା ସହ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହେବ। ତେଣୁ ତୁରନ୍ତ ବୈଜ୍ଞାନିକ ଉପାୟରେ ମୁହାଁଣ ଖନନ କରିବା ଆବଶ୍ୟକ। ଦେବୀ ମୁହାଁଣ ପୋତି ହୋଇଯିବା ଯୋଗୁଁ ଆଜି ଅସ୍ତରଙ୍ଗ ଉପକୂଳର ହଜାର ହଜାର ପରିବାର ଅନ୍ଧକାର ଭବିଷ୍ୟତ ଆଡ଼କୁ ଠେଲି ହୋଇଯାଇଛନ୍ତି। ସରକାର କେବେ ଶୁଣିବେ ଏହି ମତ୍ସ୍ୟଜୀବୀଙ୍କ ଆର୍ତ୍ତନାଦ, ତାହା ଏବେ ବଡ ପ୍ରଶ୍ନ।

## କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଏଏସ୍‌ଆଇ ଏଡିଜିଙ୍କ ଅନୁଧ୍ୟାନ

- କୋଟି କୋଟି ଆୟ ଥାଇ ବି ଅବହେଳିତ
- ୨ ମାସ ହେଲା ବାଲି କଢା ବନ୍ଦ

**କାକଟପୁର /ଅସ୍ତରଙ୍ଗ (ଅମୃତ ମିଡିଆ):** ବିଭିନ୍ନ ଗଣମାଧ୍ୟମରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଅବହେଳା ନେଇ ଖବର ପ୍ରକାଶିତ ପରେ ଚେତିଛି ଏଏସଆଇ । ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କଢା ପ୍ରକ୍ରିୟା ଦୁଇ ମାସରୁ ଅଧିକ ହେଲା ବନ୍ଦ ରହିଛି। ଏହି ପ୍ରସଙ୍ଗରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଗୁରୁବାର ଅପରାହ୍ନରେ ଏଏସଆଇ ର ଅତିରିକ୍ତ ମହାନିର୍ଦ୍ଦେଶକ ଜାହ୍ନବୀଜ ଶର୍ମା। କୋଣାର୍କ ଗସ୍ତ କରି ମନ୍ଦିର ପରିସର ଅନୁଧ୍ୟାନ କରିଛନ୍ତି। ଗୁରୁବାର ଅପରାହ୍ନ ଏଡିଜିଙ୍କ ସହ ବୈଷୟିକ ଟିମ୍, କୋର କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଏବଂ ମାଡ୍ରାସର ବରିଷ୍ଠ ପ୍ରଫେସର ମାନେ ମନ୍ଦିର ପରିସରରେ ପହଞ୍ଚିଥିଲେ। ସେମାନେ ମନ୍ଦିରର ଗର୍ଭଗୃହ, ଜଗମୋହନ, ୮୦ ଫୁଟ ଉଚ୍ଚରେ କୋର ଡ୍ରିଲ ପଏଣ୍ଟ ଏବଂ ବାଲି କଢା ପାଇଁ ନିର୍ମାଣ ହୋଇଥିବା ଲିଫ୍ଟ ଓ ଟନେଲ ବ୍ୟବସ୍ଥା ବୁଲି ଦେଖିଥିଲେ। ଗତ ଜୁନ୍ ୬ ତାରିଖରେ ମଧ୍ୟ ଡିଜି ଏହିପରି ଅନୁଧ୍ୟାନ କରି 'ବୈଷୟିକ ଟିମ୍ ନିଷ୍ପତ୍ତି ନେବ' ବୋଲି କହିଥିଲେ, କିନ୍ତୁ ଦୁଇ ମାସ ପରେ ବି ନିଷ୍ପତ୍ତି ଆସିଲାନି।



ଉଲ୍ଲେଖଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୮ରେ ହୋମଯଜ୍ଞ କରି ବାଲି କଢା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଏବେ ସମ୍ପୂର୍ଣ୍ଣ ଅଟକିଛି। ପ୍ରତିବର୍ଷ କୋଣାର୍କ ମନ୍ଦିରରୁ କୋଟି କୋଟି ଟଙ୍କା ଆୟ ହେଉଥିଲେ ମଧ୍ୟ ସଂରକ୍ଷଣ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉନି। କାରୁକାର୍ଯ୍ୟ ଖୋଲା ପଡି ନଷ୍ଟ ହେଉଛି, ସାମାନ୍ୟ ବର୍ଷାରେ ପରିସର ବୁଡୁଛି। ବିଭିନ୍ନ ଗଣମାଧ୍ୟମର ଖବର ପରେ ଏଡିଜି ଙ୍କ ଗୁରୁବାର ର ଗସ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ କେବଳ ଅନୁଧ୍ୟାନ ନୁହେଁ ତୁରନ୍ତ ବାଲି କଢା ଆରମ୍ଭ ହେଉ ବୋଲି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି।




## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଦୁର୍ଘଟଣା, ପ୍ରତିକାର ପଦକ୍ଷେପକୁ ଗୁରୁତ୍ୱ

**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଜିଲ୍ଲାପାଳଙ୍କ ମିନି କନ୍‌ଫରେନ୍ସ ହଲ୍‌ରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡକ ଦୁର୍ଘଟଣାର କାରଣ ସମ୍ପର୍କରେ ଆଲୋଚନା ହେବା ସହ ଏହାର ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିସଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଆଂଚଳିକ ପରିବହନ ଅଧିକାରୀ ଇଂ. ମାନସ ରଞ୍ଜନ ସାହୁ, କେନ୍ଦୁଝର ସର୍କଲ ଖଣି ଉପନିର୍ଦ୍ଦେଶକ ଦିଲ୍ଲୀପ ସାହୁ, ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଏ. କାର୍ତିକ ରେଡ୍ଡୀ ଯୋଡା ସର୍କଲ ମାଇନିଂ ଅଫିସର ମାନସ ରଞ୍ଜନ ଭୋଇ, ଅବକାରୀ ଅଧୀକ୍ଷକ ତେଜରାଜ ଜାନୀ, ବଡବିଲ ଆଡିସନାଲ ଆରଟିଓ କାର୍ଯ୍ୟାଳୟର ଅରୁଣ ସାହୁ, ଏନ୍‌ଏଚ୍ ଡିଭିଜନ କେନ୍ଦୁଝରର ସହକାରୀ ନିର୍ବାହୀ ଯନ୍ତ୍ରୀ ପୁନମ୍ ନିଲିମା ଟପ୍ପୋ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ପୂର୍ତ୍ତ ବିଭାଗ ଇଂ.ରାଜେଶ ଟପ୍ପୋ, ପବ୍ଲିକ ହେଲ୍‌ଥ ଅଫିସର ଡା. ବସନ୍ତ ପାତ୍ରଙ୍କ ସମେତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ରାସ୍ତାକଡ ଢାବାରେ ବେଆଇନ ମଦ କାରବାର ବଢୁଥିବାରୁ ଏହା ଉପର ରୋକ ଲଗାଇବା ପାଇଁ ପୋଲିସ ଏବଂ ଅବକାରୀ ବିଭାଗ ନିୟମିତ ଚଢାଉ କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଚିହ୍ନିତ ୨୨ଟି ବ୍ଲାକ୍ ସ୍ପଟର ଦୁର୍ଘଟଣା ନିରାକରଣ ପାଇଁ ପଦକ୍ଷେପ ନେବାକୁ ନିଷ୍ପତି ହୋଇଥିଲା । ରାସ୍ତାକଡରେ ବେଆଇନ ଟ୍ରକ୍ ପାର୍କିଂ ହଟାଇବା ବେଂ ସଡକ ସୁରକ୍ଷା ଆଇନ ଉଲ୍ଲଙ୍ଘନକାରୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଯେଉଁସବୁ ସ୍ଥାନରେ ଲୋକଙ୍କ ଯାତାୟାତ ଏବଂ ବଜାର ରହିଛି ସେଠାରେ ହାଇମାସ୍କ ଲାଇଟ୍ ଲଗାଇବାକୁ କୁହାଯାଇଛି । ଶେଷରେ ପିଏମ୍ ରାହତ ସ୍କିମ୍‌ରେ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ ଏବଂ ଆହତ ଲୋକ କିପରି ସୁବିଧା ପାଇବେ ସେ ନେଇ ଆଲୋଚନା ହୋଇଥିଲା । ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଅତିରିକ୍ତ ଜିଲ୍ଲାପାଳ ପୋଲିସ ଏବଂ ଆଂଚଳିକ ପରିବହନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବନ୍ୟାସ୍ରୋତରେ ଭାସିଗଲେ ଯୁବକ



**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ପେଣ୍ଠପାଳ ପଞ୍ଚାୟତ ନାହିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ବନ୍ୟାପାଣିର ପ୍ରବଳ ସ୍ରୋତରେ ଭାସିଯାଇ ଗ୍ରାମର ଜଣେ ୩୫ ବର୍ଷୀୟ ଯୁବକ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି । ନିଖୋଜ ଯୁବକ ଜଣକ ହେଉଛନ୍ତି ଅନିରୁଦ୍ଧ ବିଶ୍ୱାଳଙ୍କ ପୁଅ ଅନିର୍ବାଣ ।

ମିଳିଥିବା ସୂଚନାନୁଯାୟୀ, ବୁଧବାର ଅନିର୍ବାଣ କୌଣସି କାମ ସାରି ବନ୍ୟାପାଣି ମଧ୍ୟ ଦେଇ ନିଜ ଘରକୁ ଫେରୁଥିଲେ । ମାତ୍ର ବନ୍ୟାଜଳର ପ୍ରବଳ ସ୍ରୋତ ଯୋଗୁ ସେ ଅସାବଧାନତା ବଶତଃ ପାଣିର ସ୍ରୋତରେ ଭାସିଯାଇଥିବା ସନ୍ଦେହ କରାଯାଉଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକଙ୍କ ମଧ୍ୟରେ ବ୍ୟାକୁଳତା ପ୍ରକାଶ ପାଇଥିଲା । ପରିବାର ଲୋକେ ଓ ସ୍ଥାନୀୟ ଗ୍ରାମବାସୀ ବହୁ ସମୟ ଧରି ଆଖପାଖ ଅଞ୍ଚଳ ଓ ନିକଟସ୍ଥ ଜଳରାଶି ମଧ୍ୟରେ ଖୋଜାଖୋଜି କରିଥିଲେ ସୁଦ୍ଧା ଅନିର୍ବାଣଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ଘଟଣା ସମ୍ପର୍କରେ ଖବର ପାଇ ଗୁରୁବାର ସକାଳେ ଚଉଦକୁଲାଟ ଫାଣ୍ଡି ଅଧିକାରୀ ନୃସିଂହ ଚରଣ ମହାନ୍ତି ତୁରନ୍ତ ନାହିଆ ଗ୍ରାମର ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସେ ଆଶୁ ପଦକ୍ଷେପ ସ୍ୱରୂପ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ତୁରନ୍ତ ଆଲର୍ଟ କରିଥିଲେ । ଖବର ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଖୋଜ ଯୁବକଙ୍କୁ ଉଦ୍ଧାର କରିବା ପାଇଁ ବ୍ୟାପକ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି । ବୋଟ୍ ଓ ବୁଡ଼ାଳି ଦଳ ସାହାଯ୍ୟରେ ବନ୍ୟା ପ୍ରଭାବିତ ଜଳରାଶିରେ ଖୋଜାଖୋଜି କରାଯାଉଛି । ଏହି ଦୁର୍ଘଟଣା ପରେ ନାହିଆଡିହା ଗ୍ରାମ ଓ ଆଖପାଖ ପଞ୍ଚାୟତରେ ଗଭୀର ଶୋକ ଓ ଆଶଙ୍କାର ଛାୟା ଖେଳିଯାଇଛି ।

# ବନ୍ୟାରେ ଭାଙ୍ଗିଲା ପୋଲ

## ୧୫ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

**କେନ୍ଦୁଝର (ଅମୃତ ମିଡିଆ):** କେନ୍ଦୁଝର ଜିଲାରେ ଲଗାଣ ବର୍ଷା ଯୋଗୁ ନଦୀ, ନାଳରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହ ହେଉଥିବାରୁ ଯାତାୟାତ ସମସ୍ୟା ସୃଷ୍ଟି ହେଉଛି । ଅନ୍ୟପକ୍ଷେ ବାଂଶପାଳ ବ୍ଲକ କଖାରୁଆ ନାଳରେ ପୋଲ ଭାଙ୍ଗିଯିବାରୁ ଉପର ବିରିକଳାରୁ ଲୁଙ୍ଗାଝର ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଫଳରେ ଏହି ପୋଲଦେଇ ଯାତାୟତ କରୁଥିବା ପ୍ରାୟ ୧୦ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଜରୁରୀ ସେବା ଅପହଞ୍ଚ ହୋଇପଡିଛି । ବିଶେଷ କରି ଗର୍ଭବତୀ ମହିଳା, ରୋଗୀଙ୍କୁ ନେବା



ଆଣିବାରେ ଅସୁବିଧା ହେଉଛି ।

ପ୍ରତ୍ୟେକ ବର୍ଷ ବନ୍ୟା ଆସିଲେ ପ୍ରଖର ସ୍ରୋତରେ ପୋଲ ଓ ରାସ୍ତା ଭାସି ଯାଉଥିବା ନଜ ରହିଛି । ଏନେଇ ଏଠାରେ ଏକ ବଡ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା । ହେଲେ ୫ ବର୍ଷ ହେଲା କଂକ୍ରିଟ ପୋଲ ନିର୍ମାଣ କାମ ସରୁନାହିଁ । ନିର୍ମାଣ କାମ ବିଳମ୍ବ ହେଉଥିବାରୁ ପ୍ରତ୍ୟେକ ବର୍ଷ ଅଞ୍ଚଳର ଲୋକଙ୍କୁ ଦୁର୍ଦ୍ଦଶାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ଲୋକ ପ୍ରତିନିଧିମାନେ ଆସୁ ନାହାନ୍ତି କିମ୍ବା ସେମାନଙ୍କ ସମସ୍ୟା ଦେଖୁନାହାନ୍ତି ବୋଲି କହିଛନ୍ତି ଅନାଦି ନାଏକ ଅଭିଯୋଗ କରିଛନ୍ତି ।

ବର୍ଷା ହେଲେ ଲୋକ ବାହାରକୁ ଯାଇ ପାରୁନାହାନ୍ତି ଏବଂ ପିଲାମାନେ ସ୍କୁଲ କଲେଜ ଯିବା ଆସିବା କରିପାରୁନାହାନ୍ତି । ଏଣୁ ଏହାର ତୁରନ୍ତ ନିର୍ମାଣ ଶେଷ କରିବାକୁ ସ୍ଥାନୀୟ ଅଧିବାସୀ ପ୍ରଶାସନଙ୍କୁ ନିବେଦନ କରିଛନ୍ତି ।

## ବଦଳିଲେ ରାଜନଗର ଥାନା ଆଇଆଇସି, ଏସ ଆଇ ଓ ଏ ଏସ ଆଇ

**ରାଜନଗର (ଅମୃତ ମିଡିଆ):** ରାଜନଗର ଥାନାର ଆଇଆଇସି ନରେଶ ସାହୁଙ୍କର ତନ୍ତିଆପାଳ ଥାନାକୁ ବଦଳି ହୋଇଥିବା ବେଳେ ତନ୍ତିଆପାଳ ଥାନାର ଆଇଆଇସି ରତିରଞ୍ଜନ ନାୟକ ରାଜନଗର ଥାନାକୁ ବଦଳି ହୋଇଛି । ରାଜନଗର ଥାନାର ସବଇନସ ପେକ୍ଟର ଚନ୍ଦ୍ରିକା ମହାପାତ୍ର ଓ ଏଏସଆଇ ସଂଜିତ କୁମାର ନାୟକ ଏବଂ ବୈକୁଣ୍ଠ ନାଥ ପାଢ଼ୀଙ୍କର ରାଜନଗର ଥାନାରୁ ବଦଳି ହୋଇଛି । ସେହିପରି ପାଟକୁରା ଥାନାର ଏଏସଆଇ ରେବତୀ ପରିଡା ଓ ଜମ୍ବୁ ସାମୁଦ୍ରିକ ଥାନାର ଏଏସଆଇ ସଂଜୀବ କୁମାର ଖଟୁଆଙ୍କ ରାଜନଗର ଥାନାକୁ ବଦଳି ହୋଇଥିବା ଜଣାପଡିଛି । ଏ ସମ୍ପର୍କରେ ମଙ୍ଗଳବାର ଦିନ କେନ୍ଦ୍ରାପଡ଼ା ଏସପିଙ୍କ ସ୍ୱାକ୍ଷରରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ତାଳଚୁଆ ସାମୁଦ୍ରିକ ଥାନାର ନୂତନ ଆଇଆଇସି ବିଶ୍ୱଭୂଷଣ ସାହାଣୀ

**ରାଜନଗର (ଅମୃତ ମିଡିଆ):** ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ଭାବେ ବିଶ୍ୱଭୂଷଣ ସାହାଣୀ ଯୋଗ ଦେବେ । ପୂର୍ବରୁ ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ପଦବୀରେ ରାଜନଗର ଥାନାର ଆଇଆଇସି ନରେଶ କୁମାର ସାହୁ ଭାରପ୍ରାପ୍ତ ଭାବେ ଦାୟିତ୍ୱ ତୁଲାଉ ଥିଲେ । ଶ୍ରୀ ସାହାଣୀ ଅତିରିକ୍ତ ଆଇଆଇସି ଭାବେ ରାଜକନିକା ଥାନାରେ ଦାୟିତ୍ୱ ନିର୍ବାହ କରୁଥିଲେ ।

## ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମ ଜୟନ୍ତୀ

**ଛତ୍ରପୁର (ଅମୃତ ମିଡିଆ):** ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ପ୍ରାପ୍ତ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୦ତମ ଜନ୍ମ ଜୟନ୍ତୀ ଗୁରୁବାର ଦିନ ଛତ୍ରପୁରରେ କଂଗ୍ରେସର ଦୁଇ ଗୋଷ୍ଠୀ ପକ୍ଷରୁ ପୃଥକ ପୃଥକ ଭାବେ ପାଳନ କରାଯାଇଛି । ଏହି ଅବସରରେ ନେତା ଓ କର୍ମୀମାନେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର ଅବଦାନକୁ ସ୍ମରଣ କରିଥିଲେ । ଗୋଟିଏ ଗୋଷ୍ଠୀ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ବିଧାୟକ ପ୍ରାର୍ଥୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ଉପର ବସ୍‌ଷ୍ଟାଣ୍ଡ ନିକଟସ୍ଥ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିଠାରେ ଜୟନ୍ତୀ ପାଳନ କରାଯାଇଥିଲା । ଏଥିରେ ଛତ୍ରପୁର ବ୍ଲକ କଂଗ୍ରେସ ସଭାପତି ସୁଦାମ ପୁରୋହିତ, ପୂର୍ବତନ ବ୍ଲକ ସଭାପତି ଗଣପତି ବାରିକ, ପୂର୍ବତନ ସରପଞ୍ଚ ଡି. ରାମସ୍ୱାମୀ ରେଡ୍ଡୀ ଓ ଟି. କ୍ରିଷ୍ଣା ରେଡ୍ଡୀ, ଏନ୍‌ଏସ୍‌ୟୁଆଇ ରାଜ୍ୟ ସାଧାରଣ ସମ୍ପାଦକ ଚକ୍ରପାଣି ପୋଲାଇ, ମହେଶ କୁମାର ଗୌଡ଼, ବଳିଆ ବେହେରା, କୁନା ରେଡ୍ଡୀ, ଧରଣୀ ବାରିକ, କାଳୁଚରଣ ତ୍ରିପାଠୀ, କୁନି ନାୟକ, ସୁକାନ୍ତ ଦାସ, ସିଲୁ ରାଉଳ, ରିଙ୍କୁ ସାହୁ, ଲିପୁ, ବୁଲୁ ରେଡ୍ଡୀ ଓ ବୁଢ଼ା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପଟେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ଉପସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତ୍ରୁଘ୍ନ ବେହେରା, ଲିଙ୍ଗରାଜ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଦେଶ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ ।

## ପୂର୍ବତନ ବିଧାୟକଙ୍କୁ କାମୁଡ଼ିଲା ସାପ



**ରାଜନଗର (ଅମୃତ ମିଡିଆ):** ରାଜନଗରର ପୂର୍ବତନ ବିଧାୟକଙ୍କୁ କାମୁଡ଼ିଦେଲା ସାପ । ବନ୍ୟାଞ୍ଚଳ ସ୍ଥିତି ସମୀକ୍ଷା ପାଇଁ ଯାଇଥିବା ବେଳେ ଅଂଶୁମାନ ମହାନ୍ତିଙ୍କୁ ସାପ କାମୁଡ଼ି ଦେଇଥିବା ଜଣାପଡିଛି । ପଟ୍ଟାମୁଣ୍ଡାଇ ବାଛରା, ମଣ୍ଡପଡାରେ ବୁଲିବା ସମୟରେ ଏହି ଅଘଟଣ ଘଟିଥିଲା । ତେବେ ତାଙ୍କୁ ତୁରନ୍ତ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାପଡିଛି ।

## ବନ୍ୟାପାଣିରେ ଫସିଲେ ହାତୀପଲ

**ପାଟଣା (ଅମୃତ ମିଡିଆ):** ବୈତରଣୀ ନଦୀ ପାର ହେବା ସମୟରେ ବନ୍ୟାପାଣି ଯୋଗୁ ଫସିଛନ୍ତି ହାତୀପଲ । ପାଟଣା ରେଞ୍ଜ ତଣ୍ଡ ବିଟ୍ ତଣ୍ଡ ବୈତରଣୀ ନଦୀକୂଳର ଏକ ପଥର ଖୋଲରେ ଅଟକି ରହିଛନ୍ତି ୯ ଟିକିଆ ହାତୀପଲ । ବୈତରଣୀ ନଦୀରେ ବନ୍ୟାଜଳ ପ୍ରଖର ସ୍ରୋତରେ ପ୍ରବାହିତ ହେଉଥିବାରୁ ଅଟକି ରହିଛନ୍ତି ହାତୀପଲ । ହାତୀପଲଙ୍କ ଉପରେ ବନ ବିଭାଗର ନଜର ରହିଛି । ହାତୀପଲରେ ଗୋଟିଏ ଦନ୍ତା, ୫ ଛୁଆ ଓ ୩ ମାଈହାତୀ ଅଛନ୍ତି । ଛୋଟ ଛୁଆ ଥିବାରୁ ହାତୀପଲ ନଦୀ ପାର ହେବାକୁ ସାହସ ଜୁଟାଇ ପାରୁନାହାନ୍ତି ।



## ସ୍ୱାଧୀନତା ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର ପୁରସ୍କାର ବିତରଣ

**ବ୍ରହ୍ମପୁର (ଅମୃତ ମିଡିଆ):** ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ କପ୍ ପ୍ରଦାନ ସହ ପୁରସ୍କୃତ କରାଯାଇଛି । ଏଥିନିମନ୍ତେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଶାସନ ସଚିବ ରାମେଶ୍ୱର ପ୍ରଧାନ ଏବଂ ଅନୁଶାସନ ସଚିବ ସୁଶ୍ରୀ ତନୁଶ୍ରୀ ପାତ୍ର ଯୋଗ ଦେଇଥିଲେ । ବିଭିନ୍ନ ବୌଦ୍ଧିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବା ସହ ଆଗାମୀ ଦିନରେ ଏପରି ସଫଳତା ବଜାୟ ରଖିବାକୁ ଅନୁପ୍ରେରିତ କରିଥିଲେ । ସରକାରୀ ସେବା କ୍ଷେତ୍ରରେ




ଉତ୍ସର୍ଗୀକୃତ ମନୋଭାବ ସହ କର୍ତ୍ତବ୍ୟ ସମ୍ପାଦନ କରିଥିବା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ମଧ୍ୟ ଏହି ଅବସରରେ ମାନପତ୍ର, ଉତ୍ତରୀୟ ଏବଂ କପ୍ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏଥିସହିତ ପ୍ୟାରେଡ଼ରେ ଅଂଶଗ୍ରହଣ କରି ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବା ପ୍ୟାରେଡ୍ ଦଳଙ୍କୁ ଦଳଗତ ଭାବେ ପୁରସ୍କୃତ କରାଯାଇଥିଲା । ନିଜର ସଂକ୍ଷିପ୍ତ ଅଭିଭାଷଣରେ ମୁଖ୍ୟ ଅତିଥି କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଏବଂ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇବା ସହ ଭବିଷ୍ୟତରେ ନିଜର ନିଷ୍ଠା, ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅଧିକରୁ ଅଧିକ ସଫଳତା ହାସଲ ପୂର୍ବକ ଦେଶ ଜାତିର ଗୌରବ ବୃଦ୍ଧିରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକ୍ରମ ମହାରଣା, ଅପରେଟର ଲୋକନାଥ ଶତପଥି, କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା, ରବୀନ୍ଦ୍ର ସାହୁ, ତୁଷାରକାନ୍ତ ବେହେରାଙ୍କ ସମେତ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହାୟତା କରିଥିଲେ ।

## ବଟି ମାଗିବାକୁ ନେଇ ବିଜେପି ନାରୀନେତ୍ରୀଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

**ପୋଲସରା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା, ପୋଲସରା ବ୍ଲକ ଓ ତହସିଲ୍ ଅଧିନସ୍ଥ ଢୁଙ୍କାପଡ଼ା ଗ୍ରାମ ପଞ୍ଚାୟତ ଏବଂ ମୌଜାରେ ଦହି ମୁଣ୍ଡିଆ ନାମକ ପାହାଡ ଅଛି । ଏହି ପାହାଡ଼ରେ ପଥର କୁଆଁରି କରିବା ପାଇଁ ରାଜ୍ୟ ଲଘୁ ଖଣି ବିଭାଗ ପକ୍ଷରୁ ଗତ ୨୦୨୨ ସାଲ ସେପଟ୍ଟେମ୍ବର ମାସ ୦୮ ତାରିଖ ଦିନ ଏମ୍/ଏସ୍ ଅନ୍ନପୂର୍ଣ୍ଣା ଡେକୋରେଟରକୁ ଲିଜ୍ ଦିଆଯାଇଛି । ସେବେଠାରୁ ଉକ୍ତ ଡେକୋରେଟର ଏହି ପାହାଡ଼ରେ ପଥର କୁଆଁରି ଆରମ୍ଭ କରି ଆସୁଥିବା ବେଳେ ଚଳିତ ଅଗଷ୍ଟ ମାସ ୧୫ ତାରିଖ ଶନିବାର ଦିନ ଉକ୍ତ ପଞ୍ଚାୟତର ପୂର୍ବତନ ମହିଳା ସରପଞ୍ଚ ତଥା ବର୍ତ୍ତମାନ ବିଜେପି ନାରୀ ନେତ୍ରୀ ଆରତୀ ଦେବୀ (ଭୂୟାଁ) ନିଜର ୩୦ ଜଣ ଯୁବକଙ୍କ ସମେତ କୁଆଁରିକୁ ଯାଇ ପଥର କୁଆଁରି ପରିଚାଳକ ପ୍ରଭାକର ପଣ୍ଡାଙ୍କୁ ଖୋଜି ତାଙ୍କୁ ସେଠାରେ ନ ପାଇବାରୁ ଉପସ୍ଥିତ କର୍ମଚାରୀ ଅନିତା ନାହକଙ୍କୁ ତୋର ମାଲିକଙ୍କୁ କହିଦବୁ ଆରତୀ ଦେବୀଙ୍କୁ ମାସକୁ ଦୁଇ ଲକ୍ଷ ଟଙ୍କା ବଟି ଦେବ । ନ ହେଲେ ଏ ପଥର କୁଆଁରି ଆମେ ଚଳେଇ ଦେବୁନାହିଁ ବୋଲି ଧମକ ଦେବାସହିତ ଯୁବକ ମାନେ କୁଆଁରିରେ ଭଙ୍ଗାରୁଜା କରିବାସହ ସେଠାରେ ଥିବା ୪୦୦ ଲିଟର ଡିଜେଲ ତଳେ ଢାଳି ଦେଇଥିଲେ । ଏହି ସମୟରେ କୁଆଁରିରେ କାମ କରୁଥିବା ମଜୁରୀଆ ମାନେ



ପ୍ରତିବାଦ କରିବାରୁ ଉତ୍ୟକ୍ତ ଯୁବକମାନେ ମଜୁରୀଆମାନଙ୍କୁ ବାଡ଼ିଆପିଟା କରିଥିଲେ । ଏଥିସହ କୁଆଁରି ଛାଡି ଯିବାବେଳେ ମଜୁରୀ ଦେବା ପାଇଁ ରଖା ଯାଇଥିବା ନଗଦ ୦୩ ଲକ୍ଷ ଟଙ୍କା ମଧ୍ୟ ନେଇ ଯାଇଥିଲେ ।ପରେ ଉକ୍ତ ଘଟିଥିବା ଘଟଣାକୁ ନେଇ କର୍ମଚାରୀ ଅନିତା ନାହାକ ପୋଲସରା ଥାନାରେ ଏକ ଏତଲା ଦାୟର କରିଥିଲେ । ଉକ୍ତ ଏତଲାକୁ ଭିତ୍ତି କରି ପୋଲସରା ଥାନାରେ ୪୭୨/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି । ସୂଚନା ଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ବିଜେପି ନାରୀନେତ୍ରୀ ଆରତୀ ଦେବୀ ଏଭଳି କାଣ୍ଡ ଘଟାଇବା ପରେ ଉକ୍ତ ପାହାଡ଼କୁ ପଥର କାଟିବା ପାଇଁ ଲିଜ୍ ଦେଲେ ପରିବେଶ ପ୍ରଦୂଷଣ କରିବା ସହ ପାହାଡ଼ରେ ରହୁଥିବା ବିଭିନ୍ନ ଜଙ୍ଗଲି ପଶୁପାକ୍ଷୀମାନଙ୍କ ଜୀବନ ବିପଦପନ୍ନ ହେବାକୁ ନେଇ ଲିଜ୍ ବାତିଲ କରିବାକୁ ରାଜ୍ୟ ଉଚ୍ଚ ନ୍ୟାୟଳୟରେ କରିଥିବା ମୋକଦ୍ଦମା ବର୍ତ୍ତମାନ ବିଚାରାଧୀନ ଥିବାବେଳେ ବାରମ୍ବାର ନାରୀନେତ୍ରୀ ଜଣକ ଉକ୍ତ ପଥର କୁଆଁରିକୁ ଯାଇ କରୁଥିବା ବିଶୃଙ୍ଖଳାକୁ ନେଇ ତାଙ୍କର ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଉକ୍ତ ଘଟଣା ବିଷୟକୁ ନେଇ ଆରତୀ ଦେବୀଙ୍କ ସହିତ ଫୋନ ଯୋଗେ ତାଙ୍କ ମତାମତ ଜାଣିବା ପାଇଁ ସମ୍ପର୍କ ସ୍ଥାପନ କରାଯାଇଥିଲେ ସୁଦ୍ଧା ତାଙ୍କଠାରୁ କୌଣସି ଉତ୍ତର ମିଳିନାହିଁ ।

## ବୃଦ୍ଧବୃଦ୍ଧାଙ୍କ ମେଳରେ ଜନ୍ମଦିନ ପାଳିଲେ ଓମ୍



**ରାଜନଗର (ଅମୃତ ମିଡିଆ):** ଜନ୍ମଦିନକୁ ସମସ୍ତେ ଧୁମ୍ ଧାମରେ ପାଳନ କରିଥାନ୍ତି । ମାତ୍ର ଏମିତି କିଛି ବ୍ୟତିକ୍ରମ ଅଛନ୍ତି, ସେମାନେ ନିଆରା ଉପାୟକୁ ଆପଣେଇ ନିଅନ୍ତି । ସେହିଭଳି ରାଜନଗର ବ୍ଲକ ଚାନ୍ଦିବାଉଁଶ ପଂଚାୟତ ଢୋଲମରା ଗ୍ରାମର ଗିରିଧାରୀ ସେଠୀଙ୍କ ପୁଅ ଓମକୁମାର ସେଠି ବାଙ୍ଗାଲୋରରେ ୧୦ମ ଶ୍ରେଣୀରେ ପଢୁଛନ୍ତି । ତାଙ୍କର ୧୬ ତମ ଜନ୍ମଦିବସକୁ ନିରାଶ୍ରୟ ନିରାଶ୍ରୟା ବୃଦ୍ଧବୃଦ୍ଧାଙ୍କ ପାଇଁ କାମ କରୁଥିବା ୍ବାଙ୍ଗାଲୋର ର ଆରକେପୁରମ ଅନ୍ତର୍ଗତ ବିଦ୍ରାହାଲ୍ଲୀ ସ୍ଥିତ ଜ୍ଞାନଜ୍ୟୋତି ଫାଉଣ୍ଡେସନକୁ କୋଡିଏ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ସେଠାରେ ରହୁଥିବା ଷାଠିଏ ଜଣ ବୃଦ୍ଧବୃଦ୍ଧାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।ଓମଙ୍କ ଏଭଳି ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ ।

## ଡାକଘର ଛାତରୁ ଗଳୁଛି ପାଣି

# ୫ ଦିନ ହେଲା ଡାକସେବା ବାଧାପ୍ରାପ୍ତ

**ବଡବିଲ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ବଡବିଲସ୍ଥିତ ଡାକଘରେ ଡାକସେବା ବାଧାପ୍ରାପ୍ତ ହୋଇଯାଇଛି । ଇଂଟରନେଟ ସର୍ଭର ଥିବା ସ୍ଥାନରେ ଛାତରୁ ପାଣି ଝରି ଲିଙ୍କ୍ ଫେଲ୍ ହୋଇଯାଇଥିବାରୁ ସ୍ପିଡ୍‌ପୋଷ୍ଟ, ପାର୍ସଲ ଆଦି ଯାଇ ପାରୁନାହିଁ । ଡାକ ସଂଚୟ ବ୍ୟାଙ୍କରୁ ଟଙ୍କା ଜମା ଓ ଉଠାଣ ହୋଇପାରୁ ନାହିଁ କି ସୁକନ୍ୟା ଯୋଜନାରେ ଲୋକେ ଟଙ୍କା ଜମା କରିବାରୁ ଅକ୍ଷମ ହୋଇଛନ୍ତି ।

ସୂଚନାଥାଉ କି, ଡାକଘରଟି ଜରାଜୀର୍ଣ୍ଣ ଅପସ୍ଥାରେ ରହିଛି ।




ଫଳରେ ଗତ କିଛିଦିନ ହେବ ହୋଇଥିବା ଲଗାଣବର୍ଷାରେ ଚାତରୁ ପାଣି ଗଳି ଜମିରହୁଛି । ଇଂଟରନେଟ ସର୍ଭର ଥିବା ସ୍ଥାନରେ ଛାତରୁ ପାଣି ଝରି ଲିଙ୍କ୍ ଫେଲ୍ ହୋଇଯିବାରୁ ଗତ ୫ ଦିନ ମଧ୍ୟରେ ଅନେକ ଲୋକ ଡାକଘରୁ ଟଙ୍କା ଉଠାଣ କରିପାରୁ ନାହାନ୍ତି । ବିଭିନ୍ନ ଜରୁରୀକାଳୀନ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି । ବିଶେଷକରି ମେଡିକାଲ କାର୍ଯ୍ୟ, ଉଚ୍ଚଶିକ୍ଷା ନିମନ୍ତେ ଟଙ୍କା ଉଠାଣ କରି ନ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ । ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି । ଏ ନେଇ ବଡବିଲ ଡାକଘର ପୋଷ୍ଟ ମାଷ୍ଟର ବସନ୍ତ ନାଏକଙ୍କୁ ପଚାରିବାରେ ସେ କହିଛନ୍ତି , ଡାକଘର ଛାତରୁ ପ୍ଲାଷ୍ଟର ଖସିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି । ଗତ ୩ ଦିନ ହେଲା ଇଂଟରନେଟ୍ ଲିଙ୍କ୍ ଫେଲ୍ ରହିଥିବା ବେଳେ ମରାମତି କାମ ଚାଲୁ ରହିଛି । ଏପଟେ ଟଙ୍କା ଦେଣ ନେଣ କାରବାରରେ ବ୍ୟବହୃତ କମ୍ପ୍ୟୁଟର ମଧ୍ୟ ମରାମତି ହେଉଥିବାରୁ ଲୋରଙ୍କୁ ସେବା ଯୋଗାଇ ସମ୍ଭବର ହେଉ ନାହିଁ ।

## ବ୍ରହ୍ମା କୁମାରୀଙ୍କ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ



**ଖୋର୍ଦ୍ଧା(ଅମୃତ ମିଡିଆ):** ଖୋର୍ଦ୍ଧା ସହର ଉପକଣ୍ଠରେ ତରତୁଆ ଠାରେ ଅବସ୍ଥିତ ଭାରତ ତିବ୍ବତ ସୀମା ପୋଲିସ୍ ର ୪୧ ତମ ବାଟାଲିୟନ ପରିସରରେ ଇନ୍ସପେକ୍ଟର ଶ୍ରୀ ନିଶାନ୍ତ ଫୋଗଟଙ୍କ ଅଧ୍ୟକ୍ଷତାରେ ୧୪୫ ଜଣ ଯବାନ ଭାଇ ଭଉଣୀ ଖୋର୍ଦ୍ଧା ଜିଲ୍ଲା କାରାଗାର ପରିସରରେ ଏହାର ଅଧୀକ୍ଷକ ଶ୍ରୀ ରାଜୀବ କୁମାର ଦାସଙ୍କ ଅଧ୍ୟକ୍ଷତା ରେ ୩୫୪ ଜଣ ଅନ୍ତେବାସୀ କଏଦୀ ଭାଇ,କାରମେଲ ଇଂରାଜୀ ମିଡିଅମ ସ୍କୁଲ ରେ ଅଧକ୍ଷା ଶ୍ରୀମତୀ ଅର୍ପନା ରାଉତରାୟଙ୍କ ଅଧ୍ୟକ୍ଷତା ରେ ୧୦୭୪ ଜଣ ଛାତ୍ର ଛାତ୍ରୀ ଓ ସିଗମା ପବ୍ଲିକ ସ୍କୁଲରେ ଅଧକ୍ଷା ଶ୍ରୀମତୀ ମମତାଞ୍ଜଳୀ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ୫୨୫ ଜଣ ଛାତ୍ରଛାତ୍ରୀ ନିଶାମୁକ୍ତ ହେବାର ପ୍ରତିଜ୍ଞା ପାଠ କରିଥିଲେ। ବ୍ରହ୍ମା କୁମାରୀ ସେବାକେନ୍ଦ୍ର ଖୋର୍ଦ୍ଧା ଶାଖା ର ସଂଚାଳିକା ଅନୁରାଧା ଭଉଣୀ ପ୍ରତିଜ୍ଞା ପାଠ କରାଇଥିଲେ । ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ନିଶା ସେବନ ର ଅପକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ ।

## ସମାଜ କଲ୍ୟାଣ ପାଇଁ ଛୋଟ ପ୍ରୟାସ



**ଜୟପୁର(ଅମୃତ ମିଡିଆ):** ଆଜି ଜୟପୁର ସ୍ଥିତ ଜୟନ୍ ଭବନ ଠାରେ ମାନବ ସେବା କେନ୍ଦ୍ର ଦ୍ୱାରା ସମାଜ କଲ୍ୟାଣ ପାଇଁ ଏକ ଛୋଟ ପ୍ରୟାସର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜୟପୁର ଏସଡିପିଓ ସୁଶ୍ରୀ ଅର୍ଚ୍ଚିତା ମିତ୍ତଲଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି, ତହସିଲଦାର ସବ୍ୟସାଚୀ ଜେନା , ବିଡିଓ ଶକ୍ତି ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଓ ସଂପାଦକଙ୍କ ସହିତ ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ଆନ୍ତରିକ ସହଯୋଗ ଦ୍ୱାରା ଏହା ସଫଳ ହୋଇ ପାରିଛି ଯାହାଦ୍ୱାରା ୪୦୭୩୦/- ଟଙ୍କାର ବିକ୍ରି ହୋଇଛି । ଏହି ଅର୍ଥକୁ ରେଡକ୍ରସକୁ ପ୍ରଦାନ କରାଯିବ । କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ରେ ସହରବାସୀଙ୍କ ସହଯୋଗ ଏବଂ ପ୍ରଚାର ପ୍ରସାର କରିବା କ୍ଷେତ୍ରରେ ସହଯୋଗ କରିଥିବା ସମସ୍ତ ମିଡିଆ ବନ୍ଧୁଙ୍କ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ତେଣୁ ମାନବ ସେବା କେନ୍ଦ୍ର ର ସମସ୍ତ ସଦସ୍ୟ ସମ୍ପାଦକ ସୂର୍ଯ୍ୟ ପଟ୍ଟନାୟକ ସଭାପତି ସଞ୍ଜୟ ଜୈନ ମମତା ଜୈନ, ସନ୍ଦୀପ, ମଧୁସ୍ମିତା ମିଶ୍ର, ଦିଲୀପ ରେଡ଼ି, ଗୌରୀ ପଟ୍ଟନାୟକ, ମନୋଜ୍ ସାହା, ଚନ୍ଦ୍ରା, ପ୍ରତିଭା ପାତ୍ର, ଅବନୀ ଜୈନ ଏବଂ ସମସ୍ତ କର୍ମ କର୍ତ୍ତା ଉପ ସ୍ଥିତ ଥିଲେ ।

# ଛତିଷାପାଟରୁ ମହାନଦୀକୁ ଜଳ ନିଷ୍କାସନ ପାଇଁ ଦାବିକଲେ ଗ୍ରାମବାସୀ

**ଟାଙ୍ଗୀ-ଚୌଦ୍ୱାର(ଅମୃତ ମିଡିଆ):** ଚୌଦ୍ୱାର ଥାନା ଅନ୍ତର୍ଗତ କୁସ୍ୱଙ୍ଗୀ, ବଡ଼ସାମନ୍ତରାପୁର, କୟଳପଡ଼ା, ଇନ୍ଦ୍ରାଣୀପାଟଣା, ବାଣିପଦା ଓ ଗୁରୁଡ଼ିଝାଟିଆ ଥାନା ଅଧିନସ୍ଥ ଛଅଗାଁ, କୁମାରପୁର ଗ୍ରାମବାସୀ ଛତିଷା ପାଟରୁ ମହାନଦୀକୁ ଜଳ ନିଷ୍କାସନ କରିବା ପାଇଁ ଜିଲ୍ଲାପାଳଙ୍କୁ ୫ଦଫା ଦାବି ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଯେଉଥିରେ ୮ଗୋଟି ସାଇଫନ୍ ଗେଟ୍ ନିଲାମ ବାତିଲ କରାଯାଇ ଗେଟ୍‌କୁ ସମ୍ପୂର୍ଣ୍ଣ ଖୋଲାଯାଉ, ନୂତନ ସୁଇଚ୍ ଗେଟ୍ ଲଗେଇବା ସହ ଜଳ ସହ ନିଷିଦ୍ଧାଂଚଳ ଘୋଷଣା କରାଯାଉ, ଗେଟ୍ ପାଖରେ ସିସିଟିଭି କ୍ୟାମେରା ଲଗାଇବା ସହ ପୋଲି ପାଟ୍ରୋଲିଂର ବ୍ୟବସ୍ଥା କରାଯାଉ, ୮ଗୋଟି ଗେଟ୍ ସୁପରିଚାଳନା ପାଇଁ କର୍ମଚାରୀ ନିଯୁକ୍ତି କରାଯାଉ ଏବଂ



ଛତିଶା ଜଳ ଲାଗି କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଉଲ୍ଲେଖ କରାଯାଇଛି । ସୂଚନାଥାଉକି, ଚୌଦ୍ୱାର ଥାନା ଅନ୍ତର୍ଗତ କୟଳପଡ଼ା ଠାରେ ୮ଗୋଟି ସାଇଫନ୍ ଗେଟ୍ ରହିଥିବା ବେଳେ ଏହାର ସୁପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ କୌଣସି କର୍ମଚାରୀ ନିଯୁକ୍ତ କରାଯାଇନଥିବାରୁ କିଛି ବ୍ୟକ୍ତି ମାଛ ଧରିବା ପାଇଁ ମନଇଛା ଗେଟ୍ ବନ୍ଦ କରିଦେଉଛନ୍ତି । ଯାହାଫଳରେ ଛତିଷାପାଟରେ ବର୍ଷାଦିନେ ପ୍ରବଳ ଜଳ ପ୍ରବାହିତ ହେବାରୁ ଏହା ସମଗ୍ର ଚାଷଜମିରେ ମାଡ଼ିଯିବା ଫଳରେ ଚାଷୀମାନେ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି । ଏ ନେଇ କ୍ଷତିଗ୍ରସ୍ତ ସମସ୍ତ ଗ୍ରାମର ଚାଷୀମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହ ଏହାର ସମାଧାନ କରିବା ପାଇଁ ନିବେଦନ କରିଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ୍ ସାହୁ, ଜୟନ୍ତ କୁମାର ସାହୁ, ନାରାୟଣ ରାଉତ, ଅନିଲ କୁମାର ସାହୁ, ଧିରେନ୍ଦ୍ର କୁମାର ସାହୁ, ଗୋକୁଳାନନ୍ଦ ପ୍ରଧାନ, ରମେଶ ଚନ୍ଦ୍ର ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ନିର୍ମଳ ପ୍ରଧାନ, ସୁକାନ୍ତ ରାଉତ, ଦୟାନିଧି ସାହୁ, ଅଭିରାମ ପ୍ରଧାନ, ନକୁଳ ସାହୁ, ଭାରତ ପ୍ରଧାନ, ପ୍ରଭାତ କୁମାର ସାହୁ, ତାପସ କୁମାର ପ୍ରଧାନ, ସୁଦାମ ଚନ୍ଦ୍ର ରାଉତ, ବିରବର ପ୍ରଧାନ, କାବୁଲା ସାମଲ, ଦେବେନ୍ଦ୍ର କୁମାର ରାଉତ, ସରୋଜ ସାହୁ ଓ ମିଳନ ରାଉତଙ୍କ ସମେତ ବହୁ କ୍ଷତିଗ୍ରସ୍ତ ଚାଷୀ ଉପସ୍ଥିତ ଥିଲେ ।

### ଜାତୀୟ ସଙ୍ଗୀତ ବନ୍ଦେ ମାତରଂକୁ କଂଗ୍ରେସ ପକ୍ଷରୁ ଅପମାନ ନେଇ

# ଜିଲ୍ଲା ଭାଜପାର ବିକ୍ଷୋଭ ଓ ତୈଳ ଫୋଟଚିତ୍ର ଦାହ



**ଫୁଲବାଣୀ(ଅମୃତ ମିଡିଆ):** କଂଗ୍ରେସ ପକ୍ଷରୁ ବନ୍ଦେ ମାତରଂ ଜାତୀୟ ସଙ୍ଗୀତ କୁ ଅଧା ରୁ ବନ୍ଦ କରି ଅପମାନ କରିଥିବା ରୁ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକଠାରେ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ଯୁବ ମୋର୍ଚ୍ଚା ସଭାପତି ଦିବ୍ୟ ରଞ୍ଜନ ଡାକୁଆଙ୍କ ନେତୃତ୍ୱରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ନଗରରେ ଅଖିଳ ଭାରତୀୟ କଂଗ୍ରେସ କମିଟି ଦିଲ୍ଲୀ ସ୍ଥିତ କାର୍ଯ୍ୟାଳୟ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ମଲିକାର୍ଜୁନ୍ ଖଡ଼ଗେ ଯୋଉ ଜାତୀୟ ସଙ୍ଗୀତ ବନ୍ଦେ ମାତରଂ ଗୀତକୁ ଅପମାନ କରିଛନ୍ତି। ତାହାର ପ୍ରତିବାଦରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶ୍ରୀ ମାନ ଗୋବିନ୍ଦ ପ୍ରଧାନ, ଜିଲ୍ଲା ସମ୍ପାଦକ ଶ୍ରୀ ମୁକ୍ତିକାନ୍ତ ମହାନ୍ତି, ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ଉର୍ବଶୀ ଦିଗାଲ, ଜିଲ୍ଲା ଉପ ସଭାପତି ନମିତା ସାହୁ, ଫୁଲବାଣୀ ନଗର ଯୁବମୋର୍ଚ୍ଚା ସଭାପତି ରତନ ଚୌଧୁରୀ, ନଗର ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ଫୁଲବାଣୀ ନଗର ପ୍ରଭାରୀ ତଥା ସାଂସଦ ପ୍ରତିନିଧି ଅଜିତ କୁମାର ପଟ୍ଟନାୟକ ଖଜୁରୀପଡା ମଣ୍ଡଳ ସଭାପତି ରଞ୍ଜନ କୁମାର କହଁର, ନଗର ସଭାପତି ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ଅମରେନ୍ଦ୍ର ବେହେରାଙ୍କ ସହ ମହିଳା ମୋର୍ଚ୍ଚା ଏବଂ ଯୁବମୋର୍ଚ୍ଚାର ବହୁ କାର୍ଯ୍ୟକର୍ତ୍ତା ଏବଂ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତରେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ମାଲିକାର୍ଜୁନ ଖଡ଼ଗେଙ୍କ ତୈଳ ଫୋଟ ଚିତ୍ରକୁ ଦାହ କରିଥିଲେ।

## ଥାନାରେ ନ୍ୟାୟ ସୁରକ୍ଷା ମିଳିଲାନି ଆରକ୍ଷୀ ଅଧୀକ୍ଷକଙ୍କୁ ବାସନ୍ଦ ପରିବାରର ଦାବିପତ୍ର



**ବାରିପଦା(ଅମୃତ ମିଡିଆ):** କପ୍ତିପଦା ଥାନା ଅନ୍ତର୍ଗତ ନେଦାମ ଗ୍ରାମର ସାମାଜିକ ବାସନ୍ଦ ପରିବାର ନିମାଇଁ ମୁର୍ମୁ ତାଙ୍କର ସ୍ତ୍ରୀ,ଛୁଆଙ୍କ ପକ୍ଷରୁ ମଙ୍ଗଳବାରଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । କୁହାଯାଇଛି ଯେ, ସମ୍ବିଧାନର ଅନୁଚ୍ଛେଦ ୨୧ ଭଳି ମୌଳିକ ଅଧିକାରକୁ ହତ୍ୟା କରାଯାଉଥିବା ସତ୍ତ୍ୱେ ଆଇନ କାନୁନର ରକ୍ଷକ ପୁଲିସ ପ୍ରଶାସନ ଆଜି ଭକ୍ଷକ ସାଜିଛି । ବାସନ୍ଦ ପରିବାରର ଦୁଃଖକଷ୍ଟର ଗୁହାରକୁ କର୍ଣ୍ଣପାତ କରିନଥିବାର ଅଭିଯୋଗ କରାଯାଇଛି । ଅର୍ଥାତ୍ ନେଦାମ ଗ୍ରାମର ଗ୍ରାମମୁଖ୍ୟ (ମାଝୀବାବା) ଏବଂ ମାଝୀ ମହଲ ସଂଗଠନର କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ଶ୍ରୀ ମୁର୍ମୁଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇ ଗ୍ରାମବାସୀମାନେ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ, ଗ୍ରାମବାସୀଙ୍କ ବିଲବାଡ଼ି ଦେଇ ନିଜର ବିଲବାଡ଼ିକୁ ଯିବା ବନ୍ଦ, ସରକାରୀ ପୋଖରୀ, କୂଅ, ନଳକୂଅରୁ ପାଣିନେବା ବନ୍ଦ ଭଳି ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ କରାଯାଇଛି ଏବଂ ନଳକୂପରୁ ପାନୀୟ ଜଳ ନେବାବେଳେ ସ୍ତ୍ରୀ, ଝିଅ ଓ ପୁଅକୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ, ସାଇକେଲ, ଗଗରା , ଛଡ଼ାଇ ନେଇଥିବାର ଦର୍ଶାଯାଇଛି । ଏ ବାବଦରେ ଗତ ମଇ ମାସ ୩୦ ତାରିଖଦିନ କପ୍ତିପଦା ଥାନାରେ ଅଭିଯୋଗ କରିଥିଲେ କିନ୍ତୁ ବାସନ୍ଦ ପରିବାରକୁ ନ୍ୟାୟ, ସୁରକ୍ଷା ଦେବା ବଦଳରେ ପୁଲିସ ପ୍ରଶାସନ ତରଫରୁ ନିର୍ଯାତନା ଦିଆଯାଇଥିଲା ବୋଲି ଉଲ୍ଲେଖ କରାଯାଇଛି । ତେଣୁ ଛଡାଇ ନିଆଯାଇଥିବା ଜିନିଷ ଆଜି ପର୍ଯ୍ୟନ୍ତ ପାଇପାରି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି । ୭ ଦିନ ମଧ୍ୟରେ ବାସନ୍ଦ ପରିବାରକୁ ତାଙ୍କର ଜିନିଷ ଫେରି ପାଇବା ସହିତ ନ୍ୟାୟ, ସୁରକ୍ଷା ବ୍ୟବସ୍ଥା କରାନଗଲେ ଏସପି କିମ୍ବା କଲେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି ।

# ପ୍ରତାପଚନ୍ଦ୍ର ଉଚ୍ଚବିଦ୍ୟାଳୟରେ 'ବିଦାୟ ସମ୍ବର୍ଦ୍ଧନା ଦିବସ' ପାଳିତ



**ବେତନଟୀ(ଅମୃତ ମିଡିଆ):** ବୁଧବାର ଦିନ ପି ଏମ୍ ଶ୍ରୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ରେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ବିଦାୟ ସମ୍ବର୍ଦ୍ଧନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ନିରୋଜ କୁମାର ମହାନ୍ତ ଓ ଶ୍ରୀ ସୁବୋଧ କୁମାର ସାହୁଙ୍କ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ପ୍ରତି ସ୍ନେହ ଓ ବିଦ୍ୟାଳୟର ଉନ୍ନତି ପାଇଁ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ସେହିପରି ଶ୍ରୀମତୀ ଅଞ୍ଜଳି ମହାନ୍ତିଙ୍କ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ବିଦ୍ୟାଳୟ ପ୍ରତି ତାଙ୍କର ଦୀର୍ଘଦିନର ସେବାକୁ ମଧ୍ୟ ସମସ୍ତେ ପ୍ରଶଂସା କରିଥିଲେ ।ବିଦାୟୀ ଶିକ୍ଷକ ଓ ନିଜର କାର୍ଯ୍ୟଜୀବନର ସ୍ମୃତି ବାଣ୍ଟିବା ସହିତ ବିଦ୍ୟାଳୟର ସମସ୍ତଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଭାବବିହ୍ୱଳ ପରିବେଶରେ ବିଦାୟୀମାନଙ୍କ ସୁସ୍ଥ, ସୁଖମୟ ଓ ଦୀର୍ଘ ଜୀବନ କାମନା କରିଥିଲେ ।ଏହି ଅବସରରେ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଦିବସ ରେ ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ପ୍ରକାଶ କୁମାର ଗିରି, ହେମନ୍ତ କୁମାର ଦାସ, ଅମରଜ୍ୟୋତି ସ୍ୱାଇଁ, ରାଜକମଲ ସାତୁଆ,ଅଜୟ କୁମାର ବାରିକ୍, ସୌରଭ କୁମାର୍ ନନ୍ଦ, ସୁନିଲ୍ କୁମାର ସାହୁ, ଶିକ୍ଷୟିତ୍ରୀ ମନସ୍ୱୀନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନି ବେହେରା, ମୌସୁମୀ ମଣ୍ଡଳ, ଗାୟତ୍ରୀ ରାଉତ ଓ ଖଗେନ୍ ଚନ୍ଦ୍ର ମହାନ୍ତ,ହୃଷୀକେଶ ମହାପାତ୍ର, ହିତେଶ ଗନ୍ତାୟତ ଅଣ ଶିକ୍ଷା କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ତିନୋଟି ଡାକ୍ତରୀ ଦଳ ସହ ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା

**ଜୟପୁର(ଅମୃତ ମିଡିଆ):** ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ କାଠରଗଡାର ଉପାନ୍ତ ଅଞ୍ଚଳ ରେ କିଭଳି ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ରୋଗ ନ ବ୍ୟାପେ ସେଥିପାଇଁ ପଞ୍ଚାୟତର ଅନେକ ଗ୍ରାମରେ ପୃଥକ୍ ପୃଥକ୍ ଭାବେ ତିନୋଟି ଡାକ୍ତରୀ ଦଳକୁ ନେଇ ସ୍ୱାସ୍ଥ୍ୟ ସ୍ଥିତି ପରଖିଛନ୍ତି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ କୁମାର ଶତପଥୀ । ଏହି ସବୁ ସ୍ଥାନ ରେ ମେଡିକାଲ୍ ଟିମ୍ ସହ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ସ୍ୱାସ୍ଥ୍ୟ ଶିବିର ରେ ଅଣ ସଂକ୍ରମିତ ରୋଗ, ମ୍ୟାଲେରିଆ, ଡେଙ୍ଗୁ, ତରଳ ଝାଡ଼ା, ଯକ୍ଷ୍ମା, କୁଷ୍ଠ ଭଳି ବିଭିନ୍ନ ପ୍ରକାର ର ରୋଗର ପରୀକ୍ଷା ମାନ କରା ଯାଇଥିଲା। ଉପାନ୍ତ ଅଞ୍ଚଳ ରୁ ଆସିଥିବା ଅନେକ ଗର୍ଭବତୀ ମହିଳା ମାନଙ୍କ ମଧ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରା ଯାଇଥିଲା। ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ଶତପଥୀ ଙ୍କ ତତ୍ୱାବଧାନରେ ଏହି ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅଞ୍ଚଳ ର ଅନେକ ଗ୍ରାମ ର ରୋଗୀ ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଟିମ୍ ରେ କାଠରଗଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ଶିବ ପ୍ରସାଦ ମହାରଣା, ଡାକ୍ତର ଦିଲ୍ଲୀପ କୁମାର ନାଥ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ମୁଦୁଲି, ମହିଳା ସ୍ୱାସ୍ଥ୍ୟକର୍ମୀ ଭଗବତୀ ନାଗ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରତାପ ହିଆଲ ଏବଂ ଆଶା କର୍ମୀ ମାନେ ଉପସ୍ଥିତ ରହି ଏହି ସ୍ୱାସ୍ଥ୍ୟ ଶିବିରର ସୁ ପରିଚାଳନା କରିଥିଲେ।

# ଜିଲ୍ଲା ୨୦୨୬-୨୭ ବର୍ଷ ପାଇଁ ସମନ୍ୱିତ ବାର୍ଷିକ ଯୋଜନା କମିଟି ବୈଠକ

**ଖୋର୍ଦ୍ଧା(ଅମୃତ ମିଡିଆ):** ପ୍ରତ୍ୟେକ ବିଭାଗୀୟ ଅଧିକାରୀ କିଛି ନବୀନ ପ୍ରକଳ୍ପ କାର୍ଯ୍ୟ କାରିତା ନିମନ୍ତେ ଚିନ୍ତା କରିବା ଉଚିତ୍ ଓ ମୋ ସ୍ୱପ୍ନର ଖୋରଧା ଜିଲ୍ଲା, ସମୃଦ୍ଧ ଓ ସଶକ୍ତ ଓ ବିକଶିତ ଅଗ୍ରଣୀ ଖୋରଧା ଜିଲ୍ଲା ଗଢି ତୋଳିବା ଲାଗି ପ୍ରତ୍ୟେକ ସ୍ତରରେ ଭିଜନ ପ୍ରସ୍ତୁତ କରି ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ ଙ୍କ ବିକଶିତ ଭାରତ ଅ୨୦୪୭ ଏବଂ ବିକଶିତ ଓଡ଼ିଶା ଅ୨୦୩୬ ସ୍ୱପ୍ନକୁ ସାକାର ସହ ଖୋରଧା ଜିଲ୍ଲା କୁ ସମଗ୍ର ଭାରତ ବର୍ଷରେ ୧ ନମ୍ବର ଜିଲ୍ଲା ଭାବେ ଗଢିତୋଳିବାକୁ ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ମାନ୍ୟବର ବିଧାୟକ ଖୋରଧା ଏବଂ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଆହ୍ୱାନ ଦେଇଛନ୍ତି । ଉକ୍ତ ବୈଠକରେ ମାନ୍ୟବର ବିଧାୟକ, ଜଟଣୀ, ଶ୍ରୀଯୁକ୍ତ ବିଭୂତି ଭୂଷଣ ବଳବନ୍ତରାୟ, ମାନ୍ୟବର ବିଧାୟକ, ଜୟଦେବ, ଶ୍ରୀଯୁକ୍ତ ନବ କିଶୋର ଜେନା, ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ମାନ୍ୟବର ଆଇନ ମନ୍ତ୍ରୀଙ୍କ ପ୍ରତିନିଧି ଦୁଷ୍ମନ୍ତ ହରିଚନ୍ଦନ, ଜିଲ୍ଲା ପରିଷଦ, ସଭାପତି, ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପ ନିର୍ଦ୍ଦେଶକ, ଯୋଜନା ଓ ପରି ସଂଖ୍ୟାନ ଶଙ୍କର ବେହେରା ପ୍ରମୁଖ ମଞ୍ଚାସୀନ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ୧୧ ଜଣ ଜିଲ୍ଲା ପରିଷଦ ଜୋନର ସଦସ୍ୟ,ସଦସ୍ୟାଙ୍କୁ ମେମ୍ବର ଭାବେ ନେଇ ଜିଲ୍ଲା ଯୋଜନା କମିଟି ଆପାତତଃ ୪୧ ଗୋଟି ବିଭାଗର କାର୍ଯ୍ୟଧାରା ଉପରେ ତଥା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ଅଗ୍ରଗତି ଉପରେ ପୁଙ୍ଖାନୁପୁଙ୍ଖ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ସମିକ୍ଷା କରିଥିଲେ କ୍ଷ ଏହି ଅବସରରେ ଅଧ୍ୟକ୍ଷ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ପ୍ରକଳ୍ପ ଗୁଡ଼ିକ ର ମଞ୍ଜୁରୀ ସମ୍ବନ୍ଧରେ ବୈଠକରେ ଆଲୋଚନା କରିଥିଲେ କ୍ଷ ଗୃହ ଓ ନଗର ଉନ୍ନୟନ, ବନ ବିଭାଗ ର ମା' ପାଇଁ ଗଛ ଟିଏ, ଶ୍ରମ ବିଭାଗ, ଅର୍ବାନ କୋ ଅପରେଟିଭ ବ୍ୟାଙ୍କ, ଖାଦ୍ୟ ସୁରକ୍ଷା, ଚାଉଳ ମିଲ ଖୋଲିବା, ସମବାୟ ସମିତି ବଜାର କେନ୍ଦ୍ର ଖୋଲିବା,ସବୁ ପଞ୍ଚାୟତରେ ଗୋ ଶାଳା ଖୋଲିବା,ଜିଲ୍ଲାରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଜୁଳି ଗ୍ରିଡ ସ୍ଥାପନ କରିବା, ମନ୍ଦିର ଆଲୋକି କରଣ,ବିଜୁ ଜ୍ୟୋତି,ବିଜ୍ଞାନ ଓ କାରୀଗରୀ ବିଭାଗ, ଜଳ ସମ୍ପଦ ବିଭାଗ, ଜାତୀୟ ଗ୍ରାମୀଣ କୃଷି ଉନ୍ନୟନ ବ୍ୟାଙ୍କ କାର୍ଯ୍ୟଧାରା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଅନୁ ସୂଚିତ ଜାତି ଓ ଜନଜାତି କାର୍ଯ୍ୟକ୍ରମ, ବିଦ୍ୟାଳୟ ଉନ୍ନତି କରଣ , ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଅଗ୍ରଗତି, ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ , ସାମାଜିକ ନିରାପତ୍ତା ଓ ଭତ୍ତା ଯୋଜନା, ପୂର୍ତ୍ତ ବିଭାଗ ଅଧିନରେ ଖୋରଧା ରିଂ ରୋଡ୍ କାର୍ଯ୍ୟ, ସମସ୍ତ ଅଙ୍ଗନୱାଡ଼ି କୁ ମଡେଲ ଅଙ୍ଗନୱାଡ଼ି କରିବା କାର୍ଯ୍ୟ ଭଳି ଗୁରୁତ୍ୱ ପୂର୍ଣ୍ଣ ବିଭାଗ କାର୍ଯ୍ୟକ୍ରମ ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ଆଲୋଚନା କରିଥିଲେ। ସେହିପରି ମିଶନ ଶକ୍ତି, ପରିବା ମଣ୍ଡି ଖୋଲିବା, ଏକ ଲକ୍ଷ କୋଟି ଟଙ୍କା ଜିଲ୍ଲାରେ ଶିଳ୍ପରେ ବିନିଯୋଗ ହେବା, ଖୋରଧା ତହସିଲ କାର୍ଯ୍ୟାଳୟକୁ ମଡେଲ ତହସିଲ କାର୍ଯ୍ୟାଳୟ ରେ ପରିଣତ କରିବା ଉପରେ ଅଧ୍ୟକ୍ଷ ସମୀକ୍ଷା କରିଥିଲେ। ସର୍ବୋପରି ୧୧ ଗୋଟି ଉପାଦେୟ ବିଷୟ ବସ୍ତୁ ଉପରେ ଅଧ୍ୟକ୍ଷ ଆଲୋଚନା ପୂର୍ବକ ୨୦୨୬-୨୭ ବର୍ଷରେ ସମନ୍ୱୁତ ଜିଲ୍ଲା ବାର୍ଷିକ ଯୋଜନା ରେ ମୋଟ ୪୨୯୩ କୋଟି ୪୬ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ବରାଦକୁ ମଞ୍ଜୁରୀ କରାଯାଇଥିଲା । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମାଷ୍ଟରକ୍ୟାଣ୍ଟିନରେ...

ନେବା ପରେ କଡ଼ା ଆଭିମୁଖ୍ୟ ଆପଣାଇଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ଆନ୍ଦୋଳନ ନାଁରେ ଆଇନକୁ ହାତକୁ ନେଇ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ଓ ସରକାରୀ ସମ୍ପତ୍ତି ଭଙ୍ଗାରୁଜାକୁ ନେଇ ମନ୍ତ୍ରୀ ତୀବ୍ର ପ୍ରତିକ୍ରିୟା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, "ସହରରେ ଯେଉଁ କ୍ଷତି ହୋଇଛି, ତାହା ଅଟୋ ଚାଳକମାନେ ଭରଣା କରିବେ।" ଆନ୍ଦୋଳନକାରୀମାନେ ଆଇନକୁ ହାତକୁ ନେଇଛନ୍ତି ଏବଂ ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ତେଣୁ ଆନ୍ଦୋଳନ ନାଁରେ ହିଂସା ଓ ଭଙ୍ଗାରୁଜାକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ । ସୂଚନାଯୋଗ୍ୟ ବୁଧବାର ମାଷ୍ଟରକ୍ୟାଣ୍ଟିନ୍‌ରେ ପାଉଣା ବୃଦ୍ଧି ଦାବିରେ ଆନ୍ଦୋଳନ କରୁଥିବା ଅଟୋ ଓ ଅନ୍‌ଲାଇନ୍ ଡ୍ରାଇଭରଙ୍କ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ମାଷ୍ଟରକ୍ୟାଣ୍ଟିନ୍ ବସ୍ ଡିପୋରେ ଧସେଇ ପଶି ଭଙ୍ଗାରୁଜା ସହ 'ଆମ ବସ୍' ଓ ପୁଲିସ ଗାଡ଼ିକୁ ଟାର୍ଗେଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଆନ୍ଦୋଳନକାରୀମାନେ ୧୬ଟି 'ଆମ ବସ୍'କୁ ଭଙ୍ଗାରୁଜା କରିଥିବା ସୂଚନା ମିଳିଛି। ସେଥିରୁ ୧୨ଟି ଏସି ଓ ୪ଟି ନନ୍-ଏସି ବସ୍। ବସ୍ ଗୁଡ଼ିକର କାଚ, ଝ୍ୱିଣ୍ଡସିଲ୍ଡ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ନଷ୍ଟ ହୋଇଛି। କ୍ଷୁଟ୍‌ର ଆକଳନ ଅନୁସାରେ କ୍ଷୟକ୍ଷତି ପରିମାଣ ୧୦ ଲକ୍ଷ ଟଙ୍କାରୁ ଅଧିକ ।ଏଥିରେ ୧୬ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବା କୁହାଯାଇଛି। ଡିସିପି ଜଗମୋହନ ମୀନାଙ୍କ ସୂଚନା ଅନୁସାରେ, ଘଟଣାରେ ଏପର୍ଯ୍ୟନ୍ତ ୧୧୩ ଜଣ ଡ୍ରାଇଭରଙ୍କୁ ଗିରଫ କରାଯାଇଛିଯାଇଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ହିଂସା, ପୁଲିସ ଉପରେ ଆକ୍ରମଣ ଓ ଭଙ୍ଗାରୁଜାରେ ସାମିଲ ଥିବା ଡ୍ରାଇଭରଙ୍କ ବିରୋଧରେ ଗିରଫଦାରି ସହ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏଥିସହ ଅଟୋ ଜବତ କରାଯାଇଥିବା ବେଳେ ୪୦୦ଟି ଅଟୋର ପଞ୍ଜୀକରଣ ବାତିଲ୍ କରାଯାଇଥିବା ସୂଚନା ମିଳିଛି।୧୧୩ ଜଣ ଅନ୍‌ଲାଇନ୍ ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ସେମାନଙ୍କ ନାଁରେ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଅନେକ ସଙ୍ଗୀନ ଦଫା ଯୋଡ଼ା ଯାଇଛି । ବିଏନ୍‌ଏସ୍‌ର ୧୦୯(୧), ୧୯୦, ୧୯୫, ୧୮୯(୫), ୩୨୪ (୪), ୧୧୮ (୨), ୩୫୧(୨), ୩୫୧(୩), ୨୯୬, ୩(୫) ଓ ଅନ୍ୟାନ୍ୟ ଦଫା ଲାଗିଛି । ଗିରଫ ସମସ୍ତ ଅଟୋ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ସମନ୍ୱୟ...

ଗତ ୧୪ ତାରିଖରୁ ୮ ଜିଲ୍ଲାକୁ ୯୪୦ ମେଟ୍ରିକ୍ ଟନ ଗୋଖାଦ୍ୟ ଦିଆଯାଇଛି । ଜିଲ୍ଲାପାଳଙ୍କ ଯୋଗାଯୋଗରେ ଏସଆରସି ଅଛନ୍ତି । ବୈତରଣୀ ଓ ଶାଳନ୍ଦୀ ଘାଇ ମରାମତି କାମ ଆରମ୍ଭ ହେଲାଣି । ଆଜି ଠାରୁ ପରିସ୍ଥିତି ସୁଧୁରିବ। ଜଳ ନିଷ୍କାସନ ହେବାକୁ କେବଳ ବାଲେଶ୍ୱର ପାଇଁ ଆଉ ୩ ଦିନ ଲାଗିବ । ଆଣ୍ଟି ସ୍ନେକ ଭେନମ ସବୁ ସ୍ଥାନରେ ମହାଜୁଦ ଅଛି । ଗତ ୧୪ ତାରିଖରୁ ୨୬ଟି ସାପ କାମୁଡା ମାମଲା ଆସିଛି । ହେଲେ କାହାର ମୃତ୍ୟୁ ହୋଇନି । ପ୍ରଶାସନ ସଜାଗ ଅଛନ୍ତି। ବନ୍ୟା କମିବା ପରେ ଜଳବାହକ ରୋଗର ସମ୍ଭାବନା ରହିଛି । ୧୨୪ ମେଡିକାଲ ଟିମ୍ ମହାଜୁଦ ଅଛନ୍ତି । ୩୦ଟି ଡାଇରିଆ ମାମଲା ଆସିଥିଲା । ସେମାନଙ୍କୁ ଚିକିତ୍ସା କରାଯାଇଛି । ଏବେ ଯାଏ ଆଉ ଗୋଟେ ଲଘୁଚାପର ସ୍ପଷ୍ଟ ସୂଚନା ନାହିଁ । କେନ୍ଦ୍ରାପଡ଼ାର ୬୮ ପଞ୍ଚାୟତ ପ୍ରଭାବିତ ହୋଇଛି । ଘାଇ ହୋଇଛି, ଓଭ୍ରାଫ ଅଛି । ବନ୍ୟା ପାଣି ଖସୁଛି । ଲୋକ ଆହୁରି ରିଲିଫ ପାଇବେ ।

### ପୋଖରୀରେ...

ସନ୍ତୋଷଙ୍କ କଟାମୁଣ୍ଡ। ଅଭିଯୁକ୍ତ ଶତ୍ରୁଘ୍ନଙ୍କ କହିବା ଅନୁଯାୟୀ, ସିଙ୍ଗଡ଼ା ଖାଇବା ପାଇଁ କହି ସେ ସନ୍ତୋଷଙ୍କୁ ତୁଷୁରାରୁ ୫ କିଲୋମିଟର ଦୂର ନିଜ ଘରକୁ ଡାକି ଆଣିଥିଲେ। ଘର ଭିତରେ ପୂଜାପାଠ କରିବା ପରେ ବଳି ଦେଇଥିଲେ। ତା'ପରେ କଟା ମୁଣ୍ଡକୁ ପୂଜାପାଠ ସ୍ଥାନରେ ପୋତି ଦେଇଥିଲେ। ସନ୍ତୋଷଙ୍କ ମୁଣ୍ଡବିହୀନ ମୃତଦେହକୁ ସେ ତାଙ୍କ ଘରଠାରୁ ୫୦ ମିଟର ଦୂରରେ ଥିବା ପୋଖରୀରେ ଫିଙ୍ଗି ଦେଇଥିଲେ। ଶତ୍ରୁଘ୍ନ ପ୍ରଚୁର ମଦ ପିଇ ପୂଜାପାଠ କରି ଗାଁରେ ପାଗଳ ଭଳି ଘୁରି ବୁଲନ୍ତି। ଯାହା ଫଳରେ ତାଙ୍କ ସ୍ତ୍ରୀ ଓ ପୁଅ ତାଙ୍କୁ ଦଶ ବର୍ଷହେଲା ଛାଡ଼ି ଦେଇଥିବା ପରିବାର ଲୋକେ କହିଛନ୍ତି।

### ଗାଁରେ...

ବ୍ଲକ ଓ ପଥର ବନ୍ଧ ରହିବ। ୨୨ ଲକ୍ଷ ଟଙ୍କାରେ ପାଚେରୀ ଥିବା ଶ୍ମଶାନ, ୨୦ଲକ୍ଷ ଟଙ୍କାରେ ଜିମ୍ ଓ ବସିବା ସୁବିଧା ଥିବା ପାର୍କ, ୧୦ ଲକ୍ଷ ଟଙ୍କାରେ ଲାଇବ୍ରେରୀ ସ୍ଥାପନ କରାଯିବ । ଗ୍ରାମାଂଚଳରେ ହାଟ ଓ ପ୍ରତି ପଂଚାୟତରେ ୭୦୦ଟି ବୃକ୍ଷରୋପଣ କରାଯିବ। ପ୍ରତି ବର୍ଷ ଗୋଟିଏ ଗାଁରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ନାଏକ କହିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନେଇ ତେରଛା ବାଣ ମାରିଛନ୍ତି ଉଭୟ କଂଗ୍ରେସ ଓ ବିଜେଡି। ବରିଷ୍ଠ ବିଧାୟକ ତଥା କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଆଗାମୀ ପଂଚାୟତ ନିର୍ବାଚନକୁ ଆଖିରେ ରଖି ଗାଁ ଲୋକଙ୍କୁ ଏ ସରକାର କେବଳ ଦିନରେ ଗୋଲାପୀ ସ୍ୱପ୍ନ ଦେଖାଉଛନ୍ତି। ଗାଁରେ ପ୍ରକୃତରେ କିଛି କାମ ହେଉନାହିଁ। କେବଳ ଲୋକଙ୍କୁ ଆଇଓ୍ୱାସ କରିବା ପାଇଁ ଏଭଳି ଘୋଷଣା କରାଯାଉଛି। ଗ୍ରାମାଂଚଳରେ ନିଯୁକ୍ତି ଓ ପ୍ରକୃତ ବିକାଶର ଅଭାବ ଯୋଗୁ ଲୋକେ ଆଜିବି ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି । ଅଥଚ ସରକାର କେବଳ ନିର୍ବାଚନ ଜିତିବା ପାଇଁ ପ୍ରଚାର ଚଳାଇଛନ୍ତି। ସେହିପରି ବିଜେଡି ବିଧାୟକ ଶାରଦା ପ୍ରସାଦ ଜେନା କହିଛନ୍ତି ଯେ, ଜାତିର ପିତା ମହାତ୍ମା ଗାନ୍ଧୀ ଗାଁର ସ୍ୱପ୍ନ ଦେଖିଥିଲେ, ତେଣୁ ସରକାର ଯଦି ଗ୍ରାମାଂଚଳରେ ସହରୀ ସୁବିଧା ଯୋଗାଇଦେବେ ତେବେ ତାହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାତ୍ର ସରକାରଙ୍କ କଥା ଓ ବାସ୍ତବତା ଭିତରେ ବହୁତ ପାର୍ଥକ୍ୟ ରହିଛି। ବିଭାଗୀୟ ବଜେଟ୍ ଅର୍ଥ କାହିଁକି ଖର୍ଚ୍ଚ ହୋଇପାରୁନି ତା'ର ଉତ୍ତର ପଂଚାୟତରାଜ ମନ୍ତ୍ରୀ ରଖିବା ଉଚିତ୍। ବିଭାଗୀୟ ଅର୍ଥ ଖର୍ଚ୍ଚ ହୋଇପାରୁ ନଥିବାବେଳେ ଏଭଳି ପ୍ରତିଶ୍ରୁତି କେବଳ କାଗଜପତ୍ର ମଧ୍ୟରେ ସୀମିତ ନରହୁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ବିଜେପି ସରକାର ଗ୍ରାମାଂଚଳରେ ଭିତ୍ତିଭୂମି ବିକାଶ ପାଇଁ ସ୍ୱତନ୍ତ୍ର ଭାବେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ବହୁପରିମାଣର ଅର୍ଥ ଖର୍ଚ୍ଚ କରୁଛନ୍ତି। ପୂର୍ବରୁ ବିଜେଡି ଶାସନକାଳରେ ଏହି ଯୋଜନା 'ଆମ ଗାଁ ଆମ ଓଡ଼ିଶା' ନାଁରେ ଚାଲିଥିଲା। ଏସବୁ ଯୋଜନା ଥାଇ ମଧ୍ୟ ରାଜ୍ୟର ବିଜେପି ସରକାର ଏବେପୁଣି 'ଗ୍ରାମସମ୍ପଦ' ନାଁରେ ଆଉ ଏକ ଯୋଜନା ହାତକୁ ନେଇ ଗ୍ରାମାଂଚଳରେ ସହରୀ ସୁବିଧା ଯୋଗାଇଦେବେ ବୋଲି ସୂଚନା ଦେଇଛନ୍ତି।

### ଭିଜିଲାନ୍ସ ...

ଗାଡ଼ିଟିକୁ ଜବତ କରିଥିଲା। ଏହା ସହିତ ତହସିଲଦାରଙ୍କୁ ଅଟକ ରଖି ପଚରାଉଚରା କରୁଛି ଭିଜିଲାନ୍ସ ଟିମ୍। ଆଣି ବେଳେ ତାଙ୍କ ପାଖରୁ ଏହି ଟଙ୍କା ଜବତ କରାଯାଇଛି। ୫ ଲକ୍ଷ ଟଙ୍କା ସହିତ ତହସିଲଦାର ଧରାପଡ଼ିବା ପରେ ଶ୍ରୀ ଉର୍ମିଳଙ୍କର ୩ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ଉକ୍ତ ଠିକଣାଗୁଡ଼ିକରେ ଏକକାଳୀନ ଚଢ଼ାଉ କରାଯାଇଛି।

### ଫାଇଦା...

ସୁଯୋଗକୁ ହାତଛଡ଼ା କରୁଛି ? ବିଜେଡି ସରକାର ବିରୋଧରେ ସ୍ୱର ଉଠାଇବା, ଆନ୍ଦୋଳନ କରିବା ଏବଂ ନିଜର ବିରୋଧୀ ଆଭିମୁଖ୍ୟକୁ ଆହୁରି ସଶକ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛି। କଂଗ୍ରେସ ଯଦି ନିଜ ମୁଦ୍ଦାକୁ ନେଇ ଆକ୍ରମଣାତ୍ମକ ନହୁଏ, ତେବେ ଆଗାମୀ ନିର୍ବାଚନରେ ପରାଜୟ ବରଣ କରିବା ସୁନିଶ୍ଚିତ। ରାଜ୍ୟ ରାଜନୀତିରେ ଏବେ ପ୍ରସଙ୍ଗ ଅନେକ। ଏବେ ଅପେକ୍ଷା ଲୋକଙ୍କ ପ୍ରସଙ୍ଗକୁ ଧରି କେବେ ମଇଦାନକୁ ଓହ୍ଲାଇବ କଂଗ୍ରେସ। ଚୁପ୍ ହୋଇ ରହିଗଲେ ପଛରେ ପଡ଼ିଯିବାର ଭୟ ରହିଛି। ତେଣୁ ବିଭିନ୍ନ ପ୍ରସଙ୍ଗକୁ ନେଇ ଜନମତ ଲୋଡ଼ିବାକୁ କଂଗ୍ରେସ ଏବେଠାରୁ ଅଣ୍ଟା ଭିଡ଼ିବା ନିହାତି ଆବଶ୍ୟକ।




# ବିଶ୍ୱ ବ୍ୟାଡ୍‌ମିଣ୍ଟନ୍: କ୍ୱାର୍ଟରରେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ : ଇତିହାସର ଦ୍ୱାର ଦେଶରେ ଭାରତର ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ। ଭାରତରେ ଚାଲିଥିବା ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପ ବ୍ୟାଡମିଣ୍ଟନରେ ସମସ୍ତଙ୍କୁ ଜଲକା କରିଛନ୍ତି ଏହି ଦୁଇ ଭାରତୀୟ ଖେଳାଳି। ବିଶ୍ୱର ୭ମ ସିଡ୍ ତଥା ଜାପାନର ରିନ ଇଓ୍ୱାଙ୍ଗା ଓ କି ନକାନିଶିଙ୍କ ବିପକ୍ଷରେ ତ୍ରିଶା-ଗାୟତ୍ରୀ ଯୋଡ଼ି ହାସଲ କରିଛନ୍ତି ଦମଦାର ବିଜୟ। ୨୧-୧୬ ଓ ୨୧-୧୨ରେ ତ୍ରିଶା-ଗାୟତ୍ରୀ ଯୋଡ଼ି ବିଜୟ ହାସଲ କରି ମହିଳା ଡବଲ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଯଦି ଉଭୟ କ୍ୱାର୍ଟର ଫାଇନାଲ୍ସ ଜିତିବାକୁ ସକ୍ଷମ ହୁଅନ୍ତି, ତା'ହେଲେ ବିଶ୍ୱ ଚାମ୍ପିୟନଶିପରେ ଭାରତ ପାଇଁ ପଦକ ନିଶ୍ଚିତ କରିବେ। ତ୍ରିଶା-ଗାୟତ୍ରୀ ନିଜ କ୍ୟାରିୟରରେ ଐତିହାସିକ ପଦକ ଜିତିବା ଠାରୁ ଏବେ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛନ୍ତି। ତ୍ରିଶା-ଗାୟତ୍ରୀ ବିଶ୍ୱ ବ୍ୟାଡମିଣ୍ଟନ ରାଙ୍କିଙ୍ଗର ୩୯ତମ ସ୍ଥାନରେ ରହିଛନ୍ତି। କିନ୍ତୁ ବିଶ୍ୱ ଚାମ୍ପିୟନଶିପରେ ଉଭୟ ନିଜର ଦକ୍ଷତା ବଳରେ ସମସ୍ତଙ୍କୁ ପ୍ରଭାବିତ କରି ଚାଲିଛନ୍ତି। ଏହି ଜଲୱା ଉଭୟ ଗୁରୁବାର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ମଧ୍ୟ ଦେଖାଇଥିଲେ। ବିଶ୍ୱର ୭ମ ସିଡ୍ ସହ ସେମାନଙ୍କ ମୁକାବିଲା ହେଉଥିଲେ ହେଁ ଉଭୟ ୨-୦ରେ ମ୍ୟାଚ୍‌କୁ ଏକତରଫା ଭାବେ ଜିତ ନେଇଛନ୍ତି। ରାଉଣ୍ଡ ଅଫ ୧୬ରେ ବିଶ୍ୱର ୭ମ ସିଡ୍‌କୁ ଜଲକା କରିଥିବା ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ଚାଇନାର ଜିଆ ୟି ଫାନ ଓ ଝାଙ୍ଗ ଶୁ ଜିଆନଙ୍କୁ ଭେଟିବେ। ଚାଇନାର ଏହି ଯୋଡ଼ି ଏବେ ବିଶ୍ୱର ୪ ନମ୍ବର ଖେଳାଳି। ସେମାନେ ଗାୟତ୍ରୀ-ତ୍ରିଶା ନିଜ ବ୍ୟାଡମିଣ୍ଟନ କ୍ୟାରିୟରରେ କେବେ ହେଲେ ବି ଏମାନଙ୍କୁ ହରାଇ ନାହାନ୍ତି। ଏଯାଏ ୩ ଥର ସେମାନେ ପରସ୍ପରକୁ ଭେଟିଥିବା ବେଳେ ସବୁଥର ଚାଇନିଜ ଯୋଡ଼ି ହିଁ ବାଜି ମାରିଛନ୍ତି। ଯଦି ଶୁକ୍ରବାର ତ୍ରିଶା-ଗାୟତ୍ରୀ ବିଜୟ ହୁଅନ୍ତି, ତା'ହେଲେ ଇତିହାସ ପୃଷ୍ଠାରେ ନିଜ ନାଁ ଲେଖି ପାରିବେ। କାରଣ ୨୦୧୧ ପରେ ବିଶ୍ୱ ଚାମ୍ପିୟନଶିପ ମହିଳା ଡବଲ୍ସରେ ଭାରତ ପଦକ ଜିତିବାକୁ ସକ୍ଷମ ହେବ। ୨୦୧୧ରେ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନୀ ପୋନ୍ନାପ୍ପା ଦେଶ ପାଇଁ ପଦ ଜିତିଥିଲେ। ସେବେଠାରୁ ଭାରତ କେବେ ହେଲେ ବି ମହିଳା ଡବଲ୍ସରେ ପଦକ ଜିତି ପାରି ନାହିଁ।

# ଲର୍ଡସରେ ସୌରଭ ଗାଙ୍ଗୁଲିଙ୍କ ସେଲିବ୍ରେସନ



ନୂଆଦିଲ୍ଲୀ : ଭାରତୀୟ ମିଶ୍ରିତ ଦିବ୍ୟାଙ୍ଗ କ୍ରିକେଟ୍ ଦଳ ଐତିହାସିକ ଲର୍ଡ୍ସରେ ବିଜୟ ବାନା ଉଡ଼ାଇଛି। ଗୁରୁବାର ଇଂଲଣ୍ଡ ବିପକ୍ଷ ସପ୍ତମ ତଥା ଶେଷ ଦିବ୍ୟାଙ୍ଗ ଟ୍ୱେଣ୍ଟି-୨୦କୁ ଭାରତ ୧୧୮ ରନ୍‌ରେ ଜିତି ନେଇଥିଲା। ଏହି ସାନ୍ତ୍ୱନାମୂଳକ ବିଜୟ ପାଇବାରେ ଭାରତୀୟ ଦଳ ଲର୍ଡସ ବାଲକୋନିରେ ସାର୍ଟ ଖୋଲି ଏହାକୁ ହଲାଇ ଉତ୍ସବ ପାଳିଥିଲେ। ଯାହା ୨୦୦୨ରେ ନାଟ୍‌ୱେଷ୍ଟ ଟ୍ରଫି ବିଜୟ ପରେ ଲର୍ଡସ ବାଲକୋନିରେ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ବିଜୟ ଉତ୍ସବ ପାଳନକୁ ଉଜ୍ଜୀବିତ କରିଥିଲା। ଗୁରୁବାର ପ୍ରଥମ ବ୍ୟାଟିଂ କରିଥିବା ଭାରତ ଅର୍ଜୁନ ଗାଓ୍ୱରେଙ୍କ ୬୮ (୪୪ ବଲ୍) ଓ ଅଧିନାୟକ ମଜିଦ ଭାଗ୍ରେ ୬୩ (୧୯ ବଲ୍) ରନ୍ ବଳରେ ୨୦୬/୪ କରିଥଇଲା। ଜବାବରେ ହିଲାଇ ଅହମଦ ଓ୍ୱାନି (୪/୨୧) ଓ ଜୟେଶ ପରମାର (୩/୧୪)ଙ୍କ ବୋଲିଂକୁ ସାମ୍ନା କରି ନପାରି ଇଂଲଣ୍ଡ ମାତ୍ର ୮୮ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏହି ବିଜୟ ସତ୍ତ୍ୱେ ଭାରତ ଶୃଙ୍ଖଳା ୩-୪ରେ ହାରିଥିଲା। ଡିସିସିଆଇ ପକ୍ଷରୁ ଲର୍ଡ୍ସ ଉତ୍ସବ ପାଳନର ଭିଡିଓ ସାମାଜିକ ଗଣମାଧ 'ଏକ୍ସ'ରେ ପୋଷ୍ଟ କରି ଏହାର ଶିରୋନାମରେ ଲେଖାଯାଇଛି, ''ଲର୍ଡ୍ସରେ ଭାରତ ଜିତିଲେ, ଅଲଗା ପ୍ରକାରର ଉତ୍ସବ ପାଳନ ହୋଇଥାଏ। ଲର୍ଡ୍ସ ବାଲକୋନିରେ ଏହା ପ୍ରକୃତ କ୍ରିକେଟ୍ ଆନନ୍ଦର ମୁହୂର୍ତ୍ତ। ଉତ୍ସାହ ଶୀର୍ଷରେ ରହି ଗର୍ବର ସହ କୋଟ୍ ଖୋଲି, ତ୍ରିରଙ୍ଗା ଉଡ଼ାଇଲୁ। ୧୧୮ ରନ୍। ଗୋଟିଏ ଅଭୁଲା ଉତ୍ସବ।'' ସୂଚନାଯୋଗ୍ୟ ଯେ ମିଶ୍ରିତ-ଦିବ୍ୟାଙ୍ଗ ଫର୍ମାଟ୍‌ରେ ଶାରୀରିକ, ଶ୍ରବଣ ଓ ଶିକ୍ଷଣ ସମସ୍ୟା ସହ ବିଭିନ୍ନ ପ୍ରକାରର ଅକ୍ଷମତା ଥିବା ଖେଳାଳିମାନେ ଏକାଠି ଖେଳିଥାନ୍ତି।

# ଟିମ୍ ଇଣ୍ଡିଆ ପୂର୍ବରୁ ଦୁଲୀପ ଟ୍ରଫିରେ ବୈଭବ ଖେଳିବେ

ନୂଆଦିଲ୍ଲୀ : ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ଟି୨୦ଓ ଟିମର ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି ପାଲଟିଛନ୍ତି। ସେପ୍ଟେମ୍ବରରେ ଆଫଗାନିସ୍ତାନ ବିପକ୍ଷ ଟି୨୦ଓ ସିରିଜ ଜରିଆରେ ସେ ଟିମ ଇଣ୍ଡିଆ ଜର୍ସିରେ ପୁଣି ନଜର ଆସିପାରନ୍ତି। ତେବେ ଏହା ପୂର୍ବରୁ ବୈଭବ ସୂର୍ଯ୍ୟବଂଶୀ ଘରୋଇ କ୍ରିକେଟରେ ଆକ୍ସନରେ ନଜର ଆସିବେ। ସେ ଦୁଲୀପ ଟ୍ରଫି ୨୦୨୬ରେ ଖେଳିବେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଏବେ ଦୁଲୀପ ଟ୍ରଫିର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଆନୁଷ୍ଠାନିକ ଭାବେ ଘୋଷଣା କରିଛି। ଏଥର ଦୁଲୀପ ଟ୍ରଫିର ଚାରିଟି ମ୍ୟାଚ ବେଙ୍ଗାଲୁରୁରେ ଖେଳାଯିବ। ଏହାପରେ ଫାଇନାଲ ମ୍ୟାଚ ଚେନ୍ନାଇରେ ଅନୁଷ୍ଠିତ ହେବ। ବିସିସିଆଇ ଘୋଷଣା କରିଥିବା ସୂଚୀ ଅନୁସାରେ, ୨୩ ଅଗଷ୍ଟରୁ ଦୁଲୀପ ଟ୍ରଫିର ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଇଷ୍ଟ ଜୋନ ଓ ନର୍ଥ ଇଷ୍ଟ ଜୋନ ମୁହାଁମୁହିଁ ହେବେ। ଏହି ମ୍ୟାଚ ୨୩ରୁ ୨୬ ଅଗଷ୍ଟ ପର୍ଯ୍ୟନ୍ତ ବେଙ୍ଗାଲୁରୁର ବିସିସିଆଇ ସିଓଇ ଗ୍ରାଉଣ୍ଡ-୨ରେ ଖେଳାଯିବ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ନର୍ଥ ଜୋନ ଓ ଓ୍ୱେଷ୍ଟ ଜୋନ ମଧ୍ୟରେ ମୁକାବିଲା ହେବ। ଏହି ମ୍ୟାଚ ବିସିସିଆଇ ସିଓଇ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ହେବ। କ୍ୱାର୍ଟର ଫାଇନାଲ ବିଜେତା ଦଳଗୁଡ଼ିକ ୩୦ ଅଗଷ୍ଟରୁ ୨ ସେପ୍ଟେମ୍ବର ମଧ୍ୟରେ ସେମିଫାଇନାଲ ଖେଳିବେ। ପ୍ରଥମ ସେମିଫାଇନାଲରେ ସେଣ୍ଟ୍ରାଲ ଜୋନ, କ୍ୱାର୍ଟର ଫାଇନାଲ-୧ର ବିଜେତା ଦଳକୁ



ଭେଟିବ। ଏହି ମ୍ୟାଚ ବିସିସିଆଇ ସିଓଇ ଗ୍ରାଉଣ୍ଡ-୧ରେ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲରେ ସାଉଥ ଜୋନ, କ୍ୱାର୍ଟର ଫାଇନାଲ-୨ର ବିଜେତା ଦଳ ସହ ମୁକାବିଲା କରିବ। ଏହି ମ୍ୟାଚ ବିସିସିଆଇ ସିଓଇ ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ହେବ। ୨୩-୨୬ ଅଗଷ୍ଟ: ଇଷ୍ଟ ଜୋନ ବନାମ ନର୍ଥ ଇଷ୍ଟ ଜୋନ କ୍ୱାର୍ଟର ଫାଇନାଲ-୧, ବିସିସିଆଇ ସିଓଇ ଗ୍ରାଉଣ୍ଡ-୨, ବେଙ୍ଗାଲୁରୁ। ୨୩-୨୬ ଅଗଷ୍ଟ: ନର୍ଥ ଜୋନ ବନାମ ଓ୍ୱେଷ୍ଟ ଜୋନ କ୍ୱାର୍ଟର ଫାଇନାଲ-୨, ବିସିସିଆଇ ସିଓଇ ଗ୍ରାଉଣ୍ଡ-୧, ବେଙ୍ଗାଲୁରୁ। ୩୦ ଅଗଷ୍ଟ-୨ ସେପ୍ଟେମ୍ବର: ସେଣ୍ଟ୍ରାଲ ଜୋନ ବନାମ ଛର-୧ ବିଜେତା ସେମିଫାଇନାଲ-୧, ବିସିସିଆଇ ସିଓଇ ଗ୍ରାଉଣ୍ଡ-୧, ବେଙ୍ଗାଲୁରୁ। ୩୦ ଅଗଷ୍ଟ-୨ ସେପ୍ଟେମ୍ବର: ସାଉଥ ଜୋନ ବନାମ କ୍ୟୁଏଫ-୨ ବିଜେତା ସେମିଫାଇନାଲ-୨, ବିସିସିଆଇ ସିଓଇ ଗ୍ରାଉଣ୍ଡ-୨, ବେଙ୍ଗାଲୁରୁ। ୬-୧୦ ସେପ୍ଟେମ୍ବର: ସେମିଫାଇନାଲ-୧ ବିଜେତା ବନାମ ସେମିଫାଇନାଲ-୨ ବିଜେତା ଫାଇନାଲ, ଏମଏ ଚିଦମ୍ବରମ ଷ୍ଟାଡିୟମ, ଚେନ୍ନାଇ।

## ମୋଣ୍ଟି ଦେଶାଇ କାନାଡ଼ା କ୍ରିକେଟ ଟିମର ମୁଖ୍ୟ କୋଚ୍ ପଦରୁ ଦେଲେ ଇସ୍ତଫା

ମୁମ୍ବାଇ : ମୋଣ୍ଟି ଦେଶାଇ କାନାଡ଼ା କ୍ରିକେଟ ଟିମର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କୁ ଚଳିତ ବର୍ଷ ମଇରେ ଦ୍ୱିତୀୟ ଥର ଲାଗି ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା । ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ କେବଳ ୩ ମାସର ରହିଛି । ସେ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ନିଜ ପଦ ଛାଡ଼ିବାର ସୂଚନା ଦେଇଛନ୍ତି । ତାଙ୍କର ଟିମର ହାତ ଛାଡ଼ିବାର ନିଷ୍ପତ୍ତି ଏଭଳି ସମୟରେ ଆସିଛି ଯେତେବେଳେ କାନାଡ଼ା ଟିମ୍ ଗତ କିଛି ସମୟରୁ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଘେରି ହୋଇ ଅଛି । ମୋଣ୍ଟି ଦେଶାଇ ନିଜ ଦ୍ୱିତୀୟ କାର୍ଯ୍ୟକାଳକୁ ଛୋଟ କିନ୍ତୁ ମହତ୍ୱପୂର୍ଣ୍ଣ କହିଛନ୍ତି । ସେ ନିଜ ସୋସିଆଲ ମିଡ଼ିଆ ପେଜରେ ଲେଖିଛନ୍ତି, ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ଅଧ୍ୟାୟ । ପ୍ରତ୍ୟେକ ମାହୋଲ ଆପଣଙ୍କୁ କିଛି ନୂଆ ଶିଖାଇଥାଏ । ଏଠାରେ ମୋର ଅଭିଜ୍ଞତା ମୋର ବିଶ୍ୱାସକୁ ଆହୁରି ଦୃଢ଼ କରିଥିଲା ଯେ ସ୍ଥାୟୀ ପ୍ରଦର୍ଶନ ବିଶ୍ୱାସ, ସମୟ, ଦୃଢ଼ ସମ୍ପର୍କ, ପ୍ରସ୍ତୁତି ଏବଂ ଦଳଗତ କାର୍ଯ୍ୟ ଉପରେ ନିର୍ମିତ। ସେ ଖେଳାଳି ଏବଂ ସହାୟକ କର୍ମଚାରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, ଖେଳାଳୀ, ସପୋର୍ଟ ଷ୍ଟାଫ ଏବଂ ଏହି ଯାତ୍ରାରେ ସାଥ୍ ଦେବା ଲୋକଙ୍କୁ ଧନ୍ୟବାଦ । ଗଠିତ ସମ୍ପର୍କ, ଶିଖାଯାଇଥିବା କଥା ଏବଂ ଯୋଗଦାନ ଦେବାର ସୁଯୋଗ ପାଇଁ ମୁଁ କୃତଜ୍ଞ । କାନାଡିଆନ କ୍ରିକେଟର ଅଭିବୃଦ୍ଧି ଏବଂ ସଫଳତାର ନିରନ୍ତର କାମନା କରୁଛି ।



# ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଡେବ୍ୟୁ କରିବେ ସାରାଂଶ



ନୂଆଦିଲ୍ଲୀ : ଭାରତ ପାଇଁ ଡେବ୍ୟୁ କରିପାରନ୍ତି ଭେଟରାନ ଅଲରାଉଣ୍ଡର ସାରାଂଶ ଜୈନ। ଅଗଷ୍ଟ ୨୩ରୁ ଶ୍ରୀଲଙ୍କା ବିପକ୍ଷରେ ଆରମ୍ଭ ହେଉଥିବା ଦ୍ୱିତୀୟ ଟେଷ୍ଟରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ। ୩୩ ବର୍ଷୀୟ ସାରାଂଶ ମଧ୍ୟପ୍ରଦେଶ ପାଇଁ ଘରୋଇ କ୍ରିକେଟ ଖେଳନ୍ତି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ତାଙ୍କୁ ସ୍କ୍ୱାଡରେ ପ୍ରଥମଥର ସାମିଲ କରାଯାଇଛି। ଶ୍ରୀଲଙ୍କା ବିପକ୍ଷ ସିରିଜରେ ପୂର୍ବରୁ ଓ୍ୱାଶିଂଟନ ସୁନ୍ଦର ଥିଲେ। ଆହତ କାରଣରୁ ସେ ବାଦ ପଡ଼ିବାରୁ ସାରାଂଶଙ୍କୁ ଡାକରା ମିଳିଥିଲା। କିନ୍ତୁ ପ୍ରଥମ ଟେଷ୍ଟରେ ସେ ସୁଯୋଗ ପାଇ ନଥିଲେ। ଏବେ ଦ୍ୱିତୀୟ ଟେଷ୍ଟରେ ସେ ଡେବ୍ୟୁର କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାରାଂଶ ହେଉଛନ୍ତି ଜଣେ ଡାହାଣହାତୀ ଅଫସ୍ପିନର। ଏଥିସହ ସେ ନିମ୍ନକ୍ରମରେ ବ୍ୟାଟିଂ କରିବାକୁ ମଧ୍ୟ ସକ୍ଷମ। ୨୦୧୪ରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରିଥିଲେ। ଏହାର ଦୀର୍ଘ ୧୨ ବର୍ଷ ପରେ ତାଙ୍କୁ ଭାରତୀୟ ଟିମରେ ପ୍ରଥମଥର ସୁଯୋଗ ମିଳିଛି। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ କଲୋମ୍ବୋର ସିଂହଳିଜ ସ୍ପୋର୍ଟସ କ୍ଲବରେ ଖେଳାଯିବ। ସାରାଂଶ ଏହି ମ୍ୟାଚ୍ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ଯଦି ସାରାଂଶ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ପାଆନ୍ତି, ତା'ହେଲେ ଭେଟରାନ ବାମହାତୀ ସ୍ପିନର କୁଳଦୀପ ଯାଦବ ବାଦ ପଡ଼ିବେ। କାରଣ ପ୍ରଥମ ଟେଷ୍ଟରେ ତାଙ୍କ ପ୍ରଦର୍ଶନ ଆଦୌ ଆଶାନୁରୁପ ନଥିଲା। ପିଚ୍? ସ୍ପିନକୁ ସୁହାଉଥିଲେ ହେଁ କୁଳଦୀପ ମୋଟ ୨୫ ଓଭରରେ ୧୦୩ ରନ ଦେଇ ଗୋଟିଏ ଓ୍ୱିକେଟ ପାଇଥିଲେ। ସେହିପରି ଦଳରେ ରବୀନ୍ଦ୍ର ଜାଡେଜା ଓ ମାନବ ସୁତାରଙ୍କ ଭଳି ବାମହାତୀ ସ୍ପିନର ରହିଛନ୍ତି। ଏପରି ସ୍ଥିତିରେ ଦଳକୁ ଜଣେ ଅଫସ୍ପିନର ଆବଶ୍ୟକ। ତେଣୁ ଦ୍ୱିତୀୟ ଟେଷ୍ଟରେ ସାରାଂଶ ଡେବ୍ୟୁ କରିପାରନ୍ତି। ଇନ୍ଦୋରରେ ଜନ୍ମିତ ସାରାଂଶ ଜୈନ ୨୦୧୪-୧୫ ଋତୁରେ ମଧ୍ୟପ୍ରଦେଶ ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ। ସେବେ ଠାରୁ ସେ ଦଳର ଅନ୍ୟତମ ଭରସାଯୋଗ୍ୟ ଖେଳାଳି ହୋଇ ରହିଛନ୍ତି। ୫୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଏହି ଡାହାଣହାତୀ ଅଫ୍-ସ୍ପିନର ୩୧.୭୫ ହାରରେ ୨,୦୦୦ରୁ ଅଧିକ ରନ୍ କରିଥିବାବେଳେ ୨୭.୩୦ ହାରରେ ୧୮୮ଟି ଓ୍ୱିକେଟ୍ ନେଇଛନ୍ତି। ସାରାଂଶ ୨୦୨୧-୨୨ ରଣଜୀ ଟ୍ରଫି ବିଜେତା ମଧ୍ୟପ୍ରଦେଶ ଦଳର ଜଣେ ପ୍ରମୁଖ ସଦସ୍ୟ ଥିଲେ। ନକ୍‌ଆଉଟ୍ ପର୍ଯ୍ୟାୟରେ ଉଲ୍ଲେଖନୀୟ ପ୍ରଦର୍ଶନ କରିବା ପରେ ମୁମ୍ବାଇ ବିପକ୍ଷ ଫାଇନାଲରେ ସେ ଗୁରୁତ୍ୱପୂର୍ଣ୍ଣ ୫୭ ରନ୍ କରିଥିଲେ। ତାଙ୍କର ଏହି ଇନିଂସ ମଧ୍ୟପ୍ରଦେଶକୁ ନିଜର ପ୍ରଥମ ରଣଜୀ ଟ୍ରଫି ଜିତିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ୨୦୨୨-୨୩ ରଣଜୀ ଟ୍ରଫିରେ ଜୈନ ୩୬୦ ରନ୍ କରିବା ସହ ୩୫ଟି ଓ୍ୱିକେଟ୍ ନେଇଥିଲେ। ଏହି ପ୍ରଦର୍ଶନ ପାଇଁ ସେ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ଲାଲା ଅମରନାଥ ପୁରସ୍କାର ପାଇଥିଲେ। ପରବର୍ତ୍ତୀ ରଣଜୀ ଅଭିଯାନରେ ସେ ୫୭.୫୫ ହାରରେ ୫୧୮ ରନ୍ କରିବା ସହ ୨୦.୪୩ ହାରରେ ୩୦ଟି ଓ୍ୱିକେଟ୍ ନେଇଥିଲେ। ୨୦୨୫ ଦୁଲୀପ ଟ୍ରଫିରେ ମଧ୍ୟ ଜୈନ ନିଜର ଦବଦବା ଦେଖାଇଥିଲେ। ସେ ୧୬ଟି ଓ୍ୱିକେଟ୍ ନେଇ ସେଣ୍ଟ୍ରାଲ ଜୋନ୍‌କୁ ଚାମ୍ପିୟନ କରାଇଥିଲେ ଓ ପ୍ଲେୟର ଅଫ୍ ଦ ସିରିଜ୍ ପୁରସ୍କାର ଜିତିଥିଲେ। ଘରୋଇ କ୍ରିକେଟରେ ଗୋଟିଏ ଦଶନ୍ଧିରୁ ଅଧିକ ସମୟ ବିତାଇବା ପରେ ଜୈନ ନିଜର ସ୍ୱପ୍ନ ପୂରଣ କରିବାର ଦ୍ୱାରରେ ପହଞ୍ଚିଛନ୍ତି।

# ଭାରତରେ ଖେଳିବ କେପ୍ ଭର୍ଦେ ଫୁଟ୍‌ବଲ ଦଳ

ନୂଆଦିଲ୍ଲୀ: ଭାରତୀୟ ଫୁଟ୍‌ବଲପ୍ରେମୀଙ୍କ ପାଇଁ ଆଉ ଏକ ଖୁସିର ଖବର। ବ୍ରାଜିଲ ପରେ ଗତ ଫୁଟ୍‌ବଲ ବିଶ୍ୱକପ୍ ଖେଳିଥିବା ଦଳ କେପ୍ ଭର୍ଦେ ଭାରତ ଗସ୍ତରେ ଆସି ଜାତୀୟ ଦଳ ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୬ ମଧ୍ୟରେ ଖେଳାଯିବାର ଯୋଜନା ରହିଛି। ତେବେ ମ୍ୟାଚ୍‌ର ତାରିଖ ଏବଂ ଏହା କେଉଁଠାରେ ଖେଳାଯିବ; ତାହା ପରେ ଘୋଷଣା କରାଯିବ। ଏହି ମ୍ୟାଚ୍‌ର ଆୟୋଜନ ପାଇଁ କେପ୍ ଭର୍ଦେ ଫୁଟ୍‌ବଲ ମହାସଂଘ ସହ



ଆଲୋଚନା ଚାଲିଛି। କ୍ଷୁଦ୍ର ଆଫ୍ରିକୀୟ ଦେଶ କେପ୍ ଭର୍ଦେ ଗତ ଫୁଟ୍‌ବଲ ବିଶ୍ୱକପ୍‌ରେ ଚହଳ ପକାଇଥିଲା। ଫିଫା ମାନ୍ୟତାରେ ୬୪ନଂ ସ୍ଥାନରେ ଥିବା କେପ୍ ଭର୍ଦେ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହି ବିଶ୍ୱକପ୍ ପଦାର୍ପଣରେ ୨ୟ ରାଉଣ୍ଡରେ ପ୍ରବେଶ କରିଥିଲା। ଏହା ଚମ୍ପିଆନ୍ ସ୍ପେନ୍ ଓ ସାଉଦି ଆରବ ବିପକ୍ଷରେ ଗୋଲ୍‌ଶୂନ୍ୟ ଡ୍ର ରଖିବା ସହ ଉରୁଗୁଏ ବିପକ୍ଷରେ ୨-୨ରେ ଡ୍ର ରଖିଥିଲା। ସଂଘର୍ଷପୂର୍ଣ୍ଣ ୨ୟ ରାଉଣ୍ଡ ମ୍ୟାଚ୍‌ରେ ଆର୍ଜେଣ୍ଟିନାଠାରୁ ଅତିରିକ୍ତ ସମୟରେ ୩-୨ ଗୋଲ୍‌ରେ କେପ୍ ଭର୍ଦେ ପରାସ୍ତ ହୋଇଥିଲା। ସୂଚନାଯୋଗ୍ୟ; ପାଞ୍ଚ ଥର ବିଶ୍ୱ ଚମ୍ପିଆନ୍ ବ୍ରାଜିଲ ଦଳ କଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଅକ୍ଟୋବର ୩ରେ ଭାରତ ବିପକ୍ଷରେ ମ୍ୟାଚ୍ ଖେଳିବ।

# ଆଇସିସି ଟେଷ୍ଟ ବ୍ୟାଟିଂ ମାନ୍ୟତା ଶୀର୍ଷରେ ବ୍ରୁକ୍



ନୂଆଦିଲ୍ଲୀ: ଇଂଲଣ୍ଡର ହ୍ୟାରି ବ୍ରୁକ୍ ଆଇସିସି ଟେଷ୍ଟ ବ୍ୟାଟିଂ ମାନ୍ୟତାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବୁଧବାର ପ୍ରକାଶିତ ବ୍ୟାଟିଂ ମାନ୍ୟତାରେ ବ୍ରୁକ୍ ଗୋଟିଏ ସ୍ଥାନ ଉପରକୁ ଉନ୍ନୀତ ହୋଇ ଦ୍ୱିତୀୟରୁ ଶୀର୍ଷରେ ପହଞ୍ଚିଛନ୍ତି। ଅନ୍ୟତମ ଇଂଲଣ୍ଡ ବ୍ୟାଟ୍‌ସମ୍ୟାନ ଜୋ ରୁଟ୍ ତୃତୀୟରୁ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଚତୁର୍ଥରୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଶୀର୍ଷରେ ରହିଥିବା ଅଷ୍ଟ୍ରେଲିଆର ଟ୍ରାଭିସ ହେଡ୍ ଶୀର୍ଷରୁ ଚତୁର୍ଥ ସ୍ଥାନକୁ ଖସି ଆସିଛନ୍ତି। ହେଡ୍ ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ୨୨ ଓ ୧୭ରନ କରିଥିଲେ। ଉକ୍ତ ପ୍ରଦର୍ଶନ ବଳରେ ହେଡ୍ ୩ଟି ସ୍ଥାନ ତଳକୁ ଖସି ଆସିଛନ୍ତି। ବ୍ରୁକ୍ ଦ୍ୱିତୀୟ ଥର ପାଇଁ ଟେଷ୍ଟ ବ୍ୟାଟିଂ ମାନ୍ୟତାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ବ୍ରୁକ୍ ୨୦୨୪ରେ ପ୍ରଥମ ଥର ପାଇଁ ଟେଷ୍ଟ ବ୍ୟାଟିଂ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଆଫ୍ରିକାର ତେମ୍ବା ବଭୁମା ପଞ୍ଚମ, ଶ୍ରୀଲଙ୍କାର କାମିନ୍ଦୁ ମେଣ୍ଡିସ ଷଷ୍ଠ, ଭାରତର ଶୁଭମନ ଗିଲ୍ ସପ୍ତମ, ନ୍ୟୁଜିଲାଣ୍ଡର ରଚିନ ରବୀନ୍ଦ୍ର ଅଷ୍ଟମ, ଭାରତର ଯଶସ୍ୱୀ ଜୟସ୍ୱାଲ ୯ମ ଓ ପାକିସ୍ତାନର ବାବର ଆଜାମ ୧୦ତମ ସ୍ଥାନରେ ରହିଛନ୍ତି। ବୋଲିଂ ମାନ୍ୟତାରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଥିବାବେଳେ ନ୍ୟୁଜିଲାଣ୍ଡର ମ୍ୟାଟ୍ ହେନରୀ ଦ୍ୱିତୀୟ, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୩ୟ, ଦକ୍ଷିଣ ଆଫ୍ରିକାର ମାର୍କୋ ୟାନସେନ ୪ର୍ଥ ଓ ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ ପଞ୍ଚମ ସ୍ଥାନରେ ରହିଛନ୍ତି। ଦିନିକିଆ ବ୍ୟାଟିଂ ମାନ୍ୟତାରେ ଶୁବମନ ଗିଲ୍ ଏବଂ ବୋଲିଂରେ ଆଫ୍‌ଗାନିସ୍ତାନର ଲେଗ୍ ସ୍ପିନର ରସିଦ ଖାଁ ଶୀର୍ଷରେ ରହିଛନ୍ତି।

# ଅନୁଗୁଳରୁ ମୁମ୍ବାଇ ହିଟ୍‌ମ୍ୟାନଙ୍କ ପାଇଁ ସାଇକେଲ୍ ଯାତ୍ରା



ଭୁବନେଶ୍ୱର(ବ୍ୟୁରୋ): ନିଜର ପ୍ରିୟ କ୍ରିକେଟରଙ୍କୁ ଭେଟିବାକୁ ଅନୁଗୋଳରୁ ମୁମ୍ବାଇ ଯାତ୍ରା । ତାହା ପୁଣି ସାଇକେଲ୍ରେ । ୧୫ ଦିନରେ ପ୍ରାୟ ୧୯୦୦ କିଲୋମିଟର ଯାତ୍ରା କରି ଭାରତୀୟ କ୍ରିକେଟର୍ ରୋହିତ ଶର୍ମାଙ୍କୁ ଭେଟିଛନ୍ତି ଅନୁଗୋଳର ଯୁବକ ସୁନିଲ୍ ରାଉତ । ହିଟ୍?ମ୍ୟାନ୍ ଭାବେ ପରିଚିତ ରୋହିତଙ୍କ ଏହି ଖାଣ୍ଟି ପ୍ରଶଂସକଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା । ରୋହିତଙ୍କୁ ସାକ୍ଷାତ ବେଳର ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହେଉଛି । ରୋହିତଙ୍କୁ ସେ ପ୍ରଭୁ ଶ୍ରୀଜଗନ୍ନାଥ ଓ ରାଧାକୃଷ୍ଣଙ୍କ ପ୍ରତିମା, ରୋହିତ ଓ ତାଙ୍କ ପତ୍ନୀଙ୍କ ଏକ ଫଟୋ ସାଙ୍ଗକୁ ଉତ୍ତରୀୟ ପ୍ରଦାନ କରିଥିଲେ । ସୁନିଲ୍‌ଙ୍କ ଘର ଅନୁଗୋଳ ଜିଲ୍ଲା ବଣଁରପାଳ ବ୍ଲକ୍ ତୁବେ ପଞ୍ଚାୟତର କୁଲେଇ ଗ୍ରାମରେ । ୨୨ ବର୍ଷୀୟ ସୁନିଲ୍ ସ୍ଥାନୀୟ ଏକ ପ୍ଲାଣ୍ଟ୍ରେ କ୍ରେନ୍ ଅପରେଟର ଭାବେ କାମ କରନ୍ତି । କ୍ରିକେଟ ଖେଳ ପ୍ରତି ରୁଚି ରଖିଥିବା ସୁନିଲ୍ ହେଉଛନ୍ତି ରୋହିତଙ୍କ ବଡ଼ ପ୍ରଶଂସକ । ତାଙ୍କୁ ଭେଟିବାର ନିଶା ତାଙ୍କୁ ଶୁଆଇ ଦେଇନଥିଲା । ରୋହିତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେ ଗତ ଜୁଲାଇ ୩୦ ତାରିଖରୁ ଗାଁ'ରୁ ସାଇକେଲ୍ରେ ଯାତ୍ରା ଆରମ୍ଭ କରିଥିଲେ । ସୁନିଲ୍‌ଙ୍କ କହିବା କଥା, ଦୈନିକ ୧୨ ଘଣ୍ଟା ସାଇକ୍ଲିଂ କରି ୧୩ ତାରିଖରେ ପହଞ୍ଚିଥିଲେ ମୁମ୍ବାଇ ସ୍ଥିତ ରୋହିତଙ୍କ ଘର ସାମ୍ନାରେ । ଦିନକୁ ସର୍ବାଧିକ ୧୭୦ କିଲୋମିଟର ସାଇକେଲ୍ ଚଳାଇଥିବା ସୁନିଲ୍ ପେଟ୍ରୋଲ୍ ଟାଙ୍କିରେ ଶୋଉଥିଲେ, ଢାବାରେ ଖାଉଥିଲେ । ଖାଦ୍ୟ ମହଙ୍ଗା ଥିବାରୁ ଏହି ଯାତ୍ରାରେ ତାଙ୍କର ପ୍ରାୟ ୪୦ରୁ ୪୫ ହଜାର ଟଙ୍କା ଖର୍ଚ୍ଚ ହୋଇଯାଇଥିଲା । ରୋହିତଙ୍କ ଘର ସାମ୍ନାରେ ପହଞ୍ଚିବା ପରେ ସୁରକ୍ଷାକର୍ମୀଙ୍କ ଠାରୁ ସେ ଲଣ୍ଡନ ଯାଇଥିବା ଶୁଣିଥିଲେ । ରୋହିତ ପ୍ରାୟ ୬ ମାସ ପରେ ଫେରିବେ ବୋଲି ଜଣେ ସୁରକ୍ଷାକର୍ମୀ କହିଥିଲେ । ଯେହେତୁ ଏତେ କଷ୍ଟରେ ଯାତ୍ରା କରିଛନ୍ତି, ଯେତେ ଦିନ ହେଉ ପଛେ ରୋହିତଙ୍କୁ ଭେଟି ସେ ଘରକୁ ଫେରିବେ ବୋଲି ମନସ୍ଥ କରିଥିଲେ । ରୋହିତଙ୍କ ପ୍ରତି ତାଙ୍କ ପାଗଳ ପ୍ରାୟ ଭଲ ପାଇବା ଦେଖି ରୋହିତ ଅଗଷ୍ଟ ୧୫ ତାରିଖ ଦିନ ପହଞ୍ଚିବେ ବୋଲି ଅନ୍ୟ ଜଣେ ସୁରକ୍ଷାକର୍ମୀ ଆଶ୍ୱାସନା ଦେଇ କହିଥିଲେ । ଏମିତିକି ପାଖ ହୋଟେଲ୍ରେ ରହିବାର ବ୍ୟବସ୍ଥା ମଧ୍ୟ କରାଇଥିଲେ । ମାତ୍ର ସୁନିଲ୍ ତାଙ୍କ ଫାଟକ ସାମ୍ନାରେ ଦିନରାତି ଅପେକ୍ଷା କରିଥିଲେ । ୧୩ ତାରିଖ ରାତିରେ ଗେଟ୍ ନିକଟରେ ଶୋଇଥିଲେ । ୧୫ ତାରିଖ ଦିନ ନିଜର ପ୍ରିୟ କ୍ରିକେଟରଙ୍କୁ ଭେଟିବାର ସ୍ୱପ୍ନ ତାଙ୍କୁ ୧୪ ତାରିଖ ରାତିରେ ଆଦୌ ଶୁଆଇ ଦେଇନଥିଲା । ରାତି ତମାମ୍ ସେ ଚେଇଁ ରହିଥିଲେ । ୧୫ ତାରିଖ ଦିନ ଅପରାହ୍ଣ ପ୍ରାୟ ୩ଟା ବେଳକୁ ପହଞ୍ଚିଥିଲେ ରୋହିତ୍ । ଅଗଣାରେ ଓହ୍ଲାଇ ସେ ଆଉ ଘର ଭିତରକୁ ଯାଇନଥିଲେ । ସୁରକ୍ଷାକର୍ମୀଙ୍କ ହାତରେ ସୁନିଲ୍‌ଙ୍କ ଡକାଇଥିଲେ । ସୁନିଲ୍ ତାଙ୍କ ପାଖରେ ପହଞ୍ଚି ପାଦ ଛୁଇଁବାକୁ ଚେଷ୍ଟା କଲା ବେଳକୁ ରୋହିତ୍ ତାଙ୍କୁ ବାରଣ କରି କୁଣ୍ଢାଇ ପକାଇଥିଲେ । ଯାହାକି ତାଙ୍କର ସବୁ ଯନ୍ତ୍ରଣାକୁ ଲାଘବ କରିଦେଲା ବୋଲି ସୁନିଲ୍ ପ୍ରକାଶ କରିଛନ୍ତି । ସୁନିଲ୍ କହିଛନ୍ତି, ସେ ଓଡ଼ିଶାରୁ ସାଇକଲରେ ଆସିଥିବା ଜାଣି ରୋହିତଙ୍କ ମୁହଁରୁ ବାଃ ବାଃ ବାହାରି ଆସିଥିଲା । ପ୍ରାୟ ଅଧଘଣ୍ଟା ତାଙ୍କ ସହିତ ବିତାଇଥିଲେ । ରାସ୍ତାରେ କୌଣସି ସମସ୍ୟା ହୋଇନି ତ ବୋଲି ପଚାରିଥିଲେ । ରୋହିତଙ୍କ ସହିତ ଭେଟ ହେବ କି ନାହିଁ ଦ୍ୱନ୍ଦ୍ୱରେ ଥିବା ସୁନିଲ୍‌ଙ୍କ କୋଟିନିଧି ମିଳିବା ଭଳି ଅନୁଭବ ହୋଇଥିଲା । ରୋହିତଙ୍କୁ ଉପହାର ଦେଇ ଫେରିବା ସମୟରେ ତାଙ୍କ ମ୍ୟାନେଜର ତାଙ୍କୁ ଅପେକ୍ଷା କରିବାକୁ କହିଥିଲେ । କିଛି ସମୟ ପରେ ତାଙ୍କୁ ଫୋନ୍ ପେ' ନମ୍ବର ମାଗିଥିଲେ । ମାତ୍ର ଟଙ୍କା ଲୋଡ଼ାନାହିଁ, ରୋହିତଙ୍କୁ ଭେଟିବା ହିଁ ବଡ଼ ଉପହାର ବୋଲି କହି ସୁନିଲ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି । ରୋହିତଙ୍କ ସହି ବିତାଇଥିବା ସେହି ୩୦ ମିନିଟ୍‌ର ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହଁ ବୋଲି କହିଛନ୍ତି ସୁନିଲ୍ । ସେ ଟ୍ରକ୍ ଯୋଗେ ଓଡ଼ିଶା ଫେରୁଥିବା ପ୍ରକାଶ କରିଛନ୍ତି ।

# କ୍ଷତିରୁ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡକୁ ଉଦ୍ଧାର କରିବ ଟିମ୍ ଇଣ୍ଡିଆ



ନୂଆଦିଲ୍ଲୀ : ନ୍ୟୁଜିଲାଣ୍ଡ ଟିମର ପ୍ରଦର୍ଶନ ଏବେ ଭଲ ରହିଛି । କିନ୍ତୁ ଟିମର ବୋର୍ଡ ଲଗାତାର କ୍ଷତିରେ ଚାଲିଛି । ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ଗତବର୍ଷ ୭୦ କୋଟି ଟଙ୍କାର କ୍ଷତି ସହିଛି । ଏବେ ଭାରତ ବିପକ୍ଷରେ ସିରିଜ ଖେଳି ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ କ୍ଷତି ସହିଥିବା ଟଙ୍କାକୁ ଆଦାୟ କରିପାରିବ । ନ୍ୟୁଜିଲାଣ୍ଡ ଟିମ୍ ଅକ୍ଟୋବରରେ ଭାରତ ବିପକ୍ଷରେ ମୋଟ୍ ୧୨ଟି ମ୍ୟାଚ ଖେଳିବ । ୩ଟି ଫର୍ମାଟରେ ମ୍ୟାଚ ଖେଳାଯିବ । ଏଥିରୁ ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ନିଜର କ୍ଷତି ଟଙ୍କାକୁ ଆଦାୟ କରିପାରିବ । ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରି ୫ଟି ଟି୨୦, ୫ଟି ଦିନିକିଆ ଏବଂ ୨ଟି ଟେଷ୍ଟ ସିରିଜ ଖେଳିବ । ଏହାର ଖେଳସୂଚୀ ଜାରି ହୋଇଛି । ଟି୨୦ ସିରିଜ : ପ୍ରଥମ ଟି୨୦ : ୨୨ ଅକ୍ଟୋବର, କ୍ରାଇଷ୍ଟଚର୍ଚ୍ଚ। ଦ୍ୱିତୀୟ ଟି୨୦ : ୨୪ ଅକ୍ଟୋବର, କ୍ରାଇଷ୍ଟଚର୍ଚ୍ଚ। ୩ୟ ଟି୨୦ : ୨୭ ଅକ୍ଟୋବର, ଓ୍ୱେଲିଂଟନ। ଚତୁର୍ଥ ଟି୨୦ ୩୦ ଅକ୍ଟୋବର, ଅକଲାଣ୍ଡ। ପଞ୍ଚମ ଟି୨୦ : ୧ ନଭେମ୍ବର, ହେମିଲ୍ଟନ। ଦିନିକିଆ ସିରିଜ : ପ୍ରଥମ ଦିନିକିଆ : ୪ ନଭେମ୍ବର, ଅକଲାଣ୍ଡ। ଦ୍ୱିତୀୟ ଦିନିକିଆ : ୭ ନଭେମ୍ବର, ଓ୍ୱେଲିଂଟନ। ୩ୟ ଦିନିକିଆ : ୧୦ ନଭେମ୍ବର, ହେଲିଲ୍ଟନ। ଚତୁର୍ଥ ଦିନିକିଆ : ୧୩ ନଭେମ୍ବର, ମାଉଣ୍ଟ ମଉଙ୍ଗନୁଇ। ପଞ୍ଚମ ଦିନିକିଆ : ୧୫ ନଭେମ୍ବର, ମାଉଣ୍ଟ ମଉଙ୍ଗନୁଇ। ଟେଷ୍ଟ ସିରିଜ :ପ୍ରଥମ ଟେଷ୍ଟ : ୧୯ ନଭେମ୍ବର, ଓ୍ୱେଲିଂଟନ। ଦ୍ୱିତୀୟ ଟେଷ୍ଟ : ୨୭ ନଭେମ୍ବର, କ୍ରାଇଷ୍ଟଚର୍ଚ୍ଚ। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ଏହି ସିରିଜରେ ଟିମ୍ ଇଣ୍ଡିଆ ହାରିଲେ, ଓ୍ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପହଞ୍ଚିବାର ଆଶା ଧୂଳିସାତ ତହେବ । ନ୍ୟୁଜିଲାଣ୍ଡକୁ ଘରୋଇ ମାଟିରେ ହରାଇବା ଟିମ୍ ଇଣ୍ଡିଆ ପାଇଁ ଚ୍ୟାଲେଞ୍ଜ ହେବ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra
Printed and Published by Niranjan Patra on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)
ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

## ପୁରୀ ବିଚ୍ ଫଟୋଗ୍ରାଫର ମହସଂଘ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ






## କାଳିଆ ଦର୍ଶନ ପାଇଁ ଧାରଣାରେ ବସିଲେ ପୁରୀବାସୀ







## ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟସ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ






## ନୀଳାଚଳ ନାରାୟଣ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ




# ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ପୁରସ୍କାର




**ଭୁବନେଶ୍ୱର(ବ୍ୟୁରୋ)** ଇଣ୍ଟରସାଇନ୍ସ ଇନ୍ ?ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର ପକ୍ଷରୁ ବାର୍ଷିକ ବୃତ୍ତି ଓ ପୁରସ୍କାର ପ୍ରଦାନ ସମାରୋହ ସହିତ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାସ୍ଥ୍ୟ ଓ ସୁସ୍ଥତା ଅଧିବେଶନ ଆୟୋଜିତ ହୋଇଯାଇଛି। ଶିକ୍ଷାଗତ ଉତ୍କର୍ଷତାକୁ ସମ୍ମାନ ଦେବା, ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶ ସହ ସୁସ୍ଥତାକୁ ଗୁରୁତ୍ୱ ଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଆଇ ଆଇ ଏମ ଟି ଭୁବନେଶ୍ୱରର ଅଧ୍ୟକ୍ଷ ପ୍ରଫେସର (ଡ.) ଶ୍ରୀକାନ୍ତ ପଟ୍ଟନାୟକ ପରିଚୟମୂଳକ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର (ଡ.) ଜୟଦେବ କର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ପୁରସ୍କାର ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏମ ବି ଏ, ଏମ ସି ଏ ଓ ବି. ଟେକ କାର୍ଯ୍ୟକ୍ରମରେ ସର୍ବାଧିକ, ଦ୍ୱିତୀୟ ସର୍ବାଧିକ ଓ ତୃତୀୟ ସର୍ବାଧିକ ଏସଜିପିଏ ହାସଲ କରିଥିବା ମୋଟ ୯ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏମବିଏ ରେ ପ୍ରଫେସର ସୋନାଲି ଦାସ ସ୍ମାରକୀ ପୁରସ୍କାର ରୁଚିସ୍ମିତା ସାହୁ, ପ୍ରଫେସର ଉମେଶ ଚରଣ ପଟ୍ଟନାୟକ ସ୍ମାରକୀ ପୁରସ୍କାର ଅଂଶୁଭବ ପ୍ରଧାନ ଏବଂ ପ୍ରଫେସର ବିଜୟନ ସୁଗୁମାରନ ସ୍ମାରକୀ ପୁରସ୍କାର ବର୍ଷା ରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଏମ ସି ଏ ରେ ପ୍ରଫେସର ଫ୍ଲୋରିନ ପୋପେଣ୍ଟିଉ ସ୍ମାରକୀ ପୁରସ୍କାର ଲମ୍ବୋଦର ଜେନା, ପ୍ରଫେସର କାଜୁମି ନାକାମାସୁ ସ୍ମାରକୀ ପୁରସ୍କାର ନିତେଶ କୁମାର ଦାସ ଏବଂ ପ୍ରଫେସର ପ୍ରଭାତ କୁମାର ମହାନ୍ତି ସ୍ମାରକୀ ପୁରସ୍କାର ଭୋଳାନାଥ ମହାନ୍ତଙ୍କୁ ପ୍ରଦାନ କରାଯାଇଥିଲା। ବି. ଟେକ ରେ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ସ୍ୱର୍ଗତ ପ୍ରଫେସର ମହେଶ ଚନ୍ଦ୍ର ସାହୁ ସ୍ମାରକୀ ପୁରସ୍କାର ସୁଭାଶ୍ରୀ ସାହୁ, ପ୍ରଫେସର ଲକ୍ଷ୍ମୀ ସି. ଜୈନ ସ୍ମାରକୀ ପୁରସ୍କାର ଅଂଶୁମାନ ବେହେରା ଏବଂ ସ୍ୱର୍ଗତ ଇଞ୍ଜିନିୟର ଚେତନ ଲାଲ ଜୈନ ସ୍ମାରକୀ ପୁରସ୍କାର ଶ୍ରିୟା ଶ୍ରଦ୍ଧାଞ୍ଜଳି ସାହୁଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ସହ ପ୍ରଶସ୍ତିପତ୍ର ପ୍ରଦାନ କରାଯିବା ସହିତ ପୁରସ୍କାରପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ଷ୍ଟେମ (ଏସଟିଇଏମ୍) କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ଠାରୁ ନିଶୁଳ୍କ ମେଣ୍ଟରଶିପ୍ ପାଇବାର ସୁଯୋଗ ମଧ୍ୟ ଦିଆଯାଇଛି। ଶ୍ରୀ ରାଜେନ୍ଦ୍ର ନାଥ ସେନାପତିଙ୍କ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ଓ ସୁସ୍ଥତା ଅଧିବେଶନରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗ ଓ ପ୍ରାଣାୟାମ ଅଭ୍ୟାସ କରାଯାଇଥିଲା। ଏହି ଅବସରରେ ଆଇଆଇଏମଟି ଭୁବନେଶ୍ୱର ପକ୍ଷରୁ ଯୋଗ କ୍ଲବ୍ ଓ ଓପନ୍ ଜିମ୍ ସୁବିଧାର ଉଦ୍‌ଘାଟନ କରାଯାଇଥିଲା। ଶେଷରେ ଆଇ ଆଇ ଏମ ଟି ଭୁବନେଶ୍ୱରର ଡିନ୍ ଏକାଡେମିକ୍ସ, ପ୍ରଫେସର (ଡ.) ପ୍ରମୋଦ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ମଶାବାହିତ ରୋଗ ସମ୍ପର୍କରେ ଜନସ୍ୱାସ୍ଥ୍ୟ ପରାମର୍ଶ ଜାରି

**ଭୁବନେଶ୍ୱର(ବ୍ୟୁରୋ)** ମୌସୁମୀ ପ୍ରଭାବରେ ଡେଙ୍ଗୁ, ମ୍ୟାଲେରିଆ ଓ ଚିକୁନଗୁନିଆ ଭଳି ମଶା ବାହିତ ରୋଗର ଆଶଙ୍କା ବଢ଼ିଥିବାରୁ କେୟାର ହେଲଥ୍ ଇନସ୍ୟୁରାନ୍ସ ପକ୍ଷରୁ ନାଗରିକମାନଙ୍କୁ ସଜାଗ ରହିବା, ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ଓ ସମୟୋଚିତ ଚିକିତ୍ସା ସେବା ନେବା ପାଇଁ ଅନୁରୋଧ କରି ଏକ ଜନସ୍ୱାସ୍ଥ୍ୟ ପରାମର୍ଶ ଜାରି କରାଯାଇଛି। ଏହି ରୋଗଗୁଡ଼ିକ ଅଧିକାଂଶ ସମୟରେ ପ୍ରତିରୋଧଯୋଗ୍ୟ ହୋଇଥିବା ବେଳେ ମୌସୁମୀ ସମୟରେ ତାହା ବାରମ୍ବାର ଦେଖାଦେଉଥିବା ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ଯାହା ପ୍ରାୟତଃ ଗମ୍ଭୀର ଅସୁସ୍ଥତା ଓ ଅପ୍ରତ୍ୟାଶିତ ଚିକିତ୍ସା ଖର୍ଚ୍ଚର କାରଣ ହୋଇଥାଏ। ଭାରତ ମୌସୁମୀ ଋତୁ ପ୍ରମୁଖ ସମୟରେ ପ୍ରବେଶ କରୁଥିବାରୁ ଋତୁକାଳୀନ ସ୍ୱାସ୍ଥ୍ୟଗତ ପ୍ରଭାବକୁ କମ୍ କରିବା ପାଇଁ ଜନସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପ୍ରସ୍ତୁତି ବ୍ୟବସ୍ଥାକୁ ଜୋରଦାର କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ରୋଗ ଉପରେ ନଜର ରଖିବା, ଭେକ୍ଟର ନିୟନ୍ତ୍ରଣ, ଗୋଷ୍ଠୀ ସଚେତନତା ଓ ସ୍ୱାସ୍ଥ୍ୟସେବା ପ୍ରସ୍ତୁତିକୁ ସୁଦୃଢ଼ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମାନ ପରିସ୍ଥିତିରେ ହସ୍ପିଟାଲଗୁଡ଼ିକ ଶଯ୍ୟା, ଔଷଧ, ରୋଗ ନିରୂପଣ, ରକ୍ତର ଉପାଦାନ ଓ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପର୍ଯ୍ୟାପ୍ତ ଉପଲବ୍ଧତା ନିଶ୍ଚିତ କରିବା ପାଇଁ ଉପାୟ ପ୍ରସ୍ତୁତ କରୁଛନ୍ତି ଯାହା ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିପାରୁଥିବା କୌଣସି ବି ମାମଲାର ବୃଦ୍ଧିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରାଯାଇପାରିବ। ଅପ୍ରତ୍ୟାଶିତ ଚିକିତ୍ସା ଆବଶ୍ୟକତା ପରିବାରଗୁଡ଼ିକ ଉପରେ ଆର୍ଥିକ ଚାପ ସୃଷ୍ଟି କରିଥାଏ। କେୟାର ହେଲଥ୍ ଇନସ୍ୟୁରାନ୍ସ ଲୋକମାନଙ୍କୁ ନିମ୍ନଲିଖିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଉଛି: ଆପଣଙ୍କ ଘର ଓଚାରିପାଖକୁ ନିୟମିତ ଭାବରେ ନିରୀକ୍ଷଣ କରନ୍ତୁ ଏବଂ କୁଲର, ବାଲଟି, ଫୁଲକୁଣ୍ଡ, ଟାୟାର, ଓଭରହେଡ୍ ଟାଙ୍କି ଓ ଅନ୍ୟାନ୍ୟ ପାତ୍ର ଯେଉଁଠାରେ ମଶା ବଂଶବୃଦ୍ଧି କରିପାରନ୍ତି ସେଠାରୁ ଜମା ହୋଇଥିବା ପାଣି ବାହାର କରନ୍ତୁ। ମଶା ନିବାରକ ବ୍ୟବହାର କରନ୍ତୁ। ପୂରା ଶରୀର ଘୋଡ଼ାଇ ହେଉଥିବା ପୋଷାକ ପିନ୍ଧନ୍ତୁ ଏବଂ ଛୋଟପିଲା, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ବ୍ୟକ୍ତିମାନଙ୍କ ପାଇଁ ମଶା ସ୍କ୍ରିନ୍ କିମ୍ବା ମଶାରୀ ଲଗାନ୍ତୁ। ଯଦି ଆପଣ କ୍ରମାଗତ ଜ୍ୱର, ପ୍ରବଳ ମୁଣ୍ଡବିନ୍ଧା, ଶରୀର ବିନ୍ଧା, କ୍ଲାନ୍ତି କିମ୍ବା ମଶାବାହିତ ରୋଗ ସହିତ ଜଡ଼ିତ ଅନ୍ୟାନ୍ୟ ଲକ୍ଷଣ ଅନୁଭବ କରୁଛନ୍ତି ତେବେ ନିଜର ଚିକିତ୍ସା କରାନ୍ତୁ। ନିଜେ ଔଷଧ ଖାଇବାରୁ ନିବୃତ ରୁହନ୍ତୁ ଏବଂ ନିର୍ଦ୍ଧାରିତ ଚିକିତ୍ସାକୁ ସମ୍ପୂର୍ଣ୍ଣ କରନ୍ତୁ। ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖନ୍ତୁ ଏବଂ ଦ୍ରୁତ ଆରୋଗ୍ୟ ପାଇଁ ଓ ଜଟିଳତାକୁ କମ୍ କରିବା ପାଇଁ ସମ୍ପୂର୍ଣ୍ଣ ଆରୋଗ୍ୟ ସମୟ ମଧ୍ୟରେ ଆପଣଙ୍କ ଡାକ୍ତରଙ୍କ ସୁପାରିସ ପାଳନ କରନ୍ତୁ। ଚିକିତ୍ସା ଓ ହସ୍ପିଟାଲ ଯନ୍ତ୍ରୁ ଉତ୍ପନ୍ନ ଆର୍ଥିକ ବୋଝକୁ କମ୍ କରିବାରେ ସାହାଯ୍ୟ କରିବା ପାଇଁ ଆପଣଙ୍କ ସ୍ୱାସ୍ଥ୍ୟ ବୀମା ସୁରକ୍ଷାକୁ ନିୟମିତ ସମୀକ୍ଷା କରନ୍ତୁ। ବର୍ତ୍ତମାନ ଅଧିକାଂଶ ପଲିସି 'ଡକ୍ଟର ଅନ୍ କଲ୍' ଭଳି ଭର୍ଚୁଆଲ୍ ପରାମର୍ଶ ସେବା ଯୋଗାଉଛନ୍ତି ଯାହା ଭେକ୍ଟର ବାହିତ ରୋଗର କୌଣସି ଲକ୍ଷଣ ଦେଖାଦେଲେ ପ୍ରଥମ ପଦକ୍ଷେପ ହୋଇପାରିବ। ସମସ୍ତ ଭେକ୍ଟର ବାହିତ ରୋଗ ପାଇଁ ହସ୍ପିଟାଲରେ ଭର୍ତ୍ତି ହେବା ଆବଶ୍ୟକ ନୁହେଁ। ଏହିସବୁ ଆରୋଗ୍ୟ ମଧ୍ୟରୁ ଅନେକ ରୋଗକୁ ଡାକ୍ତରଙ୍କ ପରାମର୍ଶ, ଔଷଧ ଓ ସଠିକ୍ ଚିକିତ୍ସା ନିୟମ ପାଳନ କରି ଘରେ ଚିକିତ୍ସା କରାଯାଇପାରିବ।

# ଭାରତୀୟ କମ୍ପାନୀ ଓ ଦୁବାଇ ଚାମ୍ବର୍ସ ମଧ୍ୟରେ ଏମଓୟୁ ସ୍ୱାକ୍ଷର




**ଭୁବନେଶ୍ୱର(ବ୍ୟୁରୋ)** ଦୁବାଇ ଓ ଭାରତ ମଧ୍ୟରେ ଏଜେଂଟିକ ଏଆଇ କ୍ଷେତ୍ରରେ ସହଭାଗିତା ଆଗକୁ ବଢାଇବା ଏବଂ ବାଣିଜ୍ୟ ଓ ନିବେଶକୁ ସୁଦୃଢ କରିବା, ବ୍ୟବସାୟିକ ସମ୍ପ୍ରସାରଣକୁ ସମର୍ଥନ କରିବା ପାଇଁ ଦୁବାଇ ଚାମ୍ବର୍ସ ପକ୍ଷରୁ ବେଙ୍ଗାଲୁରୁରେ ଦୁଇଟି ଏମ୍‌ଓୟୁ (ଚୁକ୍ତି) ସ୍ୱାକ୍ଷର କରାଯାଇଛି। ଏହି ଚୁକ୍ତିଗୁଡିକ ନ୍ୟାଶନାଲ ଆସୋସିଏଶନ ଅଫ୍ ସଫ୍ଟୱେୟାର ଆଣ୍ଡ ସର୍ଭିସ କମ୍ପାନୀଜ (ନାସ୍‌କମ) ଏବଂ ଫେଡେରେଶନ ଅଫ୍ କର୍ଣ୍ଣାଟକ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ (ଏଫକେସିସିଆଇ) ସହ ସ୍ୱାକ୍ଷରିତ ହୋଇଛି। ଏହି ପରିଦର୍ଶନର ଅଂଶ ଭାବେ ଦୁବାଇ ଚାମ୍ବର୍ସର ଅଧ୍ୟକ୍ଷ ଓ ସିଇଓ ଏଚ.ଇ. ମହମ୍ମଦ ଅଲୀ ରାସେଦ ଲୁତାହଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଅଗ୍ରଣୀ ଭାରତୀୟ ବ୍ୟବସାୟିକ ଅନୁଷ୍ଠାନ ଓ ମଲ୍ଟିନ୍ୟାଶନାଲ କମ୍ପାନୀଗୁଡିକ ସହ ୮ଟି ବୈଠକ କରିଥିଲେ। ଏହି କାର୍ଯ୍ୟକ୍ରମରେ ନାସ୍‌କମ୍ ଡୀପଟେକ୍, ଭାରତୀୟ ଶିଳ୍ପ ମହାସଂଘ କର୍ଣ୍ଣାଟକ ରାଜ୍ୟ ପରିଷଦ (ସିଆଇଆଇ କର୍ଣ୍ଣାଟକ), ଏଫକେସିସିଆଇ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ କର୍ଣ୍ଣାଟକ ଷ୍ଟେଟ କାଉନ୍ସିଲ (ଏଫଆଇସିସିଆଇ କର୍ଣ୍ଣାଟକ) ସହ ଆଲୋଚନା ଅନ୍ତର୍ଭୁକ୍ତ ଥିଲା। ନାସକମ ସହ ଏମଓୟୁ ଏଜେଂଟିକ ଏଆଇ ଓ ଡୀପଟେକ କ୍ଷେତ୍ରରେ ସହଯୋଗିତା ପାଇଁ ଏକ ଢାଂଚା ସ୍ଥାପନ କରିଛି। ଏହା ଦୁବାଇରେ ପ୍ରତିଷ୍ଠିତ ହେବା ଓ ବିସ୍ତାର କରିବାକୁ ଚାହୁଁଥିବା ଭାରତୀୟ କମ୍ପାନୀଗୁଡିକ ପାଇଁ ବଜାର ପହଂଚ ହାସଲ କରିବାରେ ସହଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏସମ୍ପର୍କରେ ଦୁବାଇ ଚାମ୍ବର୍ସର ଅଧ୍ୟକ୍ଷ ଓ ସିଇଓ ଏଚ.ଇ. ମହମ୍ମଦ ଅଲୀ ରାସେଦ ଲୁତାହ କହିଛନ୍ତି, ନ୍ତଭାରତୀୟ କମ୍ପାନୀଗୁଡିକ ଦୁବାଇର ଅଭିବୃଦ୍ଧି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଭାବେ ବଜାୟ ରହିଛନ୍ତି ଏବଂ ଏମିରେଟ୍‌ର ସର୍ବବୃହତ ବିଦେଶୀ ବ୍ୟବସାୟ ସମୁଦାୟ ଗଠନ କରୁଛନ୍ତି। ଏଜେଂଟିକ ଏଆଇ ଓ ଡୀପ୍‌ଟେକ କ୍ଷେତ୍ରରେ ସହଯୋଗିତା ଆଗକୁ ବଢାଇ, ବାଣିଜ୍ୟ ଓ ନିବେଶ ମଜବୁତ କରି ଏବଂ ଅଧିକରୁ ଅଧିକ ଭାରତୀୟ କମ୍ପାନୀକୁ ଦୁବାଇରେ ପ୍ରତିଷ୍ଠିତ ହେବା ଓ ବିସ୍ତାର କରିବାରେ ସହଯୋଗ କରି, ନାସ୍‌କମ ଓ ଏଫକେସିସିଆଇ ସହ ଆମର ଚୁକ୍ତିଗୁଡିକ ଏହି ମଜବୁତ ମୂଳଦୁଆ ଉପରେ କାର୍ଯ୍ୟକାରୀ ହେବ। ଘରୋଇ କ୍ଷେତ୍ରରେ ଏଜେଂଟିକ ଏଆଇର ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ପାଇଁ ଦୁବାଇର ପଦକ୍ଷେପ, ନିଜ ଦକ୍ଷତାର ଯୋଗଦାନ ଦେବା ଓ ନୂତନ ସମାଧାନ ବିକଶିତ କରିବା ପାଇଁ ଭାରତୀୟ ଟେକ୍ନୋଲୋଜି କମ୍ପାନୀ, ଉଦ୍ଭାବକ ଓ ବିଶେଷଜ୍ଞଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୂତନ ସୁଯୋଗ ସୃଷ୍ଟି କରୁଛି।

# ପିଡିଲାଇଟ୍‌ର ଆରଓଏଫଏଫ ପକ୍ଷରୁ ନୂତନ ବିଜ୍ଞାପନ ଅଭିଯାନ

**ଭୁବନେଶ୍ୱର(ବ୍ୟୁରୋ)** ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଟାଇଲ୍ ଏବଂ ପଥର ଫିକ୍ସିଂ ସମାଧାନ ବ୍ରାଣ୍ଡ ଆରଓଏଫଏଫ ପକ୍ଷରୁ ଏକ ମଜାଦାର ଟେଲିଭିଜନ୍ ଅଭିଯାନ ଉନ୍ମୋଚନ କରାଯାଇଛି। ଓଜିଲଭି ଦ୍ୱାରା ଧାରଣା ବିକଶିତ ହୋଇଥିବା ଏହି ଟେଲିଭିଜନ୍ ବିଜ୍ଞାପନଟି କୋରକୋଆଇଜ ଦ୍ୱାରା ନିର୍ମିତ ହୋଇଛି। ଏହାର କାହାଣୀ ଏକ ଜେଲ୍ ପରିବେଶକୁ ନେଇ ଗଢ଼ିଉଠିଛି। ଏଥିରେ ଜଣେ କଏଦୀ ନିଜ ସେଲ୍‌ରେ ଲଗାଯାଇଥିବା ନିମ୍ନମାନର ଟାଇଲ୍‌କୁ ନେଇ ବିରକ୍ତ ହୋଇପଡ଼ିଥିବା ଦେଖାଯାଇଛି। ଟାଇଲ୍‌ଗୁଡ଼ିକ ବାରମ୍ବାର ଖସିପଡ଼ିବା ଏବଂ ଭାଙ୍ଗିଯିବା ଯୋଗୁଁ ସେ ଅସୁବିଧାର ସମ୍ମୁଖୀନ ହେଉଛି। ଏହି ଅଭିଯାନ ସମ୍ପର୍କରେ ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ମୁଖ୍ୟ ମାର୍କେଟିଂ ଅଧିକାରୀ, ଶ୍ରୀ ସନ୍ଦୀପ ତନୱାନୀ କହିଛନ୍ତି, "ଭାରତର ଘର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକ ଦିନକୁ ଦିନ ଅଧିକ ଡିଜାଇନ୍- କେନ୍ଦ୍ରିକ ଏବଂ ପ୍ରିମିୟମ୍ ହେବାରେ ଲାଗିଥିବାରୁ, ବିଶେଷଜ୍ଞ ଟାଇଲ୍ ଏବଂ ପଥର ସ୍ଥାପନ ସମାଧାନର ଆବଶ୍ୟକତା ପୂର୍ବାପେକ୍ଷା ଅଧିକ ବଢ଼ିଛି। ତଥାପି, ଏହି ବର୍ଗର ପ୍ରବେଶ ହାର ମାତ୍ର ପ୍ରାୟ ୨୦-୨୫% ଥିବାରୁ, ଦୀର୍ଘକାଳୀନ ପ୍ରଦର୍ଶନ ସୁନିଶ୍ଚିତ କରିବାରେ ସଠିକ୍? ସ୍ଥାପନ ବ୍ୟବସ୍ଥାର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି କରିବାର ଯଥେଷ୍ଟ ସୁଯୋଗ ରହିଛି।" ଓଜିଲଭିର ପଶ୍ଚିମାଂଚଳର ସିଓଓ, ଶ୍ରୀ ଅନୁରାଗ ଅଗ୍ନିହୋତ୍ରୀ କହିଛନ୍ତିଯେ, "ଲୋକମାନଙ୍କୁ ଟାଇଲ୍ ସ୍ଥାପନ ସମ୍ପର୍କରେ ପୁନର୍ବିଚାର କରାଇବାର ସର୍ବୋତମ ଉପାୟ ହେଉଛି, ପାରମ୍ପରିକ ସମାଧାନରେ ଲଗାଯାଇଥିବା ଆମେ ଏକ ଜେଲ୍‌ର କାହାଣୀ ମାଧ୍ୟମରେ ଏହି ଦୁଇଟି ବାସ୍ତବତାକୁ ପାଖାପାଖି ଉପସ୍ଥାପନ କରିଛୁ।" ଅଭିଯାନର ସୃଜନଶୀଳ ଚିନ୍ତାଧାରା ସମ୍ପର୍କରେ କୋରକୋଆଇଜ ଫିଲ୍ମର ସହ- ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ, ଶ୍ରୀ ପ୍ରସୂନ ପାଣ୍ଡେ କହିଛନ୍ତି, "ଆରଓଏଫଏଫ ପାଇଁ କୌଣସି ବିଜ୍ଞାପନ ପ୍ରସ୍ତୁତ କରିବା ସମୟରେ, ଏକ ସାଧାରଣ ତଥା ବୈଷୟିକ ବିଷୟକୁ ନୂଆ, ଆକର୍ଷଣୀୟ ଏବଂ ମନୋରମ ଉପାୟରେ ଦର୍ଶାଇବା ସବୁବେଳେ ଏକ ସୃଜନଶୀଳ ଚ୍ୟାଲେଞ୍ଜ ହୋଇଥାଏ। କିନ୍ତୁ ଆରଓଏଫଏଫ ସହିତ କାମ କରିବା ଆମ ସମସ୍ତଙ୍କ ପାଇଁ ଏତେ ଆନନ୍ଦଦାୟକ ଯେ, ଏହାର ପ୍ରତିଫଳନ ଶେଷରେ ପ୍ରସ୍ତୁତ ବିଜ୍ଞାପନରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳେ।" ଏହି ଯୋଗାଯୋଗ ଅଭିଯାନକୁ ଘର ମାଲିକ, କଂଟ୍ରାକ୍ଟର, ଆର୍କିଟେକ୍ଟ ଏବଂ ରାଜମିସ୍ତ୍ରୀମାନଙ୍କୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଟାଇଲ୍ ଚୟନ ସହିତ ସମ୍ପୂର୍ଣ୍ଣ ଟାଇଲ୍ ସ୍ଥାପନ ବ୍ୟବସ୍ଥାକୁ ମଧ୍ୟ ବିଚାର କରିବାକୁ ଏହା ସେମାନଙ୍କୁ ପ୍ରୋତ୍ସାହିତ କରୁଛି।

# ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ କରିଡର୍‌ରେ ପରିଚାଳନା ବିସ୍ତାର କରିଛି ଆମାଜନ



**ଭୁବନେଶ୍ୱର(ବ୍ୟୁରୋ)** ଆମାଜନ ଇଣ୍ଡିଆ ପକ୍ଷରୁ ଡେଡିକେଟେଡ ଫ୍ରେଟ କରିଡର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ (ଡିଏଫସିସିଆଇଏଲ) ସହ ସହଭାଗିତାରେ ଭାରତୀୟ ରେଳ ବିଭାଗର ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ କରିଡର (ଡିଏଫସି)ରେ ଏହାର ପରିଚାଳନାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମ୍ପ୍ରସାରଣ ଉତର ଓ ପଶ୍ଚିମ ଭାରତରେ ଆମାଜନର ମଲ୍ଟିମୋଡାଲ ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ମଧ୍ୟରେ ରେଳର ଭୂମିକାକୁ ସୁଦୃଢ କରିଛି। ଏହି ସମ୍ପ୍ରସାରଣ ସହିତ ଆମାଜନ ଭାରତୀୟ ରେଳ ବିଭାଗର ୱେଷ୍ଟର୍ଣ୍ଣ ଡେଡିକେଟେଡ ଫ୍ରେଟ୍ କରିଡରରେ ଉଦ୍‌ଘାଟନୀ ଜଏଂଟ ପାର୍ସଲ ପ୍ରଡକ୍ଟ-ର୍‍ୟାପିଡ କାର୍ଗୋ ସର୍ଭିସ (ଜେପିପି-ଆରସିଏ) ରେ ନିଜର ପରିଚାଳନା ଆରମ୍ଭ କରିଥିବା ପ୍ରଥମ ଇକମର୍ସ କମ୍ପାନୀରେ ପରିଣତ ହୋଇଛି। ଏହି ଟ୍ରେନକୁ ଗତ ଅଗଷ୍ଟ ୧୮ ତାରିଖ ୨୦୨୬ରେ ନ୍ୟୁ ଦାଦ୍ରୀ ରେଳ ଷ୍ଟେସନଠାରେ ରେଲ୍‌ୱେ ବୋର୍ଡର ସଦସ୍ୟ (ପରିଚାଳନା ଓ ବ୍ୟବସାୟ ବିକାଶ ବିଭାଗ) ଡଃ ମନୋଜ ସିଂହ ଏବଂ ଆମାଜନ ଇଣ୍ଡିଆର ପରିଚାଳନା ବିଭାଗର ନିର୍ଦ୍ଦେଶକ କିଶୋର ଲଙ୍କାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଏହି ନିୟମିତ ରେଳ ଯାତାୟତ ଆମାଜନର ଉତର ଓ ପଶ୍ଚିମ ନେଟ୍‌ୱର୍କକୁ ସଂଯୋଗ କରିବ ଏବଂ ୧୯ରୁ ଅଧିକ ଭ୍ୟାନ ପାର୍ସଲ (ଭିପି) ଏହି ରୁଟ୍‌ରେ ପରିଚାଳିତ ହେବ। ଏହା ସିପମେଂଟଗୁଡିକର ପରିବହନକୁ ସରଫେସ୍ ଟ୍ରାନ୍ସପୋର୍ଟେଶନରୁ ରେଳକୁ ସ୍ଥାନାନ୍ତର କରିବ। ଏହି କରିଡର ଦିଲ୍ଲୀ, ଅହମ୍ମାଦାବାଦ ଓ ସୁରଟ ଭଳି ପ୍ରମୁଖ ଅଂଚଳଗୁଡିକରେ ଆମାଜନର ନେଟ୍‌ୱର୍କକୁ ପୁନେ, ମୁମ୍ବାଇ ଓ ଗୋଆରେ ଅନ୍‌ୱାର୍ଡ କନେକ୍ଟିଭିଟି ସହ ସଂଯୋଗ କରିବ, ଯାହା ପାର୍ବଣ ଋତୁ ପୂର୍ବରୁ ସିପମେଂଟଗୁଡିକର ପରିବହନରେ ସହଯୋଗ କରିବ। ଏସମ୍ପର୍କରେ ଆମାଜନ ଇଣ୍ଡିଆର ଅପରେଶନ୍ସ ବିଭାଗର ନିର୍ଦ୍ଦେଶକ କିଶୋର ଲଙ୍କା କହିଛନ୍ତି, ଉତ୍ସର୍ଗୀକୃତ ମାଲ୍ ପରିବହନ ଭିତିଭୂମି ବ୍ୟବହାରକୁ ସମ୍ପ୍ରସାରଣ କରି ଆମେ ଆମର ପରିବହନ ନେଟ୍‌ୱର୍କରେ ବିବିଧତା ବୃଦ୍ଧି କରୁଛୁ ଏବଂ ରେଳକୁ ପରିବହନର ଏକ ସୁଲଭ, ନିର୍ଭରଯୋଗ୍ୟ ଓ ସ୍ଥାୟୀ ମାଧ୍ୟମ ଭାବେ ଉପଯୋଗ କରୁଛୁ। ଆମର ଲଜିଷ୍ଟିକ୍ସ ନେଟ୍‌ୱର୍କକୁ ମଜବୁତ କରିବା, ପରିଚାଳନା ଦକ୍ଷତା ଉନ୍ନତ କରିବା ଏବଂ ଭାରତବ୍ୟାପୀ ଆମର ଗ୍ରାହକଙ୍କ ବିକଶିତ ଆବଶ୍ୟକତା ପୂରଣ କରିବା ପାଇଁ ଭାରତୀୟ ରେଳ ବିଭାଗ ଓ ଡିଏଫସିସିଆଇଏଲ ସହ ଆମର ସହଭାଗିତାକୁ ଆହୁରି ବ୍ୟାପକ କରିବା ପାଇଁ ଅପେକ୍ଷା କରିଛୁ।"ରେଲ୍‌ୱେ ବୋର୍ଡ (ପରିଚାଳନା ଓ ବ୍ୟବସାୟ ବିକାଶ)ର ସଦସ୍ୟ ଡଃ ମନୋଜ ସିଂହ କହିଛନ୍ତି, "ଡେଡିକେଟେଡ ଫ୍ରେଟ କରିଡରରେ ଏହି ସେବା ଆରମ୍ଭ କରିବା ଆମ ପାଇଁ ଅତ୍ୟନ୍ତ ଆନନ୍ଦର ବିଷୟ। ଡିଏଫସି ପରିବହନର ଏକ ସବୁଜ, ଦ୍ରୁତ ଓ ନିର୍ଭରଯୋଗ୍ୟ ମାଧ୍ୟମ ପ୍ରଦାନ କରୁଛି, ଯାହା କାର୍ଗୋଗୁଡିକୁ ସାରା ରାତି ଯାତ୍ରା କରି ପରଦିନ ଏହାର ଗନ୍ତବ୍ୟସ୍ଥଳୀରେ ପହଂଚିବା ପାଇଁ ସକ୍ଷମ କରିଥାଏ। ୨୪ ଘଂଟା ମଧ୍ୟରେ ୩୫୦ରୁ ୪୦୦ ଟନ୍ ପରିବହନ କରିବାର କ୍ଷମତା ସହିତ ଏହି ସେବା ଏକ ସୁଲଭ ଓ ସ୍ଥାୟୀ ମାଲ୍ ପରିବହନ ସମାଧାନ

# ରେକିଟ ଓ ଏଏସ୍‌ସିଆଇ ପକ୍ଷରୁ ସେଫର୍ ଚ୍ୟାଲେଞ୍ଜ ଶୁଭାରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ପରିମଳ କର୍ମଚାରୀଙ୍କ ସୁରକ୍ଷାକୁ ଉନ୍ନତ କରିବା ପାଇଁ ରେକିଟ୍ ଏବଂ ଆଡମିନିଷ୍ଟ୍ରେଟିଭ ଷ୍ଟାଫ କଲେଜ ଅଫ୍ ଇଣ୍ଡିଆ (ଏଏସସିଆଇ) ପକ୍ଷରୁ ଏସଏଏଫଇଆର ଚ୍ୟାଲେଞ୍ଜ (ସାନିଟେଶନ ୱର୍କର ଆସିଷ୍ଟାନ୍ସ ଫର ଫାଟାଲିଟି ଏଲିମିନେଶ ଆଣ୍ଡ ରିସ୍କ ରିଡକ୍ସନ) ଲଂଚ କରାଯାଇଛି। ଏହା ଏକ ପ୍ରଥମ ଧରଣର ନ୍ୟାଶନାଲ ଇନୋଭେଶନ ଚ୍ୟାଲେଞ୍ଜ ଯାହା ଷ୍ଟାର୍ଟଅପ୍, ଇଞ୍ଜିନିୟର, ଗବେଷକ, ଶିକ୍ଷାନୁଷ୍ଠାନ ଏବଂ ଟେକ୍ନୋଲୋଜି ଉଦ୍ଭାବକମାନଙ୍କୁ ସୁଲଭ, ପିନ୍ଧିବାଯୋଗ୍ୟ ଗ୍ୟାସ୍ ଡିଟେକ୍ସନ ଡିଭାଇସ୍ ବିକଶିତ କରିବା ପାଇଁ ଆମନ୍ତ୍ରଣ କରିଛି। ରେକିଟ୍‌ର ହାର୍ପିକ୍ ୱାର୍ଲ୍ଡ ଟଏଲେଟ୍ କଲେଜ ଅଧୀନରେ ଲଂଚ କରାଯାଇଥିବା ଏହି ପଦକ୍ଷେପ ଶୂନ୍ୟ ପରିମଳ ମୃତ୍ୟୁ ପାଇ ଏକ ରୋଡମ୍ୟାପ୍ ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଛି। ଏହି ଚ୍ୟାଲେଞ୍ଜ ବିପଦପୂର୍ଣ୍ଣ ଗ୍ୟାସଗୁଡିକୁ ଚିହ୍ନଟ କରିବା, ବୃତିଗତ ବିପଦକୁ ହ୍ରାସ କରିବା ଏବଂ ଉଦ୍ଭାବନ ମାଧ୍ୟମରେ ସୁରକ୍ଷିତ ପରିମଳ ଅଭ୍ୟାସଗୁଡ଼ିକୁ ପରିଚାଳନା କରିବା ପାଇଁ ଲକ୍ଷ୍ୟ ରଖିଛି। ସେଫର୍ ଚ୍ୟାଲେଞ୍ଜ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ - ପିଚ୍, ପାଇଲଟ୍ ଏବଂ ସ୍କେଲ୍। ଆବେଦନଗୁଡିକୁ ପ୍ରଥମେ ଶିକ୍ଷାବିତ୍,ସରକାରୀ ଅଧିକାରୀ, ପରିମଳ ବିଶେଷଜ୍ଞ ଏବଂ ପରିମଳ କର୍ମଚାରୀ ପ୍ରତିନିଧିଙ୍କୁ ନେଇ ଗଠିତ ଏକ ବହୁବିଧ ଜୁରୀ ଦ୍ୱାରା ମୂଲ୍ୟାଙ୍କନକରାଯିବ। ମନୋନିତ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ, ଫିଲ୍ଡ ଭାଲିଡେଶନ ପାଇଁ ସୁଯୋଗ, ସହରାଂଚଳ ସ୍ଥାନୀୟ ସଂସ୍ଥା ପାଇଁ ପହଂଚ, ବରିଷ୍ଠ ସରକାରୀ ଅଧିକାରୀ ଓ ନୀତି ବିଶେଷଜ୍ଞଙ୍କ ସହ ଯୋଗାଯୋଗ, ଜାତୀୟ ଦୃଶ୍ୟମାନତା ଏବଂ ପାଇଲଟ ନିୟୋଜନ ଓ ଭବିଷ୍ୟତର ବିସ୍ତାର ପାଇଁ ସହଯୋଗ ପ୍ରଦାନ କରାଯିବ। ଏହି ଚ୍ୟାଲେଞ୍ଜ ବିଜେତାଙ୍କୁ ୫ ଲକ୍ଷ ଟଙ୍କାର ନଗଦ ଅନୁଦାନ, ପ୍ରଥମ ରର୍ନଅପଙ୍କୁ ୨ ଲକ୍ଷ ଟଙ୍କା ଏବଂ ୨ୟ ରନରଅପ୍‌ଙ୍କୁ୧ ଲକ୍ଷ ଟଙ୍କାର ଅନୁଦାନ ରାଶି ସହିତ ସେମାନଙ୍କ ଉଦ୍ଭାବନର ବ୍ୟାପକ ଗ୍ରହଣୀୟତା ପାଇଁ ସୁଯେଗା ପ୍ରଦାନ କରିବ। ଆବେଦନ ଆସନ୍ତା ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିଛି ଏବଂ ବିଜେତାଙ୍କ ନାମ ଆସନ୍ତା ଅକ୍ଟୋବର ୨ ତାରିଖରେ ଘୋଷଣା କରାଯିବ। ଏହି ଲଂଚ ସମୟରେ ସାଉଥ ଏସିଆ, ଏମଇଏନଏଆରପି ଓ ଆଫ୍ରିକାର କମ୍ୟୁନିକେଶନ୍ସ ଏବଂ କର୍ପୋରେଟ ଆଫାୟାର୍ସ ବିଭାଗର ନିର୍ଦ୍ଦେଶକ ରବି ଭଟନାଗର କହିଛନ୍ତି, "ଭାରତ ଶୌଚାଳୟ ପାଇଁ ପହଂଚ ବିସ୍ତାର କରିବାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି; ତେବେ ପରବର୍ତୀ ପର୍ଯ୍ୟାୟରେ ସ୍ୱଚ୍ଛତାକୁ ସୁରକ୍ଷିତ, ଅଧିକ ଦକ୍ଷ ଏବଂ ସ୍ଥାୟୀ କରିବା ଉପରେ ଧ୍ୟାନ ଦେବାକୁ ପଡିବ। ହାର୍ପିକ୍ ୱାର୍ଲ୍ଡ ଟଏଲେଟ୍ କଲେଜ ମାଧ୍ୟମରେ, ଆମେ ଦକ୍ଷତା ନିର୍ମାଣ କରି ଏବଂ ସଫେଇ କର୍ମଚାରୀଙ୍କ ପାଇଁ ମର୍ଯ୍ୟାଦା ଓ ସୁରକ୍ଷାକୁ ସମର୍ଥନ କରି ସ୍ୱଚ୍ଛତା ଇକୋସିଷ୍ଟମକୁ ମଜବୁତ କରିଆସୁଛୁ। ଏଏସସିଆଇ ସହ ସହଭାଗିତାରେ ଆରମ୍ଭ ହୋଇଥିବା ସେଫର୍ ସହିତ, ଆମେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ସମସ୍ୟାଗୁଡିକର ସମାଧାନ ପାଇଁ ବ୍ୟାପକ ଉଦ୍ଭାବନକୁ ସକ୍ଷମ କରୁଛୁ। ତୃଣମୂଳ ସ୍ତରର ପ୍ରଭାବ ସହିତ ଉଦ୍ଭାବନକୁ ଜଡିତ କରି ଆମେ ପ୍ରତିଦିନ ଅଧିକ ଲୋକଙ୍କ ହାତରେ ଉତମ ସ୍ୱାସ୍ଥ୍ୟ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛୁ।" ଏଏସସିଆଇର, ସିଇୟୁଜିଆଣ୍ଡଆଇଡିର ନିର୍ଦ୍ଦେଶକ ଡଃ ବି. ଜନାର୍ଦ୍ଦନ ରେଡ୍ଡୀ(ଅବସରପ୍ରାପ୍ତ), କହିଛନ୍ତି, "ଆମର ଡାଟାବେସ୍‌ରେ ଥିବା ପ୍ରତ୍ୟେକ ପରିସଂଖ୍ୟାନ ଏକ ହଜିଯାଇଥିବା ଜୀବନର ପ୍ରତିନିଧିତ୍ୱ କରୁଛି ଯାହାକୁ ରକ୍ଷା କରାଯାଇପାରିଥାନ୍ତା। ଏହି ଚ୍ୟାଲେଞ୍ଜ କେବଳ ପ୍ରଯୁକ୍ତିବିଦ୍ୟା ବିଷୟରେ ନୁହେଁ, ବରଂ ସମ୍ମାନର ପୁନରୁଦ୍ଧାର କରିବା ଏବଂ ଆମର ସହରଗୁଡ଼ିକୁ ସଫା ରଖିବା ପାଇଁ କୌଣସି କର୍ମଚାରୀଙ୍କୁ ଯେପରି ନିଜ ଜୀବନକୁ ବିପଦରେ ପକାଇବାକୁ ପଡ଼ିବ ନାହିଁ ତାହା ନିଶ୍ଚିତ କରିବା ବିଷୟରେ ଅଟେ।"

# ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



**କଟକ(ବ୍ୟୁରୋ)** ସାହିତ୍ୟ ପତ୍ରିକା ଓ ସମାଜ ସେବାର ଅନୁଷ୍ଠାନ କାୟାକଳ୍ପ ପକ୍ଷରୁ ବିଜ୍ଞାନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କଟକ ଗୋପାଳପୁରଠାରେ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ଶ୍ରୀଯୁକ୍ତ ରଞ୍ଜନ କୁମାର ଲେଙ୍କା ଉଦଘାଟନ କରିଥିଲେ।ଅଧ୍ୟାତ୍ମ ସାଧକ ତଥା ବିଭୁବୈଭବର ସମ୍ପାଦକ ଲୋକଶିକ୍ଷକ ଡ.ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।ବିଶିଷ୍ଟ ସାହିତ୍ୟିକ ତଥା କୁଇଜ୍ ମାଷ୍ଟର ଶ୍ରୀଯୁକ୍ତ ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଜାଲିନ ରାଉତରାୟ ସ୍କୋରର ଥିଲେ।ଅନନ୍ୟା ମହାନ୍ତି,ସୁମନଶ୍ରୀ ସାହୁ, ଅନସୂୟା ମହାରଣା ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ। କୃତି ପ୍ରତିଯୋଗୀଙ୍କୁ ଆଧ୍ୟାତ୍ମିକ ପତ୍ରିକା ବିଭୁବୈଭବ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଇ ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନିହାରିକା ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ରାଉତ ଧନ୍ୟବାଦ୍ ଦେଇଥିଲେ। ରଶ୍ମିତା ଓଝା, ପ୍ରଦ୍ୟୁମ୍ନ ମହାରଣା ସହଯୋଗ କରିଥିଲେ।

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.122, Friday, 21 August 2026, Puri, Pages - 22, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୨, ଶୁକ୍ରବାର, ୨୧ ଅଗଷ୍ଟ ୨୦୨୬, ପୁରୀ, ୨୨ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



